# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମେ ୨୦/୨୦୧୯ (୧୬ ପୃଷ୍ଠା) | Bhubaneswar, Monday, May 20/2019 | ★★★★

୪୫ଶ ଭାଗ ୧୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-



**ମେକ୍‌ଅପ୍‌କୁ ପସନ୍ଦ କରନ୍ତି ତାରା ସୁତାରିଆ**
ଷ୍ଟାଇଲିଶ୍ ଏବଂ ଗ୍ଲାମର ଚାହାଣିରେ ଦର୍ଶକଙ୍କ ମନ ଜିଣିଥିବା ଅଭିନେତ୍ରୀ ତାରା ସୁତାରିଆ ଅଧିକ ମେକ୍‌ଅପ୍‌କୁ ପସନ୍ଦ କରନ୍ତି। **୦୪**

**୧୫** **ଟାଇଟଲ ବଜାୟ ରଖିଲେ ୱାଇଲ୍ଡର**
ଆମେରିକୀୟ ପେସାଦାର ବକ୍ସର ଡେଓଣ୍ଟେ ୱାଇଲ୍ଡର ୱାର୍ଲ୍ଡ ବକ୍ସିଂ କାଉନସିଲ (ଡବ୍ଲ୍ୟୁବିସି) ହେଭିୱେଟ୍ ଟାଇଟଲ ବଜାୟ ରଖିଛନ୍ତି।



**ସମଲିଙ୍ଗୀ ସମ୍ପର୍କକୁ ନେଇ ଚର୍ଚ୍ଚାରେ ଦୂତୀ**



........୧୪........


**ଆଜିର ସମ୍ପାଦକୀୟ**

**କ୍ଷମତା କ୍ଷୁଣ୍ଣ**

**ଆଜିର ମନ୍ତବ୍ୟ**

"ଏକ୍‌ଜିଟ ପୋଲ୍ ଭଳି ତୁଚ୍ଛା ଗପରେ ବିଶ୍ୱାସ କରେନାହିଁ। ଇଭିଏମ୍ ଜାଲିଆତି ଲାଗି ଏହାକୁ ଗେମ୍ ପ୍ଲାନ ଭାବେ ବ୍ୟବହାର କରାଯାଉଛି।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE | 19.05.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 97 | 154 | 164 |
| CTC | 97 | 154 | 164 |
| DKL | 94 | 150 | 160 |
| BDK | 96 | 153 | 163 |
| BLS | 98 | 155 | 165 |
| ANG | 94 | 150 | 160 |

*Conditions Apply

Eggs Retail Price- 40/-Dozen
Issued in the Interest of Consumers


# ଏକ୍‌ଜିଟ୍ ପୋଲ୍ | ଏନ୍‌ଡିଏକୁ ବହୁମତ

ନୂଆଦିଲ୍ଲୀ,୧୯।୫(ଆଇଏଏନ୍ଏସ୍)

■ କଂଗ୍ରେସ କହିଲା ହାସ୍ୟାସ୍ପଦ
■ ବିଶ୍ୱାସଯୋଗ୍ୟ ନୁହେଁ: ଟିଏମ୍‌ସି

ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ସହ ପୁଣିଥରେ କେନ୍ଦ୍ରରେ ସରକାର ଗଠନ କରିବାକୁ ଯାଉଛି। ଏହି କ୍ଷମତାସୀନ ମେଣ୍ଟକୁ ପ୍ରାୟ ୨୯୬ ଆସନରେ ସଫଳତା ମିଳିବ ଏବଂ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା)କୁ ୧୨୭ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ସେହିପରି ଉଭୟ ମେଣ୍ଟରେ ସାମିଲ ନ ଥିବା ଆଞ୍ଚଳିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ ୧୧୯ ଆସନ ଦଖଲ କରିବାରେ ସକ୍ଷମ ହେବେ ବୋଲି ରବିବାର ଅଧିକାଂଶ ଏକ୍‌ଜିଟ୍ ପୋଲ ଭବିଷ୍ୟବାଣୀ କରିଛନ୍ତି। ଭୋଟ ହାରକୁ ଦେଖିଲେ ମୋଟାମୋଟି ଭାବେ ଏନ୍‌ଡିଏକୁ ୪୨.୩%, ଉପାକୁ ୨୯.୬% ଏବଂ ଅନ୍ୟଙ୍କୁ ୨୮.୧% ମିଳିବ ବୋଲି ଆକଳନ କରାଯାଇଛି। ଏକ୍‌ଜିଟ୍ ପୋଲକୁ କଂଗ୍ରେସ ହାସ୍ୟାସ୍ପଦ ବୋଲି ଅଭିହିତ କରିଥିବାବେଳେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ଏହା ବିଶ୍ୱାସଯୋଗ୍ୟ ନୁହେଁ ବୋଲି କହିଛନ୍ତି। ତେବେ କେଉଁ ସର୍ବେକ୍ଷଣ ସଂସ୍ଥାର ଆକଳନ କେତେ ସତ ତାହା ଗୁରୁବାର ଭୋଟ ଗଣତି ପରେ ସ୍ପଷ୍ଟ ହେବ।

୨୦୧୯ ସାଧାରଣ ନିର୍ବାଚନ ରବିବାର ସନ୍ଧ୍ୟା ୬ଟାରେ ଶେଷ ହେବା ପରେ ଏକ୍‌ଜିଟ୍ ପୋଲକୁ ନେଇ ନିର୍ବାଚନ କମିଶନଙ୍କ କଟକଣା ଉଠିଛି। ଭାରତରେ କିଏ ସରକାର ଗଠନ କରିବ ତାକୁ ନେଇ ବିଭିନ୍ନ ସର୍ବେକ୍ଷଣ ସଂସ୍ଥା ଓ ଜାତୀୟ ଗଣମାଧ୍ୟମ ପକ୍ଷରୁ ପ୍ରକାଶ ପାଇଛି ବୁଥ୍ ଫେରନ୍ତା ମତଦାତାଙ୍କଠାରୁ ସଂଗୃହୀତ ତଥ୍ୟର ସାମଗ୍ରିକ ଆକଳନ। ଏକ୍‌ଜିଟ୍ ପୋଲଗୁଡ଼ିକ ପକ୍ଷରୁ କରାଯାଇଥିବା ଆକଳନ ଅନୁସାରେ କେନ୍ଦ୍ରରେ ଏନ୍‌ଡିଏ ପୁଣିଥରେ କ୍ଷମତାସୀନ ହେବାକୁ ଯାଉଛି। ଭିଏମ୍‌ଆର୍-ଟାଇମ୍ସ ନାଓର ସର୍ଭେ ଅନୁସାରେ ଏନ୍‌ଡିଏକୁ ୩୦୬, ଉପାକୁ ୧୩୨ ଓ ଅନ୍ୟ ଦଳଗୁଡ଼ିକୁ ୧୦୪ ଆସନରେ ସଫଳତା ମିଳିବ। ସେହିପରି ସିଭୋଟର-ରିପବ୍ଲିକ୍ ଏକ୍‌ଜିଟ୍ ପୋଲର ଆକଳନ ଅନୁଯାୟୀ ଏନ୍‌ଡିଏ ୨୮୭ ଏବଂ ଉପା ୧୨୮ ଆସନ ଦଖଲ କରିବାରେ ସକ୍ଷମ ହେବେ। ଅନ୍ୟ ଦଳଗୁଡ଼ିକୁ ୧୨୭ ଆସନରେ ସଫଳତା ମିଳିବ। ଜନ୍ କୀ ବାତ୍ ସଂସ୍ଥାର ଆକଳନ ହେଉଛି ଏନ୍‌ଡିଏ ୩୦୫ ଆସନ ଦଖଲ କରି ପୂର୍ଣ୍ଣ ବହୁମତ ପାଇବାକୁ ଥିବାବେଳେ ଉପା ହାତକୁ ୧୨୪ ଆସନ ଯିବ ଏବଂ ଅନ୍ୟ ଦଳଗୁଡ଼ିକ ୧୧୩ ଆସନରେ ସଫଳ ହେବେ। ଅନ୍ୟପକ୍ଷରେ ଏନ୍‌ଡିଏ ୨୮୬, ଉପା ୧୨୨ ଏବଂ ଅନ୍ୟ ଦଳଗୁଡ଼ିକ ୧୩୪ ଆସନରେ ବିଜୟୀ ହେବେ ବୋଲି ନ୍ୟୁଜ୍ ନେଶନ୍ ପୂର୍ବାନୁମାନ କରିଛି। ଅନ୍ୟତମ ପ୍ରମୁଖ ସର୍ବେକ୍ଷଣ ସଂସ୍ଥା ଚାଣକ୍ୟ-ନ୍ୟୁଜ୍ ୨୪ ଅନୁସାରେ ଏନ୍‌ଡିଏ ୩୫୦ ଆସନରେ ସଫଳତା ହାସଲ କରିବାକୁ ଥିବାବେଳେ ଉପା ୯୫ ଓ ଅନ୍ୟ ଦଳଗୁଡ଼ିକ ୯୭ ଆସନରେ ବିଜୟୀ ହେବେ। ଇଣ୍ଡିଆ ଟୁଡେ-ଆଜ୍‌ତକ୍ ଅନୁସାରେ ଏନ୍‌ଡିଏ ୩୩୯-୩୬୫ ଆସନରେ ବିପୁଳ ସଫଳତା ସହ ସରକାର ଗଠନ କରିବ। ଉପା ୭୭ରୁ ୧୦୮ ଆସନରେ ସନ୍ତୁଷ୍ଟ ହେବ ଓ ଅନ୍ୟ ଦଳଗୁଡ଼ିକ ୬୯-୯୫ ଆସନରେ ବିଜୟୀ ହେବେ। ଅନ୍ୟପକ୍ଷରେ ଏନ୍‌ଡିଏ ୨୪୨ ଆସନରେ ସଫଳତା ହାସଲ କରିବ ଏବଂ ମ୍ୟାଜିକ୍ ନମ୍ବର ଛୁଇଁବା ପାଇଁ ୩୦ ଆସନ ନିଅଣ୍ଟ ହେବ ବୋଲି ନେତା-ନ୍ୟୁଜ୍ ଏକ୍ସ ପକ୍ଷରୁ ଆକଳନ କରାଯାଇଛି। ଏହି ସର୍ବେକ୍ଷଣ ସଂସ୍ଥା ଅନୁସାରେ ଉପା ହାତକୁ ୧୬୪ ଆସନ ଯିବ। ଏବିପି-ନେଲସନ୍ ମଧ୍ୟ ଅନୁରୂପ ଆଶଙ୍କା ବ୍ୟକ୍ତ କରିଛି। ଏନ୍‌ଡିଏ ୨୬୭, ଉପା ୧୨୭ ଓ ଅନ୍ୟାନ୍ୟ ୧୪୮ ଆସନ ପାଇବେ ☞ ପୃଷ୍ଠା-୪

**ଲୋକ ସଭା ଏକଜିଟ୍ ପୋଲ-୨୦୧୯**

| ସର୍ଭେ ସଂସ୍ଥା | ଭାଜପା+ | କଂଗ୍ରେସ+ | ଅନ୍ୟାନ୍ୟ |
|---|---|---|---|
| ଟାଇମ୍ସ ନାଓ | ୩୦୬ | ୧୩୨ | ୧୦୪ |
| ସି-ଭୋଟର | ୨୮୭ | ୧୨୮ | ୧୨୭ |
| ଜନ୍ କୀ ବାତ୍ | ୩୦୫ | ୧୨୪ | ୧୧୩ |
| ନ୍ୟୁଜ୍ ନେଶନ | ୨୮୬ | ୧୨୨ | ୧୩୪ |
| ଇଣ୍ଡିଆ ଟୁଡେ | ୩୩୯-୩୬୫ | ୭୭-୧୦୮ | ୬୯-୯୫ |
| ଚାଣକ୍ୟ-ନ୍ୟୁଜ୍ ୨୪ | ୩୫୦ | ୯୫ | ୯୭ |
| ନେତା-ନ୍ୟୁଜ୍ ଏକ୍ସ | ୨୪୨ | ୧୬୪ | ୧୩୬ |

# ଓଡ଼ିଶା: ଭାଜପା ସପକ୍ଷରେ ଜନମତ

ଭୁବନେଶ୍ୱର,୧୯।୫(ବ୍ୟୁରୋ)

୨୦୧୯ ନିର୍ବାଚନରେ ଓଡ଼ିଶାରେ ଭାଜପା ପୂର୍ବାପେକ୍ଷା ବହୁତ ଭଲ ପ୍ରଦର୍ଶନ କରିବ ବୋଲି ଏକାଧିକ ଏକ୍‌ଜିଟ୍ ପୋଲ୍ ପକ୍ଷରୁ ଆକଳନ କରାଯାଇଛି। ଅଧିକାଂଶ ସର୍ବେକ୍ଷଣ ସଂସ୍ଥା ରାଜ୍ୟର ୨୧ ଲୋକ ସଭା ଆସନ ମଧ୍ୟରୁ ଗୈରିକ ଦଳ ହାରାହାରି ୧୦ରୁ ୧୨ ଆସନ ଦଖଲ କରିବ ବୋଲି ଭବିଷ୍ୟବାଣୀ କରିଛନ୍ତି। ୨୦୧୪ ନିର୍ବାଚନରେ ଭାଜପା କେବଳ ସୁନ୍ଦରଗଡ଼ ଆସନ ଜିତିବାକୁ ସକ୍ଷମ ହୋଇଥିଲା। ଏକ୍‌ଜିଟ୍ ପୋଲ୍ ଆକଳନ ଅନୁସାରେ ଏଥର ବିଜେଡି ସବୁଠୁ ଖରାପ ପ୍ରଦର୍ଶନ କରିବ।



ଇଣ୍ଡିଆ ଟୁଡେ କରିଥିବା ସର୍ଭେ ଅନୁଯାୟୀ, ଭାଜପା ୧୫ରୁ ୧୯ ଆସନ ଜିତିବାର ସମ୍ଭାବନା ରହିଛି। ବିଜେଡିର ଆସନ ସଂଖ୍ୟା ୨୦ରୁ ହ୍ରାସପାଇ ୨ରୁ ୬ ମଧ୍ୟରେ ରହିପାରେ। ସେହିପରି କଂଗ୍ରେସ ଗତଥର ଖାତା ଖୋଲିପାରି ନ ଥିବାବେଳେ ଏଥର ଗୋଟିଏ ଆସନ ହାତେଇପାରେ। ଟାଇମ୍ସ ନାଓର

**ଲୋକ ସଭା ଆସନକୁ ନେଇ ପୂର୍ବାନୁମାନ**

ଆକଳନ ଅନୁଯାୟୀ ବିଜେଡି ୮, ଭାଜପା ୧୨ ଏବଂ କଂଗ୍ରେସ ୧ ଆସନ ପାଇବ। ରିପବ୍ଲିକ ସର୍ଭେରେ ବିଜେଡି ୧୦ ଓ ଭାଜପା ୧୧ ଆସନ ପାଇପାରେ। ସେହିପରି ଏନ୍‌ଡି ଟିଭିର ଆକଳନ କହୁଛି, ଭାଜପା ଓ ବିଜେଡିକୁ ୧୦ ଲେଖାଏ ଆସନ ମିଳିପାରେ। ଜନ୍ କୀ ବାତ୍ ଭାଜପାକୁ ୧୨, ବିଜେଡି ୮ ଏବଂ କଂଗ୍ରେସକୁ ଗୋଟିଏ ଆସନ ପ୍ରଦାନ କରିଛି। ହେଲେ ଇଣ୍ଡିଆ ଟିଭି ବିଜେଡି ସପକ୍ଷରେ ଜନମତ ଥିବା ପୂର୍ବାନୁମାନ କରିଛି। ତଦନୁଯାୟୀ ବିଜେଡି ୧୫ ଲୋକ ସଭା ଆସନରେ ବିଜୟୀ ହେବାକୁ ଥିବାବେଳେ ଭାଜପା ୬ ଆସନରେ ସଫଳତା ପାଇବ। ନ୍ୟୁଜ୍-୧୮ ବିଜେଡିକୁ ୧୨ରୁ ୧୪ ଏବଂ ଭାଜପାକୁ ୬ରୁ ୮ ଆସନ ପ୍ରଦାନ କରିଛି। ଏବିପି ପକ୍ଷରୁ କରାଯାଇଥିବା ସର୍ଭେରେ ଭାଜପାକୁ ୧୨ ଓ ବିଜେଡିକୁ ୯ ଆସନ ଦିଆଯାଇଛି।






❝ କେନ୍ଦ୍ରରେ ପରବର୍ତ୍ତୀ ସରକାର ଭାଜପା କରିବ। ନରେନ୍ଦ୍ର ମୋଦିଙ୍କୁ ବିପୁଳ ଜନାଦେଶ ମିଳିବା ସହ ଦଳ ୩୦୦ରୁ ଅଧିକ ଆସନ ଜିତିବ। ଏହାସହ ଏନଡ଼ିଏକୁ ୪୦୦ରୁ ଅଧିକ ଆସନ ମିଳିବ।
-ଯୋଗୀ ଆଦିତ୍ୟନାଥ
ମୁଖ୍ୟମନ୍ତ୍ରୀ, ଉତ୍ତର ପ୍ରଦେଶ




# ଇଭିଏମ୍‌ରେ ଜନାଦେଶ, ୨୩କୁ ଅପେକ୍ଷା

ନୂଆଦିଲ୍ଲୀ,୧୯।୫(ପି.ଟି.)

ପଶ୍ଚିମବଙ୍ଗ ଏବଂ ପଞ୍ଜାବର କେତେକ ସ୍ଥାନରେ ହିଂସାକାଣ୍ଡକୁ ବାଦ୍ ଦେଲେ ରବିବାର ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଏଥିସହିତ ସପ୍ତଦଶ ଲୋକ ସଭା ନିମନ୍ତେ ମୋଟ ୫୪୨ ଆସନରେ ନିର୍ବାଚନ ସରିଛି। ବିପୁଳ ଅର୍ଥ ଜବତ ହେବା ଫଳରେ ତାମିଲନାଡୁର ଭେଲୋର ଆସନରେ ମତଦାନ ବାତିଲ କରାଯାଇଥିଲା। ନିର୍ବାଚନ ସରିବା ସହ ଜନାଦେଶ ଇଭିଏମ୍‌ରେ ବନ୍ଦ ହୋଇଯାଇଛି। ଏବେ ସମସ୍ତଙ୍କର ଅପେକ୍ଷା ୨୩ ତାରିଖକୁ। ସେଦିନ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବା ଆଶା କରାଯାଉଛି।

ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ପ୍ରକ୍ରିୟା କୁହାଯାଉଥିବା ଭାରତର ସାଧାରଣ ନିର୍ବାଚନରେ ପାଖାପାଖି ୯୦ କୋଟି ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବାକୁ ଥିବାବେଳେ ଏପ୍ରିଲ ୧୧ରୁ ୭ ପର୍ଯ୍ୟାୟରେ ମତଦାନ କରାଯାଇଥିଲା। ଏଥିସହିତ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳପ୍ରଦେଶ ଓ ସିକ୍କିମ୍ ବିଧାନସଭା ଲାଗି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ମାର୍ଚ୍ଚ ୧୦ରେ ନିର୍ବାଚନ କମିଶନ ତାରିଖ ଘୋଷଣା କରିବା ପରେ ସାରା ଦେଶରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିଲା। ଆଇନଶୃଙ୍ଖଳା ଦୃଷ୍ଟିରୁ ବିହାର, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରେ ୭ଟି ପର୍ଯ୍ୟାୟରେ ମତଦାନ ହୋଇଥିବାବେଳେ ଜମ୍ମୁ-କଶ୍ମୀରର ଅନନ୍ତନାଗ ଆସନରେ ତିନି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯାଇଥିଲା। ଭେଲୋରରେ ଅତ୍ୟଧିକ ଟଙ୍କା ଜବତ କାରଣରୁ ନିର୍ବାଚନ ବାତିଲ ହୋଇଥିବାବେଳେ ତ୍ରିପୁରା ପୂର୍ବ ଆସନରେ ମତଦାନ ଏପ୍ରିଲ ୧୮ରେ ହେବାକୁ ଥିବାବେଳେ ଆଇନଶୃଙ୍ଖଳା କାରଣରୁ ଏହାକୁ ଏପ୍ରିଲ ୨୩କୁ ଘୁଞ୍ଚାଇ ଦିଆଯାଇଥିଲା।



ବାରାଣସୀର ଏକ ମତଦାନ କେନ୍ଦ୍ରରେ ମହିଳା ଭୋଟରମାନେ ପରିଚୟ ପତ୍ର ଦେଖାଉଛନ୍ତି ।

ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରରେ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକର କ୍ଷମତା ସଙ୍କୁଚିତ ହୋଇଥିବା ଟିଏମ୍‌ସି ସମେତ ବିଭିନ୍ନ ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ହୋଇଥିଲା। ନିର୍ବାଚନ କମିଶନ ନରେନ୍ଦ୍ର ମୋଦି ସରକାରଙ୍କ ଇଙ୍ଗିତରେ କାର୍ଯ୍ୟ କରୁଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଥିଲା। ବେରୋଜଗାରୀ, କୃଷି ଓ ଗ୍ରାମାଞ୍ଚଳ ସମସ୍ୟା, ମୁଦ୍ରାସ୍ଫୀତି, ଜିଡିପି ଅଭିବୃଦ୍ଧି ହ୍ରାସ ଆଦିକୁ କଂଗ୍ରେସ ପ୍ରସଙ୍ଗ କରିଥିଲା। ଅନ୍ୟପକ୍ଷରେ ଏଥର ନିର୍ବାଚନରେ ଜାତୀୟ ସୁରକ୍ଷା ଓ ଆତଙ୍କବାଦକୁ ପ୍ରସଙ୍ଗ କରିଥିଲା ଶାସକ ଦଳ ଭାଜପା। ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ, ପାକିସ୍ତାନର ବାଲାକୋଟରେ ବାୟୁସେନାର ଏୟାର ଷ୍ଟ୍ରାଇକ୍‌କୁ ପୁଞ୍ଜି କରି ଭାଜପା ଭୋଟ ସାଉଁଟିବାକୁ ଉଦ୍ୟମ କରିଥିଲା। ଦେଶର ସେନାବାହିନୀକୁ ବ୍ୟବହାର କରି ପ୍ରଧାନମନ୍ତ୍ରୀ ମୋଦି ଫାଇଦା ଉଠାଇବାକୁ ଉଦ୍ୟମ କରୁଥିବାରୁ ବିଭିନ୍ନ ଦଳ ପକ୍ଷରୁ ଏହାର ବିରୋଧ କରାଯାଇଥିଲା। ନିର୍ବାଚନ ପ୍ରଚାର ବେଳେ କେତେଜଣ ନେତାଙ୍କ ବିବାଦୀୟ ମନ୍ତବ୍ୟ ଚର୍ଚ୍ଚାର ବିଷୟ ହୋଇଥିଲା। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ନିର୍ବାଚନ କମିଶନ ବିଭିନ୍ନ ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।

## ଅନ୍ତିମ ପର୍ଯ୍ୟାୟରେ ୬୧% ମତଦାନ
## ପଶ୍ଚିମବଙ୍ଗରେ ଭୋଟ ବେଳେ ହିଂସା

ରବିବାର ପଶ୍ଚିମବଙ୍ଗର କେତେକ ସ୍ଥାନରେ ବୋମାମାଡ଼ ସାଙ୍ଗକୁ ଗଣ୍ଡଗୋଳ ହୋଇଥିବା ଖବର ମିଳିଛି। ସେହିପରି ପଞ୍ଜାବର କେତେକ ସ୍ଥାନରେ ମଧ୍ୟ ସଂଘର୍ଷ ଘଟିଛି। ଏହି ପର୍ଯ୍ୟାୟରେ ୫୯ଟି ଆସନରେ ମତଦାନ ହୋଇଥିବାବେଳେ ମତଦାନ ହାର ୬୧ ପ୍ରତିଶତ ରହିଛି। କେତେକ ବୁଥ୍‌ରେ ଇଭିଏମ୍‌ରେ ସମସ୍ୟା ଦେଖାଦେଇଥିବାବେଳେ ଅନ୍ୟ କେତେକ ବୁଥ୍‌ରେ ଲୋକେ ଭୋଟବର୍ଜନ କରିଛନ୍ତି। ସପ୍ତମ ପର୍ଯ୍ୟାୟ ନିର୍ବାଚନରେ ୯୧୮ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିବାବେଳେ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ମନୋଜ ସିହ୍ନା ଏବଂ ଉତ୍ତରପ୍ରଦେଶ ଭାଜପା ସଭାପତି ମହେନ୍ଦ୍ର ନାଥ ପାଣ୍ଡେ, କେନ୍ଦ୍ରମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର, ରବିଶଙ୍କର ପ୍ରସାଦ, ଏସ୍‌ଏଡି ମୁଖ୍ୟ ସୁଖବୀର ସିଂ ବାଦଲ, କେନ୍ଦ୍ରମନ୍ତ୍ରୀ ହର୍‌ସିମ୍‌ରତ୍ କୌର୍ ବାଦଲ, ହରଦୀପ ସିଂ ପୁରୀ, କିରଣ ଖେର, ପଓ୍ୱନ କୁମାର ବଂଶଲ, ସନି ଦେଓଲ, ଭଗଓ୍ୱନ୍ତ ସିଂ ମାନ୍, ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ୍ ବାନାର୍ଜୀ ଏବଂ ସୁଦୀପ ବନ୍ଦୋପାଧ୍ୟାୟ। ଅନ୍ତିମ ପର୍ଯ୍ୟାୟରେ ପଞ୍ଜାବ ଓ ଉତ୍ତରପ୍ରଦେଶର ୧୩ଟି ଲେଖାଏ ଆସନ, ପଶ୍ଚିମବଙ୍ଗର ୯, ମଧ୍ୟପ୍ରଦେଶ ଓ ବିହାରର ୮ଟି ଲେଖାଏ ଆସନ, ହିମାଚଳପ୍ରଦେଶର ୪, ଝାଡଖଣ୍ଡର ୩ ଏବଂ ଚଣ୍ଡିଗଡ଼ର ଗୋଟିଏ ଆସନରେ ମତଦାନ ଶେଷ ହୋଇଛି। ଅପରାହ୍ଣ ୫ଟା ସୁଦ୍ଧା ଉତ୍ତରପ୍ରଦେଶରେ ୪୮.୯୦ ପ୍ରତିଶତ ମତଦାନ ହୋଇଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ବାରାଣସୀରେ ୪୬.୫୩% ଭୋଟଗ୍ରହଣ ହୋଇଛି। ୫ଟା ସୁଦ୍ଧା ପଶ୍ଚିମବଙ୍ଗରେ ୬୭.୧୪ ପ୍ରତିଶତ ମତଦାନ ହୋଇଛି। ଉକ୍ତ ରାଜ୍ୟର କେତେକ ସ୍ଥାନରେ ଭୋଟବେଳେ ହିଂସାକାଣ୍ଡ ଘଟିଛି। ମଧ୍ୟାହ୍ଣ ସମୟରେ ଉତ୍ତର କୋଲକାତାର ଗିରିଶ ପାର୍କ ନିକଟରେ ବୋମା ଫିଙ୍ଗାଯାଇଥିବା ଭାଜପା ପ୍ରାର୍ଥୀ ରାହୁଲ ସିହ୍ନା ଅଭିଯୋଗ କରିଛନ୍ତି। ପୋଲିସ ଏହାକୁ ଅସ୍ୱୀକାର କରି ବାଣ ଫୁଟିଥିବା କହିଛି। ଦକ୍ଷିଣ କୋଲକାତାର ଏକ ବୁଥ୍ ଭିତରକୁ ଟିଏମ୍‌ସି ପ୍ରାର୍ଥୀ ମାଲା ରାୟଙ୍କୁ ଛଡାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। କେନ୍ଦ୍ରୀୟ ସୁରକ୍ଷା ବଳର ଯବାନମାନେ ବୁଥ୍ ନିକଟରେ ଭୋଟରଙ୍କୁ ପ୍ରଭାବିତ କରୁଥିବା ଟିଏମ୍‌ସି କର୍ମୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ କୋଲକାତା ଓ ଏହାର ଆଖପାଖ ଅଞ୍ଚଳରେ ଗଣ୍ଡଗୋଳ ହୋଇଥିଲା। ସେହିପରି ଡାଇମଣ୍ଡ ହାର୍ବର ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ନୀଳାଞ୍ଜନ ରାୟଙ୍କ କାରକୁ କିଛି ଦୁର୍ବୃତ୍ତ ଭଙ୍ଗାରୁଜା କରିଛନ୍ତି। ଯାଦବପୁରର ଭାଜପା ପ୍ରାର୍ଥୀ ଅନୁପମ ହାଜ୍‌ରାଙ୍କ କାରକୁ କିଛି ଅଜଣା ଲୋକ ଆକ୍ରମଣ କରିଛନ୍ତି। ଏହାକୁ ବାଦ୍ ଦେଲେ ଅନ୍ୟତ୍ର ମତଦାନ ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଛି। ପଶ୍ଚିମବଙ୍ଗ ଓ ପଞ୍ଜାବ ସମେତ ବିଭିନ୍ନ ରାଜ୍ୟରେ ଇଭିଏମ୍ ସମସ୍ୟାକୁ ନେଇ ମତଦାନ ବିଳମ୍ବିତ ହୋଇଥିଲା।



ହିମାଚଳ ପ୍ରଦେଶର କିନୌରରେ ସ୍ୱାଧୀନ ଭାରତର ପ୍ରଥମ ଭୋଟର ଶ୍ୟାମ ଶରଣ ନେଗୀ (୧୦୩) ଭୋଟ ଦେବାକୁ ଯାଉଛନ୍ତି।

# ରାହୁଲ,ପାଓ୍ୱାରଙ୍କ ସହ ନାଇଡୁଙ୍କ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା

ନୂଆଦିଲ୍ଲୀ,୧୯।୫(ପି.ଟି.)

କେନ୍ଦ୍ରରେ ଅଣଭାଜପା ସରକାର ଗଠନ ଲାଗି ବିରୋଧୀ ଦଳଗୁଡ଼ିକୁ ଏକାଠି କରିବା ଲାଗି ପ୍ରୟାସ ଜୋର୍ ଧରିଛି। ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ଏନସିପି ମୁଖ୍ୟ ଶରଦ ପାଓ୍ୱାର, ଲୋକତାନ୍ତ୍ରିକ ଜନତା ଦଳ ନେତା ଶରଦ ଯାଦବ, ବିଏସ୍‌ପି ମୁଖ୍ୟ ମାୟାବତୀ, ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ଓ ସିପିଆଇ ନେତାମାନଙ୍କୁ ଭେଟି ଟିଡିପି ନେତା ଚନ୍ଦ୍ରାବାବୁ ନାଇଡୁ ଆଲୋଚନା କରିଥିଲାବେଳେ ପୁଣି ରବିବାର ରାହୁଲ ଓ ପାଓ୍ୱାରଙ୍କୁ ଭେଟିଛନ୍ତି। ଏହାପରେ ସେ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସହ ପରିସ୍ଥିତି ସମ୍ପର୍କରେ ଦୀର୍ଘ ୪୫ ମିନିଟ୍ ଆଲୋଚନା କରିଛନ୍ତି। ଏସ୍‌ପି ଓ ବିଏସ୍‌ପି ଖୋଲାଖୋଲିଭାବେ ବିରୋଧୀ ମେଣ୍ଟକୁ ସମର୍ଥନ ଦେଇ ନ ଥିବାବେଳେ ରବିବାର ନାଇଡୁ କଂଗ୍ରେସ ଓ ଏନ୍‌ସିପି ଅଧ୍ୟକ୍ଷଙ୍କୁ ଭେଟି ଆଲୋଚନା କରିବା ଗୁରୁତ୍ୱପୂର୍ଣ୍ଣ ମନେହୁଏ।

ଏନ୍‌ଡ଼ିଏ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବ୍ୟର୍ଥ ହେଲେ ଅଣଏନଡ଼ିଏ ଦଳଗୁଡ଼ିକୁ ନେଇ କେନ୍ଦ୍ରରେ କିପରି ସରକାର ଗଠନ କରାଯିବ ସେଥିଲାଗି ପ୍ରୟାସ ଚାଲିଛି। ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ, ଏଏପି ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିଓ୍ୱାଲ୍, ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ୍ ୟେଚୁରୀ ପ୍ରମୁଖ ଅଣଏନଡ଼ିଏ ଦଳଗୁଡ଼ିକ ସହ ନାଇଡୁ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା କରିସାରିଛନ୍ତି। କେନ୍ଦ୍ରରେ ସରକାର ଗଠନ ପ୍ରକ୍ରିୟା ଜୋର୍ ଧରିଥିବାବେଳେ ଭୋଟ ଫଳାଫଳ ଉପରେ ସମସ୍ତଙ୍କ ନଜର୍ ରହିଛି।

# ମଣିପୁରରେ ୨ ଆତଙ୍କବାଦୀ ଗିରଫ

**ଇମ୍ଫାଲ୍,୧୯।୫(ପି.ଟି.):** ମଣିପୁରର କାକ୍‌ଚିଙ୍ଗ୍ ଜିଲାରେ ପୋଲିସ ୨ଜଣ ଆତଙ୍କବାଦୀଙ୍କୁ ଗିରଫ କରିଛି। ଗିରଫ ଆତଙ୍କବାଦୀମାନେ ନ୍ୟାଶନାଲ ସୋସିଆଲିଷ୍ଟ କାଉନସିଲ୍ ଅଫ୍ ନାଗାଲାଣ୍ଡ, ଆଇଜାକ୍-ମୁଇଭା(ଏନ୍‌ଏସ୍‌ସିଏନ୍-ଆଇଏମ୍) ଗୋଷ୍ଠୀର ବୋଲି ପୋଲିସ ରବିବାର ପ୍ରକାଶ କରିଛି। ପୋଲିସ ଏନେଇ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।




■ ଇସିଙ୍କୁ ଭାଜପାର ଅନୁରୋଧ

# ଆଦର୍ଶ ଆଚରଣବିଧି ଶେଷ ପର୍ଯ୍ୟନ୍ତ ପଶ୍ଚିମବଙ୍ଗରେ ରହୁ କେନ୍ଦ୍ରୀୟ ବଳ

ନୂଆଦିଲ୍ଲୀ,୧୯।୫(ପି.ଟି.)

ପଶ୍ଚିମବଙ୍ଗରେ ନିର୍ବାଚନୀ ହିଂସାକୁ ନେଇ ଭାଜପା ନିର୍ବାଚନ କମିଶନଙ୍କ ଆଗରେ ଆପତ୍ତି ଉଠାଇବା ସହ ନିର୍ବାଚନ ପରେ କେତେକ ଭୋଟର୍‌ଙ୍କୁ ଟାର୍ଗେଟ କରି ଶାସକ ଟିଏମ୍‌ସି ପୁଣି ହିଂସା ଘଟାଇବା ଆଶଙ୍କା ଥିବାରୁ ଆଚରଣବିଧି ଶେଷ ପର୍ଯ୍ୟନ୍ତ ପଶ୍ଚିମବଙ୍ଗରେ କେନ୍ଦ୍ରୀୟ ଫୋର୍ସକୁ ରଖାଯିବା ଲାଗି ଅନୁରୋଧ କରିଛି। କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀଥାରମଣ କହିଛନ୍ତି ଯେ, ରବିବାର ପଶ୍ଚିମବଙ୍ଗରେ ହୋଇଥିବା ୯ ଆସନ ମଧ୍ୟରୁ ୬ଟିରେ ହିଂସାକାଣ୍ଡ ଦେଖିବାକୁ ମିଳିଛି। ଭାଜପା ପ୍ରାର୍ଥୀଙ୍କ ଉପରେ ଟିଏମ୍‌ସି ସମର୍ଥକମାନେ ଆକ୍ରମଣ କରିବା ମମତା ବିରୋଧୀ ମତଦାତାଙ୍କୁ ବୁଥ ଭିତରକୁ ନଛାଡ଼ିବା ଭଳି ଘଟଣା ଘଟିଛି। ଏହାକୁ ନିର୍ବାଚନ କମିଶନ ଗୁରୁତର ସହ ନେବାକୁ ସେ କହିଛନ୍ତି। ମମତା ପ୍ରତିଶୋଧ ନେବା କଥା କହୁଥିବାବେଳେ ଟିଏମ୍‌ସି କର୍ମୀମାନେ ଲୋକଙ୍କୁ ସର୍ବସମ୍ମୁଖରେ ପିଟୁଛନ୍ତି। ମମତା ବିରୋଧୀ ଭୋଟର ଆତଙ୍କରେ ଅଛନ୍ତି। ଭୋଟ ପରେ ବି ହିଂସା ଜାରି ରହିବାର ଆଶଙ୍କା ରହିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଚରଣବିଧି ଶେଷ ପର୍ଯ୍ୟନ୍ତ ପଶ୍ଚିମବଙ୍ଗରେ କେନ୍ଦ୍ରୀୟ ଫୋର୍ସ ରଖିବା ଜରୁରୀ ବୋଲି ସୀଥାରମଣ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ମେ ୨୩ ତାରିଖରେ ଭୋଟଗଣତି ହେଉଥିବାବେଳେ ୨୭ ପର୍ଯ୍ୟନ୍ତ ଆଚରଣ ବିଧି ଲାଗୁ ରହିବ।

# ନିର୍ବାଚନ ବେଳେ ୩,୪୪୯ କୋଟି ଟଙ୍କା ଜବତ



ନୂଆଦିଲ୍ଲୀ,୧୯।୫ (ପି.ଟି.)

ଲୋକ ସଭା ନିର୍ବାଚନ ଲାଗି ତାରିଖ ଘୋଷଣା ହେବା ପରେ ଦେଶର ବିଭିନ୍ନ ସ୍ଥାନରୁ ମୋଟ ୩୪୪୯.୧୨ କୋଟି ଟଙ୍କା ମୂଲ୍ୟର ନଗଦ ଅର୍ଥ, ଡ୍ରଗ୍ସ, ମଦ ଓ ଅନ୍ୟାନ୍ୟ ଦାମୀ ସାମଗ୍ରୀ ଜବତ ହୋଇଥିବା ନିର୍ବାଚନ କମିଶନ (ଇସି) ରବିବାର ସୂଚନା ଦେଇଛନ୍ତି। ୨୦୧୪ ତୁଳନାରେ ଏଥର ପାଖାପାଖି ତିନିଗୁଣ ଅଧିକ ଅର୍ଥ ଜବତ ହୋଇଛି। ୨୦୧୪ ସାଧାରଣ ନିର୍ବାଚନ ବେଳେ ମୋଟ ୧୨୦୬ କୋଟି ଟଙ୍କାର ନଗଦ ଅର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିଲା ବୋଲି ଇସି ମହାନିର୍ଦ୍ଦେଶକ (ନିର୍ବାଚନ ଖର୍ଚ୍ଚ) ଦିଲୀପ ଶର୍ମା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ମାର୍ଚ୍ଚ ୧୦ରେ ଇସି ନିର୍ବାଚନ ଲାଗି ତାରିଖ ଘୋଷଣା କରିଥିଲେ। ମାର୍ଚ୍ଚ ୧୦ରୁ ମେ ୧୯ ମଧ୍ୟରେ ୮୩୯.୦୩ କୋଟି ଟଙ୍କାର ନଗଦ ଅର୍ଥ, ୨୯୪.୪୧ କୋଟି ଟଙ୍କାର ମଦ, ୧୨୭୦.୩୭ କୋଟି ଟଙ୍କାର ଡ୍ରଗ୍ସ, ୯୮୬.୭୬ କୋଟି ଟଙ୍କାର ସୁନା ଓ ଅନ୍ୟାନ୍ୟ ମୂଲ୍ୟବାନ ସାମର୍ଗୀ ଏବଂ ୫୮.୫୬ କୋଟି ଟଙ୍କାର ଶାଢ଼ୀ, ହାତଘଡ଼ି ଏବଂ ଭୋଟରଙ୍କୁ ବଣ୍ଟାଯିବାକୁ ଥିବା ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି।

# ବହୁ କେନ୍ଦ୍ରମନ୍ତ୍ରୀ ସରକାରୀ ବଙ୍ଗଳା ଭଡ଼ା ବାକି ରଖିଛନ୍ତି

ନୂଆଦିଲ୍ଲୀ,୧୯।୫

## ଆର୍‌ଟିଆଇ ତଥ୍ୟ

ବହୁ କେନ୍ଦ୍ରମନ୍ତ୍ରୀ ସେମାନେ ରହୁଥିବା ସରକାରୀ ବଙ୍ଗଳାର ଭଡ଼ା ବାକି ରଖିଥିବା ଜଣାପଡ଼ିଛି। କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡ଼େକର, ନିର୍ମଳା ସୀଥାରମଣ, ସୁଷମା ସ୍ୱରାଜ, ବିଜୟ ଗୋଏଲ୍, ମୁକ୍ତାର ଆବାସ୍ ନକଭି, ଜିତେନ୍ଦ୍ର ସିଂ ପ୍ରମୁଖ ସରକାରୀ ବଙ୍ଗଳା ଭଡ଼ା ବାକି ରଖିଛନ୍ତି। କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଏହା ଦର୍ଶାଯାଇଥିବା ଆର୍‌ଟିଆଇ ତଥ୍ୟରୁ ଜଣାପଡ଼ିଛି। ମିଳିଥିବା ତଥ୍ୟ ଅନୁଯାୟୀ, କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ମୁକ୍ତାର ଆବାସ ନକ୍‌ଭି ଓ ଉତ୍ତର-ପୂର୍ବାଞ୍ଚଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂଙ୍କ ନାମରେ ବହୁ ଭଡ଼ା ବାକି ରହିଥିବା ଜଣାପଡ଼ିଛି। ନକ୍‌ଭିଙ୍କ ୧.୪୬ ଲକ୍ଷ ଓ ସିଂଙ୍କ ୩.୧୮ ଲକ୍ଷ ଟଙ୍କା ଭଡ଼ା ବାକିରହିଛି। ଅଜିଥ୍ କୁମାର ସିଂ ନାମକ ଯୁବକ ଏନେଇ ଆର୍‌ଟିଆଇ ମାଧ୍ୟମରେ ତଥ୍ୟ ମାଗିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରମଣଙ୍କ ୫୩,୨୭୬ ଟଙ୍କା, ଜାଭଡେକର୍‌ଙ୍କ ୮୬,୯୨୩ ଟଙ୍କା, ଗୋଏଲ୍‌ଙ୍କ ୩ ଲକ୍ଷ ଟଙ୍କା ବାକି ରହିଥିବା ଜଣାପଡ଼ିଛି।

[ଇତିହାସର ଆଇନାରେ]

## ମେ ୨୦ର ପ୍ରମୁଖ ଘଟଣା

୧୯୮୫ ମେ ୨୦ରେ ପାର୍ଟ ଅଫ୍ ଦି ଭଏସ୍ ଅଫ୍ ଆମେରିକା ସର୍ଭିସ 'ରେଡିଓ ମାର୍ତ୍ତି' କ୍ୟୁବାକୁ ଏହାର କାର୍ଯ୍ୟକ୍ରମ ପ୍ରସାରଣ କରିଥିଲା। ରେଡିଓ ଟେଲିଭିଜନ୍ ମାର୍ତ୍ତି ହେଉଛି ଆମେରିକାର ବେତାର ଓ ଦୂରଦର୍ଶନ ଅନ୍ତର୍ଜାତୀୟ ପ୍ରସାରଣ ସେବା।

୨୦୧୨ ମେ ୨୦ରେ ଇଟାଲିର ଉତ୍ତରଭାଗରେ ୬.୦ ତୀବ୍ରତାର ଭୂମିକମ୍ପ ଯୋଗୁ ୨୭ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫୦ ଆହତ ହୋଇଥିଲେ। ଏଥିସହିତ ବ୍ୟାପକ ଧନସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଥିଲା।

# କେଦାରନାଥ ପରେ ବଦ୍ରିନାଥରେ ମୋଦି

ବାରାଣସୀ,୧୯।୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କେଦାରନାଥ ଓ ରବିବାର ବଦ୍ରିନାଥ ଗସ୍ତ କରିଛନ୍ତି। ଶେଷ ପର୍ଯ୍ୟାୟ ଭୋଟବେଳେ ମୋଦିଙ୍କ କେଦାରନାଥ ଗସ୍ତକୁ ଟିଭିରେ ଘନ ଘନ ପ୍ରସାରଣ କରାଯିବା ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରୁଛି ବୋଲି ଟିଏମ୍‌ସି କହିବା ସହ ନିର୍ବାଚନ କମିଶନ(ଇସି)ଙ୍କ ନିକଟରେ ଲିଖିତ ଅଭିଯୋଗ କରିଛି। ଟିଏମ୍‌ସି ନେତା ଡେରେକ୍ ଓବ୍ରିଏନ୍ ଚିଠି ଲେଖି ଏହା ଅନୈତିକ ଓ ଭୋଟରଙ୍କୁ ପରୋକ୍ଷଭାବେ



## ଆଚରଣବିଧି ଉଲ୍ଲଂଘନ ଅଭିଯୋଗ

ପ୍ରଭାବିତ କରିବା ଲାଗି ଉଦ୍ଦିଷ୍ଟ ଥିଲା ବୋଲି ଦର୍ଶାଇଛନ୍ତି। ଇସି ତୁରନ୍ତ ଏଭଳି ପ୍ରସାରଣକୁ ବନ୍ଦକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଟିଏମ୍‌ସି ପକ୍ଷରୁ ଦାବି କରାଯାଇଛି। ଅନୁରୂପଭାବେ ଟିଡିପି ପକ୍ଷରୁ ଏହା ଆଚରଣ ବିଧି ଉଲ୍ଲଂଘନ କରୁଛି ବୋଲି ନିର୍ବାଚନ କମିଶନଙ୍କୁ ଚିଠି ଲେଖି ଜଣାଯାଇଛି। ସେପଟେ ପ୍ରଧାନମନ୍ତ୍ରୀ କେଦାରନାଥ ଯାତ୍ରା ଲାଗି ଅନୁମତି ଦେଇଥିବାରୁ ନିର୍ବାଚନ କମିଶନଙ୍କ ଧନ୍ୟବାଦ ଜଣାଇଛନ୍ତି।




# ଏକ୍‌ଜିଟ୍ ପୋଲ୍‌କୁ ନେଇ ଭାଜପା ଉତ୍ସାହିତ

**ଭୁବନେଶ୍ୱର,୧୯।୫(ବ୍ୟୁରୋ)**

ସାଧାରଣ ନିର୍ବାଚନ-୨୦୧୯ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଉ ୩ ଦିନ ପରେ ଭୋଟ ଗଣତି ହେବ। ପୂର୍ବ ୩ ଥର ଭଳି ଏଥର ମଧ୍ୟ ରାଜ୍ୟରେ ଏକ ସଙ୍ଗରେ ବିଧାନସଭା ଓ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଚଳିତଥର ନିର୍ବାଚନରେ ଲୋକ ସଭା ସିଟ୍‌କୁ ନେଇ ଭୋଟରଙ୍କ ମନରେ ଉତ୍କଣ୍ଠା ପ୍ରକାଶ ପାଇଥିଲା। ଦୀର୍ଘ ୧୯ ବର୍ଷ ଧରି କ୍ଷମତାରେ ଥିବା ବିଜେଡି ନିର୍ବାଚନ ପ୍ରଚାରରେ ଲୋକ ସଭା ଆସନକୁ ଅଧିକ ଗୁରୁତ୍ୱ ଦେଇଥିଲା। ଏପରିକି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ବିଜେଡି ୨୧ରୁ ୨୧ ଲୋକ ସଭା ଜିତିବା ନେଇ ଦମ୍ଭୋକ୍ତି ପ୍ରକାଶ କରିଥିଲେ। ହେଲେ ଭାଜପା ସଙ୍ଗଠିତ ଭାବେ ପ୍ରତି ସିଟ୍‌ରେ ବିଜେଡିକୁ କଡା ଟକ୍କର ଦେଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ, ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରମୁଖ ବିଭିନ୍ନ ସ୍ଥାନରେ ପ୍ରଚାର କରିଥିଲେ। ଗତଥର ପଶ୍ଚିମ ଓଡ଼ିଶାରେ ଭାଜପାର ଲୋକ ସଭା ଭୋଟ ହାର ଭଲ ରହିଥିଲା। ତେଣୁ ସେହି ଅଞ୍ଚଳରେ ବିଜେଡି ସପକ୍ଷରେ ଜନମତ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲାର ବିଜେପୁରରୁ ବିଧାନସଭା ପ୍ରାର୍ଥୀ ହୋଇଥିଲେ। ଅନ୍ୟପକ୍ଷରେ ପ୍ରଥମରୁ କଂଗ୍ରେସ ଭଲ ପ୍ରଦର୍ଶନ କରିବ ବୋଲି କୁହାଯାଉଥିଲା। ହେଲେ ନିର୍ବାଚନ ନିକଟତର ହେବା ସହ କଂଗ୍ରେସକୁ ନେଇ ଭୋଟରଙ୍କ ଉତ୍ସାହ କମିବା ଦେଖିବାକୁ ମିଳିଥିଲା।

ଫଳାଫଳ ଆସି ନାହିଁ ସତ, ହେଲେ ଏକାଧିକ ସଂସ୍ଥାର ଏକ୍‌ଜିଟ୍ ପୋଲ୍ ଅନୁଯାୟୀ ଜନମତ ବିଜେଡି ବିପକ୍ଷରେ ଏବଂ ଭାଜପା ସପକ୍ଷରେ ଯାଇଛି। ଭୁବନେଶ୍ୱର, ପୁରୀ, କେନ୍ଦୁଝର, ଆସିକା, କୋରାପୁଟ, ସମ୍ବଲପୁର, ଢେଙ୍କାନାଳ ଲୋକ ସଭା ଆସନରେ ବିଜେଡି ପରାଜିତ ହେବା ସମ୍ଭାବନା ରହିଛି। ସେହିପରି ରାଜ୍ୟସ୍ତରୀୟ କେତେଜଣ ରାଜନୈତିକ ସମୀକ୍ଷକଙ୍କ ଆକଳନ ଅନୁଯାୟୀ କେତେଜଣ ବିଜେଡି ନେତା ତୃଣମୂଳରେ ଭୋଟରଙ୍କ ରୋଷର ଶିକାର ହୋଇଛନ୍ତି। ତେଣୁ ବିଜେଡି ବିଧାନସଭାରେ ପୂର୍ବ ସଫଳତା ବଜାୟ ରଖିବା କାଠିକର ପାଠ ହେବ ବୋଲି କୁହାଯାଉଛି। ବୌଦ୍ଧ, କନ୍ଧମାଳ, ବଡ଼ମ୍ବା, କଟକ-ବାରବାଟୀ, ବସ୍ତା, ଜଟଣୀ, ବେଗୁନିଆ, ବ୍ରହ୍ମଗିରି, ଉମରକୋଟ, ନବରଙ୍ଗପୁର, ମାଲକାନଗିରି, ଚିତ୍ରକୋଣ୍ଡା, ସୋରଡା, ଗୋପାଳପୁର, ଛତ୍ରପୁର, ପାରଳାଖେମୁଣ୍ଡି, ରାୟଗଡ଼ା, କୋରେଇ, କେନ୍ଦ୍ରାପଡ଼ା ଭଳି ଆସନ ଫଳାଫଳ ବିଜେଡିକୁ ଚକିତ କରିପାରେ।

ଏକ୍‌ଜିଟ୍ ପୋଲ୍ ଆକଳନକୁ ନେଇ କଂଗ୍ରେସ ନେତା ଶରତ ରାଉତ କହିଛନ୍ତି, ଏକଜିଟ୍ ପୋଲ ଅନ୍ଧାରକୁ ଟେକା ମାରିବା ଭଳି। ବାଜିଲେ ଭଲ, ନ ହେଲେ ନାମ ନେଲ। ଅତୀତରେ ୨୦୦୪ ଲୋକ ସଭା, ୨୦୧୫ ଦିଲ୍ଲୀ ଏବଂ ବିହାର ବିଧାନସଭା ନିର୍ବାଚନ ସମ୍ପର୍କିତ ଏକ୍‌ଜିଟ୍ ପୋଲ୍ ଭୁଲ ପ୍ରମାଣିତ ହୋଇଛି। ତେଣୁ ୨୩କୁ ଅପେକ୍ଷା କରାଯାଉ। ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ଏକ୍‌ଜିଟ୍ ପୋଲ୍ ଆକଳନ ସତ୍ୟ ପ୍ରମାଣିତ ହେବାକୁ ଯାଉଛି। ଓଡ଼ିଶାରେ କେବଳ ଲୋକ ସଭା ନୁହେଁ, ଭାଜପା ବିଧାନସଭା ନିର୍ବାଚନରେ ବି ଭଲ ଫଳାଫଳ କରିବ। ଏମିତିକି ବିଜେଡିକୁ ହଟାଇ ରାଜ୍ୟ ସଚିବାଳୟ ଦଖଲ କରିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ଲେଖାଶ୍ରୀ କହିଛନ୍ତି। ସେହିପରି ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବିଭିନ୍ନ ସଂସ୍ଥା ପକ୍ଷରୁ ଏକ୍‌ଜିଟ୍ ପୋଲ୍ କରାଯାଇଥାଏ। ଏହାକୁ ନେଇ ପ୍ରତିକ୍ରିୟା ଦେବାକୁ ଉଚିତ ମନେ କରୁନାହିଁ।

## ୩୪ ବୁଥ୍‌ରେ ୭୩ ପ୍ରତିଶତ ମତଦାନ

**ଭୁବନେଶ୍ୱର,୧୯।୫(ବ୍ୟୁରୋ)**

ନିର୍ବାଚନ ସମୟରେ ତୃତୀୟ(ଏପ୍ରିଲ ୨୩) ଓ ଚତୁର୍ଥ (ଏପ୍ରିଲ ୨୯) ପର୍ଯ୍ୟାୟରେ ମନୁଷ୍ୟକୃତ ତ୍ରୁଟି ଏବଂ ଅନିୟମିତତା ଯୋଗୁ ସ୍ଥଗିତ ଥିବା ୩୪ଟି ବୁଥ୍‌ରେ ରବିବାର ସାନି ମତଦାନ ଅନୁଷ୍ଠିତ ହୋଇଛି। ଏଥିରୁ ତୃତୀୟ ପର୍ଯ୍ୟାୟର ୧୨ଟି ଏବଂ ଚତୁର୍ଥ ପର୍ଯ୍ୟାୟର ୨୨ ବୁଥ୍‌ର ଭୋଟର ମତଦାନ କରିଛନ୍ତି। ଏହି ସମସ୍ତ ବୁଥ୍‌ରେ ପ୍ରାୟ ୭୩ପ୍ରତିଶତ ଭୋଟର ମତଦାନ କରିଛନ୍ତି। ବଡମ୍ବା ବିଧାନସଭା ନିର୍ବାଚନମଣ୍ଡଳୀର ୧୯୬, ଦେବଗଡର ୧୮୩, ବ୍ରହ୍ମଗିରିର ୨୨୨ ଓ ୬୨, ସତ୍ୟବାଦୀର ୭୮, ତାଳଚେରର ୮୫, ଆଠଗଡର ୯୦, ୧୦୦, ୧୩୭ ଓ ୧୩୮, ଘସିପୁରାର ୧୭୧, ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର ୧୨୭, ବିଞ୍ଝାରପୁରର ୧୩୫ ଓ ୧୯୧ ଏବଂ ବରୀ ନିର୍ବାଚନମଣ୍ଡଳୀର ୮୨, ୧୮୫ ଓ ୧୬୨, ୧୬୩ ଓ ୧୯୪, ସୁକିନ୍ଦାର ୧୯୬, ଜଳେଶ୍ୱର ୧୮୭ ଓ ୧୮୯, ବାଙ୍ଗିରପୋଷୀର ୧୦୪, ବାରିପଦାର ୧୬, ୧୯, ୧୬୬ ଓ ୨୪୮, ମାହାଙ୍ଗାର ୫୭,୫୮, ୧୪୪ ଓ ୧୫୭, ସାଲେପୁରର ୮୭,୩୯ ଏବଂ ପାରାଦୀପର ୩୯ନମ୍ବର ବୁଥ୍‌ରେ ସାନି ମତଦାନ ଅନୁଷ୍ଠିତ ହୋଇଛି। ଏହିସବୁ ବୁଥ୍‌ରେ ମତଦାନ ପ୍ରକ୍ରିୟା ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା। ସବୁ ବୁଥ୍‌ରେ ଭୋଟରମାନେ ଆଗ୍ରହ ସହକାରେ ମତଦାନ ସାବ୍ୟସ୍ତ କରିଛନ୍ତି।

## ୪୪.୫ ଡିଗ୍ରୀରେ ଟିଟିଲାଗଡ଼
## ୮ ଜିଲାରେ ଜାରି ରହିବ ହିଟ୍ ୱେଭ୍

**ଭୁବନେଶ୍ୱର,୧୯।୫(ବ୍ୟୁରୋ)**

ରାଜ୍ୟରେ ଅସମ୍ଭାଳ ହୋଇପଡ଼ିଛି ତାତି। ଅଧିକାଂଶ ସହରରେ ପାରଦ ୪୦ଡିଗ୍ରୀ ଉପରେ ରହୁଛି। ତାତି ଯେତିକି କଷ୍ଟ ଦେଉଛି, ତା'ଠୁ ବଳିପଡୁଛି ଗୁଳୁଗୁଳି। ଶନିବାର ଅପେକ୍ଷା ରବିବାର ତାପମାତ୍ରା ସାମାନ୍ୟ ହ୍ରାସ ପାଇଥିବା ବେଳେ ୧୩ ସହରରେ ତାପମାତ୍ରା ୪୦ଡିଗ୍ରୀ ଉପରେ ରହିଥିଲା। ଟିଟିଲାଗଡ଼ ୪୪.୫ଡିଗ୍ରୀରେ ସବୁଠାରୁ ଉତ୍ତପ୍ତ ସହର ପାଲଟିଥିଲା। ସେହିପରି ସମ୍ବଲପୁର ୪୪.୪, ବଲାଙ୍ଗୀର ଓ ସୋନପୁର ୪୪, ହୀରାକୁଦ ୪୩.୩, ଝାରସୁଗୁଡ଼ା ଓ ଭବାନୀପାଟଣା ୪୩, ଅନୁଗୋଳ ଓ ତାଳଚେର ୪୨.୧, ମାଲକାନଗିରି ୪୨ ଏବଂ ସୁନ୍ଦରଗଡ଼ ୪୧.୫ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ଏହାସହ କଟକ ୩୯.୪ ଓ ଭୁବନେଶ୍ୱର ୩୯.୭ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ତେବେ ଆସନ୍ତା ଦୁଇଦିନ ରାଜ୍ୟର ବିଭିନ୍ନ ସହରରେ ହିଟ୍ ୱେଭ୍ ଜାରି ରହିବ। ବଲାଙ୍ଗୀର, ସୋନପୁର, ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା ଆଦି ୮ଜିଲାରେ ହିଟ୍ ୱେଭ୍ ଜାରି ରହିବ ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହାକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ନେବାକୁ କୁହାଯାଇଛି। ବିଶେଷକରି ଖରାରେ ନ ବାହାରିବା, କାମ କରିବା ସ୍ଥାନରେ ପର୍ଯ୍ୟାପ୍ତ ପରିମାଣରେ ପାଣି ରଖିବାକୁ ପରାମର୍ଶ ଦିଆଯାଇଛି। ସେହିଭଳି ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ମଧ୍ୟରେ ବାହାରକୁ ନ ବାହାରିବାକୁ କୁହାଯାଇଛି। ଜରୁରୀ କାମ ଥିଲେ ମୁଣ୍ଡରେ ଓଦା କପଡ଼ା ପକାଇବାକୁ ପରାମର୍ଶ ଦେଇଛି ବିଭାଗ। ରୋଷେଇ କରିବା ସମୟରେ ଝରକା, କବାଟ ଖୋଲା ରଖିବାକୁ ବି ଓସ୍‌ଡମା ପରାମର୍ଶ ଦେଇଛି।

ସେପଟେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର କେତେକ ଅଞ୍ଚଳରେ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି। ସୋମବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ଗଜପତି, ଗଞ୍ଜାମ, ଯାଜପୁର, ଭଦ୍ରକ, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ସମ୍ବଲପୁର, ଦେବଗଡ଼ ଓ ମୟୂରଭଞ୍ଜର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହେବା ସମ୍ଭାବନା ରହିଛି।

**ଲୋକ ସଭା ପ୍ରାର୍ଥୀ ଅନୁଭବଙ୍କୁ ହତ୍ୟା ଧମକ ଘଟଣା**

## ଗୁଜରାଟରୁ ଅଭିଯୁକ୍ତ ଗିରଫ

**କଟକ ଅଫିସ,୧୯।୫**

କେନ୍ଦ୍ରାପଡା ଲୋକ ସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ତଥା ଅଭିନେତା ଅନୁଭବ ମହାନ୍ତିଙ୍କୁ ହତ୍ୟା ଧମକ ଦେବା ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗୁଜରାଟରୁ ଗିରଫ କରାଯାଇ ରବିବାର କୋର୍ଟଚାଲାଣ କରାଯାଇଛି। ସେ ହେଲେ ଦୀପୁ ବାରିକ ଓରଫ କାଳିଆ(୨୨)। ତାଙ୍କ ଘର ଗଞ୍ଜାମ ଜିଲା ଖଲିକୋଟ ଅଞ୍ଚଳରେ ହୋଇଥିବାବେଳେ ସେ ବାଦାମବାଡି ଥାନା ଅନ୍ତର୍ଗତ ଝାଞ୍ଜିରିମଙ୍ଗଳା ଅଞ୍ଚଳରେ ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ଅଭିଯୋଗ ଅନୁଯାୟୀ, ଗତ ଏପ୍ରିଲ ୩୦ ତାରିଖରେ ଅନୁଭବଙ୍କ ଫୋନ୍‌କୁ ହ୍ୱାଟ୍ସଆପ୍‌ରେ ମେସେଜ କରି କାଳିଆ ୧୦ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ଟଙ୍କା ନ ଦେଲେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଅନୁଭବ ପୁରୀଘାଟ ଥାନାରେ ଉକ୍ତ ଦିନ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୯୧/୧୯) ରୁଜୁ କରି ତଦନ୍ତ କରିଥିଲା। ପୋଲିସ କାର୍ଯ୍ୟାନୁଷ୍ଠାନରେ ଭୟଭୀତ ହୋଇ ଅଭିଯୁକ୍ତ ଜଣଙ୍କ ଗୁଜରାଟ ପଳାଇ ଯାଇ ସେଠାରେ କାମ କରୁଥିଲେ। ତଦନ୍ତ ବେଳେ ପୋଲିସ ଅଭିଯୁକ୍ତଙ୍କ ମୋବାଇଲ ଫୋନ୍ ଟ୍ରାକ୍ କରିଥିଲା। ପରେ ପୁରୀଘାଟ ପୋଲିସର ଏକ ସ୍ପେଶାଲ ସ୍କ୍ୱାଡ ଗୁଜରାଟ ଯାଇ ଦୀପୁଙ୍କୁ ଗିରଫ କରିବା ସହ କଟକ ଆଣିଥିଲା।


ଦୀପୁ ବାରିକ






## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ରିଶି
ପରିବାରବର୍ଗ


ରିଦିମା
ପରିବାରବର୍ଗ


ଜୁହି
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଇନ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କଟକ ଅଫିସ,୧୯।୫**

ମଧୁସୂଦନ ଆଇନ ମହାବିଦ୍ୟାଳୟର ହଷ୍ଟେଲରୁ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଶନିବାର ବିଳମ୍ବିତ ରାତିରେ ମାଲଗୋଦାମ ପୋଲିସ ଉଦ୍ଧାର କରିଛି। ସେ ହେଲେ ଅନୁଗୋଳ ଜିଲା କିଶୋରନଗରର ଅଞ୍ଚଳର ଅଜିତ୍ କୁମାର ସେଠୀ(୨୫)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(୨୪/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନା ଅନୁଯାୟୀ, ଶନିବାର ଅଜିତ୍ ସାଙ୍ଗମାନଙ୍କ ସହ ଭଲ ଭାବେ କଥା ହୋଇଥିଲେ। ରାତି ୧୦ଟାରେ ଖାଇବା ପରେ ଶୋଇବାକୁ ନିଜ ରୁମ୍‌କୁ ଯାଇଥିଲେ। ତେବେ ସେ ରୁମ୍‌କୁ ଯିବାପରେ କବାଟ ବନ୍ଦ କରି ଦେଇଥିଲେ। ତାଙ୍କର ସାଙ୍ଗମାନେ ରାତି ୧୨ଟାରେ ଉକ୍ତ ରୁମ୍‌ର କବାଟ ବାଡେଇଥିଲେ ମଧ୍ୟ ସେ ଖୋଲି ନ ଥିଲେ। ସେମାନେ କବାଟ ଭାଙ୍ଗି ଭିତରକୁ ପଶିବାରୁ ଅଜିତ୍ ଗାମୁଛା ସାହାଯ୍ୟରେ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ପରେ ତାଙ୍କର ସାଙ୍ଗମାନେ ତାଙ୍କୁ ତଳକୁ ଆଣିବା ସହ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ରବିବାର କଟକ ବଡ ଡାକ୍ତରଖାନାରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପ୍ରେମ ବ୍ୟାପାରକୁ ନେଇ ସେ ଆତ୍ମହତ୍ୟା କରିଥିବା ତାଙ୍କ ସାଙ୍ଗମାନେ ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଆଇଆଇସି ରବିନାରାୟଣ ଭଞ୍ଜ କହିଛନ୍ତି। ସୂଚନାଯୋଗ୍ୟ, ଅଜିତ୍ ଉକ୍ତ କଲେଜରେ ଏଲ୍‌ଏଲ୍‌ବିର ଦ୍ୱିତୀୟ ବର୍ଷ ଛାତ୍ର ଥିଲେ।

### ଶ୍ରୀମନ୍ଦିର କ୍ଷୟକ୍ଷତି ଅନୁଧ୍ୟାନ କଲେ ଧର୍ମେନ୍ଦ୍ର ପ୍ରଧାନ

# ରଥଯାତ୍ରା ସୁଦ୍ଧା ଫେରିବ ସ୍ୱାଭାବିକ ଅବସ୍ଥା

**ପୁରୀ ଅଫିସ, ୧୯।୫**

ବାତ୍ୟା 'ଫନୀ'ରେ ଶ୍ରୀମନ୍ଦିରରେ ହୋଇଥିବା କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରବିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସ୍ଥାନୀୟ ଦଳୀୟ ନେତୃବୃନ୍ଦଙ୍କ ସହ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ଶ୍ରୀମନ୍ଦିର ସେବକ ମଧୁସୂଦନ ସିଂହାରୀ ପ୍ରମୁଖ ତାଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନପୂର୍ବକ ସ୍ୱାଗତ ଜଣାଇଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀ ମନ୍ଦିରକୁ ପ୍ରବେଶ କରିଥିଲେ। ଭିତରକାଠ ନିକଟରୁ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ବେଢ଼ା ପରିସର ବୁଲିଥିଲେ। ଦେବଦେବୀଙ୍କୁ ଦର୍ଶନ କରିସାରିବା ପରେ ଶ୍ରୀମନ୍ଦିରର କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ଏଏସ୍‌ଆଇ ଅଧିକାରୀଙ୍କ ସହ କ୍ଷୟକ୍ଷତି ନେଇ ଆଲୋଚନା କରିବା ସହ ମରାମତି କେମିତି ଚାଲିଛି ତାହା ବୁଝିଥିଲେ।

ପ୍ରାୟ ଦେଢ଼ଘଣ୍ଟା ମନ୍ଦିରରେ ବିତାଇବା ପରେ ବାହାରକୁ ଆସିଥିଲେ କେନ୍ଦ୍ରମନ୍ତ୍ରୀ ପ୍ରଧାନ। ସିଂହଦ୍ୱାରଠାରେ ଗଣମାଧ୍ୟମକୁ କହିଥିଲେ ଯେ, ବାତ୍ୟା ଲାଗି ପୁରୀ ଅଞ୍ଚଳରେ ଅପୂରଣୀୟ କ୍ଷତି ହୋଇଛି। କିନ୍ତୁ ବାତ୍ୟା ଯେଉଁଭଳି ରୂପ ଧାରଣ କରିଥିଲା, ସେଥିରେ ଯେତିକି କ୍ଷତି ହେବାକଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ସେପରି କିଛି ହୋଇନି। ତଥାପି ଅନେକ କ୍ଷୟକ୍ଷତି ହୋଇଛି। ଜନଜୀବନ, ପ୍ରାଣୀସମ୍ପଦ ସହିତ ଗରିବ ଲୋକେ ଅଧିକ ମାତ୍ରାରେ ପ୍ରଭାବିତ ହୋଇଛନ୍ତି। ଶ୍ରୀମନ୍ଦିର ଭିତରେ ବି ଅନେକ କ୍ଷୟକ୍ଷତି ଘଟିଛି। କଳ୍ପବଟ ବି ବାତ୍ୟାର ଶିକାର ହୋଇଛି। ବର୍ତ୍ତମାନ ଧୀରେ ଧୀରେ ସ୍ୱାଭାବିକ ଅବସ୍ଥା ଫେରୁଥିବା ବେଳେ ଅନେକ କାମ ବାକି ରହିଛି। ଟେଲିଫୋନ୍, ବିଜୁଳି, ପିଇବା ପାଣି ସ୍ୱାଭାବିକ ହେବାରେ ଲାଗିଛି। ମହାପ୍ରଭୁଙ୍କ ଆଶୀର୍ବାଦରୁ ରଥଯାତ୍ରା ସୁଦ୍ଧା ପୁରୀର ସ୍ୱାଭାବିକ ଅବସ୍ଥା ଫେରିଆସିବ ବୋଲି ସେ କହିଥିଲେ। କେନ୍ଦ୍ରମନ୍ତ୍ରୀ ଆହୁରି କହିଥିଲେ ଯେ, ଶ୍ରୀମନ୍ଦିର କ୍ଷୟକ୍ଷତି ନେଇ ଏଏସ୍‌ଆଇ ଅଧିକାରୀଙ୍କ ସହ ଆଲୋଚନା କରିଛି। ପୂର୍ବରୁ ମଧ୍ୟ ଏଏସ୍‌ଆଇ ଡିଜିଙ୍କ ସହ ଆଲୋଚନା କରିଥିଲି। ଏଏସ୍‌ଆଇ ଯୁଦ୍ଧକାଳୀନ ଭିତ୍ତିରେ କାମ ଆରମ୍ଭ କରିଦେଇଛି। ଖୁବ୍‌ଶୀଘ୍ର ମନ୍ଦିରର ମରାମତି କାମ ସରିବ ବୋଲି ଏଏସ୍‌ଆଇ ଆଶ୍ୱାସନା ଦେଇଥିବା ଧର୍ମେନ୍ଦ୍ର କହିଥିଲେ।

ପ୍ରଥମ ପୃଷ୍ଠାରୁ...

## ଏନ୍‌ଡିଏକୁ...

ବୋଲି ଏହି ସଂସ୍ଥା କହିଛି। ନ୍ୟୁଜ୍ ୧୮ ଅନୁସାରେ ଏନ୍‌ଡିଏ ୨୯୨-୩୧୨ ଏବଂ ଉପା ୬୨-୭୨ ଆସନ ପାଇବ। ସିଭୋଟର-ଆଇଏଏନ୍‌ଏସ୍ ଅନୁଯାୟୀ ଭାଜପା ୨୩୬ ଆସନରେ ବିଜୟୀ ହେବ କିନ୍ତୁ ଏକାକୀ ସରକାର ଗଠନ କରିପାରିବ ନାହିଁ। ଏନ୍‌ଡିଏ ୨୮୭ ଆସନରେ ସଫଳତା ସହ ସଂଖ୍ୟାଗରିଷ୍ଠତା ହାସଲ କରିବ। ସେହିପରି ୨୦୧୪ରେ ୪୪ ଆସନ ପାଇଥିବା କଂଗ୍ରେସ ଏଥର ୮୦ ଆସନରେ ବିଜୟୀ ହେବ। ଉପା ପୂର୍ବରୁ ୫୯ ଆସନ ଦଖଲ କରିଥିବାବେଳେ ଏଥର ୧୨୮ଟି ହାସଲ କରିପାରେ ବୋଲି ସିଭୋଟର-ଆଇଏଏନ୍‌ଏସ୍ କହିଛି। ଏହି ଏକ୍‌ଜିଟ୍ ପୋଲର ଆକଳନ ଅନୁସାରେ ବିପିଏଫ୍ ୧, ଜେଡିୟୁ+ଏଲ୍‌ଜେପି ୨୦, ଶିବସେନା ୧୫, ଏନ୍‌ପିପି ୧, ଏନ୍‌ଡିପିପି ୧, ଶିରୋମଣି ଅକାଳି ଦଳ ୧, ଏପିପିଏମ୍ ୧, ଏଆଇଏଡିଏମ୍‌କେ+ ୧୦ ଏବଂ ଅପ୍‌ନା ଦଳ ଗୋଟିଏ ଆସନ ପାଇବେ। ସେହିପରି ସବୁଠୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଉତ୍ତରପ୍ରଦେଶରେ ଭାଜପା କ୍ଷତିଗ୍ରସ୍ତ ହେବ। ଏଠାରେ ଗୈରିକ ଦଳକୁ ୪୦ ଆସନ ଦଖଲ କରିବା କଷ୍ଟକର ହୋଇପଡ଼ିବ। ସମାଜବାଦୀ ପାର୍ଟି (ଏସ୍‌ପି), ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଏବଂ ରାଷ୍ଟ୍ରୀୟ ଲୋକଦଳ (ଆର୍‌ଏଲ୍‌ଡି) ମେଣ୍ଟ ୪୦ ଆସନ ପାଇବ ଓ ଭାଜପା ୩୮କୁ ଖସିଯିବ। ପ୍ରକାଶ ଯେ, ୨୦୧୪ ସାଧାରଣ ନିର୍ବାଚନରେ ଭାଜପା ଏବଂ ଏହାର ସହଯୋଗୀ ଅପ୍‌ନା ଦଳ ୟୁପିର ୮୦ ଆସନରୁ ୭୧ଟିରେ ବିଜୟୀ ହୋଇଥିଲେ।

ସୂଚନାଯୋଗ୍ୟ, ୨୦୧୪ ସାଧାରଣ ନିର୍ବାଚନରେ ୫୪୩ ଆସନ ମଧ୍ୟରୁ ଭାଜପା ୨୮୩ (କୁହୁକ ସଂଖ୍ୟା ୨୭୨ଠାରୁ ୧୧ ଅଧିକ) ଆସନ ଦଖଲ କରି ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିଲା। ୩ ଦଶନ୍ଧି ମଧ୍ୟରେ କୌଣସି ଦଳକୁ ଏତେସଂଖ୍ୟକ ଆସନରେ ସଫଳତା ମିଳି ନ ଥିଲା। ସେହିପରି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ୩୩୭ ଆସନରେ ସଫଳତା ମିଳିଥିଲା। ବିରୋଧୀ କଂଗ୍ରେସକୁ ମାତ୍ର ୪୪ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ୨୦୧୯ ସାଧାରଣ ନିର୍ବାଚନ ୭ଟି ପର୍ଯ୍ୟାୟରେ ହୋଇଥିଲା। ଏପ୍ରିଲ ୧୧ ପ୍ରଥମ ପର୍ଯ୍ୟାୟରେ ୨୦ ରାଜ୍ୟର ୯୧ ଆସନରେ ଭୋଟଗ୍ରହଣ କରାଯାଇଥିଲା। ଏପ୍ରିଲ ୧୮ ଦ୍ୱିତୀୟ ପର୍ଯ୍ୟାୟରେ ୧୩ ରାଜ୍ୟର ୯୭ ଆସନରେ ମତଦାନ ହୋଇଥିବାବେଳେ ୨୩ ତାରିଖରେ ତୃତୀୟ ପର୍ଯ୍ୟାୟରେ ୧୪ ରାଜ୍ୟର ୧୧୫ ଲୋକ ସଭା ଆସନରେ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ। ଏପ୍ରିଲ ୨୯ରେ ୯ ରାଜ୍ୟର ୭୧ ଆସନ ପାଇଁ ଚତୁର୍ଥ ପର୍ଯ୍ୟାୟ ଭୋଟଗ୍ରହଣ କରାଯାଇଥିଲା। ସେହିପରି ମେ ୬ରେ ପଞ୍ଚମ ପର୍ଯ୍ୟାୟରେ ୭ ରାଜ୍ୟର ୫୧ ଆସନରେ ମତଦାନ ହୋଇଥିଲା। ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ମେ ୧୨ରେ ଅନୁଷ୍ଠିତ ହୋଇଥିଲା। ଏହି ପର୍ଯ୍ୟାୟରେ ୭ ରାଜ୍ୟର ୫୯ ଆସନରେ ଭୋଟ ହୋଇଥିଲା। ସପ୍ତମ ତଥା ଶେଷ ପର୍ଯ୍ୟାୟରେ ୮ ରାଜ୍ୟର ୫୯ ଆସନରେ ମତଦାନ କରାଯାଇଥିଲା। ତାମିଲନାଡୁର ଭେଲୋର ଆସନରେ ଭୋଟଗ୍ରହଣ କରାଯାଇନାହିଁ। ସମସ୍ତ ୫୪୨ ଆସନ ପାଇଁ ଗୁରୁବାର ଭୋଟ ଗଣତି କରାଯିବ।

# ସୁତାରିଆଙ୍କ ପସନ୍ଦ ମେକ୍‌ଅପ୍



**ମୁମ୍ବାଇ**

ଷ୍ଟାଇଲିଶ୍ ଏବଂ ଗ୍ଲାମର ଚାହାଣିରେ ଦର୍ଶକଙ୍କ ମନ ଜିଣିଥିବା ଅଭିନେତ୍ରୀ ତାରା ସୁତାରିଆ ଅଧିକ ମେକ୍‌ଅପ୍‌କୁ ପସନ୍ଦ କରନ୍ତି। 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର ୨'ରେ ପ୍ରଥମକରି ଅଭିନୟ ଆରମ୍ଭ କରିଥିବା ୨୩ ବର୍ଷୀୟା ତାରା କୁହନ୍ତି, ସେ ବିଭିନ୍ନ କସ୍‌ମେଟିକ୍ସ ବ୍ୟବହାର କରିବାକୁ ଭଲ ପାଆନ୍ତି। ଏଥିପାଇଁ ସେ ସୋସିଆଲ ମିଡିଆରେ ବର୍ତ୍ତମାନର ମେକଅପ୍ ଓ ଫ୍ୟାଶନ ଷ୍ଟାଇଲ୍‌କୁ ଭଲ ଭାବେ ଦେଖନ୍ତି ଏବଂ ନିଜେ ମଧ୍ୟ ନିଜର ମେକଅପ୍ ଷ୍ଟାଇଲ୍‌କୁ ଶେୟାର କରନ୍ତି।

ଦିନବେଳା ସେ ନ୍ୟାଚୁରାଲ୍ ଲୁକ୍‌କୁ ପସନ୍ଦ କରନ୍ତି। ତେଣୁ ଖୁବ୍ କମ୍ ମେକ୍‌ଅପ୍‌ରେ ଚଳିଯାଏ। ସଂଧ୍ୟା ସମୟରେ ସେ ଅଧିକ ସଜେଇ ହୁଅନ୍ତି ବୋଲି 'ବବି ବ୍ରାଉନ କସମେଟିକ୍ସ'ର ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତି ପାଇଥିବା ତାରା ପ୍ରକାଶ କରିଛନ୍ତି। ଏଥିସହିତ ସେ ରାତିରେ ଯଥାସମ୍ଭବ ଅଧିକ ଜଳ ପାନକରନ୍ତି। କାରଣ ଶୋଇବାକୁ ଯିବା ପୂର୍ବରୁ ଅଧିକ ଝାଳ ବୋହିଲେ ମେକଅପ୍ ସବୁ ସହଜରେ ଧୋଇହୋଇ ଚର୍ମ ପରିଷ୍କାର ହୋଇଯାଏ। ଏଥିପ୍ରତି ସେ ଖୁବ୍ ଯତ୍ନବାନ୍ ଥାଆନ୍ତି ବୋଲି କହିଛନ୍ତି। ପରବର୍ତ୍ତୀ ଫିଲ୍ମ 'ମରଜାଭନ୍'ରେ ତାରାଙ୍କୁ ଦେଖିବାକୁ ମିଳିବ।

# ବଉଳା କୁମ୍ଭୀର ସମେତ ୫୯ ଅଣ୍ଡା ଉଦ୍ଧାର

**ମହାକାଳପଡା,୧୯।୫(ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଅନ୍ତର୍ଗତ ବିଜୟନଗର ପଞ୍ଚାୟତର ଗୋବରୀ ନଦୀପାର୍ଶ୍ୱ ଅରଡ଼ ଗ୍ରାମର ଏକ ବୁଦାମୂଳରୁ ରବିବାର ଏକ ବଉଳା କୁମ୍ଭୀର ଉଦ୍ଧାର ହୋଇଛି। ୧୦ ଫୁଟ ଲମ୍ବର ଏହି ବଉଳା କୁମ୍ଭୀର ନିକଟରୁ ୫୯ ଅଣ୍ଡା ମିଳିଛି ବୋଲି ମହାକାଳପଡା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମହକାଳପଡା ବନାଞ୍ଚଳ ଅଧୀନରେ ଚଳିତ ବର୍ଷ ପ୍ରଥମ କୁମ୍ଭୀର ବସା ଠାବ କରାଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ବଉଳା କୁମ୍ଭୀରଟି ଗ୍ରାମର ଏକ ବୁଦାମୂଳରେ ଅଣ୍ଡାଦେବା ସହ ବାହ୍ୟ ଶତ୍ରୁ ଆକ୍ରମଣରୁ ଏଗୁଡିକୁ ସୁରକ୍ଷା ଦେବାପାଇଁ ସେଠାରେ ଜଗି ରହିଥିଲା। ଗ୍ରାମବାସୀ ଏହା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଏସ୍‌ସିଏଫ ବିଜୟ କୁମାର ପରିଡାଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବଉଳା କୁମ୍ଭୀର ଓ ଅଣ୍ଡାଗୁଡିକୁ ଉଦ୍ଧାର କରିଥିଲେ। ଏହାପରେ ଉକ୍ତ ମାଈ କୁମ୍ଭୀରକୁ ଭିତର ଖରିନାସୀସ୍ଥିତ ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଛି। ଏଥିସହ ଅଣ୍ଡାଗୁଡିକୁ ସୁରକ୍ଷିତ ଭାବେ ଭିତରକନିକାର ଡାଙ୍ଗମାଳସ୍ଥିତ କୁମ୍ଭୀର ପ୍ରଜନନ କେନ୍ଦ୍ରକୁ ପଠାଇ ଦିଆଯାଇଛି ବୋଲି ପରିଡା ସୂଚନା ଦେଇଛନ୍ତି।


ଉଦ୍ଧାର ହୋଇଥିବା କୁମ୍ଭୀର ଅଣ୍ଡା।

ମେ ଓ ଜୁନ୍‌ରେ ବଉଳା କୁମ୍ଭୀରଙ୍କ ପ୍ରଜନନ ସମୟ ଥିବାରୁ ସେମାନେ ଅଧିକ ହିଂସ୍ର ହୋଇପଡନ୍ତି। ଏନେଇ ସ୍ଥାନୀୟ ନଦୀ, ଯୋର, ନାଳ ଓ ଖାଲ ମଧ୍ୟକୁ ପ୍ରବେଶ ନ କରିବା ପାଇଁ ବିଭାଗ ପକ୍ଷରୁ ନଦୀକୂଳିଆବାସୀଙ୍କୁ ସଚେତନ କରାଯାଇଛି।

## କାନ୍‌ସରେ ଉନ୍ମୋଚିତ ହେଲା 'ଜଙ୍ଗଲ କ୍ରାଏ'ର ପୋଷ୍ଟର, ଟିଜର୍

**ଭୁବନେଶ୍ୱର,୧୯।୫(ବ୍ୟୁରୋ)**

ଜୁନିୟର ରଗ୍‌ବୀ ୱାର୍ଲଡ କପ୍ ଜିତି ସମଗ୍ର ବିଶ୍ୱ ପାଇଁ ପ୍ରେରଣା ପାଲଟିଥିବା କିସ୍ ରଗ୍‌ବୀ ଦଳ ଉପରେ ଆଧାରିତ ହିନ୍ଦୀ ଚଳଚ୍ଚିତ୍ର 'ଜଙ୍ଗଲ କ୍ରାଏ'ର ପ୍ରଥମ ପୋଷ୍ଟର ଓ ଟିଜର୍ ୭୧ତମ କାନ୍‌ସ ଫିଲ୍ମ ଫେଷ୍ଟିଭାଲରେ ରିଲିଜ ହୋଇଛି। ଶୁକ୍ରବାର ରିଲିଜ ହୋଇଥିବା ଏହି ଟିଜରରେ କିସ୍ ଜନଜାତି ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ପ୍ରତି ରହିଥିବା ଭଲପାଇବା ଓ ଏକାଗ୍ରତାକୁ ଦେଖିବାକୁ ମିଳିଛି। ଏହାସହ ଦଳର କୋଚ୍ ରୁଦ୍ରକେଶ ଜେନାଙ୍କୁ ଏଥିରେ ମୁଖ୍ୟ ଚରିତ୍ର ଭାବେ ଦର୍ଶାଯାଇଛି। ୨୦୦୭ ମସିହାରେ ଏକ ଚ୍ୟାଲେଞ୍ଜ ନେଇ କିସ୍‌ରେ ପଢୁଥିବା ୧୩ବର୍ଷରୁ କମ୍ ବୟସର ଜନଜାତି ପିଲାମାନଙ୍କୁ ରଗ୍‌ବୀ ଖେଳିବା ପାଇଁ ଲଣ୍ଡନ ପଠାଯାଇଥିଲା। ଆଉ ଏହି ଚ୍ୟାଲେଞ୍ଜକୁ ଗ୍ରହଣ କରି ପିଲାମାନେ କୋଚ୍‌ଙ୍କ ନେତୃତ୍ୱରେ ଲଣ୍ଡନରେ ରଗ୍‌ବୀ ବିଶ୍ୱ ଚାମ୍ପିୟନ ହୋଇଥିଲେ। ଏହାକୁ ଆଧାରକରି ବଲିଉଡ୍ ଓ ହଲିଉଡ୍‌ର ଚଳଚ୍ଚିତ୍ର ନିର୍ମାତା ଏବଂ ନିର୍ଦ୍ଦେଶକଙ୍କ ଦ୍ୱାରା 'ଜଙ୍ଗଲ କ୍ରାଏ' ନିର୍ମାଣ କରାଯାଇଛି। ଜନଜାତି ପିଲାମାନଙ୍କ ମାଧ୍ୟମରେ କିଭଳି ରଗ୍‌ବୀକୁ ପ୍ରୋତ୍ସାହନ ଦେଇ ବିଶ୍ୱ ଦରବାରରେ ପହଞ୍ଚାଯାଇ ପାରିଛି, ତାହା ହେଉଛି ଏହି ଚଳଚ୍ଚିତ୍ରର ବିଶେଷତ୍ୱ।

**କିଛି ତଥ୍ୟ**

ଏପ୍ରିଲରେ କୋଇଲାଚାଳିତ ଶକ୍ତି କେନ୍ଦ୍ରଗୁଡ଼ିକୁ ୪୦.୭ ମିଲିୟନ ଟନ କୋଇଲା ଯୋଗାଇ ଦିଆଯାଇଛି। **-କୋଇଲା ମନ୍ତ୍ରଣାଳୟ**

## ଆଜି ନିଟ୍ ପରୀକ୍ଷା

**ଭୁବନେଶ୍ୱର,୧୯।୫(ବ୍ୟୁରୋ)-** ଦି ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍) ସୋମବାର ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟାରେ ସରିବ। ଛାତ୍ରୀଛାତ୍ର ସକାଳ ୯ଟା ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚିବେ। ସୂଚନାଯୋଗ୍ୟ, ଚଳିତମାସ ୫ତାରିଖରେ ଏହି ପରୀକ୍ଷା ହେବାର ଥିଲା। କିନ୍ତୁ ବାତ୍ୟା 'ଫନୀ' ଯୋଗୁ ଓଡ଼ିଶାରେ ନିଟ୍ ପରୀକ୍ଷା ବାତିଲ କରାଯାଇଥିଲା। ବାତ୍ୟା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଥଇଥାନ କାର୍ଯ୍ୟ ଜାରି ରହିଥିବାରୁ ପରୀକ୍ଷା ବାତିଲ କରିବା ପାଇଁ ରାଜ୍ୟ ସରକାର ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଗତ ୪ତାରିଖରେ ଓଡ଼ିଶାରେ ପରୀକ୍ଷା ବାତିଲ ନେଇ ଘୋଷଣା କରାଯାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି କର୍ମାଧିପ ଶନି ଏକାଧିକ ଗ୍ରହଙ୍କ ଦୃଷ୍ଟିରେ ରହି ବହୁମୁଖୀ କାମରେ ନିଯୁକ୍ତ କରିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇପାରେ। ବନ୍ଧୁମାନଙ୍କ ଗହଳ ଚହଳ ମଧ୍ୟରେ ବ୍ୟସ୍ତତା ଅନୁଭବ କରିପାରନ୍ତି। ଜଣେ ବନ୍ଧୁଙ୍କ ବିଚାରହୀନ ମନ୍ତବ୍ୟକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ଲାଗିପାରେ। ସନ୍ତାନଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି ।

**ବୃଷ**
ଆଜି ହଠାତ୍ ଏକାଧିକ ବ୍ୟକ୍ତିଙ୍କ ବିରୁଦ୍ଧାତ୍ମକ ସ୍ୱର କର୍ମକ୍ଷେତ୍ରକୁ ସମସ୍ୟାବହୁଳ କରିଦେଇପାରେ। ଫଳତଃ ପୂର୍ବ ଯୋଜନା ଭଣ୍ଡୁର ହୋଇଯିବା ଆଶଙ୍କାରେ ମାନସିକ ଅସ୍ଥିରତା ସୃଷ୍ଟିହେବ। ଅର୍ଥନୈତିକ କାର୍ଯ୍ୟକ୍ରମ, ସଭାସମିତି, କଳା, କାରିଗରି କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ମାଙ୍ଗଳିକ କାମ ସକାଶେ ତତ୍ପରତା ଦେଖାଦେଇପାରେ।

**ମିଥୁନ**
ବିଭିନ୍ନ ଦିଗରୁ ସାହାଯ୍ୟ ପାଇଲେ ମଧ୍ୟ ଆଜିର କାମଗୁଡ଼ିକ ସକାଶେ ହନ୍ତସନ୍ତ ହେବାକୁ ପଡ଼ିବ। ପରିସ୍ଥିତିରେ ପଡି ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ ସକାଶେ ବହୁତ ଅର୍ଥବ୍ୟୟର ସମ୍ଭାବନା ରହିଛି। ତଥାପି ପୁନର୍ବସୁ ନକ୍ଷତ୍ରର ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାର ସମାଧାନ ହୋଇଯିବ।

**କର୍କଟ**
ଏକାଦଶ ସ୍ଥାନରେ ଚନ୍ଦ୍ର ସମେତ ଏକାଧିକ ଗ୍ରହ କାର୍ଯ୍ୟସିଦ୍ଧି, ଅର୍ଥଲାଭ, କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ଓ ସନ୍ତାନ ହେତୁକ ଗୌରବ ବୃଦ୍ଧିର ପ୍ରତୀକ ହେବ। ତଥାପି ପାରିବାରିକ କ୍ଷେତ୍ର, ଆନୁଷ୍ଠାନିକ କାମ ସକାଶେ ପ୍ରତିକୂଳ ପରିସ୍ଥିତି ସୃଷ୍ଟିର ଆଶଙ୍କା ଦେଖାଦେଇପାରେ। ପରିବହନ, ଯାନବାହନ, ପ୍ରଶାସନିକ କ୍ଷେତ୍ରରେ ବ୍ୟତିକ୍ରମ ମଧ୍ୟରେ ହିଁ କାର୍ଯ୍ୟ ସାଧିତ ହେବ।

**ସିଂହ**
ରବି ସ୍ୱନକ୍ଷତ୍ରରେ ଅବସ୍ଥାନ କରି ଆରୋଗ୍ୟ, ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭ, ଉଚ୍ଚ ପଦପଦବୀ ପ୍ରାପ୍ତି ଓ ବୈଷୟିକ ସୁଖ, ସମୃଦ୍ଧି ଦିଗରେ ଅନୁକୂଳ ସୃଷ୍ଟି କରିବେ। ଆଇନ ଓ ଆଧ୍ୟାତ୍ମିକତାର ଗ୍ରହ ଶନି ରାଜନୀତି, ଅଦାଲତ, ଗଣତନ୍ତ୍ର କ୍ଷେତ୍ରକୁ ଋଦ୍ଧିମନ୍ତ କରିବ। ସାହିତ୍ୟ, କଳା, କ୍ରୀଡ଼ା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା**
ବୁଧଗ୍ରହ ଚନ୍ଦ୍ରଙ୍କ ନକ୍ଷତ୍ରରେ ରହିଥିବାରୁ ଧର୍ମକାର୍ଯ୍ୟରେ ଅର୍ଥବ୍ୟୟ କରିବେ। ଜମିଜମା, ଗୃହସୀମା, ନିର୍ମାଣ, କୋର୍ଟକଚେରି ମାମଲା କ୍ଷେତ୍ରରେ ସଂକଟଜନକ ସ୍ଥିତି ସୃଷ୍ଟି ହେବ। ହସ୍ତା ନକ୍ଷତ୍ର କର୍ମକ୍ଷେତ୍ରରେ ଆବଶ୍ୟକ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ମଙ୍ଗଳଜନକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ତୁଳା**
ରାହୁଙ୍କ ନକ୍ଷତ୍ରରେ ଶୁକ୍ର ବିକ୍ଷିପ୍ତ ଓ ବିବାଦୀୟ ଚିନ୍ତାଧାରା ସୃଷ୍ଟିକରି କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ଦେଖାଦେବ। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି, ରାଜନୀତି କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ। ଶନିଙ୍କ ଶନୈଃ ଶନୈଃ ଗତି ପାରିବାରିକ, ଅର୍ଥସମ୍ପର୍କ, ଯାନ୍ତ୍ରିକ ଜିନିଷର କାରବାର କ୍ଷେତ୍ରକୁ କାଳକ୍ଷେପଣ ନୀତିରେ ବିଳମ୍ବିତ କରାଇବ।

**ବିଛା**
ଆଜି ରାଶ୍ୟାଧିପ ମଙ୍ଗଳ ମିତ୍ର ଚନ୍ଦ୍ରଙ୍କ ନକ୍ଷତ୍ରରେ ରହି କେନ୍ଦ୍ରସ୍ଥ ହେତୁ ପ୍ରତ୍ୟେକ ଦିଗରୁ ଶୁଭଫଳ ପାଇବେ। ବୈଷୟିକ ସୁଖ, ସମୃଦ୍ଧି ସାଙ୍ଗକୁ ଅର୍ଥନୈତିକ ଅଭିବୃଦ୍ଧି ଓ ସାମାଜିକ କ୍ଷେତ୍ରରୁ ସମ୍ମାନ ଲାଭ କରିବେ। କିନ୍ତୁ ଜ୍ୟେଷ୍ଠା ନକ୍ଷତ୍ର ସକାଶେ ବିଗତ ଦିନର କୌଣସି ଘଟଣା ସକାଶେ ଅପରାହ୍ନରେ ଟେନସନ୍ ବଢ଼ିପାରେ। ବିକା କ୍ଷେତ୍ରରେ ସୁଫଳ ପାଇବେ।

**ଧନୁ**
ବୃହସ୍ପତି ଅଶ୍ଳେଷା ନକ୍ଷତ୍ରରେ ରହି ଚନ୍ଦ୍ରଙ୍କ ତୃତୀୟସ୍ଥ ହେତୁ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଆତ୍ମୀୟସ୍ୱଜନମାନଙ୍କ ନିକଟରୁ ସହାନୁଭୂତି ମଧ୍ୟ ପାଇବେ ନାହିଁ। ପାରିବାରିକ କ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ଅର୍ଥ ଓ ସମ୍ମାନ ମିଳିବ, ବ୍ୟବସାୟରେ ଉନ୍ନତି ହେବ।

**ମକର**
ଶନିଶ୍ଚରଙ୍କ ଶୁଭତ୍ୱ କାରଣରୁ ପ୍ରତ୍ୟେକ ପରିସ୍ଥିତିକୁ ସହନଶୀଳତାର ସହ ସାମାନ କରିବାର ଧୈର୍ଯ୍ୟ ହାସଲ କରିବେ। ଅର୍ଥ ସଂକଟ ଦୂର ହେବ। ନିକଟ ସମ୍ପର୍କୀୟଙ୍କୁ ଭଲ ପାଇବାକୁ କେନ୍ଦ୍ର କରି ସମସ୍ୟା ଦେଖାଦେବ। ପୂର୍ବ ରାଗକୁ ଶୁଝାଇବାକୁ ଯାଇ ନିକଟ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ। ଭୁଲ୍‌ବୁଝାମଣା ହେତୁ ସ୍ତ୍ରୀଙ୍କ ସୁସମ୍ପର୍କ ରହିବ ନାହିଁ ।

**କୁମ୍ଭ**
ଆପଣଙ୍କ ଭାଗ୍ୟାଧିପତି ଶୁକ୍ର କୋଣ ସ୍ଥାନରେ ରହି ଏକାଦଶ ସ୍ଥାନକୁ ଦେଖୁଥିବାରୁ ବିଭିନ୍ନ ଦିଗରୁ ଉପକୃତ ହେବେ। ମନୋରଞ୍ଜନ କାମ ପ୍ରତି ରୁଚି ବଳିବ। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। କୌଶଳ ଅବଲମ୍ବନ କରି ହାସଲ କରିବାକୁ ଥିବା କାମଟି ବନ୍ଧୁଙ୍କ ଦ୍ୱାରା କରାଇନେବେ।

**ମୀନ**
ଆଜି ଚନ୍ଦ୍ରଙ୍କ ସହ ସମାଗମସ୍ଥ ଗ୍ରହମାନେ ଶନିଙ୍କ ଦୃଷ୍ଟିରେ ସମସ୍ୟା ସୃଷ୍ଟି କଲେହେଁ କାର୍ଯ୍ୟରେ ସଫଳତା ପ୍ରଦାନ କରିବେ। ନିର୍ଦ୍ଦିଷ୍ଟ ସମୟରେ ଚାହୁଁଥିବା ଜିନିଷ ପାଇ ନ ପାରନ୍ତି କିନ୍ତୁ ପ୍ରାପ୍ତି ନିଶ୍ଚିତ ଅଟେ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିବେ।

ଆଜି ଜ୍ୟେଷ୍ଠ କୃଷ୍ଣ ଦ୍ୱିତୀୟା ସୋମବାର, ମେ ୨୦ ତାରିଖ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ମିଥୁନ ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଅପରାହ୍ନ ଘ୪।୫୩ମି. ଗତେ ଘ୬।୧୪ମି. ମଧ୍ୟେ ଅମୃତବେଳା । ଦିବା ଘ୮।୨୬ମି. ଗତେ ଘ୨।୦୩ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୬।୫୦ମି. ଗତେ ଘ୮।୨୭ମି. ମଧ୍ୟେ ରାହୁକାଳ।


**classifieds Everyday 0674-2580101, 2549302**



**SALE**

1200 sqft. gharabari plot - Kalyani vihar phase-II, Sundarpada (Brokers excused)- 9937400339. D-66465

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଲକାଟି- 450/-, 650/-. 9438823759, 9937922999. D-66369

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

ଭୁବନେଶ୍ୱର ଗଙ୍ଗପଡ଼ା NH side plot 1200 ବର୍ଗଫୁଟକୁ 4,18,000/-, କିଛି ଦୂରତାରେ 1,44,000/- 7682934667, 6371207316. D-66372

Now Matrimonial ads. only on Wednesday & Sunday
Book 1 Get 1 FREE

Bhubaneswar Patia New Railway Station ଠାରେ ସ୍ଥିତିବାନ demarcated plot sqft. 500/-, 700/- 9337505891, 7978286401. D-66375

ନଖରା ତ୍ରିନାଥ ବଜାରଠାରେ SC ଘରବାରି plot 1200କୁ 3,80,000/-, ପ୍ରତାପନଗରୀ ଧାକୁଲେଇ ପାଠଠାରେ 1200କୁ 3,00,000/- (outright) 9348817649, 8144706560. D-66377

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5k.m ବାସୋପଯୋଗୀ plot 1200 sqft. 5,40,000/- immediate registration/possession. 9937032327, 9583328312. D-66376



3BR flat (1600 sqft.) in Sri Jagannath place Acharya vihar. Rent 19000/- 9437247039. D-65894

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।



Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Full body massage with refreshment, expert therapist. 7381239385, 0674-2540855. D-66517

Experience full body massage with us (expert). Call: 7377048581, 0674- 2597822. D-66518

Herbal full body massage by smart/expert therapist. Contact: 8338067247. D-66519

Newly opening ayurvedic body massage smart therapist, Shree herbal. 7750020754. D-66520

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

DSPL - 16

# ଜଳବାହିତ ରୋଗକୁ ପ୍ରତିରୋଧ କରନ୍ତୁ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର



ଦୂଷିତ ପାଣି ଏବଂ ପରିବେଶ ଯୋଗୁଁ ଜଳବାହିତ ରୋଗ ଯଥା - ତରଳ ଝାଡା, ଜଣ୍ଡିସ୍, ଟାଇଫଏଡ୍ ଆଦି ହେବାର ଆଶଙ୍କା ବଢ଼ିଯାଇଥାଏ । ଏହି ସବୁ ରୋଗରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ବିଶୋଧିତ ପାଣି ପିଇବା ନିତ୍ୟାନ୍ତ ଆବଶ୍ୟକ ।

ପାଣିକୁ ବିଶୋଧନ କରିବା ପାଇଁ : ଗୋଟିଏ କ୍ଲୋରିନ୍ ବଟିକା (୭୫ ମି.ଗ୍ରା.) ୨୦-୨୫ ଲିଟର (୧ ମାଠିଆ / ବାଲଟି) ସଫା ପାଣିରେ ମିଶାନ୍ତୁ ଓ ମିଶାଇବାର ୧ ଘଣ୍ଟା ପରେ ପିଅନ୍ତୁ ।

- କ୍ଲୋରିନ୍ ବଟିକା ଆଶା / ସ୍ୱାସ୍ଥ୍ୟକର୍ମୀଙ୍କ ନିକଟରେ ଉପଲବ୍ଧ ।
- ପିଇବା ପାଣିର ଉତ୍ସ (କୂଅ, ନଳକୂଅ ଇତ୍ୟାଦି) ଚାରିପାଖ ପରିଷ୍କାର ରଖନ୍ତୁ ।
- ଖାଇବା ପୂର୍ବରୁ ଓ ଶୌଚ ପରେ ହାତକୁ ସାବୁନ୍‌ରେ ଭଲଭାବରେ ଧୁଅନ୍ତୁ ।



ସରକାରୀ ଡ଼ାକ୍ତରଖାନା ମାନଙ୍କରେ ଜଳବାହିତ ରୋଗୀଙ୍କ ପାଇଁ ଚିକିତ୍ସାର ସୁବିଧା କରାଯାଇଛି ।

NATIONAL HEALTH MISSION

10003/13/0016/1920 facebook.com/HFWOdisha http://www.health.odisha.gov.in/ @HFWOdisha

ପୁରୀର ହୋଟେଲ ସଂଘ ସହ ଆଲୋଚନା କଲେ ଧର୍ମେନ୍ଦ୍ର

# ରଥ ପୂର୍ବରୁ ପର୍ଯ୍ୟଟନ ବିକାଶକୁ ତ୍ୱରାନ୍ୱିତ କରାଯିବ

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ସାମୁଦ୍ରିକ ଝଡ 'ଫନୀ' ପ୍ରଭାବରେ ପୁରୀରେ ଭାଙ୍ଗି ଯାଇଥିବା ହୋଟେଲଗୁଡିକର ପୁନରୁଦ୍ଧାର ପାଇଁ ନିଆଯାଇଥିବା ପଦକ୍ଷେପଗୁଡିକ ଉପରେ ରବିବାର ପୁରୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହୋଟେଲ ସଂଘର ଏକ ପ୍ରତିନିଧି ମଣ୍ଡଳିଙ୍କ ସହ ଆଲୋଚନା କରିଛନ୍ତି । ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ରଥଯାତ୍ରା ପୂର୍ବରୁ ପୁରୀରେ ପର୍ଯ୍ୟଟନ ବିକାଶକୁ ତ୍ୱରାନ୍ୱିତ କରାଯିବ। ଏଦିଗରେ ବାତ୍ୟାରେ ଭାଙ୍ଗିଥିବା ହୋଟେଲଗୁଡିକର ପୁନରୁଦ୍ଧାର ପାଇଁ ସମସ୍ତ ଅଂଶୀଦାର ମିଶି ସାହାଯ୍ୟର ହାତ ବଢାଇବା ଆବଶ୍ୟକ। ପୁରୀର ଅର୍ଥନୀତି ବିଶେଷତଃ ହୋଟେଲ ଶିଳ୍ପ ଉପରେ ନିର୍ଭର କରୁଥିବାବେଳେ ଏହା ହଜାର ହଜାର ଲୋକଙ୍କ ଜୀବନଜୀବିକାକୁ ସାମର୍ଥ୍ୟ ଯୋଗାଇଥାଏ । ତେବେ ବାତ୍ୟାରେ ସହରରେ ଥିବା ପ୍ରାୟ ସବୁ ହୋଟେଲର ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଭାଙ୍ଗି ଯାଇଥିବା ହୋଟେଲଗୁଡିକର ପୁନରୁଦ୍ଧାର ପାଇଁ ଏକ ଆର୍ଥିକ ପ୍ୟାକେଜ ତଥା ଅନ୍ୟାନ୍ୟ ସହାୟତା ଯୋଗାଇ ଦେବାକୁ ସେମାନେ ଅନୁରୋଧ କରିଛନ୍ତି । ଏତଦ୍‌ବ୍ୟତୀତ ଟେଲିକମ ତଥା ଅନ୍ୟାନ୍ୟ ସେବାଗୁଡିକୁ ମଧ୍ୟ ଯଥାଶୀଘ୍ର ସ୍ୱାଭାବିକ କରିବାକୁ ହୋଟେଲ ସଂଘର ସଦସ୍ୟମାନେ ଜଣାଇଛନ୍ତି । ଆସନ୍ତା ରଥଯାତ୍ରା ପାଇଁ ପର୍ଯ୍ୟଟକଙ୍କ ଦୃଷ୍ଟିରୁ ପୁରୀର ପୁନଃବ୍ରାଣ୍ଡିଂ ପାଇଁ କିଛି ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି ।

■ ବିଜୁ ଯୁବ ବାହିନୀ ବିରୋଧରେ ଫେରାଦ ହେଲା ଭାଜପା

# ରିଲିଫ୍ କୋଡ୍ ଉଲ୍ଲଂଘନ କରିଛନ୍ତି ସରକାର

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ରାଜ୍ୟ ରାଜକୋଷ ଅର୍ଥରେ ଗଠନ ହୋଇଥିବା ବିଜୁ ଯୁବ ବାହିନୀର ସଦସ୍ୟମାନଙ୍କ ବାତ୍ୟା ୧୫ଦିନ ପରେ ମଧ୍ୟ ଦେଖା ମିଳୁନାହିଁ। ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ପାଇଁ କେନ୍ଦ୍ର ସହାୟତା ଦେଇଥିବାବେଳେ ରାଜ୍ୟ ସରକାର ଭାଙ୍ଗି ଯାଇଥିବା ଘରଗୁଡିକର ଚିହ୍ନଟ ଦାୟିତ୍ୱ ବିଜୁ ଯୁବ ବାହିନୀ କାର୍ଯ୍ୟକର୍ତ୍ତାଙ୍କୁ ଦେଇଛନ୍ତି, ଯାହା ରିଲିଫ୍ କୋଡ୍‌କୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରୁଛି। ଏନେଇ ରବିବାର ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ବିଜୁ ଯୁବ ବାହିନୀ ସ୍ୱେଚ୍ଛାସେବୀ କାମକୁ ପ୍ରୋତ୍ସାହିତ କରିବା ପାଇଁ ଗଠନ ହୋଇଥିଲା। ହେଲେ ନାଚ, ଗୀତ, ଭୋଜିଭାତରେ ଲିପ୍ତ ରହିବା ସହ ରାଜନୈତିକ ହିଂସା ଘଟାଇ ବିଜୁ ଯୁବ ବାହିନୀ ରାଜ୍ୟରେ ଗୁଣ୍ଡାବାହିନୀ ନାଁରେ ପରିଚିତ ହୋଇଛି। ଏବେ ରାଜ୍ୟ ସରକାର ରିଲିଫ୍ କୋଡ୍ ଆଇନ୍‌କୁ ଉଲ୍ଲଂଘନ କରି ଏହି ଗୁଣ୍ଡାମାନଙ୍କୁ ବାତ୍ୟା 'ଫନୀ'ରେ ଭାଙ୍ଗି ଯାଇଥିବା ଘର ଚିହ୍ନଟ କରିବା କାମରେ ନିଯୁକ୍ତ କରିଛନ୍ତି, ଯାହା ଫଳରେ ବହୁ ଯୋଗ୍ୟ ଗରିବ ହିତାଧିକାରୀ ଏଥିରୁ ବଞ୍ଚିତ ହେବେ ବୋଲି ଭାଜପା ଅଭିଯୋଗ କରିଛି। ବିଜୁ ଯୁବ ବାହିନୀ ଯାହା ଚଳିତ ନିର୍ବାଚନରେ ବିଜେଡି ପାଇଁ ପ୍ରଚାର କରୁଥିଲା ଏବେ କେବଳ ଶାସକ ଦଳ କର୍ମୀମାନଙ୍କୁ ପକ୍କା ଘର ମିଳିବ। ରିଲିଫ୍ ଦାୟିତ୍ୱରେ ଥିବା ଅଧିକାରୀମାନେ ନିରପେକ୍ଷତା



ଭାଜପା ପ୍ରତିନିଧି ଦଳ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ଭେଟି ଦାବିପତ୍ର ଦେବାକୁ ଯାଉଛନ୍ତି ।

ସହ ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡିବେ ତା'ର ଦାୟିତ୍ୱ ନିଅନ୍ତୁ। ଘରଗୁଡିକୁ ଚିହ୍ନଟ କରିବା ପ୍ରକ୍ରିୟାରେ ରାଜନୈତିକ ସ୍ୱାର୍ଥ ରଖୁଥିବା ବିଜୁ ଯୁବ ବାହିନୀ ଗୁଣ୍ଡାମାନଙ୍କୁ ଦାୟିତ୍ୱରୁ ନିବୃତ୍ତ କରାଯାଉ ବୋଲି ସମୀର ଦାବି କରିଛନ୍ତି। ଯେଉଁଭଳି ଭାବେ ଗତ ଶନିବାର କ୍ୟାବିନେଟ୍‌ରେ ନିର୍ମାଣ ବିଭାଗର କାମ ପାଇଁ ବିନା ଟେଣ୍ଡରରେ ପାଞ୍ଚ ଲକ୍ଷ ଟଙ୍କା ଦିଆଯାଇପାରିବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି ଏହାଦ୍ୱାରା କିଛି ମୁଷ୍ଟିମେୟ ଅଧିକାରୀ ବିଜେଡିର ନେତାଙ୍କୁ ମାଲାମାଲ କରିବାର ଯୋଜନା କରିଛନ୍ତି। ଏନେଇ ମଧ୍ୟ ଭାଜପା ପ୍ରତିନିଧି ଦଳ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରିଲିଫ୍ କୋଡ୍ ଆଇନ୍ ଅନୁସାରେ ଭାଙ୍ଗି ଯାଇଥିବା ଘର ନିର୍ଦ୍ଧାରଣ ଓ ଅଟକଳ ରାଜସ୍ୱ ବିଭାଗ କିମ୍ବା ସରକାରୀ ଅଧିକାରୀମାନେ କରିବା କଥା। କ୍ଷତିଗ୍ରସ୍ତ ହୋଇଥିବା ଘରଗୁଡିକୁ ଚିହ୍ନଟ କରିବା ପ୍ରକ୍ରିୟାରେ ରାଜନୈତିକ ସ୍ୱାର୍ଥ ରଖୁଥିବା ବିଜୁ ଯୁବ ବାହିନୀକୁ ଦାୟିତ୍ୱ ଦିଆଗଲେ ଆଗାମୀ ଦିନରେ ପରିସ୍ଥିତି ଭୟାବହ ହେବ ବୋଲି ସମୀର କହିଛନ୍ତି।

DSPL-14

# ସତର୍କ ରୁହନ୍ତୁ ଅଂଶୁଘାତକୁ ପ୍ରତିରୋଧ କରନ୍ତୁ

| କଣ କରିବେ | କଣ କରିବେ ନାହିଁ |
| --- | --- |
| ବାହାରକୁ ଯାଉଥିଲେ ମୁଣ୍ଡକୁ ଓଦା ଗାମୁଛାରେ ଘୋଡାନ୍ତୁ କିମ୍ବା ଛତା, ଚପଲ, କଳାଚଷମା ବ୍ୟବହାର କରନ୍ତୁ । | ଦିନ ୧୧ ଟାରୁ ୩ଟା ମଧ୍ୟରେ ଟାଣ ଖରାକୁ ଯାଆନ୍ତୁ ନାହିଁ କିମ୍ବା କୌଣସି ଶାରୀରିକ ପରିଶ୍ରମ କରନ୍ତୁ ନାହିଁ । |
| ଘରେ ଟିଣ ବା ଆଜେବଷ୍ଟସ୍ ଛାତ ଥିଲେ ତା ଉପରେ ନଡା ବିଛାନ୍ତୁ । | ବୃଦ୍ଧ, ଅସୁସ୍ଥ ଲୋକ, ଶିଶୁ, ଗର୍ଭବତୀ ମହିଳା ଏବଂ ରକ୍ତଚାପ କିମ୍ବା ମଧୁମେହରେ ପୀଡିତ ବ୍ୟକ୍ତି ଟାଣ ଖରାରେ ବାହାରକୁ ଯାଆନ୍ତୁ ନାହିଁ । |
| ପ୍ରଚୁର ପରିମାଣରେ ପାଣି, ତୋରାଣି, ପଣା, ଘୋଳଦହି, କିମ୍ବା ସରବତ୍ ଆଦି ପିଅନ୍ତୁ । | ଅଧିକ ଖରା ସମୟରେ ନିଆଁ ପାଖରେ କୌଣସି କାର୍ଯ୍ୟ (ରୋଷେଇ ଆଦି) କରନ୍ତୁ ନାହିଁ । |
| ହାଲିଆ ଲାଗିଲେ ଛାଇ ଓ ପବନ ଚଳାଚଳ ସ୍ଥାନ କିମ୍ବା ଗଛ ତଳେ ବିଶ୍ରାମ ନିଅନ୍ତୁ । | ମାଦକ ଦ୍ରବ୍ୟ (ମଦ, ବିଡି, ସିଗାରେଟ୍, ତମାଖୁ ଇତ୍ୟାଦି) ସେବନ କରନ୍ତୁ ନାହିଁ । |
| କୌଣସି ବ୍ୟକ୍ତିଙ୍କଠାରେ ଅଂଶୁଘାତର ସନ୍ଦେହ ହେଲେ ତୁରନ୍ତ ଡାକ୍ତରଖାନା ନେବାର ବ୍ୟବସ୍ଥା କରନ୍ତୁ । | ଅଂଶୁଘାତ ଆକ୍ରାନ୍ତ ବ୍ୟକ୍ତିଙ୍କ ଦେହରେ କେବେହେଲେ ବରଫ ଘଷନ୍ତୁ ନାହିଁ । |
| ଅଂଶୁଘାତ ରୋଗୀକୁ ତୁରନ୍ତ ଆମ୍ବୁଲାନ୍ସ ଡକାଇ ଡାକ୍ତରଖାନାକୁ ନେଇ ଚିକିତ୍ସା କରାନ୍ତୁ । | ଗ୍ରୀଷ୍ମ ପ୍ରବାହ ସମୟରେ କେହି ହଠାତ୍ ଅସୁସ୍ଥ ଅନୁଭବ କଲେ ତାଙ୍କର ଚିକିତ୍ସାରେ ଆଦୌ ଅବହେଳା କରନ୍ତୁ ନାହିଁ । |

10003/13/0010/1920

ସରକାରୀ ଡ଼ାକ୍ତରଖାନାମାନଙ୍କରେ ଅଂଶୁଘାତ ରୋଗୀଙ୍କ ପାଇଁ ଚିକିତ୍ସା ଉପଲବ୍ଧ ।

ଅଧିକ ସୂଚନାପାଇଁ ନିକଟସ୍ଥ ଆଶାଦିଦି, ଅଙ୍ଗନୱାଡିକର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# ବିଚାରାଧୀନ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ

ସୋନପୁର,୧୯।୫(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସୋନପୁର ଉପକାରାଗାରର ଜଣେ ବିଚାରାଧୀନ କଏଦୀଙ୍କର ରବିବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ କଏଦୀଙ୍କ ନାମ ଟିଙ୍କୁ ଅଜଗର(୨୬)। ତାଙ୍କ ଘର ବିନିକା ସହରର ଚମାରପଡାରେ। ଟିଙ୍କୁଙ୍କୁ ଉପକାରାଗାର ପରିସର ଶୌଚାଳୟ ଭିତରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କ ପେଟକୁ ଧାରୁଆ ଅସ୍ତ୍ରରେ କଟାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟକୁ ଟିଙ୍କୁଙ୍କୁ ଗୁରୁତର ଅବସ୍ଥାରେ ନିଆଯାଇଥିଲା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜେଲ କର୍ତ୍ତୃପକ୍ଷ ଏହାକୁ ଆତ୍ମହତ୍ୟା କହୁଥିବା ବେଳେ ପାରିପାର୍ଶ୍ୱିକ ଅବସ୍ଥାରୁ ଏହାର ସତ୍ୟତାକୁ ନେଇ ପ୍ରଶ୍ନ ଉଠୁଛି। କାରଣ କାରାଗାରଟି ପରିଚାଳନାଗତ ଅବ୍ୟବସ୍ଥା ଓ ସୁରକ୍ଷାକୁ ନେଇ କିଛି ମାସ ହେବ ଚର୍ଚ୍ଚାରେ ଥିଲା। ସୋନପୁର ଥାନାରେ କଏଦୀ ମୃତ୍ୟୁ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ଲୋକେଶ କୁମାର ସାହୁ ସାଇଣ୍ଟିଫିକ୍ ଟିମ୍ ସହ ଉପକାରାଗାରକୁ ଯାଇ ଘଟଣାର ତଦନ୍ତ କରିଛନ୍ତି। ଏପ୍ରିଲ ୨୪ ତାରିଖରେ ବିନିକା ଅଗ୍ନିଶମ ବିଭାଗରେ କାର୍ଯ୍ୟରତ ଫାୟାରମ୍ୟାନ ଦୁଷ୍ମନ୍ତ



ମୃତ ଟିଙ୍କୁ ଅଜଗରଙ୍କ ଫାଇଲ ଫଟୋ।

କିଷାନଙ୍କୁ ଗଳାକାଟି ହତ୍ୟା କରିବା ପରେ ଥାନାରେ ଆତ୍ମସମର୍ପଣ କରିଥିଲେ ଟିଙ୍କୁ । ୨୫ ତାରିଖରୁ ସେ ବିଚାରାଧୀନ କଏଦୀ ଭାବରେ ରହୁଥିଲେ। ରବିବାର ପୂର୍ବାହ୍ନରେ ସେ ପାଇଖାନା ଯାଇଥିଲେ। ଭିତରୁ ବାହାରକୁ ଆସିବାରେ ବିଳମ୍ବ ହେବାରୁ ତାଙ୍କୁ ଖୋଜା ପଡିଥିଲା। ତେବେ ଦାଢି କାଟିବା ପାଇଁ ବ୍ୟବହୃତ ବ୍ଲେଡ୍‌ରେ କଏଦୀ ନିଜ ପେଟକୁ କାଟି ଆତ୍ମହତ୍ୟା କରିଥିବା କାରାଗାରର ଭାରପ୍ରାପ୍ତ ଅଧୀକ୍ଷକ ଦଶମୀ ବାଗ ପ୍ରକାଶ କରିଛନ୍ତି। ସେ ନିଜେ ଏହାର ତଦନ୍ତ କରିବେ। ଅନ୍ୟପକ୍ଷେ ବ୍ଲେଡ୍ କଏଦୀଙ୍କ ପାଖକୁ କିପରି ଗଲା, ଦାୟିତ୍ୱରେ ଥିବା ମୁଖ୍ୟ କାରାରକ୍ଷୀ କ'ଣ କରୁଥିଲେ ସେ ନେଇ ପ୍ରଶ୍ନ ଉଠୁଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଜିଲା ମୁଖ୍ୟ ଚିକିତ୍ସାଳୟର ୩ ଜଣ ବିଶେଷଜ୍ଞ ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ବ୍ୟବଚ୍ଛେଦ ପରେ ପୋଲିସ ସନ୍ଧ୍ୟାରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି ।

## ବିଷାକ୍ତ ଛତୁଖାଇ ୮ ଅସୁସ୍ଥ

**ରାୟଗଡା ଅଫିସ୍, ୧୯।୫:** ରାୟଗଡା ଜିଲା କାଶୀପୁର ବ୍ଲକ୍ ଗୋଡିବାଲିଠାରେ ବିଷାକ୍ତ ଛତୁଖାଇ ୮ଜଣ ଶ୍ରମିକ ଅସୁସ୍ଥ ହୋଇପଡିଛନ୍ତି । ସେମାନଙ୍କୁ ପ୍ରଥମେ ମାଣ୍ଡିବିଶି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ସେମାନେ ହେଲେ କାଶୀପୁର ବ୍ଲକ୍ ବାମନଗୁଡା ଗ୍ରାମର ହରି ବେନିଆ(୪୪), ଭାରତ ମାଝି(୩୩), ଭୀମ ନାଏକ(୨୮), ସୁଦର୍ଶନ ମାଝି (୨୫), ସେଣ୍ଡ ମାଝି(୨୨), ସୁମିତ୍ରା ନାଗ(୨୦), କଲାଟ ପିଡିସିକା(୧୮) ଓ ସୁବି ମାଝି(୧୫)। ଗୋଡିବାଲିଠାରେ ରାସ୍ତାକାମରେ ଉକ୍ତ ଶ୍ରମିକମାନେ ନିୟୋଜିତ ଥିଲେ। ସେମାନେ ଶନିବାର ସନ୍ଧ୍ୟାରେ ଗୋଡିବାଲି ଗାଁ ନିକଟ ଏକ ନାଳ କୂଳରୁ ଛତୁ ଆଣି ରାତିରେ ଖାଇଥିଲେ। ପରେ ସମସ୍ତେ ଅସୁସ୍ଥ ହୋଇପଡିଥିବା ଗ୍ରାମବାସୀ ଦେଖି ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ନିଖୋଜ ଯୁବକଙ୍କ ଦଗ୍ଧ ମୃତଦେହ ଉଦ୍ଧାର

ବାରିପଦା ଅଫିସ,୧୯।୫

ଗୁରୁବାରଠାରୁ ନିଖୋଜ ଥିବା ରାକେଶ ନାୟକ ନାମକ ଜଣେ ଯୁବକଙ୍କ ଦଗ୍ଧ ମୃତଦେହକୁ ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଧୀନ କେନ୍ଦୁମୁଣ୍ଡି ଗ୍ରାମ ନିକଟସ୍ଥ ନାଳ ନିକଟରୁ ରବିବାର ପୋଲିସ ଉଦ୍ଧାର କରିଛି। ସୁପରିକଳ୍ପିତ ଯୋଜନାକ୍ରମେ ତାଙ୍କୁ ନିଆଁରେ ପୋଡି ହତ୍ୟା କରାଯାଇଥିବା ତାଙ୍କ ପରିବାର ବର୍ଗ ଅଭିଯୋଗ କରିଛନ୍ତି। ପୋଲିସ ସନ୍ଧାନୀ କୁକୁର ଆଣି ତଦନ୍ତ କରୁଥିଲେ ମଧ ହତ୍ୟା ରହସ୍ୟ ଭେଦ କରିପାରିନାହିଁ। ଏହି ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।

ମୃତ ରାକେଶଙ୍କ ଘର ନିକଟସ୍ଥ ବିସିପୁର ଗ୍ରାମରେ। ସେ ଦଶରଥ ନାୟକଙ୍କ ବଡପୁଅ । ଗୁରୁବାର ଠାରୁ ନିଖୋଜ ଥିଲେ। ରବିବାର ସକାଳେ କେନ୍ଦୁମୁଣ୍ଡି ନିକଟସ୍ଥ ନାଳ ନିକଟକୁ ସ୍ଥାନୀୟ ଲୋକେ ଯାଇଥିବା ବେଳେ ସେଠାରେ ମୃତଦେହ ପଡିଥିବା ଦେଖିଥିଲେ। ଏନେଇ ତୁରନ୍ତ ପୋଲିସକୁ ଖବର ଦିଆଯାଇଥିଲା। ପରିବାର ଲୋକେ ଆସି ମୃତଦେହକୁ ଚିହ୍ନଟ କରିଥିଲେ। ରାକେଶ ନିଖୋଜ ହେବାର ୨ ଦିନ ପରେ ତାଙ୍କ ଦଗ୍ଧିଭୂତ ମୃତଦେହ ଉଦ୍ଧାର ହେବା ଘଟଣା ପଛରେ ଅନେକ ରହସ୍ୟ ଲୁଚି ରହିଥିବା ସନ୍ଦେହ କରାଯାଉଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ରହସ୍ୟ ଜଣାପଡିବ ବୋଲି ପୋଲିସ କହିଛି।

**ହତ୍ୟା ଅଭିଯୋଗ ଆଣିଲେ ପରିବାର**

SIHM
JOINTLY DEVELOPED BY
GOVT. OF INDIA & GOVT. OF ODISHA
NCHMCT

STATE INSTITUTE OF HOTEL MANAGEMENT, BALANGIR

Titilagarh Road, Balangir - 767001 (Odisha)
Ph. No. 06652 - 230730/31, 9437030720, 9437140772, 6370180040
website - www.sihmbalangir.org, e-mail: principal@sihmbalangir.org

ADMISSIONS OPEN

| COURSES | DURATION | QUALIFICATION | AGE LIMIT |
| --- | --- | --- | --- |
| 1. Diploma In Front Office Operation | 1½ Year | 10+2 pass or equivalent | 25 Years as on 1st July 2019 for General/ OBC candidates & 28 Years for SC/ST candidates |
| 2. Diploma In Food & Beverage Service | 1½ Year | 10+2 pass or equivalent | |
| 3. Diploma In Food Production | 1½ Year | 10+2 pass or equivalent | |
| 4. Diploma In Housekeeping Operation | 1½ Year | 10+2 pass or equivalent | |
| 5. Craftsmanship Certificate Course In Food & Beverage Service | 06 Months | 10th pass | |
| 6. Craftsmanship Certificate Course In Food Production | 1½ Year | 10th pass | |

FOR ADMISSIONS INTO 3Yrs DEGREE PROGRAMME (B.Sc In HHA) CONTACT AFTER 5th JULY 2019.

ନିଜର ଦୋଷତ୍ରୁଟି ସମ୍ବନ୍ଧେ ସଚେତନ ହୋଇ ଉଠିବା ହିଁ ମହାନ୍ ପ୍ରଗତିର ଏବଂ ସାଧନାରେ ସଫଳତା ଲାଭ କରିବାର ରାସ୍ତା ଉନ୍ମୁକ୍ତ ହେବାର ଏକ ସଙ୍କେତ।
-ଶ୍ରୀମା



# କ୍ଷମତା କ୍ଷୁଣ୍ଣ

ସାଧାରଣ ନିର୍ବାଚନ ୨୦୧୯ର ଚୂଡ଼ାନ୍ତ ପର୍ଯ୍ୟାୟ ଭୋଟ ଗ୍ରହଣ ୧୯ ମେ'ରେ ଶେଷ ହୋଇଛି। କେତେକ ଲୋକ ବୁଥ୍‌ଫେରନ୍ତା ମତ (ଏକ୍‌ଜିଟ୍ ପୋଲ୍)କୁ ନେଇ ନାନା କଳ୍ପନାଜଳ୍ପନା କରିପାରନ୍ତି। ଦେଶର ୭ ଥାକିଆ ମତଦାନ ବେଳେ ବିଭିନ୍ନ ଦଳର ନେତା ବହୁବାର ନିର୍ବାଚନ ଆଦର୍ଶ ଆଚରଣ ବିଧି (ଏମ୍‌ସିସି) ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଭାବେ ଭାରତର ନିର୍ବାଚନ କମିଶନ (ଇସି) ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀଙ୍କୁ ଯଥାକ୍ରମେ ୭୨ ଓ ୪୮ ଘଣ୍ଟା ଲାଗି ନିର୍ବାଚନ ପ୍ରଚାରରୁ ଦୂରେଇ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଅନ୍ୟ କେତେଜଣ ନେତାଙ୍କୁ ଇସି ବିଭିନ୍ନ ଢଙ୍ଗରେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କୁ ଯେଭଳି ଭାବେ ଏମ୍‌ସିସି ଉଲ୍ଲଂଘନ ଘଟଣାରେ ଇସି କ୍ଲିନ୍ ଚିଟ୍ ଦେଲେ, ତାହାକୁ ନେଇ ଏବେ ବିବାଦ ମୁଣ୍ଡ ଟେକିଛି। ଉଭୟ ମୋଦି ଓ ଶାହ ପୁଲ୍‌ୱାମା ଆକ୍ରମଣ ଏବଂ ଏହା ପରବର୍ତ୍ତୀ ବାଲାକୋଟ୍ କାର୍ଯ୍ୟାନୁଷ୍ଠାନକୁ ପୁଞ୍ଜି କରି ଭୋଟ ରାଜନୀତି କରୁଥିବାର ଲକ୍ଷ୍ୟ କରାଯାଇଥିଲା। ଇସିର ଅନ୍ୟତମ ସଦସ୍ୟ ଅଶୋକ ଲାଭାସା ଏମ୍‌ସିସି ଉଲ୍ଲଂଘନ ମର୍ମରେ ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଆରୋରାଙ୍କୁ ମେ' ୪ରେ ଉକ୍ତ ବିଷୟକୁ ଗମ୍ଭୀରତାର ସହ ବିଚାର କରିବାକୁ ପ୍ରସ୍ତାବ ରଖିଥିଲେ। ହେଲେ ତାଙ୍କ ପ୍ରସ୍ତାବ ଗ୍ରହଣୀୟ ନ ହେବାରୁ ସେ ଉକ୍ତ ବୈଠକରୁ ଦୂରେଇ ରହିଥିଲେ। ଏହା ସାର୍ବଜନୀନ ହେବା ପରେ ଇସି ଭିତରେ ମତପାର୍ଥକ୍ୟ ଥିବା ବିଷୟ ପଦାକୁ ଆସିଛି।

ଦେଖିବାକୁ ଗଲେ ଇସି ଭଳି ଏକ ବୈଧାନିକ ସଂସ୍ଥାରେ କୌଣସି ଏକ ପ୍ରସଙ୍ଗକୁ ନେଇ ମତଭେଦ ରହିବା ସ୍ୱାଭାବିକ। ପ୍ରତି କଥାରେ ସମନ୍ୱୟ ଆସିଲେ ସତ କଥା ପଦାକୁ ଆସିପାରେ ନାହିଁ। ଏମ୍‌ସିସିକୁ ନେଇ ଇସିରେ ଦେଖାଦେଇଥିବା ମତଭେଦ ସ୍ୱାଗତଯୋଗ୍ୟ। କାରଣ ଏ ଦେଶରେ ଚୋରଦଳ ଏକାଠି ହୋଇ ଯାଉଥିବାରୁ ସବୁକିଛି ନିଜକୁ ସୁହାଇଲା ଭଳି ନିଷ୍ପତ୍ତି ନିଆଗଲେ ତାହା ଦେଶବାସୀଙ୍କ ପାଇଁ କ୍ଷତିକାରକ ହେବ। ସ୍ୱାଧୀନ ତଥା ସ୍ୱତନ୍ତ୍ର ସଂସ୍ଥାଗୁଡ଼ିକ ଠିକ୍ ମାର୍ଗରେ କାର୍ଯ୍ୟ କରିବା ଉଚିତ। ନିର୍ବାଚନ ଆସିଲେ ସର୍ବଦା 'ଅବାଧ ଓ ନିରପେକ୍ଷ' ଶବ୍ଦକୁ ବ୍ୟାପକ ଭାବେ ବ୍ୟବହାର କରାଯାଇଥାଏ। ସେହି ଦୃଷ୍ଟିରୁ ଦେଖିଲେ ଇସି କୌଣସି ରାଜନୈତିକ ଦଳ ବା ବ୍ୟକ୍ତିଙ୍କ ଆଡ଼କୁ ଢଳିବା କଥା ନୁହେଁ। ୨୦୧୯ ସାଧାରଣ ନିର୍ବାଚନର ପ୍ରଚାର ସମୟକୁ ଦେଖିଲେ ବିଭାଜନ ରାଜନୀତି କେନ୍ଦ୍ରସ୍ଥଳରେ ରହିଥିଲା। ଧର୍ମ, ଜାତି, ପ୍ରତିରକ୍ଷା ଏବଂ ତଥାକଥିତ ଦେଶାତ୍ମବୋଧକ ସ୍ଲୋଗାନ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାକୁ କଲୁଷିତ କରିଦେଇଛି। ମୁସଲମାନମାନେ ଭାଜପାକୁ ଭୋଟ ନ ଦେଇ ତାଙ୍କ ମେଣ୍ଟକୁ ସମର୍ଥନ କରିବାକୁ ଭରା ସଭାରେ ମାୟାବତୀ କହିଥିଲେ। ଅନ୍ୟପକ୍ଷରେ ଯୋଗୀ ଆଦିତ୍ୟନାଥ ଏହାକୁ ତାଚ୍ଛଲ୍ୟ କରି 'ଅଲି ବଜରଙ୍ଗବାଲୀ' ମନ୍ତବ୍ୟ ଦେଇଥିଲେ। ଏଭଳି କହିବାର ଉଦ୍ଦେଶ୍ୟ ଥିଲା, ଯଦି ମୁସଲମାନମାନେ ମାୟାବତୀଙ୍କୁ ସମର୍ଥନ କରିବେ, ତାହାହେଲେ ତାଙ୍କ ପାଇଁ ବଜରଙ୍ଗବାଲୀ ଅଛନ୍ତି। ସେହିପରି ଏମ୍‌ଏନ୍‌ଏମ୍ ନେତା କମଲ ହାସନ ସ୍ୱାଧୀନ ଭାରତର ପ୍ରଥମ ଆତଙ୍କବାଦୀ ଜଣେ ହିନ୍ଦୁ, ଯିଏ କି ନାଥୁରାମ ଗଡ୍‌ସେ ବୋଲି କହିଥିବା ବେଳେ ତାଙ୍କୁ କାଟିବାକୁ ଯାଇ ଭାଜପା ନେତ୍ରୀ ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ନାଥୁରାମଙ୍କୁ ଦେଶଭକ୍ତ କହିଥିଲେ। କୋଲକାତାରେ ସମାଜ ସଂସ୍କାରକ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗ, ଭାରତୀୟ ସେନାକୁ 'ମୋଦି ସେନା' ଆଖ୍ୟା ଦିଆଯିବା, ବାଲାକୋଟ୍ ଆକ୍ରମଣକୁ କେନ୍ଦ୍ର ସରକାରଙ୍କ ପାକିସ୍ତାନ ଉପରେ ଭାରତର ବିଜୟ ଭାବେ ଚିତ୍ରଣ କରିବା ଆଦି ପ୍ରଚାର କୌଶଳ ଦେଖିଲେ ଅସଂଖ୍ୟ ଅସ୍ୱାଭାବିକ କଥା ନିର୍ବାଚନ ବେଳେ କୁହାଯାଇଛି। ଭୋଟରଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ସକାଶେ ରାଜନୈତିକ ଦଳଗୁଡ଼ିକ ଅନେକ ଅସମ୍ଭବ ପ୍ରତିଶ୍ରୁତି ଦେଇଥିବା ବିଷୟ ନୂଆ ଲାଗୁନାହିଁ। କିନ୍ତୁ ଦେଶର ମଙ୍ଗଳ ଲାଗି କୌଣସି ରାଜନୈତିକ ଦଳ ଦୃଷ୍ଟିପତ୍ର ପ୍ରସ୍ତୁତ ନ କରିବା ପରିତାପର ବିଷୟ। କେବଳ ଭୋଟ ପାଇବା ପାଇଁ ବିଭିନ୍ନ ଉପାୟରେ କ୍ଷମତାକୁ କ୍ଷୁଣ୍ଣ କରାଯିବା ଏବେ ଅନେକଙ୍କ ପାଇଁ ହୋଇଯାଇଛି ନୂଆ ଶୈଳୀ। ଏଭଳି ସ୍ଥଳେ ଇସି ଭଳି ସ୍ୱାଧୀନ ସଂସ୍ଥା ପକ୍ଷଭୁକ୍ତ ହୋଇଯିବା ଅଭିଯୋଗ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।

# ଅଙ୍କ ବିଜ୍ଞାନରେ ନିର୍ବାଚନ ଫଳ



ସୁଧିରାଜ ରାଉତ

ମେ ୨୩ ତାରିଖକୁ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱ ଅପେକ୍ଷା କରିଛି- ନିର୍ବାଚନ ଫଳାଫଳ କ'ଣ ହେବ। ଏହି ଫଳାଫଳ ଏକବିଂଶ ଶତାବ୍ଦୀରେ ଭାରତର ରୂପରେଖ ଏବଂ ବିଶ୍ୱରେ ଭାରତର ନେତୃତ୍ୱକୁ ସ୍ପଷ୍ଟ କରିବ। ବହୁ ଟି.ଭି. ଚ୍ୟାନେଲ ଏବଂ ଅନେକ ସଂସ୍ଥା ଦ୍ୱାରା ପରିଣାମ ସମ୍ପର୍କରେ ଜନମତ ସର୍ଭେ କରି ପୂର୍ବାନୁମାନ ପ୍ରକାଶ ପାଇସାରିଛି ଏବଂ ବହୁ ବିଦ୍ୱାନ ଜ୍ୟୋତିଷଶାସ୍ତ୍ରୀ ମଧ୍ୟ ଏହା ଉପରେ ମତ ରଖି ସାରିଛନ୍ତି। ଏହି ଆଲେଖ୍ୟ ମାଧ୍ୟମରେ ଅଙ୍କବିଜ୍ଞାନକୁ ଆଧାର କରି ୨୩ ତାରିଖରେ ପ୍ରକାଶିତ ହେବାକୁ ଥିବା ଫଳାଫଳ ସମ୍ପର୍କରେ ବିଚାର କରିବା।

୨୦୦୯ରେ ଭାଜପାରୁ ଅଲଗା ହୋଇ ବିଜେଡି ଏକା ନିର୍ବାଚନ ଲଢ଼ିଲା। ଜଣେ ବନ୍ଧୁ ଭୁବନେଶ୍ୱରରୁ ଫୋନ କଲେ 'ଅଙ୍କ ବିଜ୍ଞାନ ଅନୁଯାୟୀ ଏହାର ପରିଣାମ କ'ଣ ହେବ?' ମୁଁ ସହଜ ଉତ୍ତର ଦେଲି ବିଜେଡି ଯେତିକି ସିଟ୍ ଆଣିବ ଭାବିଛି ତା'ଠାରୁ ଢେର ଅଧିକ ଆଣି ସରକାର ଗଢ଼ିବ। ମେ ୧୬ ତାରିଖରେ ଏହା ପ୍ରକାଶ ପାଉଥିବାରୁ ନବୀନବାବୁଙ୍କ ପାଇଁ ଅତ୍ୟନ୍ତ ଶୁଭ। କାରଣ ନବୀନବାବୁଙ୍କ ଜନ୍ମ ତାରିଖ ୧୬। ପରିଣାମ ପ୍ରକାଶ ପାଇବା ପରେ ବନ୍ଧୁ ଫୋନ କରି ଆଶ୍ଚର୍ଯ୍ୟ ହେଲେ ଏବଂ କହିଲେ ଆମେ ସଂଖ୍ୟା ଗଢ଼ିଛୁ ଆମର ହିସାବ ପାଇଁ, ଗଣିତ ପାଇଁ। ଏହା କିଭଳି ଜୀବନ ଉପରେ ଏତେ ପ୍ରଭାବ ପକାଉଛି? କହିଲି-ଅନେକ ବିଦ୍ୱାନଙ୍କ ମତ ଅକ୍ଷର ଏବଂ ସଂଖ୍ୟାସବୁକୁ ଆମେ ଆବିଷ୍କାର କରିଛୁ, ଆଉ କିଛି ବିଦ୍ୱାନଙ୍କ ମତ ଆମେ ଏସବୁକୁ ଉଦ୍ଭାବନ କରିଛୁ। ମାଧ୍ୟାକର୍ଷଣ ଶକ୍ତିକୁ ଆମେ ଆବିଷ୍କାର କରିଛୁ, ଏହା ଯେଭଳି ଆମ ଜୀବନକୁ ପ୍ରଭାବିତ କରିଥାଏ, ସେହିପରି ଆମେ ଉଦ୍ଭାବନ କରିଥିବା ମୋବାଇଲ ଏହା ମଧ୍ୟ ଆମ ଜୀବନକୁ ପ୍ରଭାବିତ କରିଥାଏ। ତେଣୁ ଗୁହ୍ୟ ଜ୍ଞାନୀମାନେ କହନ୍ତି, ଆମ ଜାଣତ ଅଜାଣତରେ ଏହି ସଂଖ୍ୟାଗୁଡ଼ିକ ଆମ ଜୀବନକୁ ପ୍ରଭାବିତ କରିଥାନ୍ତି। ୨୦୧୪ ନିର୍ବାଚନ ଫଳ ମେ ୧୬ରେ ପ୍ରକାଶ ପାଇଲା ଏବଂ ନବୀନବାବୁଙ୍କ ପାଇଁ ଶୁଭ ଫଳ ଦେଲା। ଏଥର କିନ୍ତୁ ୧୬ ନୁହେଁ ମେ ୨୩ ତାରିଖରେ ଫଳ ପ୍ରକାଶ ପାଇବ।

ଆଧୁନିକ ଭାରତର ଜନ୍ମ ତାରିଖ ୧୫, ସେହି ଦୃଷ୍ଟିରୁ ୬, ୧୫, ୨୪ ତାରିଖ ଭାରତ ପାଇଁ ସର୍ବଦା ଶୁଭ। ମଜାକଥା ଏହି ତାରିଖମାନଙ୍କରେ ଭାରତ ପ୍ରାୟତଃ କ୍ରିକେଟ କେବେ ହାରିନାହିଁ। ଏପରିକି ଅତ୍ୟନ୍ତ ଖରାପ ସ୍ଥିତିରେ ଥିବାବେଳେ ମଧ୍ୟ ଏହି ତାରିଖମାନଙ୍କରେ ଭାରତ ସର୍ବଦା ବିଜିତ ହୋଇଛି। ଆଉ ଏକ ଉଦାହରଣ- ଯିଶୁଖ୍ରୀଷ୍ଟ ଡିସେମ୍ବର ୨୫ରେ ଜନ୍ମ ହୋଇଥିଲେ, ନିଉଟନ, ଅଟଳବିହାରୀ ବାଜପେୟୀ ଏବଂ ବାବା ରାମଦେବ ମଧ୍ୟ ଏହି ଡିସେମ୍ବର ୨୫ରେ ଜନ୍ମ ହୋଇଛନ୍ତି ଏବଂ କେହି ବିବାହ କରିନାହାନ୍ତି। ଅଙ୍କ ବିଜ୍ଞାନ କହେ ୭, ୧୬ ଓ ୨୫ ତାରିଖ ବିବାହ ପାଇଁ ଅନୁକୂଳ ନୁହେଁ। ନବୀନବାବୁଙ୍କ ଜନ୍ମ ତାରିଖ ୧୬, ସେ ମଧ୍ୟ ଅବିବାହିତ। ଅଙ୍କ ବିଜ୍ଞାନ ଏଭଳି ଅନେକ ଗୁପ୍ତ ସତ୍ୟକୁ ପ୍ରକାଶ କରେ ଏବଂ ସମସ୍ୟାର ସମାଧାନ ମଧ୍ୟ କରେ। ଏହି ବିଜ୍ଞାନ ମୂଳତଃ ତିନୋଟି ଗଣନାକୁ ଆଧାର କରି ଭବିଷ୍ୟ ପ୍ରକାଶ କରିଥାଏ। ୧-ଜନ୍ମାଙ୍କ, ୨-ଭାଗ୍ୟାଙ୍କ, ୩-ନାମାଙ୍କ। ମନେକର ଜଣେ ବ୍ୟକ୍ତିର ଜନ୍ମ ତାରିଖ ୫।୯।୧୯୮୫। ଏହାଙ୍କ ଜନ୍ମାଙ୍କ ୫ ଅଟେ, ଭାଗ୍ୟାଙ୍କ- ୫+୯+୧+୯+୮+୫=୩୭=୧୦=୧। ନାମାଙ୍କ ହେଉଛି ଅକ୍ଷର ସବୁକୁ ଅଙ୍କରେ ପ୍ରକାଶ କରି ତା'ର ଯୋଗଫଳ କାଢ଼ିବା। ମନେକର Lagaan=୩+୧+୩+୧+୧+୫=୧୪। ଲଗନ୍ ଫିଲ୍ମ ଆମୀର ଖାଁଙ୍କୁ ଅସମ୍ଭବ ସଫଳତା ଏବଂ ନୂତନ ପରିଚୟ ଦେଇଥିଲା। ଏହାର କାରଣ ଆମୀର ଖାଁଙ୍କ ଜନ୍ମାଙ୍କ ୧୪। ଆଉ ଏକ ଉଦାହରଣ Burma=୨+୬+୨+୪+୧=୧୫। ଏହି ନାମ ଥିବା ବେଳେ ବର୍ମା ଏକ ଶାନ୍ତିପ୍ରିୟ ଓ ସୁନ୍ଦର ରାଷ୍ଟ୍ର ଥିଲା, କାରଣ ୧୫ ଏକ ଶୁଭ ନାମାଙ୍କ। ଯେବେଠୁ Myanmar=୪+୧+୧+୫+୪+୧+୨=୧୮ ହେଲା ତାହା ବିଶୃଙ୍ଖଳା ଓ ବିଭୀଷିକାରେ ଭରିଗଲା। ନାମାଙ୍କ ୧୮ ଏକ ବିଭୀଷିକା ଏବଂ ଈଶ୍ୱରଙ୍କ କୃପାରୁ ନିଜକୁ ବଞ୍ଚିତ କରୁଥିବା ସଂଖ୍ୟା।

ବର୍ତ୍ତମାନ ନିର୍ବାଚନ ଫଳାଫଳକୁ ଆସିବା ଏବଂ ନରେନ୍ଦ୍ର ମୋଦି ଏବଂ ରାହୁଲ ଗାନ୍ଧୀଙ୍କୁ ବିଚାରକୁ ନେବା- ସେମାନଙ୍କ ଜନ୍ମାଙ୍କ, ଭାଗ୍ୟାଙ୍କ, ନାମାଙ୍କକୁ ନେଇ ୨୩ ତାରିଖରେ ପ୍ରକାଶ ହେବାକୁ ଥିବା ନିର୍ବାଚନ ଫଳାଫଳ କ'ଣ ହେବ। ରାହୁଲ ଗାନ୍ଧୀଙ୍କ ଜନ୍ମ ତାରିଖ ୧୯।୬।୧୯୭୦। ଏହି ଦୃଷ୍ଟିରୁ ଜନ୍ମାଙ୍କ ୧, ଭାଗ୍ୟାଙ୍କ ୬ ଓ ନାମାଙ୍କ ୩୬ ଅଟେ ଏବଂ ନାମାଙ୍କର ପିରାମିଡ ସଂଖ୍ୟା ୧୮। ୨୩ ତାରିଖକୁ ବିଚାରକୁ ନେଲେ ରାହୁଲଙ୍କ ଜନ୍ମାଙ୍କ, ଭାଗ୍ୟାଙ୍କ, ନାମାଙ୍କ ସହ ୨୩ ସଂଖ୍ୟା ଅଶୁଭ ନ ହେଲେ ମଧ୍ୟ ସେଭଳି ପ୍ରଭାବଶାଳୀ ଶୁଭ ଫଳଦେବାକୁ ସକ୍ଷମ ନୁହେଁ। ପ୍ରଭାବଶାଳୀ ଶୁଭ ଫଳ ବିନା ପ୍ରଧାନମନ୍ତ୍ରୀ ହେବା କ'ଣ ସମ୍ଭବ? ପୁନଶ୍ଚ ନାମ ପିରାମିଡ ସଂଖ୍ୟା ୧୮ ହେଉଥିବାରୁ ଏହା ତାଙ୍କୁ ସର୍ବଦା ଦୈବୀକୃପାରୁ ବଞ୍ଚିତ କରୁଛି। ଅନ୍ୟ ପକ୍ଷରେ ମୋଦିଙ୍କ ଜନ୍ମ ତାରିଖ ୧୭।୯।୧୯୫୦। ଏହି ଦୃଷ୍ଟିରୁ ଜନ୍ମାଙ୍କ ୮, ଭାଗ୍ୟାଙ୍କ ୫ ଏବଂ ନାମାଙ୍କ ୪୧। ଅଙ୍କ ବିଜ୍ଞାନ କହେ ୮,୧୭,୨୬ ତାରିଖରେ ଜନ୍ମିତ ବ୍ୟକ୍ତିଙ୍କ ଶୁଭ ସଂଖ୍ୟା ୧ ଏବଂ ୫। ୧୭ରେ ଜନ୍ମିତ ମୋଦିଙ୍କ ପାଇଁ ୨୩=୫ ଶୁଭ ହେବ। ମୋଦିଙ୍କ ଭାଗ୍ୟାଙ୍କ ୫ ହେଉଥିବାରୁ ଏବଂ ନାମାଙ୍କ ୪୧=୫ ହେଉଥିବାରୁ ୨୩ ତାରିଖ ସମସ୍ତ ବିରୋଧ ସତ୍ତ୍ୱେ ତାଙ୍କୁ ପ୍ରଭାବଶାଳୀ ଶୁଭଫଳ ପ୍ରଦାନ କରିବ ଏବଂ ପୁନଶ୍ଚ ପ୍ରଧାନମନ୍ତ୍ରୀ କରିବ। ୫ ସଂଖ୍ୟାର ଅଧିପତି ଗ୍ରହ ବୁଧ ଅଟନ୍ତି। ମୋଦିଙ୍କ ଜନ୍ମ କୁଣ୍ଡଳୀରେ ବୁଧ ଉଚ୍ଚ, ଶକ୍ତିଶାଳୀ ହୋଇ ରହିଛନ୍ତି। ଏହି ୫ର ପ୍ରଭାବ ପାଇଁ ସେ ଶକ୍ତିଶାଳୀ ବକ୍ତା ଏବଂ ସଙ୍ଗଠକ ହୋଇପାରିଛନ୍ତି। ମୋଦିଙ୍କ ପିରାମିଡ୍ ସଂଖ୍ୟା ୨୫ ହେଉଥିବାରୁ ତାଙ୍କ ବୈବାହିକ ଜୀବନକୁ ଏହା ପ୍ରଭାବିତ କରିଛି। କେହି କେହି କହନ୍ତି ନରେନ୍ଦ୍ର ଦାମୋଦର ମୋଦି ଏହାଙ୍କ ଅସଲ ନାମ। କିରୋ, ସେତୁରମଣଙ୍କ ଭଳି ମହାନ ଅଙ୍କ ବିଜ୍ଞାନୀ କହନ୍ତି ପରିଚିତ ନାମ ହିଁ ଜୀବନକୁ ପ୍ରଭାବିତ କରିଥାଏ। ତେବେ ନରେନ୍ଦ୍ର ଦାମୋଦର ମୋଦି=୬୪ ସଂଖ୍ୟା ଅଟେ ଏହା ୪୬ ସଂଖ୍ୟା ଭଳି ଶକ୍ତିଶାଳୀ, ଶୁଭ ଏବଂ ପରାକ୍ରମ ସଂଖ୍ୟା। ତେଣୁ ମୋଦିଙ୍କ ପାଇଁ ଏହି ନାମ ମଧ୍ୟ ଅତ୍ୟନ୍ତ ଶୁଭ ପ୍ରଦାନକାରୀ।

ମମତା ବାନାର୍ଜୀଙ୍କ ଜନ୍ମ ତାରିଖ ୫।୧।୧୯୫୫। ଜନ୍ମାଙ୍କ ୫, ଭାଗ୍ୟାଙ୍କ ୮ ଏବଂ ନାମାଙ୍କ ମଧ୍ୟ ୫। ଏହା ଘୋଷଣା କରୁଛି ଭାଜପା ମମତା ଦିଦିଙ୍କ କୌଣସି କ୍ଷତି ଘଟାଇ ପାରିବ ନାହିଁ, ଯାହା ସମସ୍ତେ ଆଶା ରଖୁଛନ୍ତି। ଯୋଗୀ ଆଦିତ୍ୟନାଥଙ୍କ ଜନ୍ମ ୫ ତାରିଖରେ ହୋଇଥିବାରୁ ଅଖିଳେଶ ଏବଂ ମାୟାବତୀଙ୍କ ମେଣ୍ଟ ଆଶାନୁରୂପ ଭାଜପାର କ୍ଷତି ଘଟାଇବାକୁ ସକ୍ଷମ ହେବନାହିଁ। ମଜା କଥା ସ୍ମୃତି ଇରାନୀଙ୍କ ଜନ୍ମ ୨୩ ତାରିଖ, ତେଣୁ ରାହୁଲଙ୍କୁ ହରାଇବା ମୋଟେ ଅସମ୍ଭବ ନୁହେଁ, ଅବଶ୍ୟ ସ୍ମୃତିଙ୍କ ନାମାଙ୍କ ଏତେ ଶକ୍ତିଶାଳୀ ନୁହେଁ।

ଏଥର ୧୬ ତାରିଖ ନୁହେଁ ୨୩ ତାରିଖରେ ନିର୍ବାଚନ ଫଳ ପ୍ରକାଶ ହେବ, ତେଣୁ ନବୀନବାବୁଙ୍କ ପାଇଁ ପୂର୍ବ ଦୁଇ ନିର୍ବାଚନ ଭଳି ମୋଟେ ସହଜ, ଶୁଭ ଘଟିବ ନାହିଁ। ନବୀନ ପଟ୍ଟନାୟକଙ୍କ ନାମାଙ୍କ ୪୯=୧୩=୪ ଅଟେ। ଜନ୍ମ - ୧୬।୧୦।୧୯୪୬, ତେଣୁ ଭାଗ୍ୟାଙ୍କ ୪। ୪ ଅଙ୍କ ନବୀନବାବୁଙ୍କ ଭାଗ୍ୟାଙ୍କ ଏବଂ ନାମାଙ୍କ ମଧ୍ୟ ଏବଂ ଏହି ସଂଖ୍ୟା ରାହୁ ଗ୍ରହଙ୍କୁ ବୁଝାଏ। ନବୀନବାବୁଙ୍କ ଜୀବନକୁ ସର୍ବାଧିକ ପ୍ରଭାବିତ କରିଛି ଏହି ୪ ଅର୍ଥାତ୍ ରାହୁ। ୧୬ ତାଙ୍କ ପାଇଁ ଶୁଭ ସଂଖ୍ୟା ଆଉ ୪ ଏବଂ ୨୩ ତାରିଖ ଅଶୁଭ ନ ହେଲେ ବି ୧୬ ଭଳି ପରିଣାମ ଦେବାକୁ ମୋଟେ ସକ୍ଷମ ନୁହେଁ। ପୁନଶ୍ଚ ୨୩।୫।୨୦୧୯ ସବୁ ମିଶିଲେ ୪ ଅଟେ। ଏସବୁକୁ ବିଚାର କଲେ ରାହୁଙ୍କ ଦୟାରୁ ନବୀନବାବୁ ସରକାର ଗଢ଼ିବା ପାଇଁ ସଂଖ୍ୟା ଯୋଗାଡ଼ କରିପାରନ୍ତି ସତ କିନ୍ତୁ ଶାସନ ବ୍ୟବସ୍ଥା ଏବଂ ନେତୃତ୍ୱ ବହୁ ସମସ୍ୟାପୂର୍ଣ୍ଣ ହୋଇରହିବ।

ଇନ୍ଦ୍ରାବତୀ, ନବରଙ୍ଗପୁର,
ମୋ-୯୪୩୭୬୪୧୪୧୩

# ଫନୀରୁ ଫାଇଦା



ଡ. ଚିନ୍ତାମଣି ପଣ୍ଡା

ଚକ୍ରବାତ ଫନୀ ତାଣ୍ଡବ ରଚିବା ପରେ ଅପସରି ଯାଇଛି। କିନ୍ତୁ ପଛରେ ଛାଡିଯାଇଛି ଧ୍ୱଂସସ୍ତୂପର ବିଭୀଷିକା, ଛାରଖାର କରିଯାଇଛି ସଂସାରର ସବୁଜିମା। ଏପରି ଏକ ବିଧ୍ୱସ୍ତକାରୀ ବାତ୍ୟା ସାଧାରଣ ଜୀବନକୁ ତଳିତଳାନ୍ତ କରି ଦେଇଥିବା ବେଳେ ମୁଷ୍ଟିମେୟ ଗୋଷ୍ଠୀଙ୍କ ନିହିତ ସ୍ୱାର୍ଥର ଚରିତାର୍ଥ ନିମନ୍ତେ ଆଣିଦେଇଛି ସୁବର୍ଣ୍ଣସୁଯୋଗ। ଏହି ଗୋଷ୍ଠୀର ପ୍ରଥମ ବର୍ଗରେ ଅଛନ୍ତି ବୈଦ୍ୟୁତିକ ଗଣମାଧ୍ୟମବାଲା। ମିନିଟ୍‌କୁ ମିନିଟ୍ ତାଜା ଖବର ନାଁରେ ଅନେକ ମସଲାଦାର ଖବର ପରିବେଷଣ କରିବା ସାଙ୍ଗକୁ ନିଜର ପାଣ୍ଡିତ୍ୟ ପ୍ରଦର୍ଶନରେ ଏପରି ମନ୍ତବ୍ୟ ରଖନ୍ତି, ଯାହାକି ଦର୍ଶକମାନଙ୍କୁ ଶଙ୍କାଗ୍ରସ୍ତ ତଥା ହତଚକିତ କରିପକାଏ। ବିଭିନ୍ନ ଚାନେଲରେ ଚମକପ୍ରଦ ଖବର ପରିବେଷଣ ପାଇଁ ଯେଉଁ ଅହେତୁକ ପ୍ରତିଯୋଗିତା ତାହା କେବଳ ଟି.ଆର୍.ପି. ନିଶାରେ। କହିବା ବାହୁଲ୍ୟ ଯେ ସେମାନଙ୍କ କ୍ୟାମେରା ସାମ୍ନାରେ ଲୋକଟିଏ ଭାସିଯାଉଥିବାର ଦେଖିଲେ ତାକୁ ଉଦ୍ଧାର କରିବା ପରିବର୍ତ୍ତେ ତା'ର ଆର୍ତ୍ତଚିତ୍କାରର ଚିତ୍ର ସବୁ ଉତ୍ତୋଳନ କରି ପ୍ରସାରଣ କରିବାକୁ ଶ୍ରେୟସ୍କର ମଣନ୍ତି। ଧନ୍ୟ ସେ କର୍ତ୍ତବ୍ୟର ତାଡ଼ନା! ଏମାନେ ଏପରି ଦୈବୀ ଦୁର୍ବିପାକକୁ ନିଜ ଚାନେଲର ଲୋକପ୍ରିୟତା ବୃଦ୍ଧି ଆଶାରେ ଚାହିଁ ବସିଥାନ୍ତି।

ଅନ୍ୟ ଏକ ଗୋଷ୍ଠୀ ହେଲେ ଜନପ୍ରତିନିଧି। ସେ ନିର୍ବାଚିତ ହୋଇଥାନ୍ତୁ ବା ପରାଜିତ, ଏମିତି ଏକ ଦୁର୍ବିପାକକୁ ଚାହିଁ ବସିଥାନ୍ତି କେବଳ କ୍ଷମତା ଲୋଭରେ। ଗୁରୁ ଧନ ଶିଷ୍ୟଙ୍କୁ ଦେଇ କେବଳ ମଝିରେ ହାତ ଚିକ୍କଣ କରିବା ପରି କ୍ଷମତାଲିପ୍ସୁ ଏହି ନେତାଗଣ ପୁରସ୍କାର ବିତରଣ ଉତ୍ସବର ମୁଖ୍ୟଅତିଥି ପରି ସରକାରୀ ଧନକୁ ଜନସାଧାରଣଙ୍କୁ ଦେଇ ନିଜର ପତିଆରା ଜାହିର କରିଥାନ୍ତି। ଏମାନଙ୍କର ଚେଲାଚାମୁଣ୍ଡାଗଣ ଏପରି ଏକ ସଙ୍କଟମୟ ପରିସ୍ଥିତିରେ ଗରିବ, ଅଶିକ୍ଷିତ ଜନସାଧାରଣଙ୍କୁ ବିଭିନ୍ନ ସରକାରୀ ଫାଇଦା କରାଇଦେବା ବାହାନାରେ ଦୁଇପଇସା ରୋଜଗାର କରିଥାନ୍ତି। ବେଳେ ବେଳେ କୁଜିନେତା, ଟାଉଟର ଦଳ ମୃତ ଲୋକକୁ ଜୀବିତ ଦର୍ଶାଇ ମିଳୁଥିବା ସମସ୍ତ ସୁବିଧା ସୁଯୋଗକୁ ହଡପ କରିନିଅନ୍ତି।

ପରବର୍ତ୍ତୀ ଗୋଷ୍ଠୀ ହେଲେ ସରକାର ଚଳାଉଥିବା ଅମଲାତନ୍ତ୍ରୀବୃନ୍ଦ। ତଳସ୍ତରରୁ ଆରମ୍ଭ କରି ଉପରଯାଏ ଏମାନଙ୍କ ମଧ୍ୟରେ ଅନ୍ତଃସ୍ରୋତା ଫଲ୍‌ଗୁ ନଦୀର ବାଲୁକା ଶଯ୍ୟା ପରି ଏକ ଅଦୃଶ୍ୟ ସ୍ରୋତ ଚାଲିଥାଏ, ଯାହାକୁ ମଧ୍ୟ ଆମେ 'ପ୍ରପର ଚାନେଲ' ବୋଲି କହିଥାଉ। ଏମାନେ ସନ୍ତୁଷ୍ଟ ହେଲେ ଧନଶାଳୀ ବ୍ୟକ୍ତିଟିକୁ କାରସାଦି କରି ଭିକାରି ଭତ୍ତା କରାଇଦିଅନ୍ତି ଆଉ ରାଗିଲେ...। ପରବର୍ତ୍ତୀ ଗୋଷ୍ଠୀ ହେଲେ ବ୍ୟବସାୟୀ, ପରିସ୍ଥିତିରୁ ଫାଇଦା ଉଠାଇବାକୁ ଯାଇ କଳାବଜାର କରି ପାଞ୍ଚଟଙ୍କାର ଜିନିଷକୁ ୨୫ ଟଙ୍କାରେ ବିକ୍ରି କରି ଜନସାଧାରଣଙ୍କ ପକେଟ କାଟିବାକୁ ପଛାନ୍ତି ନାହିଁ। ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ମହଜୁଦ କରି ବଜାରରେ ଏହାର ଅହେତୁକ ମୂଲ୍ୟବୃଦ୍ଧି ଘଟାନ୍ତି। ଫଳରେ ଅକାରଣରେ ବାତ୍ୟା କ୍ଷତିଗ୍ରସ୍ତ ଅସହାୟ ଲୋକେ ବେଡି ଉପରେ କୋରଡାମାଡ ପରି ମହଙ୍ଗା ମାଡ଼ରେ ଆଉଟୁ ପାଉଟୁ ହୁଅନ୍ତି।

ଅନ୍ୟ ଏକ ଗୋଷ୍ଠୀ ହେଲେ କୁଶଳୀ କାରିଗର। ରାଜମିସ୍ତ୍ରିଠାରୁ ଆରମ୍ଭକରି ପାଇପ ମିସ୍ତ୍ରି ପର୍ଯ୍ୟନ୍ତ ଏବଂ ବୈଦ୍ୟୁତିକ ସରଞ୍ଜାମ ମରାମତିଠାରୁ ଜେନେରେଟର ଭଡାରେ ଦେଉଥିବା ବ୍ୟକ୍ତି ପର୍ଯ୍ୟନ୍ତ ସବୁସ୍ତରର କାରିଗର ମନଇଚ୍ଛା ଦର ହାଙ୍କିଥାନ୍ତି ସାଧାରଣ ଜନତାଙ୍କ ଉପରେ ଏଇ ମଉକାରେ। ସାମାନ୍ୟ କ୍ଷତି ପହଞ୍ଚି ଥାଉ କି ନ ଥାଉ ଅତ୍ୟଧିକ ଲାଭର ଆଶାରେ ଏମାନେ ତାହାକୁ ଅକାମୀ ଦର୍ଶାଇ ପଇସା ଲୁଟିଥାନ୍ତି। ଏମାନଙ୍କ ପଛକୁ କ୍ଷୁଦ୍ର ବ୍ୟବସାୟୀମାନେ ଧାଡି ଲଗେଇଥାନ୍ତି। ପେଟ୍ରୋଲଠାରୁ ଆରମ୍ଭକରି ମହମବତି, ଚା, ଜଳଖିଆ ଦୋକାନୀ ପର୍ଯ୍ୟନ୍ତ ସମସ୍ତେ ଉଚ୍ଚା ଦରରେ କିଣା ଦର୍ଶାଇ ମୂଲ୍ୟବୃଦ୍ଧିରେ ସହାୟକ ହୋଇଥାନ୍ତି। ଖାଲି ସେତିକି ନୁହେଁ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ଅପମିଶ୍ରଣ କରି ଏହି ସୁଯୋଗରୁ ଯଥେଷ୍ଟ ଆର୍ଥିକ ଫାଇଦା ଉଠାଇଥାନ୍ତି।

କବାଡିବାଲାଏ ଭଙ୍ଗାଜିନିଷ ସହିତ ଭଲ ଜିନିଷକୁ ମଧ୍ୟ ଭାଙ୍ଗିରୁଜି ଏହି ସୁଯୋଗର ଫାଇଦା ନେଇଥାନ୍ତି। ପରିଶେଷରେ ସାଧାରଣ ଜନତା, ସେମାନେ ବା ଆଉ ଛାଡନ୍ତେ କିପରି। ନକଲି ହିତାଧିକାରୀ ସାଜି ଯଥେଷ୍ଟ ଅଧିକ କ୍ଷତି କାଗଜପତ୍ରରେ ଦର୍ଶାଇ ଆବଶ୍ୟକ ହେଲେ ହାତଗୁଞ୍ଜା ଦେଇ ମଧ୍ୟ ସମସ୍ତ ସରକାରୀ ସୁବିଧାସୁଯୋଗକୁ ହାତେଇ ନେଇଥାନ୍ତି। ତେଣୁ ଗୋଟିଏ କେଇ ଘଣ୍ଟାର ପ୍ରାକୃତିକ ଦୁର୍ବିପାକ ଏକ ଲମ୍ବା କୃତ୍ରିମ ଯନ୍ତ୍ରଣାସିକ୍ତ ଆପଦରେ ପରିବର୍ତ୍ତିତ ହୋଇଯାଏ। ଏଇ ପରିପ୍ରେକ୍ଷୀରେ ବିଚରା ମଣିଷଟି ଦୁଇପଟୁ ଚକିରେ ପେଷିହେବା ପରି ସନ୍ତୁଳିତ ହୋଇ ପରମେଶ୍ୱରଙ୍କୁ ଯନ୍ତ୍ରଣାରେ ତ୍ରାହି ତ୍ରାହି ଡାକ ଛାଡୁଥାଏ। ତେଣୁ ବାତ୍ୟା, ବନ୍ୟା ପରି ଦୁର୍ବିପାକ କାହା ପାଇଁ କାଳ ତ କାହା ପାଇଁ ରୋଜଗାରର ବେଳ।

ପ୍ରଫେସର, କୃଷି ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର, ମୋ-୯୪୩୭୧୮୫୧୭୫

## ଏଇ ଭାରତରେ

ବର୍ତ୍ତମାନ ଗ୍ରୀଷ୍ମଋତୁ ଜାରି ରହିଥିବାବେଳେ ଅନେକ ସ୍ଥାନରେ ଉତ୍କଟ ଜଳସଙ୍କଟ ସୃଷ୍ଟି ହୋଇଛି। ଏଥିପାଇଁ ଗୋଟିଏ ଗାଁର ପୁଅଙ୍କୁ ବାହାଘର କରିବା ମୁସ୍କିଲ ହୋଇପଡିଛି। କାରଣ ଏହି ଗାଁକୁ ଝିଅ ଦେବାକୁ ରାଜି ହେଉନାହାନ୍ତି କନ୍ୟାଘର। ଛତିଶଗଡ଼ର ବିଳାସପୁରରେ ଦେଖାଦେଇଛି ଏଭଳି ଜଳସଙ୍କଟ। ଏଥିପାଇଁ ଝିଅ ବିବାହ ଦେବାକୁ କନ୍ୟାଘର ଲୋକେ ଅମଙ୍ଗ ହେଉଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ଆଦିବାସୀ ଗାଁ କାଢ଼ନିଆରେ ଏହି ସମସ୍ୟା ପାଇଁ ପୁଅଘର ଲୋକେ ସମସ୍ୟାରେ ପଡିଲେଣି। ପାଣି ଆଣିବା ପାଇଁ ଉକ୍ତ ଗାଁର ମହିଳାଙ୍କୁ ବଢ଼ିଭୋରରୁ ୫ କିଲୋମିଟର ଯିବାକୁ ପଡୁଛି। ତେଣୁ ଝିଅ ହନ୍ତସନ୍ତ ହେବା ଆଶଙ୍କା ଥିବାରୁ କନ୍ୟାଘର ଏଠାରେ ବାହାଦେବାକୁ ରାଜି ହେଉ ନ ଥିବା କୁହାଯାଉଛି। ଏହି ଗାଁରୁ ଝିଅମାନେ ବାହାର ଗାଁ ପୁଅଙ୍କ ସହିତ ବିବାହ କରୁଥିଲେ ମଧ୍ୟ ଅନ୍ୟ ଗାଁର ଝିଅ ଏଠାକୁ ବାହାହୋଇ ଆସିବାକୁ ଚାହୁଁନାହାନ୍ତି। କାଢ଼ନିଆ ଗାଁରେ ଶହେ ଆଦିବାସୀ ପରିବାର ବାସକରୁଛନ୍ତି। ଏଠାରେ ଭୂତଳ ଜଳସ୍ତର କମିଯାଉଥିବାରୁ ନଳକୂଅଗୁଡ଼ିକ ଶୁଖିଲା ପଡ଼ିଛି।

## ଚିରନ୍ତନୀ

ରୂପେ ରୂପେ ଆଜି ଫୁଟି ଉଠୁ ତବ ବାଣୀ
ଭୁବନ ବିରାଟ ଭାଷାର ସିନ୍ଧୁ ଛାଣି
ବାଣୀରେ ତୁମର ଫୁଟୁ ଅଭିନବ ରୂପ
ଜାଗ ଯୌବନ ଜାଳି ଜୀବନର ଧୂପ।
ଜାଳି ଦେଇ ଜରା ଜଡ଼ତା ତମସା ରାଜି
ରୂପର ଆଲୋକେ ଜାଗ ଯୌବନ ଆଜି!
ମରଣ ଯନ୍ତ୍ରେ ଦିଅ ହେ ଆଘାତ ହାଣି
ଛନ୍ଦେ ତାହାର ବାଜି ଉଠୁ ତବ ବାଣୀ।

ରୂପ ଓ ବାଣୀ
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ମେ ୧୨- ଋଣ ଖିଲାପକାରୀଙ୍କର ଓକିଲ ରଖିବାର ଅଧିକାର ନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି।

୧୪- ଭାରତର ଜି.ଏସ୍. ଲକ୍ଷ୍ମୀ ବିଶ୍ୱର ପ୍ରଥମ ମହିଳା ଭାବେ ଆଇସିସି ମ୍ୟାଚ୍ ରେଫରି ହେବାର ସୌଭାଗ୍ୟ ଲାଭ କରିଛନ୍ତି।

୧୫- ଆତଙ୍କବାଦୀ ସର୍ଦ୍ଦାର ହାଫିଜ୍ ସଇଦଙ୍କ ଭିଣୋଇ ହାଫିଜ୍ ଅବଦୁର୍ ରହମନ୍ ମକ୍କିଙ୍କୁ ପାକିସ୍ତାନ ସରକାର ଗିରଫ କରିଛନ୍ତି।

୧୬- ବିଶିଷ୍ଟ ଲେଖିକା ଡା. ମଣିଦୀପା ପଟ୍ଟନାୟକ(୪୮)ଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି, ସେ ରହୁଥିବା ପୁରୁଣା ଭୁବନେଶ୍ୱରର ଲିଙ୍ଗରାଜନଗରସ୍ଥିତ ବସେରା ଆପାର୍ଟମେଣ୍ଟରୁ କବାଟ ଭାଙ୍ଗି ତାଙ୍କର ଗଳିତ ଶବ ଉଦ୍ଧାର କରାଯାଇଛି।

୧୭- ଓଡ଼ିଶା ଜନ୍ମିତ ବରିଷ୍ଠ ଆଇଏଏସ୍ ଅଫିସର ତଥା ପିଏମ୍‌ଓର ପ୍ରମୁଖ ଅତିରିକ୍ତ ସଚିବ ପ୍ରମୋଦ ମିଶ୍ରଙ୍କୁ ୨୦୧୯ର ବିପର୍ଯ୍ୟୟ ସଂକଟ ହ୍ରାସ ଲାଗି ଜେନିଭାରେ ଜାତିସଂଘର ସମ୍ମାନଜନକ କାକାସାୱା ପୁରସ୍କାର ମିଳିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ମେ ୧୯୯୪

- ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଓ ଭାରତ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ମଧ୍ୟରେ ବହୁ ଆଲୋଚିତ ଶୀର୍ଷ ବୈଠକ ଅନୁଷ୍ଠିତ।
- ଇଟାଲୀ ପ୍ରଧାନମନ୍ତ୍ରୀ ସିଲଭିଓ ବେର୍ଲୁସ୍କୋନି ପାର୍ଲାମେଣ୍ଟର ଉପର ଗୃହରେ ଆସ୍ଥା ଭୋଟର ସମ୍ମୁଖୀନ ହୋଇଛନ୍ତି।
- ଭେନେଜୁଏଲାର ପୂର୍ବତନ ରାଷ୍ଟ୍ରପତି କାର୍ଲୋସ ଆଣ୍ଡିଜ ପେରେଜ ସାଧାରଣ ପାଣ୍ଠିରୁ ୧୭.୨ ନିୟୁତ ଡଲାର ଅର୍ଥ ଆତ୍ମସାତ ଅଭିଯୋଗରେ ହାଜତରେ ଭର୍ତ୍ତି ହୋଇଛନ୍ତି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 4 | | | | | E | 7 | | | | | 5 |
| 8 | 3 | 9 | | | 2 | | 4 | 7 | 5 | | | 6 | | |
| B | | | 9 | | | 0 | 3 | | | | | | | 1 |
| | | | | | 8 | 1 | | 9 | | | | | 0 | |
| E | A | 6 | | | | | | | 1 | 0 | C | | | |
| 5 | 6 | 0 | | D | | B | C | 2 | | | 7 | 4 | 9 | |
| 4 | | | | 8 | | | 7 | | A | | | | D | |
| | | 1 | | | 6 | | | | E | | | | | |
| | | | 2 | E | | | | 5 | | | D | | | 7 |
| 7 | | 2 | | | | | 1 | D | | B | | 3 | | |
| | 1 | | | | D | | 6 | | 0 | 7 | | | 3 | |
| | 7 | 4 | | | B | | 2 | 0 | | 3 | | 5 | | 8 |
| | | | | | | | | | | | 6 | | | 4 |
| 0 | | | C | | | | 5 | | 4 | | B | | E | |
| | 2 | | 1 | | | 3 | | | | | 9 | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | A | 6 | 3 | 8 | 7 | 1 | 4 | 9 | 0 | C | E | B | 5 | D |
| E | 0 | 5 | A | D | 4 | 3 | B | C | 7 | 6 | 8 | 1 | 2 | 9 |
| C | 1 | 9 | 2 | B | 5 | E | 6 | 0 | 3 | A | D | 8 | 4 | 7 |
| 3 | D | 4 | C | 0 | 1 | 7 | 5 | 8 | 2 | B | 9 | E | 6 | A |
| B | 8 | 7 | E | 6 | 9 | D | A | 2 | 5 | 1 | 4 | 0 | C | 3 |
| 0 | 6 | 3 | 5 | 4 | C | 8 | D | B | 1 | 7 | A | 9 | E | 2 |
| 4 | 7 | C | B | 9 | 3 | 2 | E | 1 | D | 8 | 6 | A | 0 | 5 |
| D | 5 | 2 | 8 | 1 | E | 4 | 7 | A | 9 | 3 | 0 | 6 | B | C |
| 8 | 9 | E | D | A | 2 | 5 | 0 | 6 | C | 4 | B | 3 | 7 | 1 |
| 1 | B | A | 6 | 7 | 0 | 9 | C | 3 | E | 5 | 2 | 4 | D | 8 |
| 5 | 2 | D | 9 | E | A | B | 3 | 7 | 6 | 0 | 1 | C | 8 | 4 |
| 7 | C | B | 1 | 2 | 8 | 6 | 9 | 5 | 4 | E | 3 | D | A | 0 |
| 6 | 3 | 8 | 0 | C | D | A | 2 | 4 | B | 9 | 7 | 5 | 1 | E |
| A | E | 0 | 4 | 3 | 6 | C | 1 | D | 8 | 2 | 5 | 7 | 9 | B |
| 9 | 4 | 1 | 7 | 5 | B | 0 | 8 | E | A | D | C | 2 | 3 | 6 |

ଗତକାଲିର ଉତ୍ତର

## ଆମ ସମସ୍ୟା

### କନିଷ୍ଠ ଶିକ୍ଷକଙ୍କ ପ୍ରତି ଶୁଭଦୃଷ୍ଟି ପଡ଼ିବ କେବେ

ମହାଶୟ,

ରାଜ୍ୟ ସରକାର ଫିଟ୍‌ମେଣ୍ଟ କମିଟିର ସୁପାରିସକ୍ରମେ ସମସ୍ତ ବିଭାଗର କର୍ମଚାରୀଙ୍କୁ ସପ୍ତମ ବେତନ ପ୍ରଦାନ କରିଥିବା ବେଳେ ରାଜ୍ୟର ୭୦ ହଜାର କନିଷ୍ଠ ଶିକ୍ଷକଙ୍କ ମୂଳ ବେତନର ୨୫% ବୃଦ୍ଧି ସହ ବାର୍ଷିକ ୧୦% ଇନ୍‌କ୍ରିମେଣ୍ଟ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ନ କରିବା ପରିତାପର ବିଷୟ। କନିଷ୍ଠ ଶିକ୍ଷକମାନେ ଦୀର୍ଘଦିନରୁ ବେତନ ବୃଦ୍ଧି ପାଇଁ ଦାବି କରୁଥିଲେ ମଧ୍ୟ ସରକାରଙ୍କ ଆନ୍ତରିକତା ଅଭାବରୁ ତାହା ଏପର୍ଯ୍ୟନ୍ତ ପାଇପାରିଲା ନାହିଁ। ମୁଖ୍ୟମନ୍ତ୍ରୀ ଏହାର ସୁବିଚାର କରନ୍ତୁ।

ରମାକାନ୍ତ ସାହୁ, ଦଶରଥପୁର, ଯାଜପୁର

### ସର୍ବସାଧାରଣ ସ୍ଥାନରେ ମାଂସକଟା

ପୁଣ୍ୟତୋୟା ଭାର୍ଗବୀ ନଦୀ ଉପରେ ନିର୍ମିତ ଉତ୍କଳମଣି ସେତୁ ବାମପାର୍ଶ୍ୱ, ଯେଉଁଠି ଉତ୍କଳମଣିଙ୍କ ଜନ୍ମପୀଠ ସୁଆଣ୍ଡୋ ରାସ୍ତାର ପ୍ରଜ୍ଞାପନ ପଟ ଅଛି, ସେହି ସ୍ଥାନରେ ମାଂସକଟା/ମାଂସବିକ୍ରି ବେଧଡ଼କ ଚାଲିଛି। ଉଚ୍ଚ ନ୍ୟାୟାଳୟ ସରକାରୀ ରାସ୍ତା ଉପରେ, ଜନସାଧାରଣ, ଛାତ୍ରୀଛାତ୍ର, ଯାନବାହନ ଚାଲୁଥିବା ରାସ୍ତାରେ ଜୀବହତ୍ୟା ଓ ମାଂସ ବିକ୍ରିକୁ ନିଷିଦ୍ଧ କରିଥିଲେ ମଧ୍ୟ ଏଠାରେ ଧାର୍ମିକ ଦିବସମାନଙ୍କରେ ବି ଏହି ବେନିୟମ କାର୍ଯ୍ୟ ଚାଲିଛି। ପୋଲିସ ଜାଣି ମଧ୍ୟ ଚୁପ୍ ରହିବା ଆଶ୍ଚର୍ଯ୍ୟର ବିଷୟ।

ବିଦ୍ୟାଧରପୁର, ବଳପୁର, ସୁଆଣ୍ଡୋ, ରାୟଖଣ୍ଡି, ଗୁଆଳିଗୋରଡା
ଅଞ୍ଚଳବାସୀ, ସତ୍ୟବାଦୀ, ପୁରୀ, ଓଡ଼ିଶା

### ଚାଷଜମିକୁ ବାଟ ନାହିଁ

ଅରଣା ପଞ୍ଚାୟତ ଦେଇ କଟକ-ପାରାଦୀପ ରେଳପଥ ଯିବା ଦ୍ୱାରା ଅରଣା ପଞ୍ଚାୟତ ଏବଂ ମାଣପୁର ପଞ୍ଚାୟତର ଚାଷୀମାନଙ୍କର ରେଳପଥର ଦକ୍ଷିଣ ଦିଗରେ ପ୍ରାୟ ୨୦୦୦ ହେକ୍ଟର ଚାଷଜମି ଏବଂ ଚାରଣଭୂମି ରହିଯାଇଛି। ତେଣୁ ଚାଷୀମାନଙ୍କୁ ଚାଷଜମି ତଥା ଚାରଣଭୂମିକୁ ଯିବା ପାଇଁ ଅସୁବିଧା ହେଉଛି। ସେମାନେ ଅସୁରକ୍ଷିତ ଭାବେ ରେଳଧାରଣା ପାର ହୋଇ ଫସଲ, ଗୋରୁ ଏବଂ ଟ୍ରାକ୍ଟର ପ୍ରଭୃତି ନେବାଆଣିବା କରିବାକୁ ବାଧ୍ୟ ହେଉଛନ୍ତି। ଦୟାକରି କର୍ତ୍ତୃପକ୍ଷ ଏ ସମ୍ପର୍କରେ ବିହିତ ପଦକ୍ଷେପ ନେବାକୁ ଯତ୍ନବାନ ହେବେ ବୋଲି ଆଶା କରୁ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

Happy Family Day

UTI Mutual Fund
Haq, ek behtar zindagi ka.



10 YEARS

# ୟୁଟିଆଇ ସ୍ୱତନ୍ତ୍ର

ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

## ମ୍ୟୁଚୁଆଲ ଫଣ୍ଡ: ଏକ ନିବେଶ ଯାହା ସମଗ୍ର ପରିବାରର ଯତ୍ନ ନେଇଥାଏ




ପ୍ରତ୍ୟେକ ପରିବାର ସଦସ୍ୟଙ୍କ ଆବଶ୍ୟକତା ଭିନ୍ନ ହୋଇଥାଏ - ତାହା ବ୍ୟକ୍ତିଗତ ହେଉ କି ଆର୍ଥିକ। ଏଠାରେ ଏକ ମ୍ୟୁଚୁଆଲ ଫଣ୍ଡ (ଏମ୍‌ଏଫ୍) ଚାର୍ଟ ଦିଆଗଲା ଯାହା ସମଗ୍ର ପରିବାରର ଆର୍ଥିକ ଆବଶ୍ୟକତାକୁ ସୁହାଇପାରିବ:

| ବୟସ | ଆବଶ୍ୟକତା/ଖର୍ଚ୍ଚ | ଫଣ୍ଡ | କାହିଁକି |
|---|---|---|---|
| ଶିଶୁ ଜନ୍ମ-୧୨ ବର୍ଷ | • ଟିକାକରଣ<br>• ସ୍କୁଲ ଦେୟ<br>• ଟ୍ୟୁସନ୍ ଦେୟ<br>• ପାଠ୍ୟ–ଅତିରିକ୍ତ କାର୍ଯ୍ୟକଳାପ<br>• ଧନ୍ଦାମୂଳକ ପାଠ୍ୟକ୍ରମ<br>• ମନୋରଞ୍ଜନ ବ୍ୟୟ | ଇକ୍ୱିଟି ଫଣ୍ଡ | ▶ ଧନ ସୃଜନ<br>▶ ଅପର୍ଯ୍ୟାପ୍ତ ଆୟକୁ ଭରଣା କରିବା<br>▶ ମୁଦ୍ରାସ୍ଫୀତିକୁ ପରାଜିତ କରିବା |
| | | ଡେବ୍‌ଟ ଫଣ୍ଡ | ନିବେଶ ପୋର୍ଟଫୋଲିଓରେ ସ୍ଥିରତା ଯୋଗ କରିବା |
| କିଶୋର ଓ ପ୍ରାରମ୍ଭିକ ବିଂଶ ବୟସ ୧୩-୨୫ ବର୍ଷ | • କଲେଜ ଦେୟ<br>• ଟ୍ୟୁସନ୍ ଦେୟ<br>• ୟୁନିଭର୍ସିଟି ଦେୟ<br>• ବିଦେଶ ଭ୍ରମଣ<br>• ପରିବାର ଖର୍ଚ୍ଚରେ ସାହାଯ୍ୟ କରିବା | ଇକ୍ୱିଟି ଫଣ୍ଡ | ଦୀର୍ଘ ମିଆଦରେ ଆକର୍ଷଣୀୟ ରିଟର୍ନ ଆୟ କରିବା |
| | | ଲିକ୍ୱିଡ୍ ଫଣ୍ଡ | ଜରୁରିକାଳୀନ ପରିସ୍ଥିତିରେ ଫଲ୍‌ବ୍ୟାକ୍ ବିକଳ୍ପ |
| ଯୁବ ପ୍ରୌଢ଼ ୨୬-୩୫ ବର୍ଷ | • ବିବାହ<br>• ଗୃହ ଋଣ<br>• କାର୍ ଋଣ<br>• ଘରୋଇ ଖର୍ଚ୍ଚ | ଇକ୍ୱିଟି ଲିଙ୍କ୍‌ଡ ସେଭିଂସ୍ ସ୍କିମ୍ (ଇଏଲ୍‌ଏସ୍‌ଏସ୍) | ଇକ୍ୱିଟି ବଜାରରୁ ଲାଭ ପାଇବା ସହିତ ଟିକସ ସଞ୍ଚୟ କରନ୍ତୁ |
| | | ଲିକ୍ୱିଡ୍ ଫଣ୍ଡ | ଜରୁରିକାଳୀନ ପରିସ୍ଥିତିରେ ଆର୍ଥିକ ସହାୟତା ଯୋଗାଇପାରିବ |
| | | ହାଇବ୍ରିଡ୍ ଫଣ୍ଡ | ମଧ୍ୟମ ରିଟର୍ନ ଆୟ କରନ୍ତୁ ମଧ୍ୟମ ରିସ୍କ ସହିତ |
| ମଧ୍ୟବୟସ୍କ ପ୍ରୌଢ଼ ୩୬-୪୫ ବର୍ଷ | • ଘରୋଇ ଖର୍ଚ୍ଚ<br>• ନିର୍ଭରଶୀଳ ପିତାମାତା<br>• ପିଲାଙ୍କ ଶିକ୍ଷା<br>• ଗୃହ ଋଣ<br>• କାର୍ ଋଣ | ଇଏଲ୍‌ଏସ୍‌ଏସ୍ | ଧନ ବୃଦ୍ଧି ଓ ଟିକସ ସଞ୍ଚୟ |
| | | ଶର୍ଟ-ଟର୍ମ ଡେବ୍‌ଟ ଫଣ୍ଡ | ପଡ଼ିରହିଥିବା ଟଙ୍କା ଉପରେ ସୁରକ୍ଷିତ ଉପାୟରେ ରିଟର୍ନ ଆୟ କରନ୍ତୁ |
| | | ହାଇବ୍ରିଡ୍ ଫଣ୍ଡ | ରିଟର୍ନ ଓ ରିସ୍କ ମଧ୍ୟରେ ସନ୍ତୁଳନ ରକ୍ଷା |
| | | ଲିକ୍ୱିଡ୍ ଫଣ୍ଡ | ଜରୁରିକାଳୀନ ପରିସ୍ଥିତି ପାଇଁ ପ୍ରସ୍ତୁତ ରୁହନ୍ତୁ |
| ବୟସ୍କ ପ୍ରୌଢ଼ ୪୬-୫୯ ବର୍ଷ | • ଅବସରକାଳୀନ ପାଣ୍ଠିକୁ ସୁଦୃଢ଼ କରିବା | ଗିଫ୍ଟ ଏବଂ ଅନ୍ୟାନ୍ୟ ଡେବ୍‌ଟ ଫଣ୍ଡ | ସ୍ୱଳ୍ପ/ମଧ୍ୟମ ରିସ୍କ ସହିତ ମଧ୍ୟମ ରିଟର୍ନ ଆୟ କରନ୍ତୁ |
| | | ସିଷ୍ଟମାଟିକ୍ ଟ୍ରାନ୍ସଫର୍ ପ୍ଲାନ୍ (ଏସ୍‌ଟିପି) | ପୋର୍ଟଫୋଲିଓରେ ନମନୀୟତା ଯୋଗ କରନ୍ତୁ |
| ବରିଷ୍ଠ ନାଗରିକ ୬୦ ବର୍ଷ ଓ ତଦୂର୍ଦ୍ଧ୍ୱ | • ଆର୍ଥିକ ଯତ୍ନ<br>• ଚିକିତ୍ସାଗତ ଖର୍ଚ୍ଚ<br>• ଅବସର ବିନୋଦନ | ଅଲ୍‌ଟ୍ରା ଶର୍ଟ ଟର୍ମ ଡେବ୍‌ଟ ଫଣ୍ଡ, ଲିକ୍ୱିଡ୍ ଫଣ୍ଡ | ଟଙ୍କାର ଅଭାବ ସମୟରେ କାମରେ ଲଗାଇବା ପାଇଁ |
| | | ଗିଫ୍ଟ ଫଣ୍ଡ | ସୁରକ୍ଷିତ ଭାବେ ମଧ୍ୟମ ରିଟର୍ନ ଆୟ କରନ୍ତୁ |
| | | ମାସିକ ଆୟ ପ୍ଲାନ୍ | ଆୟର ନିୟମିତ ପ୍ରବାହ ସୁନିଶ୍ଚିତ କରନ୍ତୁ |

ଦ୍ରଷ୍ଟବ୍ୟ: ଆପଣ ନିଜର ଅପ୍ରାପ୍ତବୟସ୍କ ପିଲାଙ୍କ ନାମରେ ମ୍ୟୁଚୁଆଲ ଫଣ୍ଡ ନିବେଶ କରିପାରିବେ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

## ସ୍ୱତନ୍ତ୍ର କୁମାର ବୁଝାନ୍ତି:
### ନିଜ ପିଲାମାନଙ୍କୁ ଟଙ୍କାର ମହତ୍ତ୍ୱ କିପରି ଶିଖାଇବେ

**ଏହି ଖରାଛୁଟିରେ, ନିଜ ପିଲାମାନଙ୍କୁ ଟଙ୍କା-ପଇସା ମାମଲାରେ ନିପୁଣ କରନ୍ତୁ!**

**ଠିକ ସମୟରେ ଆରମ୍ଭ କରନ୍ତୁ**
ପୁରୁଣା ଅଭ୍ୟାସ ସହଜରେ ଛାଡ଼େ ନାହିଁ । ଟଙ୍କାପଇସା ସମ୍ପର୍କରେ ଆପଣ ନିଜ ପିଲାଙ୍କୁ ଯେତେ ସଅଳ ଶିକ୍ଷା ଦେବା ଆରମ୍ଭ କରିବେ, ସେମାନଙ୍କ ଆର୍ଥିକ ବ୍ୟକ୍ତିତ୍ୱ ଗଢ଼ିବାରେ ତାହା ସେତିକି ସହାୟକ ହେବ।

**ବିଳମ୍ବିତ ପରିତୃପ୍ତିର ଯାଦୁ ସେମାନଙ୍କୁ ଦେଖାନ୍ତୁ**
ପିଲାଙ୍କୁ କୁହନ୍ତୁ ସେମାନେ ଚାହିଁଲେ ଏବେ ଗୋଟିଏ ମିଠେଇ ଖାଇପାରିବେ କିନ୍ତୁ ଯଦି ଅପେକ୍ଷା କରିବେ ତେବେ କେକ୍ ଖାଇବାକୁ ମିଳିବ। ଏହାଦ୍ୱାରା ବର୍ତ୍ତମାନର ଇଚ୍ଛାକୁ ନିୟନ୍ତ୍ରଣ କରିବା କିପରି ଭବିଷ୍ୟତରେ ସେମାନଙ୍କ ପାଇଁ ଫଳପ୍ରଦ ହେବ ଏହା ଶିଖିପାରିବେ।

**ଯାହା ଚାହୁଁଛନ୍ତି ତାହାକୁ ଅର୍ଜନ କରିବାକୁ ଦିଅନ୍ତୁ**
ନିଜ ପିଲାଙ୍କୁ ଭରପୂର ସ୍ନେହ ମମତା ଦିଅନ୍ତୁ । କିନ୍ତୁ ଟଙ୍କା ପାଇଁ, ସେମାନଙ୍କୁ ପରିଶ୍ରମ କରିବାକୁ ଦିଅନ୍ତୁ। ନିଜ ଅଇଁଠା ଥାଳି ଧୋଇବା, ନିଜ ବିଛଣା ସଜାଡ଼ିବା ଇତ୍ୟାଦି ଛୋଟ ଛୋଟ କାମ ପାଇଁ ସେମାନଙ୍କୁ ଛୋଟ ଛୋଟ ପୁରସ୍କାରରେ ପୁରସ୍କୃତ କରନ୍ତୁ ।

**ସେମାନଙ୍କୁ ଖର୍ଚ୍ଚ କରିବାକୁ ଦିଅନ୍ତୁ**
ନିଜ ପିଲାମାନଙ୍କୁ ସେମାନଙ୍କର ଅଭିଳଷିତ ଜିନିଷଗୁଡ଼ିକର ତାଲିକା କରିବାକୁ କୁହନ୍ତୁ। ନିର୍ଦ୍ଦିଷ୍ଟ ଅର୍ଥରାଶି ଦେଇ ସେଗୁଡ଼ିକୁ ନିଜେ କିଣିବା ଓ ଯାହା ବଳକା ରହିଲା ତାକୁ ରଖିବା ପାଇଁ କୁହନ୍ତୁ । ସେମାନେ ନିଜ ଇଚ୍ଛାଗୁଡ଼ିକର ପ୍ରାଥମିକତା ଦେବେ ଓ ଯେତେ ସମ୍ଭବ ସେତେ ସଞ୍ଚୟ କରିବା ଆରମ୍ଭ କରିବେ।

**ସେମାନଙ୍କୁ ନିଜ ନିଜର ନିବେଶର ମାଲିକ ହେବାକୁ ଦିଅନ୍ତୁ**
ଆପଣ ନିଜ ପିଲାଙ୍କ ନାମରେ ଏକ ମ୍ୟୁଚୁଆଲ ଫଣ୍ଡ ସିଷ୍ଟମାଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) ଆରମ୍ଭ କରିପାରିବେ। ଯେହେତୁ, ଏହା ସେମାନଙ୍କର ନିଜସ୍ୱ ନିବେଶ, ତେଣୁ ସେମାନେ ଏହା ସମ୍ପର୍କରେ ଅଧିକ ଜାଣିବା ପାଇଁ ଆଗ୍ରହୀ ହେବେ ଏବଂ ଅଧିକ ସଞ୍ଚୟ କରିବା ପାଇଁ ମଧ ଉତ୍ସାହିତ ହେବେ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

**ଏହାପରେ କ'ଣ ?** ଆପଣ ନିଜ ପରିବାର ପାଇଁ ସର୍ବଶ୍ରେଷ୍ଠ ଛଡ଼ା ଆଉକିଛି ଚାହାନ୍ତି ନାହିଁ - ଆର୍ଥିକ ମାମଲାରେ ମଧ। ଏବଂ ଏଥିପାଇଁ, ଉତ୍ତମ ଆର୍ଥିକ ଚେତନା ଜରୁରୀ। ଆର୍ଥିକ ଭାବେ ବିଜ୍ଞ ପରିବାର ଗଢ଼ିବାର ଉପାୟ ଉପରେ ଆସନ୍ତୁ ନଜର ପକାଇବା।

## ଏକ ଆର୍ଥିକ ଦୃଷ୍ଟିରୁ ବିଜ୍ଞ ପରିବାର କିପରି ଗଢ଼ିବେ



**ଟଙ୍କା ବିଷୟରେ କଥାବାର୍ତ୍ତା କରନ୍ତୁ**
**କ'ଣ କରିବେ:** ନିଜ ଆର୍ଥିକ ଜୀବନ ବିଷୟରେ ଆଲୋଚନା କରି ଆପଣଙ୍କ ଡିନର୍ ଟେବୁଲ୍ କଥାବାର୍ତ୍ତାକୁ ଅର୍ଥପୂର୍ଣ୍ଣ କରନ୍ତୁ।
**କିପରି:** ପ୍ରତ୍ୟେକଙ୍କ ଆବଶ୍ୟକତା ଓ ସମସ୍ୟାକୁ ବୁଝିବା ପାଇଁ ଦୈନିକ କିଛି ସମୟ ଅତିବାହିତ କରନ୍ତୁ। ଏପରି କି ଛୋଟ ଛୋଟ ଖର୍ଚ୍ଚ କିମ୍ବା ଆୟ ସମ୍ପର୍କରେ ଆଲୋଚନା କରିବା ଆପଣଙ୍କ ପରିବାରର ଆର୍ଥିକ ସ୍ଥିତି ଉପରେ ଅନେକ ପାର୍ଥକ୍ୟ ଆଣିପାରେ। ଆପଣ କୌତୁକିଆ ଗେମ୍ ଖେଳିପାରିବେ କିମ୍ବା ଆକ୍ଟିଭିଟି କରିପାରିବେ ଯାହା ଆପଣଙ୍କ ପରିବାରକୁ ଆର୍ଥିକ ଭାବେ ଶୃଙ୍ଖଳିତ କରିପାରିବ।

**ବଜେଟ ପ୍ରସ୍ତୁତ କରନ୍ତୁ**
**କ'ଣ କରିବେ:** ଏକ ବଜେଟ ପ୍ରସ୍ତୁତ କରନ୍ତୁ ଏବଂ ସମଗ୍ର ପରିବାର ଯେପରି ସେଥିପ୍ରତି ପ୍ରତିବଦ୍ଧ ରହେ ସୁନିଶ୍ଚିତ କରନ୍ତୁ।
**କିପରି:** ବେତନ ଏବଂ/ କିମ୍ବା ଲାଭ ଅତିରିକ୍ତ ଅନ୍ୟ ସମସ୍ତ ସମ୍ଭାବ୍ୟ ଆୟ ଉତ୍ସଗୁଡ଼ିକୁ ଚିହ୍ନଟ କରନ୍ତୁ। ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ସହ ଜଡ଼ିତ ପ୍ରତ୍ୟେକ ଖର୍ଚ୍ଚ ସମ୍ପର୍କରେ ଭାବନ୍ତୁ। ଖର୍ଚ୍ଚଗୁଡ଼ିକୁ ତାହାର ପ୍ରାଥମିକତା ଅନୁଯାୟୀ ସୂଚୀବଦ୍ଧ କରନ୍ତୁ ଏବଂ ନିଜ ସମ୍ବଳକୁ ଯତ୍ନର ସହିତ ଆବଣ୍ଟିତ କରନ୍ତୁ।






**ଉପଦେଶଗୁଡ଼ିକୁ ଶୁଣନ୍ତୁ**
**କ'ଣ କରିବେ:** ୱାରେନ୍ ବଫେଟ୍‌ଙ୍କ କହିବା ଅନୁଯାୟୀ, ପ୍ରଥମେ ସଞ୍ଚୟ କରନ୍ତୁ ଓ ତା' ପରେ ଖର୍ଚ୍ଚ କରନ୍ତୁ। ଏହା ପିଲାଙ୍କ ସମେତ ସମଗ୍ର ପରିବାର ପାଇଁ ପ୍ରଯୁଜ୍ୟ। ଆପଣଙ୍କ ପିଲାମାନେ ଆପଣଙ୍କଠାରୁ ଶିଖିଥାନ୍ତି। ଉତ୍ତମ ଆର୍ଥିକ ଅଭ୍ୟାସ ଆପଣାଇ ସେମାନଙ୍କ ପାଇଁ ଭଲ ଉଦାହରଣ ସୃଷ୍ଟି କରିବା ସୁନିଶ୍ଚିତ କରନ୍ତୁ।
**କିପରି:** ନିଜ ପରିବାରକୁ ୫୦/୨୦/୩୦ର ନିୟମ ଅନୁସରଣ କରିବାକୁ କୁହନ୍ତୁ। ମୋଟ ଆୟର ୫୦% ଆବଶ୍ୟକତା ପାଇଁ, ୩୦% ଇଚ୍ଛା ପାଇଁ ଖର୍ଚ୍ଚ କରନ୍ତୁ ଓ ଅବଶିଷ୍ଟ ୨୦% ସଞ୍ଚୟ କରନ୍ତୁ।

**ଟେକ୍ନୋଲୋଜିକୁ ଶିଖନ୍ତୁ**
**କ'ଣ କରିବେ:** ବିଲ୍ ପେଁଠ ଓ ସଞ୍ଚୟକୁ ସ୍ୱୟଂଚାଳିତ କରି।
**କିପରି:** ସ୍ୱଚାଳିତ–ଦେୟପୈଠ ବିକଳ୍ପ ସମ୍ପର୍କିତ ସହାୟତା ପାଇଁ ନିଜ ବ୍ୟାଙ୍କକୁ ପଚାରନ୍ତୁ। ସଞ୍ଚୟକୁ ସ୍ୱୟଂଚାଳିତ କରିବା ପାଇଁ ଆପଣ ମ୍ୟୁଚୁଆଲ ଫଣ୍ଡ ସିଷ୍ଟମାଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି)ରେ ସଞ୍ଚୟ କରିବା ଆରମ୍ଭ କରିପାରନ୍ତି। ଏ କ୍ଷେତ୍ରରେ, ଏକ ସ୍ଥିରୀକୃତ ପରିମାଣର ଅର୍ଥରାଶି ଆପେ ଆପେ ଆପଣଙ୍କ ଖାତାରୁ ବିୟୋଗ ହୋଇଯାଏ ଏବଂ ତାହା ନିବେଶିତ ହୋଇ ରିଟର୍ନ ଆୟ କରିବାକୁ ଲାଗେ।





**ନିବେଶରେ ମଧ ଏକତାକୁ ସୁନିଶ୍ଚିତ କରନ୍ତୁ**
**କ'ଣ କରିବେ:** ଯୁଗ୍ମ ନିବେଶ ପ୍ଲାନ୍ ତିଆରି କରି ନିଜ ପରିବାରର ବନ୍ଧନକୁ ସୁଦୃଢ଼ କରନ୍ତୁ।
**କିପରି:** ଉଦାହରଣସ୍ୱରୂପ, ଆପଣ ମ୍ୟୁଚୁଆଲ ଫଣ୍ଡରେ ନିଜ ସ୍ତ୍ରୀଙ୍କ ସହିତ ଯୁଗ୍ମ ଭାବେ ନିବେଶ କରିପାରିବେ। ଏହା ସହିତ, ଆପଣ ନିଜ ପିଲାଙ୍କ ଭବିଷ୍ୟତ ପାଇଁ ଏକ ସିଷ୍ଟମାଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) ଆରମ୍ଭ କରିପାରିବେ। ଆପଣ ନିଜ ପିତାମାତାଙ୍କୁ ସେମାନଙ୍କ ନିବେଶର ପରିଚାଳନାରେ ସହାୟତା କରିପାରିବେ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: utiswatantra2@swatantra.co.in ରେ
■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ । ■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

### କ୍ୟୁଆର୍ କୋଡ୍ ଡାଉନ୍‌ଲୋଡ୍ ଓ ସ୍କାନ୍ କରିବାର ପଦ୍ଧତି:

୧) ନିଜ ଫୋନ୍‌ରେ କ୍ୟୁଆର୍ କୋଡ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ । ୨) ଆପ୍‌କୁ ଚଲାନ୍ତୁ ଓ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ । ୩) ଆପଣଙ୍କ ସ୍ମାର୍ଟଫୋନ୍ କୋଡ୍‌କୁ ପଢ଼ିବ ଓ ଆପଣଙ୍କୁ ଗନ୍ତବ୍ୟସ୍ଥଳୀରେ ପହଞ୍ଚାଇବ ।

ନିଜ ପାଇଁ ସ୍ଥିର କରିଥିବା ସମସ୍ତ ମାଇଲଖୁଣ୍ଟରେ ପହଞ୍ଚିବା ଲାଗି ଆପଣଙ୍କୁ କେତେ ପରିମାଣର ଅର୍ଥରାଶି ନିବେଶ କରିବାକୁ ହେବ ଏହା ହିସାବ କରିବା ପାଇଁ ଏହି କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ

ନିବେଶ ଆରମ୍ଭ କରିବା ପୂର୍ବରୁ ଆର୍ଥିକ ଯୋଜନା ପ୍ରସ୍ତୁତ କରିବା କାହିଁକି ଜରୁରୀ ଏହା ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ

ନିଜ ପିଲାଙ୍କୁ ଅର୍ଥର ମୂଳତତ୍ତ୍ୱ ଶିଖାଇବାର ଗୁରୁତ୍ୱ ସମ୍ପର୍କରେ ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।

## ବିଶେଷଜ୍ଞ କୁହନ୍ତି

**ଜଣେ ପାଠକ ଆମକୁ ପଚାରିଛନ୍ତି: ମୋ ପରିବାରର ସମସ୍ତ ମାସିକ ଖର୍ଚ୍ଚ ତୁଲାଇବା ପରେ ମୁଁ ମାତ୍ର ₹୩,୦୦୦ ସଞ୍ଚୟ କରିପାରୁଛି। ତଥାପି କ'ଣ ମୁଁ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିପାରିବି ?**

**ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି**



**ପୂର୍ଣ୍ଣ ଚନ୍ଦ୍ର ରାଉତ**
ଆର୍ଥିକ ପରାମର୍ଶଦାତା

ଯଦିଓ କେତେ ସଞ୍ଚୟ କରାଯିବ କିମ୍ବା ନିବେଶ କରାଯିବ ଏପରି କୌଣସି ନିର୍ଦ୍ଦିଷ୍ଟ ଅର୍ଥରାଶିର ପରିଭାଷା ନାହିଁ, ତଥାପି ଆପଣଙ୍କ ମୋଟ ଆୟର ୧୦% ବାଞ୍ଛନୀୟ ଟାର୍ଗେଟ୍ ହେବା ଉଚିତ। ଏହା ଜରୁରୀ ଯେ ନିବେଶ ପାଇଁ ଅଲଗା କରି ରଖାଯାଇଥିବା ଟଙ୍କା ଯେପରି କୌଣସି ମାସିକ କିମ୍ବା ବାର୍ଷିକ ଖର୍ଚ୍ଚରୁ ମୁକ୍ତ ରହେ। ଏସ୍‌ଆଇପି ବା ସିଷ୍ଟମାଟିକ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ ହେଉଛି ଏକ ସ୍ଥିରୀକୃତ ରାଶିକୁ ନିୟମିତ ଭାବେ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବାର ଏକ ପଦ୍ଧତି। ମ୍ୟୁଚୁଆଲ ଫଣ୍ଡରେ ଟଙ୍କା ନିବେଶ କରିବା ଭଲ କାରଣ ଏହା ଭବିଷ୍ୟତରେ ଦୀର୍ଘ ମିଆଦରେ ଭଲ ରିଟର୍ନ ଦେଇପାରିବ। ଆପଣଙ୍କ ଆର୍ଥିକ ଲକ୍ଷ୍ୟ ଉପରେ ନିର୍ଭର କରି, ଆପଣ ପ୍ରତ୍ୟେକ ମାସ ଏକ ନିର୍ଦ୍ଦିଷ୍ଟ ତାରିଖରେ ୟୁନିଟ୍‌ଗୁଡ଼ିକ କ୍ରୟ କରିପାରିବେ। ଠିକ୍ ମ୍ୟୁଚୁଆଲ ଫଣ୍ଡ ସ୍କିମ୍ ବାଛିବା ପାଇଁ ଆପଣଙ୍କ ନିବେଶର ଆଭିମୁଖ୍ୟକୁ ଜାଣିବା ଅତି ଗୁରୁତ୍ୱପୂର୍ଣ୍ଣ। ଏସ୍‌ଆଇପି ପରିମାଣ ମାସିକ ₹୫୦୦ ଭଳି କମ୍ ଅର୍ଥରାଶି ହୋଇପାରିବ।

## ଜାଣିବା କଥା

ଅନ୍ତର୍ଜାତୀୟ ପରିବାର ଦିବସ ପରିବାରର ମହତ୍ତ୍ୱର ଉତ୍ସବ ପାଳନ କରିଥାଏ ଏବଂ ପରିବାର ସହ ଜଡ଼ିତ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋକପାତ କରିଥାଏ। ପରିବାରଗୁଡ଼ିକୁ ପ୍ରଭାବିତ କରୁଥିବା ଜନସାଂଖ୍ୟିକୀୟ, ଅର୍ଥନୈତିକ ଏବଂ ସାମାଜିକ ପ୍ରକ୍ରିୟାଗୁଡ଼ିକ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ମଧ ଏହି ଦିବସ ପାଳିତ ହୋଇଥାଏ। ଏହି ମହତ୍ତ୍ୱପୂର୍ଣ୍ଣ ଦିବସ ପ୍ରତିବର୍ଷ ୧୫ ମେ ଦିନ ପାଳନ କରାଯାଏ ଏବଂ ଏହାର ବିଭିନ୍ନ ବିଷୟ ରହିଥାଏ। ୨୦୧୯ ପାଇଁ ବିଷୟ ହେଉଛି 'ପରିବାର ଓ ଜଳବାୟୁ କାର୍ଯ୍ୟପନ୍ଥା: ଏସ୍‌ଡିଜି୧୩ ଉପରେ ଗୁରୁତ୍ୱ'।



## ଗୁରୁ କୁହନ୍ତି

**ଗତବର୍ଷ ମୋ ମ୍ୟୁଚୁଆଲ ଫଣ୍ଡ ମୋତେ ବିଯୁକ୍ତାତ୍ମକ ରିଟର୍ନ ଦେଇଥିଲା। ମୁଁ ସେଗୁଡ଼ିକୁ ବିକ୍ରି କରିଦେବି କି ?**



**ଅସିତ କୁମାର ନନ୍ଦ**
ଆର୍ଥିକ ପରାମର୍ଶଦାତା

ଦୀର୍ଘ-ମିଆଦୀ ଟ୍ରେଣ୍ଡ ମଧ୍ୟରେ ସ୍ୱଳ୍ପ-ମିଆଦୀ ରିଭର୍ସାଲ୍ ରହିବ, ଯାହା ନିବେଶ ନିଷ୍ପତ୍ତିରେ ଭ୍ରମାତ୍ମକ ସ୍ଥିତି ସୃଷ୍ଟି କରିପାରେ। ଆପଣ ଯାହା ବି କରନ୍ତୁ ନା କାହିଁକି, ମ୍ୟୁଚୁଆଲ ଫଣ୍ଡରେ ଆପଣଙ୍କ ସିଷ୍ଟମାଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି)କୁ ବନ୍ଦ କରନ୍ତୁ ନାହିଁ। ଏହା ଏସ୍‌ଆଇପିର ଉଦ୍ଦେଶ୍ୟକୁ ପ୍ରତିହତ କରିଥାଏ। ଏସ୍‌ଆଇପିକୁ ବନ୍ଦ କରିବା ଦ୍ୱାରା ଆପଣ ଇକ୍ୱିଟିର କମ୍ପାଉଣ୍ଡିଂ ଲାଭର ଫାଇଦାକୁ ହାତଛଡ଼ା କରିପାରନ୍ତି। ଆପଣ ସ୍ୱଳ୍ପତର ମୂଲ୍ୟରେ ଅଧିକ ୟୁନିଟ୍ କ୍ରୟ କରିପାରିବେ ଏବଂ ଶେଷରେ ଯେବେ ବଜାର ପ୍ରତିଲମ୍ଫ ଦେବ ଆପଣ ତାହାର ଲାଭ ଉଠାଇପାରିବେ। ଇକ୍ୱିଟି ଦୀର୍ଘ ମିଆଦରେ ସର୍ବୋତ୍ତମ ରିଟର୍ନ ଦେଇଥାଏ। ତେଣୁ, ଅଟଳ ରୁହନ୍ତୁ। ସମାନ ସମୟରେ, ଅତ୍ୟଧିକ ବିବିଧକରଣ ମଧ ଭଲ ନୁହେଁ। ଅନେକ ନିବେଶକମାନେ ଅନେକ ସେକ୍ଟର, ଏପରିକି ଗୋଟିଏ ସେକ୍ଟର ମଧ୍ୟରେ ଏକାଧିକ କମ୍ପାନୀରେ ନିଜ ଟଙ୍କାକୁ ବ୍ୟାପ୍ତ କରି ରିସ୍କକୁ ହ୍ରାସିତ କରିବାର ଚେଷ୍ଟା କରିପାରନ୍ତି। ଏପରି ପଦକ୍ଷେପ ନେବାରୁ ମଧ ବିରତ ରୁହନ୍ତୁ।

**ଏସ୍‌ଆଇପି ଆପଣଙ୍କ ପରିବାରକୁ ଆର୍ଥିକ ଭାବେ ସୁଦୃଢ଼ କରିପାରିବ!**



ଏକ ସୁଦୃଢ଼ ପରିବାର ଗଢ଼ିବା ପାଇଁ ଏବେ ବି ବିଳମ୍ବ ହୋଇନାହିଁ, ଆଜି ହିଁ ଆରମ୍ଭ କରନ୍ତୁ!

**ପରବର୍ତ୍ତୀ ସଂସ୍କରଣରେ:** ଏକ ପରିବାର ଚଳାଇବା ପାଇଁ ଆପଣ ଟଙ୍କାର ମହତ୍ତ୍ୱକୁ ବୁଝନ୍ତି। ଏ ସଂକ୍ରାନ୍ତରେ ଆପଣ ସର୍ବଦା ବେତନବୃଦ୍ଧି, ବୋନସ୍ ଇତ୍ୟାଦି ଭଳି ଅତିରିକ୍ତ ଆୟ ଆପଣଙ୍କ ପାଇଁ ସ୍ୱାଗତଯୋଗ୍ୟ ହୋଇଥାଏ। ଆସନ୍ତା ସଂସ୍କରଣରେ, ଆପଣ ନିଜ ପାଇଁ ଆୟର ଅତିରିକ୍ତ ଉତ୍ସ କିପରି ସୃଷ୍ଟି କରିପାରିବେ ତାହା ଉପରେ ଆମେ ନଜର ପକାଇବା।

f LIVE ନିଜ ସ୍ୱପ୍ନକୁ ପୂରଣ କରିବା ପାଇଁ ପାଣ୍ଠି ନିମନ୍ତେ ବାର୍ଷିକ ବୋନସ୍ କିମ୍ବା ବେତନବୃଦ୍ଧିକୁ ଅପେକ୍ଷା କରନ୍ତୁ ନାହିଁ । ଆପଣ ନିଜେ କିପରି ଏହା କରିପାରିବେ ଜାଣିବା ପାଇଁ ୨୧ ମେ ୨୦୧୯ ଦିନ ଅପରାହ୍ନ ୫ ଘଟିକା ପରଠାରୁ ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ ଲାଇଭ୍ ଶୋ': 'ନିବେଶ: ନିଜର ଅତିରିକ୍ତ ଆୟ ଉତ୍ସ ଗଢ଼ିବାର କଳା' ଦେଖିବାକୁ ଭୁଲନ୍ତୁ ନାହିଁ ।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।


MUTUALFUNDS Sahi Hai

UTI Mutual Fund
Haq, ek behtar zindagi ka

# ଚିନ୍ତା କରିବା ବନ୍ଦ କରନ୍ତୁ, ସ୍ଥଗିତ କରିବା ବନ୍ଦ କରନ୍ତୁ, ନିବେଶ କରିବା ଆରମ୍ଭ କରନ୍ତୁ ।



ମ୍ୟୁଚୁଆଲ୍ ଫଣ୍ଡ ବିତରକଙ୍କ ସହିତ ସମ୍ପର୍କ କରିବା ପାଇଁ 8655097225 ରେ ଏକ ମିସ୍‌ଡ କଲ୍ ଦିଅନ୍ତୁ

ଏକ ଉତ୍ତମ ବିତ୍ତୀୟ ଯୋଜନା ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ସ୍ୱପ୍ନକୁ ସାକାର କରିବାରେ ସାହାଯ୍ୟ କରିପାରେ । ପିଲାଙ୍କ ଶିକ୍ଷା ଓ ବିବାହ ଠାରୁ ଆରମ୍ଭକରି ଘର, କାର କିଣିବା ଏବଂ ଅବସରକାଳ ଯୋଜନା ପର୍ଯ୍ୟନ୍ତ ।
ମ୍ୟୁଚୁଆଲ୍ ଫଣ୍ଡ ଯୋଜନାରେ ନିବେଶ କରିବା ଦ୍ୱାରା ଆପଣଙ୍କୁ ଆପଣଙ୍କ ସ୍ୱଳ୍ପକାଳୀନ ଏବଂ ଦୀର୍ଘକାଳୀନ ଦୁଇଟି ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚିବାରେ ସାହାଯ୍ୟ ମିଳି ପାରେ । ଜଲ୍‌ଦି ଆରମ୍ଭ କରିବା ମୁଖ୍ୟ ଅଟେ ଯାହା ଦ୍ୱାରା ଆପଣ ସ୍ୱଳ୍ପ ପରିମାଣରେ ନିବେଶ କରିପାରିବେ ଏବଂ ବଡ଼ ସ୍ୱପ୍ନକୁ ସାକାର କରିପାରିବେ ।
ତେଣୁ ଚିନ୍ତା କରିବା ଛାଡ଼ି ଦିଅନ୍ତୁ ଏବଂ ଆଜୀବନ ଖୁସି ପାଇଁ ଯୋଜନା ପ୍ରସ୍ତୁତ କରିବା ଆରମ୍ଭ କରନ୍ତୁ ।

Scan this QR code to know more about Mutual Funds

ୟୁଟିଆଇ ସ୍ୱତନ୍ତ୍ର
ଏକ ନିବେଶକ ଶିକ୍ଷା ଯୋଜନା

ଆପଣଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଯୋଜନା କରନ୍ତୁ ଏବଂ ଅଧିକ ଜାଣିବା ପାଇଁ ଲଗ୍ ଅନ୍ କରନ୍ତୁ www.utiswatantra.com

Follow us on

ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ଯୋଜନା ସମ୍ବନ୍ଧିତ ସମସ୍ତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢନ୍ତୁ।

## ସଂକ୍ଷେପରେ

### ଅବ୍ୟବସ୍ଥାରେ ଗୋବିନ୍ଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର



**ସିଂହପୁର,୧୯।୫(ଡି.ଏନ୍.ଏ.):** ସିଂହପୁର ଅନ୍ତର୍ଗତ ଗୋବିନ୍ଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବାତ୍ୟା 'ଫନୀ'ରେ ଛାର୍‌ଖାର ହୋଇଯାଇଛି। ପ୍ରକାଶ ଯେ ଗୋବିନ୍ଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ୧୯୬୨ରେ ସ୍ଥାପିତ ହୋଇଥିଲା। ସମୟର ଆଜବେଷ୍ଟସ ଘରେ ସ୍ୱାସ୍ଥ୍ୟ ସେବା ଚାଲିଛି। ବାତ୍ୟା ପ୍ରଭାବରେ ସ୍ୱାସ୍ଥ୍ୟକେନ୍ଦ୍ରର ଆଜବେଷ୍ଟସ୍ ଉଡିଯିବା ସହ ଔଷଧ ମଧ ନଷ୍ଟ ହୋଇଯାଇଛି। ସିଡିଏମ୍ ସ୍ୱାସ୍ଥ୍ୟକେନ୍ଦ୍ର ତଦାରଖ କରିଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡ଼ିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଳି ବ୍ଲକର ୧୦ ପଞ୍ଚାୟତ ସହ ଯାଜପୁର ଜିଲାର ନିକଟସ୍ଥ ୫ ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ତୁରନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ମରାମତି କରି ସେବା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଶ୍ମଶାନ



**ଯାଜପୁରରୋଡ,୧୯।୫(ନି.ପ୍ର.):** ଯାଜପୁରରୋଡ ସହରର ଜନସଂଖ୍ୟା ଦିନକୁ ଦିନ ବୃଦ୍ଧିପାଉଛି। ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସି ସହରରେ ବସତି ସ୍ଥାପନ କରୁଛନ୍ତି। ଏହି ସହରର ଥିବା ବିଭିନ୍ନ ଗ୍ରାମରେ ଶ୍ମଶାନ ରହିଥିବାବେଳେ ବାହାରୁ ଆସିଥିବା ଲୋକଙ୍କ ପାଇଁ ବ୍ୟାସନଗର ପୌର ପରିଷଦ ପକ୍ଷରୁ ମୁଣ୍ଡମାଳଠାରେ ୩ ଏକର ଜମିରେ ଏକ ଶ୍ମଶାନ ନିର୍ମାଣ କରାଯାଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ଚତୁର୍ଦ୍ଦଶ ଅର୍ଥ କମିଶନ ପାଣ୍ଠିରୁ ଶ୍ମଶାନ ପାଚେରି ନିର୍ମାଣ ପାଇଁ ୨୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଶ୍ମଶାନ ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ହେବା ସହ ଫାଟକ ମଧ ନିର୍ମାଣ କରାଯାଇଥିଲା। ହେଲେ ଏବେ ଶ୍ମଶାନ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। କେତେଜଣ ଅସାମାଜିକ ଲୋକ ଏଠାରେ ମଦ୍ୟପାନ କରୁଥିବା ଦେଖିବାକୁ ମିଳିଛି। ଜଳ ଓ ବିଦ୍ୟୁତ୍‌ର ବ୍ୟବସ୍ଥା ହୋଇନାହିଁ। ଶ୍ମଶାନରେ ଗୋଟିଏ ଆଶ୍ରୟସ୍ଥଳୀ ରହିଥିବାବେଳେ ବସିବା ପାଇଁ ସ୍ଥାନ ନାହିଁ। ସହରର ପ୍ରାୟ ୪୦ ଭାଗ ଲୋକ ଏହି ଶ୍ମଶାନ ଉପରେ ନିର୍ଭର କରିଥାନ୍ତି। ଶ୍ମଶାନକୁ ଭଲ ରାସ୍ତା ନ ଥିବାରୁ ବିଶେଷକରି ବର୍ଷା ଦିନେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୌର କର୍ତ୍ତୃପକ୍ଷ ଶ୍ମଶାନର ସମସ୍ୟା ପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଶ୍ମଶାନ ଫାଟକ ସବୁବେଳେ ଖୋଲା ରହୁଥିବାରୁ ଅସାମାଜିକ ଲୋକଙ୍କ ଆଡ୍ଡା ଜମୁଛି। ଏ ସମ୍ପର୍କରେ ବ୍ୟାସନଗର ପୌର ପରିଷଦର ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପ୍ରହ୍ଲାଦ ମହାପାତ୍ର କୁହନ୍ତି, ଶ୍ମଶାନ ଖାଲି ପଡିଥିଲା। ପୌର ପରିଷଦ ବୈଠକରେ ମୁଣ୍ଡମାଳଠାରେ ଶ୍ମଶାନ ନିର୍ମାଣ କରିବା ପାଇଁ ଚତୁର୍ଦ୍ଦଶ ଅର୍ଥ କମିଶନ ପାଣ୍ଠିରୁ ଅର୍ଥ ମଞ୍ଜୁର କରାଯାଇ ସେଠାରେ ଗୋଟିଏ ଆଶ୍ରୟସ୍ଥଳୀ ଗୃହ ନିର୍ମାଣ କରାଯାଇଛି। ଶ୍ମଶାନର ଉନ୍ନତି ପାଇଁ ଆହୁରି ୨୦ଲକ୍ଷ ଟଙ୍କା ଆବଶ୍ୟକ ବୋଲି କହିଥିଲେ। ଏ ସମ୍ପର୍କରେ ପୌର ପରିଷଦର ନିର୍ବାହୀ ଅଧିକାରୀ ସପନ କୁମାର ନନ୍ଦ କୁହନ୍ତି, ଶ୍ମଶାନରେ ବନୀକରଣ କରାଯିବା ସହ ବିଦ୍ୟୁତ୍, ରାସ୍ତା ଓ ଜଳର ବ୍ୟବସ୍ଥା କରାଯିବ। ଏ ନେଇ ଅର୍ଥ ମଞ୍ଜୁର କରାଯିବାକୁ ପ୍ରସ୍ତୁତି ଚାଲିଥିବା କହିଛନ୍ତି।

### ■ ବରାହ ପୀଠରୁ ବିରଳ ମୂର୍ତ୍ତି ଚୋରି ଘଟଣାକୁ ପୂରିଲା ୪ ବର୍ଷ

# ଉଦ୍ଧାର ହେଲାନି ମୂର୍ତ୍ତି, ଧରାପଡ଼ିଲେନି ଚୋର

**ଯାଜପୁର ଟାଉନ,୧୯।୫(ଡିଏନଏ)**



ଯାଜପୁରର ବରାହ ପୀଠରୁ ମୂର୍ତ୍ତି ଚୋରି ଘଟଣାକୁ ୪ବର୍ଷ ପୂରିଯାଇଥିଲେ ମଧ ଆଜିପର୍ଯ୍ୟନ୍ତ ପ୍ରକୃତ ଚୋର ଧରାପଡ଼ିଲା ନାହିଁ କିମ୍ବା ମୂର୍ତ୍ତିକୁ ଉଦ୍ଧାର କରାଯାଇପାରି ନାହିଁ। ଯାଜପୁର ସହର ବୈତରଣୀ ନଦୀକୂଳ ବରାହ ପୀଠରୁ ୨୦୧୫ ମେ ୧୮ ମଧ୍ୟରାତ୍ରିରୁ ୬ଟି ବିରଳ ପ୍ରାଚୀନ ମୂର୍ତ୍ତି ଚୋରି ହୋଇଯାଇଥିଲା। ଏଯାବତ୍ ବିରଳ ପ୍ରାଚୀନ ମୂର୍ତ୍ତି ପୋଲିସ ହାତରେ ଧରାପଡି ନ ଥିବାବେଳେ ଅସଲ ଚୋରକୁ ମଧ ପୋଲିସ ଧରିପାରି ନାହିଁ। ଏହି ସବୁ ଦୁର୍ଲଭ ମୂର୍ତ୍ତିଗୁଡିକ ବିଦେଶକୁ ଚାଲାଣ ହେଉଥିବା ସନ୍ଦେହ କରାଯାଇଥିବାରୁ ଯାଜପୁର ପୋଲିସ ଚୋରି ମୂର୍ତ୍ତିକୁ ଉଦ୍ଧାର କରିବା ପାଇଁ ରାଜ୍ୟ ସରକାର ସିବିଆଇ ଜରିଆରେ ଇଣ୍ଟରପୋଲର ସହଯୋଗ ଲୋଡ଼ିଥିଲେ। ଇଣ୍ଟରପୋଲର ଭାରତର ଏଜେନ୍ସି ଭାବେ ଦାୟିତ୍ୱ ନିର୍ବାହ କରୁଥିବା ସିବିଆଇଙ୍କ ଅନୁରୋଧ କ୍ରମେ ଆନ୍ତର୍ଜାତିକ ତଦନ୍ତକାରୀ ସଂସ୍ଥା ଇଣ୍ଟରପୋଲ ପ୍ରାଚୀନ ଚୋରି ମୂର୍ତ୍ତିକୁ ଜବତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରାଚୀନ ଓ ବିରଳ ମୂର୍ତ୍ତିଗୁଡିକ ଆର୍ନ୍ତଜାତିକ ବଜାରରେ ବହୁ ମୂଲ୍ୟ ହୋଇଥିବା ଜାଣିବାକୁ ପାଇବା ପରେ ଯାଜପୁର ପୋଲିସ ଇଣ୍ଟରପୋଲର ସହଯୋଗ ଲୋଡିଥିଲା। ବରାହ ପୀଠରେ ୫ଶହ ବର୍ଷ ତଳୁ ଏହି ମୂର୍ତ୍ତିଗୁଡିକ ପୂଜା ପାଉଥିବାବେଳେ ମୂର୍ତ୍ତି ଚୋର ଦୀର୍ଘଦିନ ପୂର୍ବରୁ ଏହାକୁ ଚୋରି କରିବା ପାଇଁ ଷଡଯନ୍ତ୍ର ରଚିଥିବା ପୋଲିସ ମଧ ଜାଣିବାକୁ ପାଇଥିଲା। ପୋଲିସ ନିଜ ଦୋଷ ଖସାଇବା ପାଇଁ ସ୍ଥାନୀୟ ୨ଜଣଙ୍କୁ ଗିରଫ କରି କୋର୍ଟ ଚଲାଣ କରିଥିଲା। ମାତ୍ର ମୂର୍ତ୍ତିଗୁଡିକର ଖୋଜଖବର ପାଇ ନ ଥିଲା।

ସୂଚନାଯୋଗ୍ୟ ଯେ, ବରାହ ମନ୍ଦିର ପରିସରରେ ୫ଶହ ବର୍ଷ ପୂର୍ବରୁ ସ୍ୱେତ ବରାହ, ଲକ୍ଷ୍ମୀ ବରାହ, ବଳିବାମନ , ଗଦାଧର ମନ୍ଦିରରୁ ଗଦା, ଶଙ୍ଖ, ଚକ୍ର ମୂର୍ତ୍ତିକୁ ଚୋରି କରାଯାଇଥିଲା। ଏହି ମୂର୍ତ୍ତି ଚୋରିକୁ ୪ବର୍ଷ ପୁରିଯାଇଥିଲେ ମଧ ପୋଲିସ କୋର୍ଟଚାଲାଣ କରିଥିବା ୨ଜଣ ସ୍ଥାନୀୟ ଯୁବକଙ୍କ ବିରୋଧରେ କେବଳ ଚାର୍ଜସିଟ୍ ଦାଖଲ କରି ହାତଯୋଡି ବସିବା ଯାଜପୁରବାସୀଙ୍କ ଧର୍ମାଭାବାବେଗକୁ କୁଠାରଘାତ କରିଛି। କେବଳ ଯାଜପୁରର ବରାହ ମନ୍ଦିର ପରିସରରୁ ମୂର୍ତ୍ତି ଚୋରି ହୋଇଛି ତାହା ନୁହେଁ, ଜିଲାର ବିଭିନ୍ନ ସ୍ଥାନରେ ପୁରାତନ ମୂର୍ତ୍ତି ଚୋରି ହୋଇଥିବା ଜଣାପଡିଛି। ୨୦୧୬ ମାର୍ଚ୍ଚ ୧୩ ମଧ୍ୟରାତ୍ରରେ ଗଡ଼ମଧୁପୁର ଶ୍ରୀଜଗନ୍ନାଥ ମନ୍ଦିରରୁ ଦୁର୍ଲଭ ମୂର୍ତ୍ତିକୁ ଚୋରି କରାଯାଇଥିଲା। ଗତ ୧ବର୍ଷ ମଧ୍ୟରେ ଦଶରଥପୁର ଅଞ୍ଚଳର କୁଆଁସ ମଙ୍ଗଳା, ବ୍ରହ୍ମବରଦା ଓ ବଡଚଣା ଅଞ୍ଚଳରୁ ଦୁର୍ଲଭ ଓ ବିରଳ ମୂର୍ତ୍ତିଗୁଡିକ ଚୋରି କରାଯାଇଥିବାବେଳେ କୌଣସି ମୂର୍ତ୍ତିର ସନ୍ଧାନ ଆଜି ପର୍ଯ୍ୟନ୍ତ ପୋଲିସ ପାଇପାରି ନାହିଁ। ଯାଜପୁର ଜିଲାରେ ଏବେ ବି ବହୁ ବିରଳ ଓ ଐତିହ୍ୟ ସମ୍ପନ୍ନ ମୂର୍ତ୍ତିଗୁଡିକ ବିଭିନ୍ନ ମଠ ମନ୍ଦିରରେ ଅସୁରକ୍ଷିତ ଅବସ୍ଥାରେ ପଡିରହିଛି। ଏହାର ସୁଯୋଗ ରାଜ୍ୟର କେତେକ ପେସାଦାର ମୂର୍ତ୍ତିଚୋର ନେଉଥିବା ସନ୍ଦେହ କରାଯାଉଛି। ଯାଜପୁର ପୋଲିସ ମୂର୍ତ୍ତି କିମ୍ବା ଚୋରଙ୍କୁ ଠାବ କରିପାରି ନ ଥିବାରୁ ଯାଜପୁର ଜିଲାରେ ଐତିହ୍ୟ ବିରଳ ମୂର୍ତ୍ତିଗୁଡିକ ଏବେ ଅସୁରକ୍ଷିତ ଅବସ୍ଥାରେ ଥିବା ଜିଲାବାସୀ ଐତିହ୍ୟ ସୁରକ୍ଷା ପାଇଁ ଚିନ୍ତିତ ହୋଇପଡିଛନ୍ତି।

# ସୁଧୁରୁନି ଟ୍ରାଫିକ୍ ସମସ୍ୟା

**ଯାଜପୁରରୋଡ,୧୯।୫(ନି.ପ୍ର.)**

**ଯାଜପୁରରୋଡ ସହର**

କର୍ମବର୍ଦ୍ଧିଷ୍ଣୁ ଯାଜପୁରରୋଡ ସହରରେ ଟ୍ରାଫିକ୍ ବ୍ୟବସ୍ଥା ମୁଖ୍ୟ ସମସ୍ୟା। ଏହି ସମସ୍ୟା ସୁଧୁରିବା ପାଇଁ ୨୦୦୯ରେ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇ ଘରୋଇ ବିଭାଗକୁ ପଠାଯାଇଥିଲା। ହେଲେ ଅଦ୍ୟାବଧି ଏହା କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଛି। ସହରରେ ଟ୍ରାଫିକ ପୋଲିସ ନ ଥିବାରୁ ଯାନବାହନ ନିୟନ୍ତ୍ରଣ କରିବାରେ ପୋଲିସ ବିଫଳ ହେଉଛି। ୮ ମାସ ପୂର୍ବେ ଟ୍ରାଫିକ ପୋଷ୍ଟଗୁଡିକରେ ସିଗ୍‌ନାଲ ସଙ୍କେତ ସଂଯୋଗ କରାଯିବ ବୋଲି ତତ୍କାଳୀନ ଥାନାଧିକାରୀ ଗଣମାଧମକୁ ସୂଚନା ଦେଇଥିଲେ। ଦଳା ବାଇପାସ, ଗୋପବନ୍ଧୁ ଛକ, ଚୋରଦା ବାଇପାସ, ଚୋରଦା ଛକ, ଫାୟାର ଷ୍ଟେଶନ ଛକ, ବେଣାପୁର ଛକ ଆଦି ସ୍ଥାନର ଟ୍ରାଫିକ ପୋଷ୍ଟ ଗୁଡିକରେ ଯାନବାହନ ନିୟନ୍ତ୍ରଣ ପାଇଁ ସିଗ୍‌ନାଲ ସଙ୍କେତ ସଂଯୋଗ କରାଯିବ ବୋଲି ସ୍ଥିର କରାଯାଇଥିଲେ ମଧ ଏପର୍ଯ୍ୟନ୍ତ ସିଗ୍‌ନାଲ ଲାଗିନାହିଁ। ଅପରପକ୍ଷରେ କଳିଙ୍ଗନଗର ଶିଳ୍ପାଞ୍ଚଳର ପରିବହନ ପାଇଁ ବ୍ୟବହୃତ ଯାନବାହନ ଓ କେନ୍ଦୁଝର ଜିଲାକୁ ରପ୍ତାନି ହେଉଥିବା ଭାରିଯାନଗୁଡିକ ସହର ମଧ ଦେଇ ଯାତାୟାତ କରୁଥିବାରୁ ଟ୍ରାଫିକ ସମସ୍ୟାକୁ ଦ୍ୱିଗୁଣିତ କରିଛି। ବିଶେଷକରି ରେଲୱେ ଗୋଦାମରୁ ସିମେଣ୍ଟ ବୋଝେଇ ଟ୍ରକ୍‌ଗୁଡିକ ଡାକବଙ୍ଗଳା ଛକ ଦେଇ ସହର ମଧରେ ଯାଉଥିବାରୁ ଟ୍ରାଫିକ ସମସ୍ୟା ଗୁରୁତର ହେଉଥିବା ଜଣାପଡ଼ିଛି। ଏପରି କି ଆମ୍ବୁଲାନ୍ସ ଓ ଅଗ୍ନି ସେବା ଗାଡିଗୁଡିକ ରାସ୍ତାରେ ଅଟକି ରହୁଛି। ଟ୍ରାଫିକ୍ ସମସ୍ୟା ଦୂର କରିବା ପାଇଁ ପୌର ପରିଷଦ ପକ୍ଷରୁ ଯାଜପୁର ଏସ୍‌ପିଙ୍କୁ ଅବଗତ କରାଯାଇଥିଲା। ଟ୍ରାଫିକ ପୋଷ୍ଟଗୁଡିକରେ ହୋମଗାର୍ଡମାନେ ମୁତୟନ ହୋଇଥିବାରୁ ସେମାନେ ଟ୍ରାଫିକ ସମସ୍ୟା ଦୂର କରିବାରେ ବିଫଳ ହେଉଥିବା ଦେଖିବାକୁ ମିଳିଛି। ଏହି ପୋଷ୍ଟଗୁଡିକରେ ଇଲେକ୍ଟ୍ରୋନିକ୍ସ ସିଗନାଲ ଓ ଟ୍ରାଫିକ ପୋଲିସ ମୁତୟନ ପାଇଁ ସହରବାସୀଙ୍କ ପକ୍ଷରୁ ଦାବି ହୋଇଛି।

### ଚାରା ବଣ୍ଟନ ଜରିଆରେ ବାହାଘର ନିମନ୍ତ୍ରଣ

**ବରୀ,୧୯।୫(ସ୍ୱ.ପ୍ର.):** ବାହାଘର ସମୟରେ ଲୋକେ ଅନେକ ଦାମୀ ନିମନ୍ତ୍ରଣ ପତ୍ର ବାଣ୍ଟୁଥିବାବେଳେ ଜଣେ ସାମାଜିକ କର୍ମୀ ଚାରା ବଣ୍ଟନ ମାଧ୍ୟମରେ ନିମନ୍ତ୍ରଣ ଜଣାଉଛନ୍ତି। ଏ ନେଇ ଜଣେ ବୃକ୍ଷପ୍ରେମୀ ଭାବେ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ବରୀ ବ୍ଲକ ବାଇଁସିରିଆ ପଞ୍ଚାୟତ ଇଚ୍ଛାପୁର ଗ୍ରାମର ସତ୍ୟରଞ୍ଜନ କର ତାଙ୍କ ସାନ ଭାଇ ସୌମ୍ୟଙ୍କ ବିବାହ ନିମନ୍ତ୍ରଣ କାର୍ଡକୁ ନିଆରା ଭାବେ ତିଆରି କରିଛନ୍ତି। ପ୍ରତ୍ୟେକଙ୍କୁ ଏକ ଚାରା ସହ କାର୍ଡ ସଂଲଗ୍ନ କରି ନିମନ୍ତ୍ରଣ କରିଥିବା ଜଣାପଡ଼ିଛି। ବୃକ୍ଷରୋପଣ ଓ ରକ୍ତଦାନ ଜରିଆରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି କାର୍ଡ ଜରିଆରେ ଯୌତୁକ ପ୍ରଥାକୁ ବିରୋଧ କରିବା ସହିତ ସମସ୍ତେ ଏହି ସାମାଜିକ ବ୍ୟାଧିକୁ ଦୂରେଇବା ଆବଶ୍ୟକ ବୋଲି ଉଲ୍ଲେଖ କରିଛନ୍ତି। ଏଥିସହ ନିଶାଠାରୁ ଦୂରେଇ ରହିବା ପାଇଁ ସେ ବିବାହ ନିମନ୍ତ୍ରଣ ପତ୍ରରେ ଉଲ୍ଲେଖ କରିଛନ୍ତି। ବିବାହ ଉତ୍ସବ ଅବସରରେ ବୃକ୍ଷରୋପଣ, ଚାରା ବଣ୍ଟନ ଏବଂ ରକ୍ତଦାନ ଶିବିର ଆୟୋଜନ କରିଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶାଳଗ୍ରାମ;**
**ବସିବା ଶୋଇବା ଏକ ସମାନ ।**

ଶାଳଗ୍ରାମ ଖଣ୍ଡେ ଶିଳା ବା ପଥର। ସେଥିରେ ଜୀବନ ନାହିଁ। ଶାଳଗ୍ରାମକୁ ଯେମିତି ବା ଯେପରି ରଖିଲେ ଚଳିବ। ସେ ଶୋଇଛି କି ବସିଛି ସେଥିରେ କିଛି ତଫାତ୍ ନ ଥାଏ। ପରୋକ୍ଷରେ ନିର୍ବିକାର ଲୋକର ମାନସିକ ଅବସ୍ଥା। କିଛି ବ୍ୟକ୍ତି ଅଛନ୍ତି ସେମାନଙ୍କୁ ସହଜରେ ଚିହ୍ନି ହୁଏ ନାହିଁ। ତାଙ୍କ କଥାବାର୍ତ୍ତାରୁ ଭଲମନ୍ଦ ବାରି ହୁଏ ନାହିଁ। ବାହ୍ୟ ଭାବଭଙ୍ଗୀରୁ ଅନ୍ତରର ଭାବପ୍ରକାଶ ନ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସଞ୍ଜୁରୁ ନ ଥାଏ ସକାଳକୁ,**
**ଟାକି ବସିଥାଏ ପଖାଳକୁ ।**

ଗରିବ ଘର ଅଭାବ ଚିର ସହଚର। ଯେତେ ରୋଜଗାର କଲେ ବି ଅଣ୍ଟି ନ ଥାଏ। ପାଖରେ ପଇସାପତ୍ର ନ ଥିବାରୁ ଭଲରେ ଗଣ୍ଡେ ଖାଇବା ତଥା ଭଲରେ ଖଣ୍ଡେ ପିନ୍ଧିବା ତାଙ୍କ ପାଇଁ ସ୍ୱପ୍ନ ପାଲଟି ଯାଇଥାଏ। ଦାଣ୍ଡରୁ ଆସିଲେ ହାଣ୍ଡିରେ ପଶିବା ଭଳି କିଏ ମୁନ୍ଦାଏ ତୋରାଣି ଦେଲେ ସେଥିରେ ପେଟ ପୂରାଇବା କଥା। ଦୀନହୀନ ଦରିଦ୍ର ବ୍ୟକ୍ତି ପରର ହାତଟେକା ଉପରେ ନିର୍ଭର କରି ଜୀବିକା ନିର୍ବାହ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଶିକ୍ଷା ସଂସ୍କାରକ ପ୍ରଫେସର ବ୍ରଜବନ୍ଧୁ ମିଶ୍ର

**ଏକଶତତମ ଜନ୍ମଦିବସ**



ପ୍ରଫେସର ବ୍ରଜବନ୍ଧୁ ମିଶ୍ର ଓଡ଼ିଶାର ଶିକ୍ଷା,ଶିକ୍ଷକ ଓ ଶିକ୍ଷାବିତ୍‌ମାନଙ୍କ ମଧ୍ୟରେ ଏକ ସୁପରିଚିତ ନାମ। ଜଣେ ମେଧାବୀ ଛାତ୍ର ଉଚ୍ଚକୋଟିର ଶିକ୍ଷାବିତ୍ ତଥା ଶିକ୍ଷା ପ୍ରଶାସକ ଭାବେ ବହୁ ସଂସ୍କାରମୂଳକ କାର୍ଯ୍ୟ କରି ସେ ଖ୍ୟାତି ଅର୍ଜନ କରିଥିଲେ। ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗରେ ବିଦ୍ୟାଳୟ ଶିକ୍ଷାର ଡିପିଆଇ ସହ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ସେ କାର୍ଯ୍ୟ କରିଥିଲେ। ଶିକ୍ଷା ଛାତ୍ରୀଛାତ୍ରଙ୍କ ଉପରେ ଯେଉଁଭଳି ବୋଝ ନ ହୁଏ, ଶିକ୍ଷାକୁ କିଭଳି ଲୋକାଭିମୁଖୀ କରାଯାଇ ପାରିବ ଏବଂ ଜ୍ଞାନ ବିକାଶରେ ଶିକ୍ଷା କିଭଳି ସହାୟକ ହେବ ସେ ଦିଗରେ ମିଶ୍ର ଉଦ୍ୟମରତ ଥିଲେ। ଓଡ଼ିଶା ରାଜ୍ୟ ଶିକ୍ଷା ପଦ୍ଧତିରେ ମାଟ୍ରିକ ପରୀକ୍ଷା ଡାଞ୍ଚା ପ୍ରଥମଥର ପାଇଁ ସେ ଆରମ୍ଭ କରିଥିଲେ ଯାହା ଆଜି ପର୍ଯ୍ୟନ୍ତ ଚାଲୁ ରହିଛି। ସ୍କୁଲ ପିଲାଙ୍କ ଲାଗି ସେ ଲେଖିଥିବା ଗଣିତ ବହି ରାଜ୍ୟ ସରକାରଙ୍କ ଦ୍ୱାରା ସ୍କୁଲ ପାଠ୍ୟକ୍ରମରେ ଲାଗୁହୋଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବହୁଳ ଭାବେ ଆଦୃତ ହୋଇଥିଲା। ୧୯୨୦ ମସିହା ମେ ମାସ ୨୦ରେ ତାଳଚେରଠାରେ ଜନ୍ମ ଗ୍ରହଣ କରି ୧୯୩୬ରେ ସ୍ଥାନୀୟ ହାଇସ୍କୁଲରୁ ପ୍ରଥମ ଶ୍ରେଣୀରେ ମାଟ୍ରିକ ପାସ୍ କରିଥିଲେ। ତତ୍କାଳୀନ ବ୍ରିଟିଶ ଶାସନ ସମୟରେ ଜଣେ ମେଧାବୀ ଛାତ୍ର ଭାବେ ସେ ବହୁ ପ୍ରଶଂସିତ ହୋଇଥିଲେ। ପାଟଣା ବିଶ୍ୱ ବିଦ୍ୟାଳୟରୁ ଇଣ୍ଟରମିଡିଏଟ ସାଇନ୍ସ ଓ ୧୯୪୦ରେ ବିଏସ୍‌ସି(ଗଣିତ) ଅନର୍ସରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ୧୯୪୨ରେ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଗଣିତରେ ମଧ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ରେକର୍ଡ ଏବଂ ସ୍ୱର୍ଣ୍ଣପଦକ ପ୍ରାପ୍ତ କରିଥିଲେ। ଆମେରିକାର ମିଚିଗାନ ବିଶ୍ୱବିଦ୍ୟାଳୟରୁ ଏମ୍.ଏସ୍ ଓ କଲମ୍ବିଆ ବିଶ୍ୱବିଦ୍ୟାଳୟରୁ ଏ.ଏମ୍ ଡିଗ୍ରୀ ହାସଲ କରିଥିଲେ।

ଜଣେ ପ୍ରତିଭାବାନ ବ୍ୟକ୍ତିତ୍ୱ ଭାବେ ପରିଚିତ ବ୍ରଜବନ୍ଧୁ ମିଶ୍ର ରେଭେନ୍ସା କଲେଜର ଅଧ୍ୟାପକ, ପ୍ରାଧ୍ୟାପକ ଓ ପ୍ରଫେସର ଭାବେ କାର୍ଯ୍ୟ କରି ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ। ବଲାଙ୍ଗୀର ରାଜେନ୍ଦ୍ର କଲେଜର ଅଧକ୍ଷ, ସମ୍ବଲପୁର ଗଙ୍ଗାଧର ମେହେର କଲେଜର ଦୁଇଥର ଅଧକ୍ଷ ଏବଂ ଖଲିକୋଟ କଲେଜର ଅଧକ୍ଷ ଦାୟିତ୍ୱ ତୁଲାଇ ଜଣେ ସୁ-ଶିକ୍ଷା ପ୍ରଶାସକ ଭାବେ ଦକ୍ଷତା ପ୍ରତିପାଦନ କରିଥିଲେ। ୧୯୬୭ରେ ନବଗଠିତ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଥମ ରେଜିଷ୍ଟ୍ରାର ଏବଂ ଓୟୁଏଟି ରେଜିଷ୍ଟ୍ରାର ଭାବେ ମଧ କାର୍ଯ୍ୟ କରିଥିଲେ। ସମ୍ବଲପୁର ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ଓଡ଼ିଶା ସରକାର ହାତକୁ ନେଲା ପରେ ତାଙ୍କୁ ଆଡମିନିଷ୍ଟ୍ରେଟର ଭାବେ ନିଯୁକ୍ତ କରିଥିଲେ। ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗର ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେଶନର ଅଧକ୍ଷ, ସ୍କୁଲ ଡିପିଆଇ ଓ ଶିକ୍ଷା ସିଲେକଶନ ବୋର୍ଡର ଅଧକ୍ଷ ଭାବେ ସେ କାର୍ଯ୍ୟ କରିଥିଲେ। ଭାରତ ସରକାରଙ୍କ ଅଧୀନରେ ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଜୁକେଶନାଲ ଆଡମିନିଷ୍ଟ୍ରେଶନର ପରାମର୍ଶଦାତା ଭାବେ ମିଶ୍ର ଯୋଗ ଦେଇଥିଲେ। ସେ ସିକିମ୍ ରାଜ୍ୟ ଶିକ୍ଷା ବିଭାଗର ସଚିବ ତଥା ନିର୍ଦ୍ଦେଶକ ଭାବେ ଗ୍ୟାଙ୍ଗଟକଠାରେ ଅବସ୍ଥାପିତ ହୋଇଥିଲେ। ଜଣେ ମହାନ୍ ଶିକ୍ଷାବିତ୍ ଭାବେ ଦେଶ ବିଦେଶର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ୧୯୯୯ ମସିହା ଡିସେମ୍ବର ୧୪ରେ ତାଙ୍କର ପରଲୋକ ହୋଇଥିଲା। ଜଣେ ଉଚ୍ଚ ନୀତି, ନୈତିକତା ଓ ଆଦର୍ଶ ଶିକ୍ଷକ ଓ ପ୍ରଶାସକ ଭାବେ ମିଶ୍ର ନିଜର କର୍ମ ସମ୍ପାଦନ କରୁଥିଲେ ଯାହା ତାଙ୍କୁ ଏବେବି ସମସ୍ତଙ୍କ ମଧ୍ୟରେ ମହାନ୍ ଓ ଅମର କରି ରଖିଛି ।

-ନରେନ୍ଦ୍ର କୁମାର ମିଶ୍ର


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

Dhanlaxmi Financial Services
ଏବେ କରିବ ସବୁ ଗାଁ/ସହରରେ ବଡ଼ ଋଣ 50,000-95 ଲକ୍ଷ ପର୍ଯ୍ୟନ୍ତ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାରର ଋଣ ଘରେ ବସି 2% ସୁଧ 40% ରିହାତି। ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Number
[ 8221048110 ]
T-51, Gautam Nagar, Galli-8, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

EDUCATION

ADMISSION GUIDANCE
Last Chance for MD, MS & MDS aspirants, confirm your seat in top Colleges/ Universities all over India at lowest packages with your preferred branch. Book/ Confirm your seats in top Colleges/ Universities at lowest packages. Courses offered are MBBS, BDS, B.Sc. Nursing, B.Sc. Agriculture, B.Pharm, B.Tech. B.Arch, MBA, BBA, LLB etc.
SAIRAM EDUCATION HUB
Plot No: 175, Lane-10, Soubhagya Nagar, Baramunda, Bhubaneswar- 751003
Contact: 9937452320, 9938309070

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City


BUSINESS
ଖାଲିଥିବା ଜମି ଓ ଛାତ ଉପରେ
Regd. ଗୋଲ୍ଡ ମେଡାଲିଷ୍ଟ
ଆମେରିକାନ୍ କଂପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
ଅନ୍ୟ କଂପାନୀ ଠୁ ଧୋକା ଖାଇଥିବା ବ୍ୟକ୍ତି ନିଶ୍ଚିତ ଫୋନ୍ କରନ୍ତୁ
Plot No - 10/251, Devaraja Mohalla, Bangalore, 570001
8818962375
7869219354

See Color Display Classified on every Tuesday & Friday

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଆଜିର କର୍ତ୍ତବ୍ୟ ଯଦି ସମ୍ପାଦନ କର, କାଲିର କର୍ତ୍ତବ୍ୟ ତୁମ ଆଗରେ ସ୍ପଷ୍ଟ ହୋଇ ଉଠିବ।
- କାର୍ଲାଇଲ



## ସଂକ୍ଷେପରେ

### ହନୁମାନ ଜୟନ୍ତୀ

**ଚଣ୍ଡିଖୋଲ,୧୯।୫(ଡି.ଏନ.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଭାକୁଡ଼ ଗ୍ରାମଠାରେ ପ୍ରତିଷ୍ଠିତ ହନୁମାନ ମନ୍ଦିରର ୪ର୍ଥ ବାର୍ଷିକୋତ୍ସବ, ହନୁମାନ ଜୟନ୍ତୀ ଓ ଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଯଜ୍ଞ ତିନି ଦିନ ଧରି ଚାଲିଥିଲା। ଗତ ୧୬ରେ ମହିଳାମାନେ ବିରୂପା ନଦୀରୁ ଜଳ ଉଠାଇ କଳସ ଶୋଭାଯାତ୍ରାରେ ଭାକୁଡ଼ସ୍ଥିତ ହନୁମାନ ମନ୍ଦିର ପରିସରକୁ ଆସି କଳସ ସ୍ଥାପନ କରିଥିଲେ। ପ୍ରଥମେ ସୂର୍ଯ୍ୟ ପୂଜା ଓ ଗୋ ପୂଜା ହେବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଦୈନିକ ହନୁମାନ ଚାଲିଶା, ନାମସଂକୀର୍ତ୍ତନ ଓ ଆନନ୍ଦ ବଜାର ଅନୁଷ୍ଠିତ ହୋଇଥିଲା। ଭାକୁଡ଼, ମୁକୁନ୍ଦପୁର, ଦୈଳତପୁର ଓ ଗୋପାଳପୁର ଗ୍ରାମର ସହସ୍ରାଧିକ ଲୋକ ଯୋଗଦେଇ ମହାବୀରଙ୍କ ପୂଜାର୍ଚ୍ଚନା କରିବା ସହ ଯଜ୍ଞରେ ସାମିଲ ହୋଇଥିଲେ।

### ବିଭିନ୍ନ ସ୍ଥାନରେ ବୁଦ୍ଧ ଜୟନ୍ତୀ ପାଳିତ

**ଧର୍ମଶାଳା,୧୯।୫(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ କୋତପୁର ପଞ୍ଚାୟତସ୍ଥିତ ବଜ୍ରଗିରି ଉପ୍ରା ବିଦ୍ୟାଳୟ ପରିସରରେ ବୁଦ୍ଧ ସାଂସ୍କୃତିକ ପରିଷଦ ପକ୍ଷରୁ ଗୌତମ ବୁଦ୍ଧଙ୍କ ଜୟନ୍ତୀ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସମାଜିକକର୍ମୀ କାହ୍ନୁଚରଣ ଦାଶଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ରମାକାନ୍ତ ଜେନା ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ବଜ୍ରଗିରି ପତ୍ରିକାକୁ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥିଭାବେ ଅଧାପକ ପ୍ରଶାନ୍ତ କୁମାର ସାହୁ, ଚନ୍ଦନ ପ୍ରଧାନ, କବି ନିରଞ୍ଜନ ଜେନ, କୈଳାସ ସାହୁ, ଗବେଷକ ସୌଭାଗ୍ୟ ରାଉତ, ପ୍ରତାପ କିଶୋର ନାଥ, ଶିକ୍ଷାବିତ ଲକ୍ଷ୍ମୀଧର ବେହେରା, ଚିତ୍ତରଞ୍ଜନ ମହାନ୍ତି, ଅଜୟ କୁମାର ବଳ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଲଛମନ ରାଉତ ଅତିଥି ପରିଚୟ ଓ ବିବରଣୀ ପାଠ କରିଥିଲେ । ବିବେକାନନ୍ଦ ରାୟ ଧନ୍ୟବାଦ ଦେଇଥିଲେ। ସେହିପରି ଧର୍ମଶାଳା ସଂସ୍କୃତି ପରିଷଦ ଓ ଗୋପବନ୍ଧୁ ସେବା ସଂଘ ମିଳିତ ଆନୁକୂଲ୍ୟରେ ବୁଦ୍ଧ ଜୟନ୍ତୀ ଜାରକାସ୍ଥିତ ଧର୍ମଶାଳା ବ୍ଲକ ପରିସରରେ ପାଳିତ ହୋଇଯାଇଛି। ଅବସର ପ୍ରାପ୍ତ ସିଡିଏମ୍‌ଓ ରମେଶଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଗ୍ରନ୍ଥକାର ଜୟନ୍ତ କୁମାର ବିଶ୍ୱାଳ, ମୁଖ୍ୟବକ୍ତାଭାବେ ବ୍ୟାସନଗର କଲେଜ ପ୍ରାକ୍ତନ ଅଧକ୍ଷ ନିରଞ୍ଜନ ଶତପଥୀ ଓ ସମ୍ମାନିତ ଅତିଥିଭାବେ ସାହାସପୁର ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ଜଗନ୍ନାଥ ଜେନା ଯୋଗଦେଇଥିଲେ। ଧର୍ମଶାଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣ ଦେଇଥିଲେ। ଗଭବାନ କୁଣ୍ଡ ଧନ୍ୟବାଦ ଦେଇଥିଲେ। ଏହିପରି ଜାତୀୟ ରାଜପଥ କଡ଼ ଜାରକାବଜାର ଶେଷଭାଗରେ ଥିବା ବୁଦ୍ଧ ମୂର୍ତ୍ତୀ ନିକଟରେ ପ୍ରତାପ ପ୍ରଧାନଙ୍କ ନେତୃତ୍ୱରେ ଜୟନ୍ତୀ ପାଳିତ ହୋଇଯାଇଛି।

## ବନ୍ଦ ହୋଇପାରେ ଫେରୋକ୍ରୋମ୍ କାରଖାନା

# ସଙ୍କଟରେ ୫୦୦ ଶ୍ରମିକଙ୍କ ଜୀବିକା

**ଯାଜପୁର ଅଫିସ,୧୯।୫**

■୨ ମାସରେ କ୍ଷତି ସହିଲାଣି ପ୍ରାୟ ୬ କୋଟି ଟଙ୍କା

■୨/୩ ସପ୍ତାହ ମଧ୍ୟରେ ବନ୍ଦ ହେବାକୁ ବସିଛି କାରଖାନା

ଯାଜପୁର ଜିଲାର ଅନ୍ୟ ଏକ ସରକାରୀ ଶିଳ୍ପ କାରଖାନା ଯାଜପୁରରୋଡସ୍ଥିତ ଇଡକଲ ଫେରୋକ୍ରୋମ ଆଣ୍ଡ ଆଲଏଜ ବନ୍ଦ ଦ୍ୱାରଦେଶରେ ପହଞ୍ଚିଛି। ଫଳରେ ପ୍ରାୟ ୫୦୦ ଶ୍ରମିକ ସମେତ ୨୭୫ ଜଣ ଅଧିକାରୀ, କର୍ମଚାରୀ ଓ ଯୋଗାଣ ଶ୍ରମିକଙ୍କ ଜୀବିକା ସଂକଟରେ ପଡିବା ନିଶ୍ଚିତ ହୋଇଛି। ପୂର୍ବରୁ ଇଡକଲର ଟୈଳଙ୍ଗି କ୍ରୋମାଇଟ ଖଣି ବନ୍ଦ ରହିଛି। ଫେରୋକ୍ରୋମ କାରଖାନାରେ ୨୦୧୮ ଅକ୍ଟୋବରରୁ ଶ୍ରମିକ ଅଶାନ୍ତି ଲାଗି ରହିଛି। ଶ୍ରମିକଙ୍କୁ ନିୟମିତ ଭାବେ କାମ ଯୋଗାଇ ପାରୁ ନ ଥିବାବେଳେ ଆଗାମୀ ୨/୩ ସପ୍ତାହ ମଧ୍ୟରେ କାରଖାନା ବନ୍ଦ ହେବାକୁ ବସିଛି। କାରଖାନାର ୨ଟି ଫର୍ନେସକୁ ଆଉ ନ ଚଳାଇବା ପାଇଁ ଇଡକଲ ମୁଖ୍ୟାଳୟର ଇ.ଡି(ଅର୍ଥ) ବିଷ୍ଣୁପଦ ମହାପାତ୍ର ଗତ ୧୭।୫।୨୦୧୯ରେ କାରଖାନାର ପରିଚାଳନା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆର୍ନ୍ତଜାତିକ ବଜାରରେ ଉତ୍ପାଦିତ ହାଇକାର୍ବନ ଫେରୋକ୍ରୋମର ବଜାର ଦର ଢେର ଖସିଯିବା କାରଣରୁ ଏଭଳି ନିର୍ଦ୍ଦେଶ ହୋଇଥିବା କୁହାଯାଇଛି। ନିଜର କ୍ୟାପ୍‌ଟିଭ ଖଣି ଟଳଙ୍ଗୀ ବନ୍ଦ ଥିବାରୁ ବାହାରୁ କ୍ରୋମ ଓର କିଣିବାକୁ ପଡୁଛି। ଫଳରେ ଉତ୍ପାଦନ ଖର୍ଚ୍ଚ ଢେର ଅଧିକ ହେଉଛି। ଯେତିକି କ୍ରୋମ ଓର କାରଖାନା ପରିସରରେ ଗଚ୍ଛିତ ଅଛି ତାହା ଶେଷ ହେବା ପର୍ଯ୍ୟନ୍ତ ଫର୍ନେସ ଚଳାଇବା ପାଇଁ ଏହି ପତ୍ରରେ କୁହାଯାଇଛି। ଓର ଆଉ ୧ରୁ ୨ ସପ୍ତାହ ମଧ୍ୟରେ ଶେଷ ହେବ ବୋଲି ଆକଳନ କରାଯାଉଛି। ୧୯୬୮ ମସିହାରେ ଶ୍ରମିକଙ୍କୁ କାମ ଯୋଗାଇଦେବା ଉଦ୍ଦେଶ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଉଦ୍ୟମରେ ଯାଜପୁରରୋଡରେ ଫେରୋକ୍ରୋମ କାରଖାନା ପ୍ରତିଷ୍ଠା ହୋଇଥିଲା। ଇଡକଲର ଶେଷ ସନ୍ତକ ଭାବେ ଏହା କାର୍ଯ୍ୟକ୍ଷମ ଥିଲା। କାରଖାନାରେ ଅତ୍ୟଧିକ ଦୁର୍ନୀତି ଓ ଏହାକୁ ରୋକିବାରେ ଆନ୍ତରିକତାର ଅଭାବ, ସର୍ବାଧିକ ଦୁର୍ନୀତିରେ ସମ୍ପୃକ୍ତ ପୂର୍ବତନ ସିଏମଡିଙ୍କ କାର୍ଯ୍ୟକଳାପ ଉପରେ ତଦନ୍ତ ନ ହେବା, ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଇଡକଲ ବର୍ତ୍ତମାନର ଅଧକ୍ଷ ସେପରି କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନ ନେବା ପ୍ରଭୃତି କାରଣରୁ ଆଜି ଏପରି ଅଚଳାବସ୍ଥା ହେଲା ବୋଲି କୁହାଯାଉଛି । ଫେରୋକ୍ରୋମ କାରଖାନା ବନ୍ଦ ହେବା ପଛରେ ଟୈଳଙ୍ଗି ଖଣି ଦାୟୀ ବୋଲି ମତପ୍ରକାଶ ପାଉଛି । କାରଖାନାର ୨ଟି ଫର୍ନେସରେ ମାସିକ ୧୬୦୦ ଟନ ପାଖାପାଖି ହାଇ କାର୍ବନ ଫେରୋକ୍ରୋମ ଉତ୍ପାଦନ ହେଉଥିଲା। ଏବେ ହାଇକାର୍ବନ ଫେରୋକ୍ରୋମର ବିକ୍ରି ମୂଲ୍ୟ ଟନ ପିଛା ପ୍ରାୟ ୭୦ ହଜାର ଟଙ୍କା ରହିଛି। ମାତ୍ର ୧ ଟନ ହାଇକାର୍ବନ ଫେରୋକ୍ରୋମର ଉତ୍ପାଦନ ଖର୍ଚ୍ଚ ୭୪ ହଜାର ଟଙ୍କା ହେଉଛି। ଫଳତଃ ୧ ଟନ ହାଇ କାର୍ବନ ଫେରୋକ୍ରୋମ ଉତ୍ପାଦନରେ କାରଖାନା ପ୍ରାୟ ୪ ହଜାର ଟଙ୍କା ପାଖାପାଖି କ୍ଷତି ସହୁଛି। ମାସିକ ୧୬୦୦ ଟନ ଉତ୍ପାଦନ ହିସାବରେ ୧ କୋଟି ୨୮ ଲକ୍ଷ ପାଖାପାଖି କ୍ଷତି କରୁଛି। ଏବେ କାରଖାନା ଉପରେ ନେସ୍କୋର ବିଜୁଳି ବିଲ ବାବଦକୁ ପ୍ରାୟ ୮କୋଟି ଟଙ୍କା ବକେୟା ପଡିଛି। ୨ ପ୍ରତିଶତ ସୁଧ ହିସାବରେ କାରଖାନା ମାସିକ ୧୬ ଲକ୍ଷ ଟଙ୍କା ସୁଧ ଗଣୁଛି। କାରଖାନା ତାର ବ୍ୟାଙ୍କ କ୍ୟାସ କ୍ରେଡିଟ ଲିମିଟର ସର୍ବଶେଷ ସୁବିଧା ୧୧ ରୁ ୧୨ କୋଟି ନେଇସାରିଛି। ୧% ସୁଧ ହିସାବରେ ମାସିକ ୧୨ଲକ୍ଷ ଟଙ୍କା ସୁଧ ବ୍ୟାଙ୍କକୁ କାରଖାନା ଗଣୁଛି। ଟଙ୍କା ବ୍ୟାଙ୍କରେ ଜମା ନ କଲେ ବ୍ୟାଙ୍କ ମଧ୍ୟ ଆଉ କାରଖାନାକୁ ଋଣ ଦେବନି। କର୍ମଚାରୀଙ୍କ ଦରମା, ଗାଡି, ଗେଷ୍ଟ ହାଉସ ଖର୍ଚ୍ଚ, ଠିକାଦାରଙ୍କ ପାଉଣା ଆଦି ବାବଦରେ ମାସିକ ୧ କୋଟି ୩୦ଲକ୍ଷ ଟଙ୍କା ସ୍ଥାୟୀ ଖର୍ଚ୍ଚ ରହିଛି। ୧୦୦ ଜଣ ଯୋଗାଣ ଶ୍ରମିକଙ୍କୁ ବହୁ ବିଳମ୍ବରେ ବର୍ଦ୍ଧିତ ମଜୁରୀ ମିଳିଥିବାବେଳେ କଠିନ ପରିଶ୍ରମ କରୁଥିବା ୫୦୦ ପାଖାପାଖି ଠିକା ଶ୍ରମିକଙ୍କୁ ବର୍ଦ୍ଧିତ ମଜୁରୀ ପ୍ରଦାନ କରାଯାଉ ନାହିଁ ବୋଲି ଅଭିଯୋଗ ହୋଇଛି। ଏବେ ମାସିକ ପ୍ରାୟ ୫ଲକ୍ଷ ଟଙ୍କା ବର୍ଦ୍ଧିତ ମଜୁରୀ ଶ୍ରମିକଙ୍କୁ ମିଳୁଥିବାବେଳେ ଠିକା ଶ୍ରମିକଙ୍କୁ ବର୍ଦ୍ଧିତ ମଜୁରୀ ଲାଗୁ ହେଲେ ଆଉ ୧୨ ଲକ୍ଷ ଟଙ୍କା ମାସିକ ଲାଗିବ। ତେଣୁ ବର୍ଦ୍ଧିତ ମଜୁରୀ ଦେୟ ବାବଦରେ କାରଖାନାକୁ ମାସିକ ୧୭ ଲକ୍ଷ ପାଖାପାଖି ବୋଝ ମଧ୍ୟ ପଡିଛି। ଏସବୁ ହିସାବରେ କାରଖାନା ଚଳାଇଲେ ମାସିକ ପ୍ରାୟ ୩ କୋଟି କ୍ଷତି ସହିବ। ଏପରି ଭାବେ ଗତ ୨ମାସରେ କାରଖାନା ୬ କୋଟି କ୍ଷତି ସହିଛି। ତଥାପି କାରଖାନା କର୍ତ୍ତୃପକ୍ଷ ବଦଖର୍ଚ୍ଚ କରିବାରେ ଅଙ୍କୁଶ ଲଗାଇ ପାରୁନାହାନ୍ତି । ତେବେ ନିକଟ ଭବିଷ୍ୟତରେ କାରଖାନା ବନ୍ଦ ହେଲେ ଏମଡିଙ୍କ ସମେତ ପ୍ରାୟ ୧୦୦ ଜଣ ଅଧିକାରୀ, ୭୫ଜଣ କର୍ମଚାରୀ ଓ ୧୦୦ ଜଣ ଯୋଗାଣ ଶ୍ରମିକ ବସି ବସି କିଛି ଦରମା ପାଇବେ । ମାତ୍ର ୫୦୦ ପାଖାପାଖି ଠିକା ଶ୍ରମିକ ସେମାନଙ୍କ ଜୀବିକା ହରାଇବେ। ତେଣୁ ଶ୍ରମିକଙ୍କ ସ୍ୱାର୍ଥ ଦୃଷ୍ଟିରୁ କାରଖାନାରେ ଲାଗି ରହିଥିବା ସମସ୍ୟାର ସମାଧାନ କରି ବନ୍ଦ ନିର୍ଦ୍ଦେଶକୁ ପ୍ରତ୍ୟାହାର କରିନେବାକୁ ଇଡକଲ ଅଧକ୍ଷଙ୍କୁ ଶ୍ରମିକ ନେତା ଦୁଷ୍ମନ୍ତ କୁମାର ରାଉତ ଅନୁରୋଧ କରିଛନ୍ତି । ତେବେ ଏ ସଂକ୍ରାନ୍ତରେ ଫେରୋକ୍ରୋମ କାରଖାନାର ଏମଡି ବୀରକିଶୋର ସାହୁଙ୍କୁ ପଚାରିବାରେ, କାରଖାନାକୁ ବନ୍ଦ କରିବାକୁ ବିଚାର ବିମର୍ଶ ଚାଲିଛି । ଏଯାଏ କୌଣସି ନିଷ୍ପତ୍ତି ନିଆଯାଇ ପାରିନାହିଁ ବୋଲି କହିଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ଧର୍ମଶାଳା,୧୯।୫(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ନୂଆଗାଁସ୍ଥିତ ମା’ ପଳାଶବୁଢୀ ପୀଠରେ ତ୍ରୟୋଦଶ ବାର୍ଷିକ ସପ୍ତସତୀ ଚଣ୍ଡୀ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ରାତ୍ରିରେ ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ଅଙ୍କୁରାରୋପଣ ସହ କଳସାଧିବାସ ପରେ ଯଜ୍ଞ ଶୁଭାରମ୍ଭ ହୋଇଥିଲା। ଶୁକ୍ରବାର ସୂର୍ଯ୍ୟପୂଜା, ଗୋପୂଜା ଓ ଗୁରୁପୂଜା କରାଯାଇ ଶନିବାର ସନ୍ଧ୍ୟା ୮ଟାରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟସଚେତକ ତଥା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ପିସିସି ସାଧାରଣ ସମ୍ପାଦକ କିଷାନ ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ। ଯଜ୍ଞ ଉତ୍ସବରେ ବହୁ ଭକ୍ତ ଯୋଗଦେଇ ମାତୃକୃପା ଲାଭକରି ଥିଲେ। କମିଟି ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯିବା ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ରାୟ, ସମ୍ପାଦକ ସୁନୀଲ କୁମାର ସ୍ୱାଇଁ, ପ୍ରକାଶ ନାୟକ, ନୀଳମଣି ସ୍ୱାଇଁ, ଦେବାଶିଷ ପରିଡା ପ୍ରମୁଖ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ୧୪୮ ନଂ. ବୁଥ୍‌ରେ ସାନି ମତଦାନ ଶେଷ

# ୩ ପ୍ରତିଶତ ବୃଦ୍ଧିପାଇଛି ମତଦାନ ହାର

**ରସୁଲପୁର,୧୯।୫(ଡି.ଏନ.ଏ.)**

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ରସୁଲପୁର ବ୍ଲକର ୧୪୮ ନଂ. ବୁଥ୍‌ରେ ପୁନଃ ମତଦାନ ରବିବାର ଶେଷ ହୋଇଛି। ଏହି ବୁଥ୍‌ରେ ରି-ପୋଲିଂରେ ମତଦାନ ହାର ୭୧ ଭାଗରେ ପହଞ୍ଚିଛି। ଅର୍ଥାତ ୧୨୫୬ ଭୋଟରରୁ ୮୯୮ ମତଦାନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୪୪୫ ମହିଳା ଓ ୪୫୩ ପୁରୁଷ ଭୋଟର ଅଛନ୍ତି। ଗତ ଏପ୍ରିଲ ୨୯ରେ ଅନୁଷ୍ଠିତ ୪ର୍ଥ ପର୍ଯ୍ୟାୟ ନିର୍ବାଚନରେ ୮୫୭ଜଣ ମତଦାନ କରିଥିଲେ। ଅର୍ଥାତ ୬୮ ପ୍ରତିଶତ ମତଦାନ ହୋଇଥିଲା। ତେବେ ପୂର୍ବ ନିର୍ବାଚନ ଅପେକ୍ଷା ସାନି ମତଦାନରେ ମତଦାନ ହାର ୩ ପ୍ରତିଶତ ବୃଦ୍ଧି ପାଇଛି। ପୂର୍ବ ଭଳି ସାନି ମତଦାନବେଳେ ସକାଳ ୭ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା। ଶାନ୍ତିଶୃଙ୍ଖଳାର ସହ ପୁନଃ ମତଦାନ ଶେଷ ହୋଇଛି। ଶୃଙ୍ଖଳାର ସହ ପରିଚାଳନା ହେଲେ ମତଦାନ ହାର ବୃଦ୍ଧି ପାଇବ ବୋଲି ଏଥିରୁ ସ୍ପଷ୍ଟ ହୋଇଛି। ୪ର୍ଥ ପର୍ଯ୍ୟାୟ ନିର୍ବାଚନ ସମୟରେ ନେତାମାନେ ରୋଡ ଶୋ ଜରିଆରେ ଭୋଟ ପ୍ରଚାର କରିଥିବାବେଳେ ଏଥର ସ୍ଥିତି କିଛି ଭିନ୍ନ ଥିଲା। ଗତ ସପ୍ତାହେ ହେବ ନେତାମାନେ ଏଠାରେ ଡେରା ପକାଇଥିଲେ। ମାତ୍ର ରବିବାର ଭୋଟଗ୍ରହଣ କେନ୍ଦ୍ର ନିକଟରେ ସ୍ଥିତି ଅତ୍ୟନ୍ତ ରୋଚକ ଥିବା ଜଣାପଡ଼ିଛି। ବିଜେଡି ପ୍ରାର୍ଥୀ ତଥା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଭାଜପା ପ୍ରାର୍ଥୀ ରମେଶ ଚନ୍ଦ୍ର ପରିଡା, କଂଗ୍ରେସ ପ୍ରାର୍ଥିନୀ ସ୍ମୃତିରେଖା ପହି କେନ୍ଦ୍ର ନିକଟରେ ଘଣ୍ଟା ଘଣ୍ଟା ଧରି ଜଗି ରହିଥିଲେ। ବୁଥ୍‌ଗୁଡ଼ିକରେ ସୁରକ୍ଷା କଡ଼ାକଡ଼ି ଥିବାରୁ ଭୋଟରଙ୍କ ପ୍ରଭାବ ଅଧିକ ଥିଲା। ଶୃଙ୍ଖଳିତଭାବେ ଭୋଟ ଗ୍ରହଣ ହେବାରୁ ମତଦାନ ହାରରେ ବୃଦ୍ଧି ଘଟିଲା ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।



୧୪୮ନଂ. ବୁଥ୍‌ରେ ଭୋଟ ଗ୍ରହଣ କେନ୍ଦ୍ରରେ ଭୋଟରଙ୍କ ଲମ୍ବାଧାଡ଼ି।

### ଅବ୍ୟବସ୍ଥା ମଧ୍ୟରେ ସରିଲା ସାନି ମତଦାନ

**ରତ୍ନଗିରି,୧୯।୫(ଡି.ଏନ.ଏ.)**

ବରୀ ନିର୍ବାଚନମଣ୍ଡଳୀର ବୁଥ୍ ନଂ. ୮୨, ୧୫୮, ୧୬୨, ୧୬୩ ଓ ୧୯୪ରେ ରବିବାର ଶାନ୍ତିଶୃଙ୍ଖଳା ମଧ୍ୟରେ ସାନି ମତଦାନ ଶେଷ ହୋଇଛି। ୧୯୪ ନଂ. ବୁଥରେ ମଧ୍ୟାହ୍ନ ସମୟରେ ଇଭିଏମ ମେଶିନ ଏକ ଘଣ୍ଟା ଅଚଳ ହେବାରୁ ଭୋଟର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏଥିସହ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ପାନୀୟ ଜଳ ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡ଼ିଛି। ପ୍ରଶାସନିକ ଅଧିକାରୀଙ୍କ ଅପେକ୍ଷା ସାମାଜିକ କର୍ମୀମାନେ ମତଦାତାଙ୍କୁ ଭୋଟଗ୍ରହଣ କେନ୍ଦ୍ରକୁ ଆଣିବାରେ ସହଯୋଗ କରିଥିବା ଦେଖିବାକୁ ମିଳିଥିଲା।

### ଖରସ୍ରୋତାରୁ ଚାଲିଛି ବେଆଇନ ବାଲି ଚାଲାଣ

**ସିଂହପୁର,୧୯।୫(ଡି.ଏନ୍.ଏ.)**

ବିଞ୍ଝାରପୁର ତହସିଲ ଅନ୍ତର୍ଗତ ଖରସ୍ରୋତା ନଦୀପଠା ଏବେ ବାଲି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି। ତହସିଲ ପ୍ରଶାସନ ପକ୍ଷରୁ ମାତ୍ର ହାତଗଣତି କେତେକ ସ୍ଥାନରେ ଲିଜ ଥିବାବେଳେ ଅଧିକାଂଶ ସ୍ଥାନରୁ ବେଆଇନ ବାଲି ଚାଲାଣ ହେଉଥିବା ଜଣାପଡ଼ିଛି। ପ୍ରକାଶ ଯେ, ଖରସ୍ରୋତା ନଦୀର ବଗମରାଠାରୁ ଜରୀ ବାଙ୍ଗରା ପର୍ଯ୍ୟନ୍ତ ଅଧିକାଂଶ ସ୍ଥାନରୁ ବେଆଇନ ଭାବେ ବାଲି ଚାଲାଣ କରାଯାଉଥିବା ଜଣାପଡ଼ିଛି। କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ବେଆଇନ ବାଲିଘାଟକୁ ନିଜ କବ୍‌ଜାରେ ରଖିଥିବା ଅଭିଯୋଗ ହେଉଛି। ହେଲେ ପ୍ରଶାସନ ଏମାନଙ୍କ ଉପରେ ଅଙ୍କୁଶ ଲଗାଇବାରେ ଅସମର୍ଥ ହେଉଥିବା ଜଣାପଡ଼ିଛି। ଫଳରେ ରାଜସ୍ୱ ହାନି ହେବା ସହ ମାଫିଆମାନେ ମାଲାମାଲ ହେଉଛନ୍ତି। ପ୍ରଶାସନ ସବୁ ଜାଣି ଚୁପ୍ ରହୁଥିବା ସାଧାରଣରେ ଆଲୋଚନା ହେଉଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାରଙ୍କୁ ଯୋଗାଯୋଗ କରିବାରୁ, ବେଆଇନ ବାଲି ଚାଲାଣ ଉପରେ ତଦନ୍ତ କରାଯିବ ବୋଲି କହିଛନ୍ତି।

## କଲ୍ୟାଣପୁରରେ ସରିଲା ସାନି ମତଦାନ

# ରାଜନୈତିକ ହିଂସାରେ ଖବରଦାତା ଗୁରୁତର

**ବିଞ୍ଝାରପୁର,୧୯।୫ (ଡି.ଏନ.ଏ)**

ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ୧୩୫ନଂ ବୁଥରେ ରବିବାର ପୋଲିସର କଡା ସୁରକ୍ଷା ବଳୟ ମଧ୍ୟରେ ସାନି ମତଦାନ ଶେଷ ହୋଇଛି। ୧୩୫ ନଂ ବୁଥ ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ଗ୍ରାମ ପଞ୍ଚାୟତର ସମଲପୁରସ୍ଥିତ କଲ୍ୟାଣପୁର ପ୍ରାଥମିକ ବିଦ୍ୟାଳୟରେ ଏହି ସାନି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ୭୧୮ ଜଣ ପୁରୁଷ ଓ ୫୭୮ ଜଣ ମହିଳା ଭୋଟରଙ୍କୁ ନେଇ ଏହି ବୁଥରେ ମୋଟ ୧୨୯୬ ଜଣ ଭୋଟର ରହିଛନ୍ତି। ଏହି ବୁଥରେ ସନ୍ଧ୍ୟା ୬ଟା ସୁଦ୍ଧା ୮୮୬ଜଣ ଭୋଟର ମତଦାନ କରିଥିବା ବିଡିଓ ମିନତୀ ଜଗଦେବ ସୂଚନା ଦେଇଛନ୍ତି। ଗତ ୨୯ରେ ସାଧାରଣ ନିର୍ବାଚନରେ ଏହି ବୁଥରେ ଅନୀୟମିତତା ପାଇଁ ନିର୍ବାଚନ କମିସନଙ୍କ ପକ୍ଷରୁ ରବିବାର ସାନି ମତଦାନ ପାଇଁ ସୂଚନା ଜାରି କରାଯାଇଥିଲା। ରବିବାର ସାନି ମତଦାନ ପୂର୍ବରୁ ଏଠାରେ ରାଜନୈତିକ ହିଂସା ଦେଖିବାକୁ ମିଳିଛି। ସମଲପୁର ଗ୍ରାମର ଜଣେ ଖବରଦାତା ରଞ୍ଜିତ ଦାସ ଓରଫ ବାପିନାଙ୍କୁ ଶନିବାର ବିଳମ୍ବିତ ରାତିରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକମାନେ ଘରୁ ଡାକି ନେଇ ମରଣାନ୍ତକ ଆକ୍ରମଣ କରିଥିବା ବାପିନାଙ୍କ ମା’ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ରାତି ପ୍ରାୟ ୨ଟାରେ ଶତାଧିକ ଲୋକ ଆସି ବାପିନାଙ୍କୁ ଘରୁ ଡାକି ନେଇଥିଲେ। ତାଙ୍କ ସହିତ କଥାବାର୍ତ୍ତା ହେଉଥିବା ସମୟରେ ତାଙ୍କୁ ସେମାନେ ଧାରୁଆ ଅସ୍ତ୍ରରେ ମୁଣ୍ଡ ଓ ହାତକୁ ଆକ୍ରମଣ କରି ଚାଲିଯାଇଥିଲେ। ଏପରିକି ଅଭିଯୁକ୍ତମାନେ ତାଙ୍କ ମା’ଙ୍କୁ ବାରଣ୍ଡା ଖୁଣ୍ଟରେ ବାନ୍ଧି ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହାପରେ ସ୍ଥାନୀୟ ଲୋକେ ଆସି ମା’ଙ୍କୁ ଉଦ୍ଧାର କରିବା ସହିତ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାପିନାଙ୍କୁ ପ୍ରଥମେ ଯାଇପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅବସ୍ଥା ସଙ୍ଗଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବାବେଳେ ଏହି ଘଟଣାକୁ କେନ୍ଦ୍ର କରି କଲ୍ୟାଣପୁର ଗ୍ରାମ ପଞ୍ଚାୟତରେ ଚାପା ଉତ୍ତେଜନା ଲାଗି ରହିଛି। ରାଜନୈତିକ ହିଂସାକାଣ୍ଡ ଆଶଙ୍କା ରହୁଥିବାରୁ ପୋଲିସ ପକ୍ଷରୁ କଲ୍ୟାଣପୁର ଗ୍ରାମ ପଞ୍ଚାୟତର ବିଭିନ୍ନ ସ୍ଥାନରେ ସଶସ୍ତ୍ର ପୋଲିସ ବାହିନୀ ମୁତୟନ ରହିଛନ୍ତି ।

## ବିସ୍ଫୋରଣରେ ଆଖି ହରାଇଥିଲେ ସୁଶାନ୍ତ

# କମ୍ପାନୀ କର୍ତ୍ତୃପକ୍ଷଙ୍କ ପ୍ରତାରଣା ଅଭିଯୋଗ

**ଚଣ୍ଡିଖୋଲ,୧୯।୫(ଡି.ଏନ.ଏ.)**

ଝାଡ଼ଖଣ୍ଡ ରାଜ୍ୟ ଚୈତ୍ରା ଜିଲା ଦିଘି ଗ୍ରାମର ସୁଶାନ୍ତ ସିଂ ଏନକେସି କମ୍ପାନୀର ଚଣ୍ଡିଖୋଲ-ଦୁବୁରୀ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ରାମଚନ୍ଦ୍ରପୁରଠାରେ ଥିବା ଏକ ମେଗା କ୍ରଶରରେ ରୋଷେଇଆ ଭାବେ କାମ କରୁଥିଲେ। ସୁଶାନ୍ତ ୨୦୧୮ ଏପ୍ରିଲ୍ ୧୬ରେ କମ୍ପାନୀରେ ହୋଇଥିବା ବିସ୍ଫୋରଣରେ ୨ଟି ଯାକ ଆଖି ହରାଇଥିଲେ। କମ୍ପାନୀ କର୍ତ୍ତୃପକ୍ଷ ତାଙ୍କ ପରିବାରକୁ ସମସ୍ତ ସହାୟତା ଓ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପରେ ସେ ସମୟର ସ୍ଥାନୀୟ ପୋଲିସ ଓ ପ୍ରଶାସନକୁ ହାତ କରିବା ସହ ଘଟଣାକୁ ଚପାଇ ଦେଇଥିବା ନେଇ ସୁଶାନ୍ତ ଓ ତାଙ୍କ ବାପା ନଗୀନ ପ୍ରସାଦ ଶନିବାର ଜେନାପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସୁଶାନ୍ତ କମ୍ପାନୀରେ ରୋଷେଇ କାର୍ଯ୍ୟରେ ବ୍ୟସ୍ତ ଥିଲାବେଳେ କମ୍ପାନୀ ପକ୍ଷରୁ ଗଚ୍ଛିତ ଥିବା ବିସ୍ଫୋରକ ସାମଗ୍ରୀ ହଠାତ୍ ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣରେ ସୁଶାନ୍ତ ସମ୍ପୂର୍ଣ୍ଣ ପୋଡ଼ିଯିବା ସହ ୨ଟି ଯାକ ଆଖି ହରାଇଥିଲେ। ସୁଶାନ୍ତ ଗରିବ ଶ୍ରେଣୀର ହୋଇଥିବାବେଳେ କମ୍ପାନୀରେ କାର୍ଯ୍ୟରତ ଥିବାବେଳେ ଏପରି ଦୁଃଖଦ ଘଟଣା ଘଟିଥିଲା। ସବୁଦିନ ପାଇଁ ସେ ଅକର୍ମଣ୍ୟ ହୋଇପଡ଼ିଥିବାରୁ ତାଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ କମ୍ପାନୀର ସ୍ଥାନୀୟ ମ୍ୟାନେଜର ଉତ୍ତମ କୁମାର ସାମଲ ଓ ଜେନେରାଲ ମ୍ୟାନେଜର କେ.କେ ସିଂଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ସେମାନେ ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କୁ ପତାରଣା କରିଚାଲିଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ସୁଶାନ୍ତ ଏନକେସିର ଦିଲ୍ଲୀ କାର୍ଯ୍ୟାଳୟ ସହ ଯୋଗାଯୋଗ କରିଥିଲେ ମଧ୍ୟ ଅଦ୍ୟାବଧି ତାଙ୍କୁ କ୍ଷତିପୂରଣ ମିଳିପାରି ନ ଥିବାରୁ ତାଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା କହିଛନ୍ତି। ଏ ସମ୍ପର୍କରେ ଜେନାପୁର ଥାନାଧିକାରୀ ସୁଶାନ୍ତ କୁମାର ଦାସଙ୍କୁ ପଚାରିବାରୁ, ଅଭିଯୋଗ ପାଇଛନ୍ତି। କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ସେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବେ ବୋଲି କହିଛନ୍ତି।

# ମାତ୍ର ୭ ପ୍ରତିଶତ ବନବାସୀଙ୍କୁ ପକ୍କାଘର

**ଯାଜପୁର ଅଫିସ,୧୯।୫**

### ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ



■ରାଜ୍ୟରେ ସର୍ବନିମ୍ନ, ବିକାଶର ନଗ୍ନଚିତ୍ର

■ଉଦ୍‌ବେଗ ପ୍ରକାଶ କଲେ ରାଜ୍ୟ ଫୁଡ କମିଶନ ଅଧକ୍ଷ

ପୁରୁଷାନୁକ୍ରମେ ଶହଶହ ବର୍ଷ ଧରି ଜଙ୍ଗଲ ଜମିରେ ରହି ଆସୁଥିବା ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଅଧିକାରକୁ ନଥିଭୁକ୍ତ କରାଯାଇଛି। ଏଥିପାଇଁ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ-୨୦୦୬ ପ୍ରଣୟନ କରାଯାଇଛି। ବନବାସୀ ଓ ଆଦିବାସୀ ନିଜ ଭିଟାମାଟିର ଅଧିକାର ପାଇବା ସହ ବିଭିନ୍ନ ଆବାସ ଯୋଜନାରେ ସାମିଲ ହୋଇ ପାରିବେବୋଲି ଏହି ଆଇନରେ ସରକାର ପ୍ରତିଶ୍ରୁତି ଦେଇଥିଲେ। ଏହି ଆଇନ କାର୍ଯ୍ୟକାରୀ କରାଯିବାର ୧୩ବର୍ଷ ବିତିଯାଇଥିଲେ ହେଁ ଏହା ଯାଜପୁରରେ କଚ୍ଛପ ଗତିରେ ଚାଲିଛି। ବିଶେଷ କରି ଏହି ଆଇନ ଅନ୍ତର୍ଗତ ଉପଯୁକ୍ତ ହିତାଧିକାରୀଙ୍କୁ ଇନ୍ଦିରାଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୋ କୁଡିଆ, ବିଜୁ ପକ୍କାଘର ଆଦି ଯୋଜନାରେ ମାତ୍ର ୭.୨୨ ପ୍ରତିଶତ ହିତାଧିକାରୀଙ୍କୁ ସାମିଲ କରାଯାଇ ପାରିଛି। ଏନେଇ ଓଡିଶା ରାଜ୍ୟ ଖାଦ୍ୟ କମିଶନ (ଓଏସ୍‌ଏଫସି) ଅଧକ୍ଷ ରଙ୍ଗଲାଲ ଜାମୁଡା ଉଦ୍‌ବେଗ ପ୍ରକାଶ କରିବା ସହିତ ଆସନ୍ତା ଅଗଷ୍ଟ ସୁଦ୍ଧା ସନ୍ତୋଷଜନକ ଅଗ୍ରଗତି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି କ୍ଷେତ୍ରରେ ସାରା ରାଜ୍ୟରେ ଯାଜପୁର ଜିଲାର ଅଗ୍ରଗତି ସର୍ବନିମ୍ନ ହୋଇଥିବାବେଳେ ଜଗତସିଂହପୁର ଜିଲାରେ ସର୍ବାଧିକ ହିତାଧିକାରୀଙ୍କୁ ସାମିଲ କରାଯାଇ ପାରିଛି।

ସାଧାରଣ ନିର୍ବାଚନ ଶେଷ ହୋଇଛି। ନିର୍ବାଚନବେଳେ ବହୁ ନେତା ଯାଜପୁର ଜିଲାର ବିକାଶ ଗାଥା ଗାଇ ଭୋଟରଙ୍କୁ ହାତେଇବାକୁ ଉଦ୍ୟମ କରିସାରିଛନ୍ତି। କିନ୍ତୁ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନର ଅଗ୍ରଗତିକୁ ଅବଲୋକନ କଲେ ବିକାଶର ନଗ୍ନରୂପ ସ୍ପଷ୍ଟ ବାରି ହୋଇପଡୁଛି। ବାତ୍ୟା ଫନୀରେ ଶତାଧିକ ବନବାସୀଙ୍କ ଘର ନଷ୍ଟ ହୋଇଛି। ତେବେ ଏମାନଙ୍କୁ ପୂର୍ବରୁ ଆବାସ ଯୋଜନାରେ ସାମିଲ କରି ପକ୍କା ଘର ଯୋଗାଇ ଦେଇଥିଲେ ଏବେ ବନବାସୀଙ୍କ ଦୁର୍ଦ୍ଦଶା ଦେଖିବାକୁ ମିଳି ନ ଥାନ୍ତା ବୋଲି ମତପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ଏହି ଆଇନ ବଳରେ ଯାଜପୁର ଜିଲାରେ ୧୦୪୬୪ଟି ଆବେଦନ ମିଳିଛି। ସେଥିରୁ ୫୧୬୫ଟି ଜିଲାସ୍ତରୀୟ କମିଟି ଜରିଆରେ ମଞ୍ଜୁର ହୋଇଛି। ସେମାନଙ୍କୁ ୧୭୨୭.୧୭ ଏକର ଜମି ପଟ୍ଟା ପ୍ରଦାନ କରାଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ତଥ୍ୟରୁ ଜଣାପଡିଛି। ତେବେ ମଞ୍ଜୁର ହୋଇଥିବା ହିତାଧିକାରୀଙ୍କ ମଧ୍ୟରୁ ୪୨୩୮ଜଣ ହିତାଧିକାରୀଙ୍କ ଜମି ଚିହ୍ନଟୀକରଣ ହୋଇଥିବାବେଳେ ୯୨୭ ହିତାଧିକାରୀଙ୍କ ଜମି ବାବଦକୁ ବିଚାରାଧୀନ ରହିଛି। ୭୮୧ ଜଣଙ୍କ ଜମି ଆରଓଆର ସଂଶୋଧିତ ହୋଇଥିବାବେଳେ ୪୩୮୪ ଜଣଙ୍କ ଜମି ଆରଓଆର ସଂଶୋଧନ ହେବା ବାକି ରହିଛି। ତେବେ ଜଙ୍ଗଲ ଅଧିକାର ଆଇନରେ ମଞ୍ଜୁର ହୋଇଥିବା ୫୧୬୫ଜଣ ହିତାଧିକାରୀଙ୍କ ମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୩୪୧ ଓ ମୋ କୁଡିଆ ଯୋଜନାରେ ୩୨ ଜଣ ଏଭଳି ଭାବେ ମୋଟ ୩୭୩ ଜଣ ବନବାସୀଙ୍କୁ ପକ୍କା ଘର ଯୋଗାଇ ଦିଆଯାଇ ପାରିଛି। ଯାହାକି ମାତ୍ର ୭.୨୨ ପ୍ରତିଶତ ବୋଲି ତଥ୍ୟରୁ ସ୍ପଷ୍ଟ ହୋଇଛି। ଯୋଜନା କାର୍ଯ୍ୟକାରୀ ହେବାର ପ୍ରାୟ ୧୩ ବର୍ଷ ବିତି ଯାଇଛି। ହେଲେ ବନବାସୀଙ୍କ ପ୍ରତି ଜିଲା ପ୍ରଶାସନର ଦରଦ ଏହି ଅଗ୍ରଗତି ରିପୋର୍ଟରୁ ଜଳଜଳ ହୋଇ ଦିଶୁଛି। ସାରା ରାଜ୍ୟରେ ଏହି ଅଗ୍ରଗତି ରିପୋର୍ଟ ବଦନାମ ଆଣିଛି। ଏହାବାଦ ପକ୍କା ଘର ଯୋଗାଇବାରେ ବଲାଙ୍ଗୀର, ଦେବଗଡ, ଝାରସୁଗୁଡା, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ ଓ ସୁନ୍ଦରଗଡ ଜିଲାରେ ମଧ୍ୟ ଅଗ୍ରଗତି ୨୫ ପ୍ରତିଶତରୁ କମ ରହିଛି । ଏଥିରେ ଅଧିକାଂଶ ସୁକିନ୍ଦା ବ୍ଲକର ଟିକରପଡା, ଚିଙ୍ଗୁଡିପାଳ, ପାଟଣା, ଗୋହଖତ, ପୋଡାଘରା, ଦେଓଗାଁ, ତୁମୁଣି, କୁମୁଡିବାହାଳି, ନଗଡା, ଗୁହିଆଶାଳ, ରାହାଁସୋଲ ମହୁଲଖାଲ ଆଦି ଗ୍ରାମ ସମେତ ଦାନଗଦୀ ବ୍ଲକର କେତେକ ଗ୍ରାମର ହଜାର ହଜାର ବନବାସୀ ଆବାସ ଯୋଜନାରେ ଘରଟିଏ ପାଇଁ ଧାଇଁ ଚାଲିଛନ୍ତି। ତେବେ ଯାଜପୁର ଜିଲାରେ ଶତାଧିକ ଥିଲାବାଲା ରାଜନୈତିକ ପ୍ରଭାବଶାଳୀ ଲୋକ ବିଭିନ୍ନ ଆବାସ ଯୋଜନାରେ ପକ୍କାଘର ହାତେଇଥିବାବେଳେ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଏଥିରୁ ବଞ୍ଚିତ ରହିଛନ୍ତି। ଏଥିରୁ ଯାଜପୁର ଜିଲା ବିକାଶର ଅସଲ ଚେହେରା ବାରି ହୋଇପଡୁଛି। ତେବେ ଓଡିଶା ରାଜ୍ୟ ଫୁଡ କମିଶନ ଏହାକୁ ଗୁରୁତର ସହ ଗ୍ରହଣ କରିଛି। କମିଶନର ଅଧକ୍ଷ ଜାମୁଡା ତାଙ୍କ ପତ୍ରସଂଖ୍ୟା ୧୦୩୩/୧୬।୫।୨୦୧୯ରେ ଜିଲାପାଳଙ୍କୁ ଜଙ୍ଗଲ ଅଧିକାର ଆଇନର ଅଗ୍ରଗତି ସମ୍ବନ୍ଧରେ ବ୍ଲକସ୍ତରରେ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବନବାସୀ ଓ ଜନଜାତିଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ସମ୍ପୃକ୍ତ ବିଡିଓଙ୍କୁ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ଦେଇ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ପକ୍କା ଘର ଯୋଗାଇ ଦେବାକୁ ଜାମୁଡା ଗୁରୁତ୍ୱ ଦେଇଛନ୍ତି।

## ସଂକ୍ଷେପରେ

### ବିଲରେ ଚାଷୀ ମୃତ: ଅଂଶୁଘାତ ଆଶଙ୍କା

ମହାକାଳପଡା/ମାର୍ଶାଘାଇ,୧୯।୫ (ଡି.ଏନ୍.ଏ.): ମହାକାଳପଡ଼ା ବ୍ଲକ ଟିକରପଙ୍ଗା ପଞ୍ଚାୟତ ଅନ୍ତର୍ଗତ ନାରାୟଣପୁର ଗ୍ରାମରେ ରବିବାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ପ୍ରହ୍ଲାଦ ମହାନ୍ତି(୭୦)। ସକାଳେ ସେ ବିଲକୁ ଚାଷ କରିବାକୁ ଯାଇଥିବା ବେଳେ ପ୍ରବଳ ଖରାରେ ଅଚେତ ହୋଇଯାଇଥିଲେ। ବହୁ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ବିଲରୁ ଉଦ୍ଧାର କରି କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ତୁରନ୍ତ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

### କଷୋଟିବାଲି ଅନନ୍ତ ମହାବୀର ଯଜ୍ଞ ପାଇଁ କଳସ ଶୋଭାଯାତ୍ରା

ମାର୍ଶାଘାଇ,୧୯।୫(ଡିଏନଏ) : ମାର୍ଶାଘାଇ ବ୍ଲକ କଷୋଟିବାଲିରେ ପ୍ରତିଷ୍ଠିତ ହନୁମାନ ମନ୍ଦିର ପରିସରରେ ୩ୟ ବାର୍ଷିକ ଅନନ୍ତ ମହାବୀର ଯଜ୍ଞ ରବିବାର ଠାରୁ ଆରମ୍ଭ ହୋଇଛି। ଏଥିଲାଗି ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଲୁଣା ନଦୀରୁ ଜଳ ଆଣି ଏକ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞ ମଣ୍ଡପରେ ସମସ୍ତ କଳସ ସ୍ଥାପନ କରାଯାଇ ବିଧି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ ମାନସ ଷଡଙ୍ଗୀ ଏବଂ ସହଯୋଗୀମାନଙ୍କ ଦ୍ୱାରା ଯଜ୍ଞରେ ହୋମାଦି କରାଯାଉଛି। ଯଜ୍ଞ ସ୍ଥଳ ନିକଟରେ ଅନନ୍ତ ମହାବୀରଙ୍କ ଲୀଳା ସଂପର୍କିତ ବିଭିନ୍ନ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯାଇଛି। ଯଜ୍ଞ ଆରମ୍ଭର ତିନିଦିନ ପୂର୍ବରୁ ଗ୍ରାମରେ ଆମିଷ ସେବନ ବାରଣ କରାଯାଇଥିବା ଯଜ୍ଞ କମିଟି ସଦସ୍ୟ ସୁଶୀଳ କୁମାର ବେହେରା,ଅଧାପକ ନାରାୟଣ ବାରିକ,ଝରି ବସନ୍ତିଆ ପ୍ରମୁଖ ସୂଚନା ଦେଇଛନ୍ତି। ମଙ୍ଗଳବାର ଯଜ୍ଞ ଉଦ୍‌ଯାପିତ ହେବ।

### ଶିଶୁସାହିତ୍ୟିକ ପ୍ରମୋଦ ମହାନ୍ତିଙ୍କ ପରଲୋକ

ରାଜକନିକା,୧୯।୫(ଡି.ଏନ୍.ଏ.)- ରାଜକନିକାର ଶିଶୁ ସାହିତ୍ୟକ ତଥା ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ କୁମାର ମହାନ୍ତି (୬୩)ଙ୍କ ଶନିବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ଘଟିଛି। ସେ ତାଙ୍କର ୩୩ ବର୍ଷର ଶିକ୍ଷକତା ମଧରେ ଶିଶୁସାହିତ୍ୟ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ଛାପ ଛାଡିଯାଇଛନ୍ତି। ସେ ଅନେକ ଶିଶୁ ସାହିତ୍ୟଧର୍ମୀ କବିତା ରଚନା କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ନିଜର ଏହି କୃତୀ ପାଇଁ ରାଜ୍ୟର ୩୨ ଶିଶୁକିଶୋର ଅନୁଷ୍ଠାନ ତରଫରୁ ପ୍ରଶଂସିତ ହୋଇଛନ୍ତି। ତାଙ୍କ ମୃତ୍ୟୁପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି।

## ■ବରଫର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ

# ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି ବରଫ କଳ

■ ବଜାରରେ ବିକ୍ରି ହେଉଛି ଦୂଷିତ ବରଫ
■ ଯାଞ୍ଚ କରାଯାଉନାହିଁ ଖାଦ୍ୟର ମାନ
■ ଚୁପ ବସିଛି ପ୍ରଶାସନ

କେନ୍ଦ୍ରାପଡା ଅଫିସ, ୧୯।୫

ଅସହ୍ୟ ଗରମ ସହ ଗୁଳୁଗୁଳି ଏବେ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି । ଶୋଷ ମେଣ୍ଟାଇବା ପାଇଁ ବରଫର ଚାହିଦା ଏବେ ବଢ଼ିଯାଇଛି। ବରଫ ଗୁଣ୍ଡକୁ ବିଭିନ୍ନ ପାନୀୟ ଦ୍ରବ୍ୟରେ ମିଶାଇ ବ୍ୟବହାର କରାଯାଉଛି । ମାତ୍ର ବରଫ ନିର୍ମାଣସ୍ଥଳୀ ପ୍ରତି ପ୍ରଶାସନର ନିଘା ନାହିଁ । ଫଳରେ ବ୍ୟବହାରକାରୀ କାମଳ ଠାରୁ କ୍ୟାନସର ପର୍ଯ୍ୟନ୍ତ ବିଭିନ୍ନ ରୋଗର ଶିକାର ହେଉଛନ୍ତି । ଅପରିଷ୍କାର ପରିବେଶରେ ବରଫ ତିଆରି ହେଉଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ରାସ୍ତାକଡ଼ରେ ବିକ୍ରି ହେଉଥିବା ବରଫ ମିଶା ଲସି ଓ ଅନ୍ୟାନ୍ୟ ଶୀତଳ ପାନୀୟ ପିଇବା ପୂର୍ବରୁ ଜନସାଧାରଣ ସତର୍କ ରହିବା ଉଚିତ ବୋଲି ସେମାନେ କହିଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଶିବାଶିଷ ମହାନ୍ତି କୁହନ୍ତି, ଦିନକୁଦିନ ତାପମାତ୍ରା ଅସହ୍ୟ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ଅସ୍ଥାୟୀ ଲସି, ସରବତ, କୁଲଫି ଓ ଆଇସକ୍ରୀମ ଦୋକାନ ଆଦି ବୃଦ୍ଧି ପାଇବାରେ ଲାଗିଛି । ମୁହୂର୍ତ୍ତକ ଆନନ୍ଦ ପାଇଁ ଏହାକୁ ପାନୀୟ ଭାବେ ବ୍ୟବହାର କରିବା ପରେ ଏହାର ପ୍ରଭାବ ଶରୀର ଉପରେ ପଡୁଛି। ଜିଲାରେ ବରଫର ଚାହିଦା ବଢ଼ି ଚାଲିଥିବା ବେଳେ ସେହି ଅନୁପାତରେ ବରଫ କାରଖାନା ମଧ ବଢ଼ିବାରେ ଲାଗିଛି । ମାତ୍ର ଏସବୁ କାରଖାନାରେ ସ୍ୱଚ୍ଛତା ଉପରେ ଧ୍ୟାନ ଦିଆଯାଉ ନାହିଁ। କାରଖାନାର କର୍ମଚାରୀ ବରଫ ଉପରେ ଚାଲୁଥିବା ବେଳେ ବରଫକୁ ଖୋଲାରେ ରଖି ବିକ୍ରି କରାଯାଉଛି । ସେହିପରି ବ୍ୟବହାର ହେଉଥିବା ପାଣି ଖାଦ୍ୟ ଉପଯୋଗୀ ଅବା ନୁହେଁ, ତାହାର ପରୀକ୍ଷା ହେଉନାହିଁ । ଏହି ବରଫ ଖାଇ ଲୋକେ ବିଭିନ୍ନ ରୋଗର ସମ୍ମୁଖୀନ ହେଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି।

ଡା. ବିରଞ୍ଜନ ସ୍ୱାଇଁଙ୍କ କହିବାନୁସାରେ ବରଫ ଅତି ସହଜରେ ପ୍ରଦୂଷିତ ହୋଇଥାଏ। । ଉପଯୁକ୍ତ ପରିବେଶ, ଦୂଷିତ ସାମଗ୍ରୀର ବ୍ୟବହାର, ବରଫ ମେସିନର କ୍ଷମତା ବହିର୍ଭୁତ ଉତ୍ପାଦନ ଆଦି କାରଣରୁ ଶରୀରରେ କ୍ଷତିକାରକ ବ୍ୟାକ୍ଟେରିଆ ଜନ୍ମ ନେଇଥାନ୍ତି । ଉତ୍ତମ ବାୟୁ ଚଳାଚଳ ସ୍ଥାନ ଓ ବାୟୁବାହିତ ପ୍ରଦୂଷଣମୁକ୍ତ ସ୍ଥାନରେ ବରଫ କଳ ସ୍ଥାପନ ହେବା ଜରୁରୀ । ଫ୍ରିଜକୁ ନିୟମିତ ପରିଷ୍କାର ଓ ବିଶୋଧନ କରିବା ଆବଶ୍ୟକ। ବରଫକୁ କୌଣସି ପରିସ୍ଥିତିରେ ତଳେ ଥୋଇବା ଉଚିତ ନୁହେଁ । ଅପରିଷ୍କାର ବରଫ ବ୍ୟବହାର କଲେ କାମଳ, ମଧୁମେହ, ଉଚ୍ଚ ରକ୍ତଚାପ ଓ ଅନ୍ୟାନ୍ୟ ରୋଗ ହେବାର ଆଶଙ୍କା ରହିଛି । ବରଫ କଳକୁ ଲାଇସେନ୍ସ ପ୍ରଦାନକାରୀ ସଂସ୍ଥା ନିୟମିତ ବ୍ୟବଧାନରେ ଯାଞ୍ଚ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଜଣେ ବରଫ ଉତ୍ପାଦନକାରୀ କୁହନ୍ତି ଯେ, ଫୁଡ ଲାଇସେନ୍ସ ବର୍ଷକୁ ଥରେ ରିନୁଆଲ ହୁଏ । ଏନେଇ ଯାଞ୍ଚ ବ୍ୟବସ୍ଥା ଥିଲେ ମଧ ଧରପଗଡ ହେଉ ନ ଥିବାରୁ ବରଫ କଳ ମାଲିକମାନେ ସଜାଗ ହେଉନାହାନ୍ତି ।

ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପାଢ଼ୀ କୁହନ୍ତିଯେ, ୨୦୧୮ ଫେବୃୟାରୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଖାଦ୍ୟ ନିରାପତ୍ତାକୁ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ହୋଇଥିଲା । ଏହି ନିଷ୍ପତ୍ତି ଅନୁଯାୟୀ, ରାଜ୍ୟର ବିଭିନ୍ନ ସ୍ଥାନରେ ଆଞ୍ଚଳିକ ଲାବରୋଟିରି ପ୍ରତିଷ୍ଠା ହେବ ବୋଲି ଘୋଷଣା କରାଯାଇଥିଲା। ଏହି ଘୋଷଣା ବାସ୍ତବରେ ପରିଣତ ହୋଇ ନ ଥିବା ବେଳେ କର୍ମଚାରୀ ଅଭାବରୁ ଖାଦ୍ୟର ମାନ ଯାଞ୍ଚ ଉପରେ ଜିଲାରେ ଗୁରୁତ୍ୱ ଦିଆଯାଉନାହିଁ ।

ଏ ସମ୍ପର୍କରେ ଜିଲା ଖାଦ୍ୟ ନିରିକ୍ଷଣ ଅଧିକାରୀ ସମିତା ଦାସ କୁହନ୍ତିଯେ, ବିଭିନ୍ନ ସମୟରେ ଖାଦ୍ୟ ପ୍ରସ୍ତୁତ କାରଖାନାର ତନଖି କରାଯାଉଛି । ଗତ ଆର୍ଥିକ ବର୍ଷ ଏପରି ଅନିୟମିତତା ପାଇଁ ଶତାଧିକ ମାଲିକଙ୍କ ନାମରେ ଅଭିଯୋଗ ହୋଇଥିଲା। ଏଥିସହ ଜୋରିମାନା ଆଦାୟ ହେଉଛି । ଖାଦ୍ୟ ପଦାର୍ଥ ତନଖିକୁ ଅଧିକ ତ୍ୱରାନ୍ୱିତ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

# ବିଚାର ଅପେକ୍ଷାରେ ୪୫,୪୭୭ ମାମଲା

କେନ୍ଦ୍ରାପଡା ଅଫିସ, ୧୯।୫

ନ୍ୟାୟିକ ବ୍ୟବସ୍ଥା ତ୍ୱରାନ୍ୱିତ ପାଇଁ କେନ୍ଦ୍ରାପଡା ସଦର ମହକୁମା ସହ ପଟ୍ଟାମୁଣ୍ଡାଇ, ଆଳି ଓ ରାଜନଗରରେ କୋର୍ଟ ରହିଛି। ତେବେ ଏସବୁ କୋର୍ଟରେ ୧୦ ବର୍ଷ ପୂର୍ବର ୭୩୭୦ଟି ମାମଲା ଏବେବି ବିଚାରାଧୀନ ରହିଛି। ଏନେଇ ଗତ ମାର୍ଚ୍ଚରେ ପ୍ରକାଶ ପାଇଥିବା ରିପୋର୍ଟରେ ଉଲ୍ଲେଖ ହୋଇଛି। ୨୦୧୯ ଆରମ୍ଭରୁ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲା କୋର୍ଟରେ ମୋଟ ୧୬୫୨ଟି ମାମଲାର ଫଇସଲା ହୋଇଛି । ଏହି ସମୟରେ ୨୫୯୬ଟି ମାମଲା ରୁଜୁ ହୋଇଛି । ସେହିପରି ୧ଜାନୁୟାରୀ ସୁଦ୍ଧା ଜିଲାରେ ମୋଟ ୪୪,୫୩୩ଟି ମାମଲା ବିଚାରଧୀନ ରହିଛି । ଏହି ୩ ମାସ ମଧ୍ୟରେ ୯୪୪ଟି ମାମଲା ଅଧିକ ରୁଜୁ ହୋଇ ଏହି ସଂଖ୍ୟା ୪୫୪୭୭ରେ ପହଞ୍ଚିଛି । ଏଥିମଧ୍ୟରୁ ୨୭,୪୮୫ଟି ମାମଲା ୫ ବର୍ଷ ମଧରେ ଥିବାବେଳେ ୧୦,୬୨୨ ମାମଲା ୫ ବର୍ଷ ପୂର୍ବର ବୋଲି ସୂଚନା ମିଳିଛି । ଗୋଟିଏ ଜୁଭେନାଇଲ ମାମଲା ୫ ବର୍ଷ ପୂର୍ବର ହୋଇଥିବା ବେଳେ ୧୧୯ଟି ମାମଲା ଏହି ୫ ବର୍ଷ ମଧରେ ରହିଛି । ଏ ସମ୍ପର୍କରେ ଜଣେ ଆଇନଜୀବୀ କୁହନ୍ତିଯେ, ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ ପାଇଁ ଅଧିକ ବିଚାରପତିଙ୍କ ଆବଶ୍ୟକତା ରହିଛି। ଏଥିସହ ବିଭିନ୍ନ ଥାନାରେ ୱାରେଣ୍ଟିମାନଙ୍କୁ ଗିରଫ କରାଯାଉ ନାହିଁ । ଯାହାଫଳରେ ମାମଲାଗୁଡିକ ବର୍ଷ ବର୍ଷ ଧରି ପଡିରହୁଛି ବୋଲି ସେ ମତ ଦେଇଛନ୍ତି ।

## ■ବାତ୍ୟା ପରର ଦୁଃଖ

# ଡାଳ ପଡ଼ି ଗୁରୁତର ହୋଇଥିବା ଛାତ୍ର ମୃତ

ଡେରାବିଶ, ୧୯।୫ (ସ୍ୱ.ପ୍ର.)



ଦିଲ୍ଲୀପ ନାୟକ (ଫାଇଲ ଫଟୋ)

ବାତ୍ୟା ଫନୀ ଯୋଗୁ ଡେରାବିଶ ବ୍ଲକ ଅଞ୍ଚଳରେ ବିରାଟ ବିରାଟ ଗଛ ଭାଙ୍ଗି ଯାଇଥିଲା। ଏଂ ସମୟରେ ଗଛ ଡାଳ ଭାଙ୍ଗି ପୂର୍ବରୁ ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିବା ବେଳେ ଗୁରୁତର ହୋଇଥିବା ଗୁଆଳସିଂ ପଞ୍ଚାୟତ ଠାକୁରପାଟଣା ଗ୍ରାମର ଦୀପକ ନାୟକଙ୍କ ପୁଅ ଦିଲ୍ଲୀପ (୧୫)ଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି।

ବାତ୍ୟା ବେଳେ ଦିଲ୍ଲୀପ ବାରଣ୍ଡାରେ ଠିଆ ହୋଇଥିବା ବେଳେ ଏକ ଡାଳ ତାଙ୍କ ଉପରେ ପଡ଼ିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା। ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଦିଲ୍ଲୀପ ସ୍ଥାନୀୟ ଠାକୁରହାଟସ୍ଥିତ ସୁଦର୍ଶନ ହାଇସ୍କୁଲରେ ନବମ ଶ୍ରେଣୀରେ ପାଠ ପଢୁଥିଲେ। ଦିଲ୍ଲୀପଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପ୍ରଶାସନ ଅବଗତ ଥାଇ ବି ସହାୟତା ଯୋଗାଇ ଦେଇ ନ ଥିବା ସ୍ଥାନୀୟ ପୂର୍ବତନ ସମିତିସଭ୍ୟ ସରୋଜକାନ୍ତ ନାୟକ କହିଛନ୍ତି। ତୁରନ୍ତ ଦିଲ୍ଲୀପଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି।

ସୂଚନାଯୋଗ୍ୟ, ବାତ୍ୟା ବେଳେ ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ନୂଆଗାଁ ଗ୍ରାମରେ ଡାଳପଡ଼ି ଗ୍ରାମର ଉମେଶ ପ୍ରଧାନଙ୍କ ସ୍ତ୍ରୀ ଭାନୁମତୀ (୩୬)ଙ୍କର ମୃତ୍ୟୁ ଘଟିଥିଲା।

# ୩ ଲକ୍ଷ ଟଙ୍କାର ପ୍ରକଳ୍ପ ୫ ମାସରେ ୨ଥର ଅଚଳ

ଡେରାବିଶ, ୧୯।୫(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମର ଗ୍ରାମଦେବତୀ ମା’ ଅମ୍ବିକା ଠାକୁରାଣୀ ଓ ଶୁକ୍ଳେଶ୍ୱର ମହାଦେବ ମନ୍ଦିରଙ୍କ ପ୍ରାଙ୍ଗଣରେ ନିର୍ମିତ ସୌର ଚାଳିତ ପାନୀୟଜଳ ପ୍ରକଳ୍ପ ନିର୍ମାଣର ୫ ମାସରେ ଦୁଇଥର ଅଚଳ ହୋଇ ପଡ଼ିଲାଣି । ପାନୀୟ ଜଳର ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଦେବାଦେବୀଙ୍କ ପୂଜା ଓ ସାଧାରଣ ଲୋକଙ୍କ ଆବଶ୍ୟକ ପାନୀୟ ଜଳ ଚାହିଦା ପୂରଣ କରିବାରେ ବହୁତ ଅସୁବିଧା ହେଉଛି । ଏହି ପ୍ରକଳ୍ପ ଓଡିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ଆନୁକୂଲ୍ୟରେ ଓଡିଶା କ୍ଷୁଦ୍ରଶିଳ୍ପ ନିଗମ ଲିମିଟେଡ ଦ୍ୱାରା ୩ ଲକ୍ଷ ୪୧ ହଜାର ୨୦୦ ଟଙ୍କା ବ୍ୟୟ ଅଟକଳରେ ଗତବର୍ଷ ଡିସେମ୍ବରରେ ନିର୍ମିତ ହୋଇଥିଲା । ଏହାର ଦୈନିକ ୮ ହଜାରରୁ ୧୦ ହଜାର ଲିଟର ପାନୀୟ ଜଳ ଯୋଗାଇ ଦେବାର କ୍ଷମତା ରହିଛି । ଏହି ସୌରଚାଳିତ ପ୍ରକଳ୍ପ ପୂର୍ବରୁ ମନ୍ଦିର ପ୍ରାଙ୍ଗଣରେ ଥିବା ଗଭୀର ନଳକୂପ ଦ୍ୱାରା ସଂଯୁକ୍ତ ହେବା ଯୋଗୁ ନଳକୂପକୁ ସାଧାରଣରେ ବ୍ୟବହାର କରାଯାଇ ପାରୁନାହିଁ । ପ୍ରକଳ୍ପ ନିର୍ମାଣ ହେବା ପରେ ସହଜରେ ପାଣି ମିଳିବା ନେଇ ଗ୍ରାମବାସୀ ଖୁସି ହୋଇ ଯାଇଥିବା ବେଳେ ମାତ୍ର ତିନିମାସ ପରେ ଶୁକ୍ଳେଶ୍ୱର ମହାଦେବଙ୍କ ପବିତ୍ର ଜାଗରଯାତ୍ରା ପୂର୍ବରୁ ଏହା ଅଚଳ ହୋଇ ପଡିଥିଲା । ସେତେବେଳେ ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଗ୍ରାମ ଭିତରୁ



ଅଚଳ ହୋଇଯାଇଥିବା ସୌରଚାଳିତ ପ୍ରକଳ୍ପ।

ପାଣି ଅଣାଯାଇ ଠାକୁରଙ୍କ ପୂଜା କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା । ସେତେବେଳେ ସଂସ୍ଥାର କର୍ମକର୍ତ୍ତାଙ୍କୁ ଏ ନେଇ ଅବଗତ କରାଯାଇଥିଲେ ହେଁ ଟାଳଟୁଳ ନୀତି ଯୋଗୁ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପାଇଁ ଅନେକ ଦିନ ଲାଗି ଯାଇଥିଲା । ଏବେ ମରାମତି ହେବାର ମାତ୍ର ଦୁଇମାସ ପରେ ପ୍ରକଳ୍ପଟି ଅଚଳ ହୋଇପଡିଛି । ଗ୍ରୀଷ୍ମଋତୁରେ ପ୍ରଚଣ୍ଡ ରୌଦ୍ର ତାପରେ ମନ୍ଦିର ଆସୁଥିବା ଶ୍ରଦ୍ଧାଳୁ ପାନୀୟ ଜଳ ପାଇଁ ଡହଳ ବିକଳ ହେଉଥିବା ବେଳେ ପ୍ରତ୍ୟହ ଦେବନୀତି ପାଇଁ ଜଳର ଆବଶ୍ୟକତା ରହିଛି । ଏପରି ସ୍ଥିତିରେ ପ୍ରକଳ୍ପ ଅଚଳ ଯୋଗୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି । ଏହି ସଂସ୍ଥାର କାର୍ଯ୍ୟାଳୟ ଭୁବନେଶ୍ୱରରେ ହୋଇଥିବା ବେଳେ ଫନୀ ବାତ୍ୟା ପରେ ବିଭାଗୀୟ କର୍ମଚାରୀଙ୍କ ସହ ଯୋଗାଯୋଗ ହୋଇ ପାରୁନାହିଁ । ସୂଚନାଯୋଗ୍ୟ , ଏହି ପାନୀୟଜଳ ପ୍ରକଳ୍ପ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅଧୀନରେ ଥିବା ବେଳେ ବିଭାଗର କୌଣସି ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି । ତୁରନ୍ତ ଏହି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

କେନ୍ଦ୍ରାପଡା ଅଫିସ, ୧୯।୫

କେନ୍ଦ୍ରାପଡା ବ୍ଲକ ଜମଧର ପଞ୍ଚାୟତ ଅନ୍ତର୍ଗତ ବଡଗାଁ ଗ୍ରାମଦେବତୀ ମା’ ରାମଚଣ୍ଡୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିଲାଗି ପ୍ରାତଃ ସମୟରେ ଭକ୍ତମାନେ କଳସରେ ପାଣି ଆଣି ନୂତନ ମନ୍ଦିରରେ ସ୍ଥାପନ କରିଥିଲେ। ଏହା ପରେ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହୋଇଥିଲା । ପୂର୍ବାହ୍ନ ୧୧ଟାରେ ମନ୍ଦିରରେ ଗ୍ରାମ ଦେବତୀଙ୍କ ବିଗ୍ରହ ସ୍ଥାପନା କରାଯାଇଥିଲା । କାର୍ଯ୍ୟକ୍ରମକୁ ଦ୍ୱିବିନ୍ଦ ମହାନ୍ତି, ନରେନ୍ଦ୍ର ମହାନ୍ତି, ଲୋକନାଥ ମହାନ୍ତି, ବଳଭଦ୍ର ମହାନ୍ତି ଓ ଜିତେନ୍ଦ୍ର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ବଂଶୀଧର ନାୟକ ମେମୋରିଆଲ ଟ୍ରଷ୍ଟର ବାର୍ଷିକୋତ୍ସବ

ଆଳି, ୧୯।୫ (ଡି.ଏନ.ଏ)

ବଂଶୀଧର ନାୟକ ମେମୋରିଆଲ ଟ୍ରଷ୍ଟର ବାର୍ଷିକ ଉତ୍ସବ ଆଳି ବ୍ଲକ ଅଧୀନ ବଳଭଦ୍ରପୁର ଶାସନସ୍ଥିତ ତାଙ୍କ ବାସଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ବାବାଜି ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଆଳି କଲେଜର ପୂର୍ବତନ ଅଧ୍ୟକ୍ଷ ଅର୍ଜୁନ ଚରଣ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ ଏହି ଅବସରରେ ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ କରିବା ସହ ଏହି ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସମୟରେ କରାଯାଉଥିବା ବିଭିନ୍ନ ଜନମଙ୍ଗଳ କାର୍ଯ୍ୟର ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଅଶୋକ କୁମାର ବିଶ୍ୱାଳ ଓ ସମ୍ମାନିତ



ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ଅତିଥି ଭାବେ ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ବିପିନ ବିହାରୀ ରାଉତ ପ୍ରମୁଖ ଯୋଗଦେଇଥିଲେ। ଟ୍ରଷ୍ଟର ସମ୍ପାଦକ ହିଂମାଶୁ କୁମାର ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧରେ ଶିକ୍ଷାବିତ୍ ବିଶ୍ୱମ୍ଭର ପାଣି, ଖଗେଶ୍ୱର ମାହୁନ୍ତ, ଚିତ୍ତରଞ୍ଜନ ମହାପାତ୍ର, ସାବିତ୍ରୀ ମହାପାତ୍ର, ଭକ୍ତବନ୍ଧୁ ମିଶ୍ର ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ। ଭୋଳାନାଥ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୟାଧର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଟକୁରାରେ ବିଜେଡିର ମାରାଥନ୍ ପ୍ରଚାର

ଡେରାବିଶ, ୧୯।୫ (ସ୍ୱ.ପ୍ର.)

ପାଟକୁରା ବିଧାନସଭା ଆସନ ପାଇଁ ନିର୍ବାଚନ ତାରିଖ ସ୍ଥିର ହୋଇ ନ ଥିବା ବେଳେ ବିଜେଡି, ଭାଜପା ଓ କଂଗ୍ରେସ ଦଳର ପ୍ରାର୍ଥୀମାନେ ପ୍ରଚାର କାର୍ଯ୍ୟ ଜୋରଦାର ଚଳାଇଛନ୍ତି। ବାତ୍ୟା ପରେ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ସମର୍ଥକଙ୍କ ସହ ବିଭିନ୍ନ ପଞ୍ଚାୟତ ଯାଇ ମହିଳା ସମାବେଶ କରିବା ସହ ଘରକୁ ଘର ବୁଲି ପ୍ରଚାର ଚଳାଇଛନ୍ତି। ବିଭିନ୍ନ ପଞ୍ଚାୟତକୁ ପ୍ରଚାର ପାଇଁ ଯାଉଥିବା ବେଳେ କେତେକ ସ୍ଥାନରେ ତାଙ୍କୁ ଭୋଟରମାନେ ସ୍ୱାଗତ କରୁଥିବା ଦେଖାଯାଉଛି। ଶନିବାର ଡେରାବିଶ ବ୍ଲକ ଅଧୀନ ନରସିଂହପୁର ପଞ୍ଚାୟତ ଅଞ୍ଚଳରେ ସାବିତ୍ରୀ ସମର୍ଥକଙ୍କ ସହ ପ୍ରଚାର କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଦଳୀୟ କର୍ମୀଙ୍କ ସମେତ ବହୁ ଜନସାଧାରଣ ଯୋଗଦେଇଥିଲେ। ଦଳୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପାଇଥିବା ଶ୍ରମିକ କଲ୍ୟାଣ ବୋର୍ଡ଼ ଅଧ୍ୟକ୍ଷ ସୁବାସ



ନରସିଂହପୁର ପଞ୍ଚାୟତରେ ଆୟୋଜିତ ନିର୍ବାଚନୀ ସଭାରେ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ଓ ଅନ୍ୟମାନେ।

ଚନ୍ଦ୍ର ସିଂ, ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଅନୁଭବ ପଟ୍ଟନାୟକ, ଜନ୍ମେଜୟ ଲେଙ୍କାଙ୍କ ସମେତ ଦଳର ବହୁ ନେତା ମଧ ଏଥିରେ ସାମିଲ ହୋଇଥିଲେ। ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ସଞ୍ଜୟ ଅଗ୍ରୱାଲ୍, ସରପଞ୍ଚ ଉମାକାନ୍ତ ନାୟକ, ଚନ୍ଦ୍ରକାନ୍ତ ପ୍ରଧାନ, ବଟକୃଷ୍ଣ ସେଠୀ, ଯୋଗାନନ୍ଦ ମହାନ୍ତି, କବିତା ରାଉତ, ନାରୀନେତ୍ରୀ ଶ୍ରୀୟା ରଏ, ପୂର୍ବତନ ସରପଞ୍ଚ ଅକ୍ଷୟ କୁମାର ଖଟୁଆ, ମହେନ୍ଦ୍ର କୁମାର ସିଂ, ଗଣେଶ୍ୱର ବେହେରା, ଗୋଲଖ ଚନ୍ଦ୍ର ସାହୁ, ରଜତ ବଳ, ଦେବରାଜ ମହାପାତ୍ର ପ୍ରମୁଖ ଘରକୁ ଘର ବୁଲି ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବାକୁ ନିବଦେନ କରୁଛନ୍ତି।

## ■ ମିଳିଲାନି ସରକାରୀ ସହାୟତା

# ଚିକିତ୍ସା ଅଧାରୁ ଘରକୁ ଫେରିଲେ କୁମୁନୀ

ଡେରାବିଶ, ୧୯।୫( ସ୍ୱ.ପ୍ର.)

ସ୍ୱାମୀଙ୍କ ମୃତ୍ୟୁ ପରେ ବୃଦ୍ଧା ଶାଶୁ ଓ ୬ ବର୍ଷ ପୁଅର ଲାଳନପାଳନ ଦାୟିତ୍ୱ ଆସିଥିଲା କୁମୁନୀଙ୍କ ଉପରକୁ। ପର ଘରେ କାମ କରି ଯୋଉ ଦିପଇସା ଆଣୁଥିଲେ ସେଥିରେ ଘର ଚଳୁଥିଲା। ତେବେ ପୁଅ ପିଲାଦିନରୁ ମାନସିକ ବିକୃତି ଥିବା ବେଳେ ଶାଶୁଙ୍କୁ ଏବେ ୮୦ବର୍ଷ ବୟସ। ଦୁହିଁଙ୍କ ଦେଖାଶୁଣା କରିବା ପାଇଁ କୁମୁନୀ ଅନେକ କଷ୍ଟ କରୁଥିବା ବେଳେ ଗତ ୩ ତାରିଖରେ ହୋଇଥିବା ବାତ୍ୟା ତାଙ୍କ ପରିବାରର ମେରୁଦଣ୍ଡ ଭାଙ୍ଗିଦେଇଛି। ବାତ୍ୟା ସମୟରେ ଏକ ଗଛ ଡାଳ କୁମୁନୀଙ୍କ ବେକରେ ପଡ଼ିଯିବାରୁ ସେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିଲେ। ମାତ୍ର ଆର୍ଥିକ ଅନଟନ ଯୋଗୁ ତାଙ୍କର ଚିକିତ୍ସା କରାଇବାରେ ଅସମର୍ଥ ହୋଇଛନ୍ତି ପରିବାର ଲୋକେ। ଟଙ୍କା ନାହିଁ ବୋଲି ଅଧା ଚିକିତ୍ସାରୁ କଟକ ବଡ଼ ମେଡିକାଲରୁ ଫେରିବା ପରେ ଅସହାୟ ପାଲଟି ଯାଇଛନ୍ତି କୁମୁନୀ। ଏବେ ଘରେ ପଡ଼ିରହି କେବଳ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ସବୁ ଭଗବାନଙ୍କ ଉପରେ ଛାଡ଼ି ଦେଇଛନ୍ତି କୁମୁନୀ।

ଏଭଳି କଷ୍ଟ କରୁଥିବା ମହିଳା ଜଣକ ହେଲେ ଡେରାବିଶ ବ୍ଲକ ଅଧୀନ ଛୋଟି ପଞ୍ଚାୟତ ଚକରଘୁନାଥପୁର ଗ୍ରାମର ଅସହାୟା କୁମୁନୀ ଜେନା। ବାତ୍ୟା ସମୟରେ ଘର ନିକଟସ୍ଥ ନଳକୂପକୁ ପାଣି ଆଣିବାକୁ ଯାଇଥିବା ବେଳେ ଏକ ଆମ୍ବଡ଼ାଳ ଖସି ପଡ଼ିଥିଲା କୁମୁନୀଙ୍କ ବେକ ଉପରେ। ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରିଥିଲେ। ତାହା ପରଦିନ ଗ୍ରାମବାସୀ ଓ ସ୍ଥାନୀୟ ଲୋକ ପ୍ରତିନିଧି ଟଙ୍କା ଯୋଗାଡ଼ କରି କୁମୁନୀଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଇନ୍ଦୁପୁର ଅଞ୍ଚଳର ଜଣୈକା ମହିଳା ତାଙ୍କ ସହ ମେଡିକାଲରେ



ରୋଗଶଯ୍ୟାରେ କୁମୁନୀ ଜେନା।

ଆଟେଣ୍ଡାଣ୍ଟ ଭାବେ ରହିଥିଲେ। ଗ୍ରାମବାସୀ ଆଦାୟ କରିଥିବା ଟଙ୍କା ଶେଷ ହେବା ପରେ ବି କୁମୁନୀ ସୁସ୍ଥ ହୋଇ ନ ଥିଲେ। ତାଙ୍କୁ ସୁସ୍ଥ ହେବା ପାଇଁ ଆହୁରି ଅଧିକ ଟଙ୍କା ଆବଶ୍ୟକ ବୋଲି ଡାକ୍ତର କହିବା ସହ ବେକରେ ବ୍ୟାଣ୍ଡେଜ ବାନ୍ଧି ଘରକୁ ପଠାଇ ଦେଇଥିଲେ। ଗତ ଦୁଇ ଦିନ ତଳେ କୁମୁନୀ ଘରକୁ ଫେରିଛନ୍ତି। ତାଙ୍କ ମୁହଁର ଗୋଟିଏ ପାର୍ଶ୍ୱ ବଙ୍କା ହୋଇ ଯାଇଥିବାରୁ ସେ ବଙ୍କେଇ ବଙ୍କେଇ କଥା କହୁଛନ୍ତି। ତେବେ ସେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇଥିବା ସ୍ଥାନୀୟ ଅଞ୍ଚଳର କେତେଜଣ ସ୍ୱାସ୍ଥ୍ୟକର୍ମୀ କହିଛନ୍ତି ବୋଲି କୁମୁନୀଙ୍କ ଶାଶୁ କହିଛନ୍ତି। ବାତ୍ୟାରେ କୁମୁନୀଙ୍କ ଘର ଭାଙ୍ଗି ଯାଇଥିବାରୁ ଗ୍ରାମବାସୀ ଚାନ୍ଦା କରି ତାଙ୍କ ଘର ସଜାଡ଼ିବା ସହ ତାଙ୍କ ପରିବାର ଲୋକଙ୍କୁ ସମୟ ସମୟରେ ଖାଇବାକୁ ମଧ ଦେଉଛନ୍ତି। ତେବେ ଏ ପର୍ଯ୍ୟନ୍ତ କୁମୁନୀଙ୍କ ପରିବାରକୁ କୌଣସି ସରକାରୀ ସହାୟତା ଯୋଗାଇ ଦିଆଯାଉ ନଥିବା ସ୍ଥାନୀୟ ସରପଞ୍ଚ କୁମାରଚନ୍ଦ୍ର ବଳ ଓ ସମିତିସଭ୍ୟ ନଳିନୀକାନ୍ତ ସ୍ୱାଇଁ ଅଭିଯୋଗ କରିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ କୁମୁନୀଙ୍କ ଅବସ୍ଥା ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲେ ବି କିଛି ସୁଫଳ ମିଳି ନ ଥିବା ସରପଞ୍ଚ ବଳ କହିଛନ୍ତି। ତୁରନ୍ତ କୁମୁନୀଙ୍କ ଚିକିତ୍ସା ପାଇଁ ସରକାରୀସ୍ତରରେ ବ୍ୟବସ୍ଥା କରାଯିବା ସହ ତାଙ୍କ ପରିବାରକୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଏକ୍‌ଜିଟ୍ ପୋଲ୍‌କୁ ନେଇ ଚର୍ଚ୍ଚା

**ଜଗତ୍‌ସିଂହପୁର ଅଫିସ,୧୯।୫**

୨୦୧୯ ସାଧାରଣ ନିର୍ବାଚନ ଫଳାଫଳକୁ ନେଇ ରବିବାର ସନ୍ଧ୍ୟାରେ ବିଭିନ୍ନ ସଂସ୍ଥା ପକ୍ଷରୁ ଏକ୍‌ଜିଟ୍ ପୋଲ ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟକୁ ନେଇ ଏବେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। ୨୦୧୪ ନିର୍ବାଚନରେ ଜଗତ୍‌ସିଂହପୁର ଏମ୍‌ପି ସିଟ୍ ବିଜେଡି ଅକ୍ତିଆରରେ ଥିଲା। ସେହିପରି ଜିଲାର ୪ ବିଧାନସଭା ଆସନ ମଧ୍ୟରୁ କେବଳ ଜଗତ୍‌ସିଂହପୁରକୁ ବାଦ୍‌ଦେଲେ ଅବଶିଷ୍ଟ ୩ଟିରେ ବିଜେଡି ପ୍ରାର୍ଥୀ ଜିତିଥିଲେ। ଏଥର ମଧ୍ୟ ଚିତ୍ର ଅନୁରୂପ ରହିବ ବୋଲି ଆକଳନ କରାଯାଉଛି। ତେବେ ଆସନ୍ତା ୨୩ ତାରିଖରେ ଫଳାଫଳ ଘୋଷଣା ପରେ ବାସ୍ତବ ଚିତ୍ର ଜଣାପଡ଼ିବ। ୨୦୧୪ ନିର୍ବାଚନରେ ଜଗତ୍‌ସିଂହପୁର ଏମ୍‌ପି ହୋଇଥିଲେ ବିଜେଡି ପ୍ରାର୍ଥୀ ଡା.କୁଳମଣୀ ସାମଲ। ଏଥର ବିଜେଡିରୁ ରାଜଶ୍ରୀ ମଲ୍ଲିକ, କଂଗ୍ରେସରୁ ପ୍ରତିମା ମଲ୍ଲିକ ଓ ଭାଜପାରୁ ବିଭୂପ୍ରସାଦ ତରାଇ ପ୍ରାର୍ଥୀ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ବିଜେଡି ଓ କଂଗ୍ରେସ ମଧ୍ୟରେ ଲଢେଇ ହୋଇଥିବା କୁହାଯାଉଛି। ଏଥିରେ ବିଜେଡି ପ୍ରାର୍ଥୀ ରାଜଶ୍ରୀ ଜିତିପାରନ୍ତି ବୋଲି କେତୋଟି ଏକ୍‌ଜିଟ୍ ପୋଲ ରିପୋର୍ଟରୁ ପ୍ରକାଶ।

ଜଗତ୍‌ସିଂହପୁର ଲୋକସଭା ନିର୍ବାଚନମଣ୍ଡଳୀ ଅଧୀନ ୭ ବିଧାନସଭା ଆସନର ଫଳାଫଳ କଥା ବିଚାର କଲେ ୫ରେ ବିଜେଡି, ୧ରେ କଂଗ୍ରେସ ବିଜୟୀ ହେବାର ସମ୍ଭାବନା ଥିବାବେଳେ ୧ଟି ଆସନର ଚିତ୍ର ଅସ୍ପଷ୍ଟ ରହିଛି। ବିଜେଡି ଜିତିବା ସମ୍ଭାବନା ଥିବା ୫ ଆସନରୁ ଜଗତ୍‌ସିଂହପୁର ଜିଲାରେ ୩ଟି ରହିଛି। ସେଗୁଡିକ ହେଲା ତିର୍ତ୍ତୋଲ, ପାରାଦୀପ ଓ ବାଲିକୁଦା-ଏରସମା। ତିର୍ତ୍ତୋଲରେ ବିଜେଡି ପ୍ରାର୍ଥୀ ହୋଇଛନ୍ତି ବିଷ୍ଣୁ ଚରଣ ଦାସ। ସେ ପ୍ରଥମ ଥର ପାଇଁ ଏହି ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇଛନ୍ତି। ପୂର୍ବରୁ ଅର୍ଥାତ୍ ୫ଥର ଜଗତ୍‌ସିଂହପୁରରୁ ବିଧାୟକ ଭାବେ ବିଜୟୀ ହୋଇଥିଲେ। ତାଙ୍କ ବିରୋଧରେ ଭାଜପା ପ୍ରାର୍ଥୀ ରମାକାନ୍ତ ଭୋଇ ଓ କଂଗ୍ରେସର ଦେବୀ ମଲ୍ଲିକ ପ୍ରାର୍ଥୀ ହୋଇଛନ୍ତି। କିନ୍ତୁ ଦାସଙ୍କ ସହ ଭୋଇଙ୍କ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ଆକଳନ କରାଯାଉଛି। ପାରାଦୀପରେ ବିଜେଡି ପ୍ରାର୍ଥୀ ସମ୍ବିତ ରାଉତରାୟ ଜିତିବାର ସମ୍ଭାବନା ରହିଛି। ତାଙ୍କ ବିରୋଧରେ କଂଗ୍ରେସର ଅରିନ୍ଦମ ସର୍ଖେଲ ଓ ଭାଜପା ପ୍ରାର୍ଥୀ ସମ୍ପଦ ସ୍ୱାଇଁ ପ୍ରାର୍ଥୀ ହୋଇଥିଲେ। ଅରିନ୍ଦମ ୨ୟ ସ୍ଥାନରେ ରହିପାରନ୍ତି ବୋଲି କୁହାଯାଉଛି। ବାଲିକୁଦା-ଏରସମାରୁ ବିଜେଡି ପ୍ରାର୍ଥୀ ହୋଇଛନ୍ତି ରଘୁନନ୍ଦନ ଦାସ। ତାଙ୍କ ବିରୋଧରେ ପାରାଦୀପ ବିଧାୟକ ତଥା ବିଜେଡିରୁ ବହିଷ୍କୃତ ହୋଇଥିବା ଡା.ଦାମୋଦର ରାଉତ ଭାଜପା ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। କଂଗ୍ରେସରୁ ଲଲାଟେନ୍ଦୁ ମହାପାତ୍ର ପ୍ରାର୍ଥୀ ହୋଇଥିଲେ। ତେବେ ରଘୁନନ୍ଦନ ଜିତିବା ସମ୍ଭାବନା ଅଧିକ ବୋଲି ଆକଳନ କରାଯାଉଛି। ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି ଏଥର ଜଗତ୍‌ସିଂହପୁରରୁ ବିଜେଡି ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ବିରୋଧରେ କଂଗ୍ରେସର ଚିରଞ୍ଜୀବ ବିଶ୍ୱାଳ ଓ ଭାଜପା ପ୍ରାର୍ଥୀ ହୋଇଛନ୍ତି ସତ୍ୟବ୍ରତ ମହାପାତ୍ର। ୨୦୧୪ ନିର୍ବାଚନରେ ଚିରଞ୍ଜୀବ ବିଜୟୀ ହୋଇ ଜିଲାର ଏକମାତ୍ର କଂଗ୍ରେସ ବିଧାୟକ ହୋଇଥିଲେ। ଏଥର ବିଜେଡି ଓ କଂଗ୍ରେସ ମଧ୍ୟରେ କଡା ଟକ୍କର ହୋଇଛି। ଏଥିରେ ଚିରଞ୍ଜୀବ ଜିତିପାରନ୍ତି ବୋଲି ଆକଳନ କରାଯାଉଛି। ସେହିପରି ଭାଜପା ପ୍ରାର୍ଥୀ ସତ୍ୟବ୍ରତଙ୍କ ଭୋଟ ହାର ଯଥେଷ୍ଟ ଅଧିକ ରହିବ ବୋଲି ଆଶା କରାଯାଉଛି। ସତ୍ୟବ୍ରତ ଯେଉଁ ଦଳର ଭୋଟ ଅଧିକ କାଟିଥିବେ ସେ ଦଳର ପ୍ରାର୍ଥୀ ହାରିବେ ବୋଲି କୁହାଯାଉଛି। ଏସବୁ ଆକଳନକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶପାଇଛି। ଅନେକଙ୍କ କହିବା କଥା ହେଲା ଏକ୍‌ଜିଟ ପୋଲ ରିପୋର୍ଟ ଏକ୍‌ଜାକ୍ଟ ପୋଲ ରିପୋର୍ଟ ନୁହେଁ। ଏହା ଏକ ଆକଳନ ମାତ୍ର। ତେଣୁ ଫଳାଫଳ ଘୋଷଣା ପରେ ସତ୍ୟାସତ୍ୟ ଜଣାପଡ଼ିବ।

## ସଂକ୍ଷେପରେ

### କାର୍ଡଧାରୀଙ୍କୁ ନୁହେଁ, ବିପନ୍ନଙ୍କୁ ସହାୟତା ଦିଅ

**ଏରସମା,୧୯।୫(ସ୍ୱ.ପ୍ର.):** ଏରସମା ବ୍ଲକରେ ଫନୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ରାଜ୍ୟ ସରକାର କେବଳ ରାଶନ କାର୍ଡଧାରୀଙ୍କୁ ରିଲିଫ ଦେଉଛନ୍ତି। ଫଳରେ ବାତ୍ୟାରେ କ୍ଷତିଗ୍ରସ୍ତ ଅନ୍ୟମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ଏହାକୁ ଭାଜପା ବିରୋଧ କରିଛି। ସମସ୍ତ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ରବିବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀରେ ଭାଜପା ନେତା ଶଶିକାନ୍ତ ପରିଡ଼ା କହିଛନ୍ତି ଯେ, ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀରେ ଅଧିକାଂଶ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। କେନ୍ଦ୍ର ସରକାର ସମସ୍ତ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ କରିବାକୁ ଅର୍ଥ ଦେଇଥିଲେ। ମାତ୍ର ପରିତାପର ବିଷୟ, ରାଜ୍ୟ ସରକାର କେବଳ ରାଶନ କାର୍ଡଧାରୀଙ୍କୁ ରିଲିଫ୍ ପ୍ରଦାନ କରିଛନ୍ତି। ତେଣୁ ସମସ୍ତ କ୍ଷତିଗ୍ରସ୍ତଙ୍କୁ ସହାୟତା ନ ଦେଲେ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି। ଏଥିସହ ବାତ୍ୟା ଅଞ୍ଚଳର ସମସ୍ତ ପ୍ରଭାବିତଙ୍କୁ ସମାନ ସୁବିଧା ପ୍ରଦାନ, ପଲିଥିନ ପ୍ରଦାନ, ଲୁଣା ଘେରୀବନ୍ଧର ପୁନରୁଦ୍ଧାର, ଉପକୂଳରେ ବୃକ୍ଷରୋପଣ ଓ ରାସ୍ତାଘାଟ ମରାମତି ଆଦି ୭ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ଓବିସି ମୋର୍ଚ୍ଚା ରାଜ୍ୟ ଉପସଭାପତି ନୃସିଂହ ସାହୁ, ଓବିସି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରାକାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ରଜ ମହୋତ୍ସବ ପ୍ରସ୍ତୁତି

**ଏରସମା,୧୯।୫(ସ୍ୱ.ପ୍ର.):** ଏରସମା ବ୍ଲକ ସଦରମହକୁମା ରଜ ମହୋତ୍ସବ ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ରାଜା ନିରଞ୍ଜନ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଧିରେନ୍ଦ୍ର ଚୌଧୁରୀ, ନୃସିଂହ ସାହୁ, ପ୍ରଭାକର ପଣ୍ଡା, ଭରତ ସ୍ୱାଇଁ, ଇଶାନ ଖଟୁଆ, ମହୋତ୍ସବ କମିଟି ସଭାପତି ସମୀର ରଞ୍ଜନ ମଲ୍ଲିକ, ସମ୍ପାଦକ ନିରାକାର ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦଳଗତ ନିର୍ବିଶେଷରେ ଅତିଥି ଚୟନ, ଚିତ୍ର ତାରକାଙ୍କୁ ଆମନ୍ତ୍ରଣ, ସାଂସ୍କୃତିକ କାର୍ଯ୍ୟକ୍ରମ, ଦୋକାନ ପାଇଁ ସ୍ଥାନ ସଂରକ୍ଷଣ, ଆଲୋକୀକରଣ, ପାନୀୟ ଜଳ ବ୍ୟବସ୍ଥା, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରିବାକୁ ଏଥିରେ ନିଷ୍ପତ୍ତି ହୋଇଥିଲା। କମିଟିର ମୁଖପତ୍ର ବସୁମତୀ ମଧ୍ୟ ଉନ୍ମୋଚିତ ହେବ ବୋଲି ସମ୍ପାଦକ ସ୍ୱାଇଁ କହିଛନ୍ତି।

### ପୋଡ଼ିଗଲା ବଡ଼ମଠ ଗୃହ

**ତିର୍ତ୍ତୋଲ,୧୯।୫(ଡି.ଏନ.ଏ.):** ତିର୍ତ୍ତୋଲ ଥାନା ଇଦ୍ରିସିଂ ପଞ୍ଚାୟତସ୍ଥିତ ବଡ଼ମଠରେ ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ଏଥରେ ବଡ଼ମଠଟି ସମ୍ପୂର୍ଣ୍ଣ ଭାବରେ ପୋଡି ନଷ୍ଟ ହୋଇଯାଇଛି। ମଠର ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଛି। କୌଣସି ବିବାଦକୁ ନେଇ ଏହି ଘରପୋଡି ହୋଇଥିବା ଆଲୋଚନା ହେଉଛି। ଏସମ୍ପର୍କରେ ତିର୍ତ୍ତୋଲ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## ■ ପାରାଦୀପ : ବୁଥ ନଂ.୩୯ରେ ପୁନଃମତଦାନ

# ଭୋଟ ଦେଲେ ୬୮% ଭୋଟର



୩୯ନଂ ବୁଥ୍‌ରେ ଭୋଟ୍‌ଦେବାକୁ ଧାଡ଼ିରେ ଛିଡା ହୋଇଥିବା ଭୋଟର।



ସମ୍ବିତ ରାଉତରାୟ ଓ ଅରିନ୍ଦମ ସର୍ଖେଲ କଥା ହେଉଛନ୍ତି।

**ଜଗତ୍‌ସିଂହପୁର ଅଫିସ/କୁଜଙ୍ଗ/ରାହାମା, ୧୯।୫(ସ୍ୱ.ପ୍ର./ଡି.ଏନ୍.ଏ.)**

ପାରାଦୀପ ନିର୍ବାଚନମଣ୍ଡଳୀ କୁଜଙ୍ଗ ବ୍ଲକ ଅଧୀନ ସାଇଲୋ ପଞ୍ଚାୟତର ୩୯ ନମ୍ବର ବୁଥରେ ରବିବାର ଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି। ଗତ ୨୯ ତାରିଖରେ ହୋଇଥିବା ମତଦାନ ସମୟରେ ଏହି ବୁଥରେ ଇଭିଏମ ଖରାପ ହେବା ଯୋଗୁ ମତଦାନ ହୋଇପାରି ନ ଥିଲା। ତେଣୁ କେନ୍ଦ୍ର ନିର୍ବାଚନ କମିଶନଙ୍କ ନିଷ୍ପତ୍ତି କ୍ରମେ ଏହି ବୁଥ୍ ଅର୍ଥାତ୍ ସାଇଲୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୁନଃ ମତଦାନ କରାଯାଇଥିଲା। ଏହି ବୁଥ୍‌ରେ ମୋଟ ଭୋଟର ସଂଖ୍ୟା ୧୧୪୪। ସେମାନଙ୍କ ମଧ୍ୟରୁ ୭୭୮ ଭୋଟର ନିଜ ମତ ସାବ୍ୟସ୍ତ କରିଛନ୍ତି। ଅର୍ଥାତ୍ ମତଦାନ ହାର ୬୮% ହୋଇଛି। ସେଥିରେ ପୁରୁଷ ଭୋଟର ୩୭୨ ଓ ମହିଳା ଭୋଟର ୪୦୬ ଅଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଭୋଟ୍ ହାର କମିଥିବା କୁହାଯାଉଛି। କୁଜଙ୍ଗ ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା, ତିର୍ତ୍ତୋଲ ଥାନା ଅଧିକାରୀ, ଜଗତ୍‌ସିଂହପୁର ଆରକ୍ଷୀ ଅଧିକ୍ଷିକା ସୁଧା ସିଂ ପ୍ରମୁଖ ଉପସ୍ଥିତ ରହି ଆଇନ ଶୃଙ୍ଖଳା ତଦାରଖ କରିଥିଲେ। ବୁଥ ନିକଟରେ ତିନି ଦଳର ପ୍ରାର୍ଥୀ ଉପସ୍ଥିତ ରହି ଭୋଟରଙ୍କୁ ଉତ୍ସାହିତ କରିଥିଲେ।

### ହାତ ମିଳାଇଲେ ଦୁଇ ବାପି

ବୁଥ୍ ନଂ.୩୯ରେ ପୁନଃ ମତଦାନ ଚାଲିଥିବାବେଳେ ରାଜନୈତିକ ଉଷ୍ମତା ପ୍ରକାଶ ପାଇଥିଲା। ଏହା ସାଙ୍ଗକୁ ତାଳଦେଇ ମଧ୍ୟାହ୍ନ ସାଢେ ୧୨ଟାରେ ଗ୍ରୀଷ୍ମ ପ୍ରକୋପ ମଧ୍ୟ ବଢିଚାଲିଥିଲା। ଏହା ଭିତରେ ଭେଟାଭେଟି ହୋଇଥିଲେ ଦୁଇ ବାପି। ଅର୍ଥାତ୍ ବିଜେଡି ପ୍ରାର୍ଥୀ ସମ୍ବିତ ରାଉତରାୟ(ବାପି) ବୁଥ ପରିଦର୍ଶନରେ ଯାଇ ଫେରୁଥିବାବେଳେ କଂଗ୍ରେସ ପ୍ରାର୍ଥୀ ଅରିନ୍ଦମ ସର୍ଖେଲ(ବାପି)ଙ୍କ ସହ ସାକ୍ଷାତ ହୋଇଥିଲେ। ବୁଥ୍ ଫାଟକ ନିକଟରେ ଦୁଇ ନେତା ପରସ୍ପରକୁ ଦେଖି ସୌଜନ୍ୟତା ମୂଳକ ହାତ ମିଳାଇ କିଛି ସମୟ କଥାବାର୍ତ୍ତା ହୋଇଥିଲେ। ନିର୍ବାଚନ ପ୍ରଚାର ସମୟରେ ପରସ୍ପରର କୁତ୍ସାରଟନା କରିଥିବା ଦୁଇ ନେତା ହାତ ମିଳାଇ ମୃଦୁ ହସ ସହ ୧୦ ମିନିଟ୍ ଧରି କଥା ହେବା ଉଭୟଙ୍କ କର୍ମୀଙ୍କୁ ବେଶ୍ ଉତ୍ସାହିତ କରିଛି। ଦୁଇ ନେତା ବୁଥ୍‌ରୁ ଫେରିବା ପରେ ଭାଜପା ପ୍ରାର୍ଥୀ ସମ୍ପଦ ସ୍ୱାଇଁ ଏହି ବୁଥ୍ ପରିଦର୍ଶନରେ ଆସି କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ।

## ବାତ୍ୟା ପ୍ରଭାବିତ ଅଞ୍ଚଳରେ ଗ୍ରାମ୍ୟ ବିକାଶ ପରିଷଦର ସହାୟତା

**ପାରାଦୀପ,୧୯।୫(ସ୍ୱ.ପ୍ର.)**

ପାରାଦୀପର ସ୍ୱେଚ୍ଛାସେବୀ ସଙ୍ଗଠନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ ପକ୍ଷରୁ ବାତ୍ୟା ପ୍ରଭାବିତ ଅଞ୍ଚଳ ପୁରୀ ଓ ଭୁବନେଶ୍ୱରରେ ସହାୟତା ଓ ରିଲିଫ୍ ପ୍ରଦାନ କରାଯାଇଛି। ସଙ୍ଗଠନର କର୍ମକର୍ତ୍ତାମାନେ ପ୍ରଥମେ ଭୁବନେଶ୍ୱର ନିଳାଦ୍ରୀ ବିହାରସ୍ଥିତ ମା'ମଙ୍ଗଳା ବସ୍ତିରେ ଗଛଡାଳଠାରୁ ଆରମ୍ଭ କରି ନାଳ ନର୍ଦ୍ଦମା ସଫେଇ କରିଥିଲେ। ଏଥିସହ ସାଧମୁତାବକ ଖାଦ୍ୟ, ପୋଷାକ, ଘରକରଣା ସାମଗ୍ରୀ ଆଦି ପ୍ରଦାନ କରିଥିଲେ। ପରେ ପୁରୀ ଅଞ୍ଚଳରେ ପହଞ୍ଚି ସେହିଭଳି ସେବା କାର୍ଯ୍ୟ କରିଥିଲେ ବୋଲି ସଙ୍ଗଠନର ପ୍ରତିଷ୍ଠାତା ଅମରେଶ ନରେଶ ସାମନ୍ତ କହିଛନ୍ତି। ଅଶୋକ ମାଝୀ, ଦିଲୀପ ପଲାଇ, ପ୍ରଦୀପ ପରିଡ଼ା, ସଞ୍ଜୟ ବେହେରା, ଅଜୟ ତରାଇ ପ୍ରମୁଖ ଏହି କାର୍ଯ୍ୟରେ ସାମିଲ ହୋଇଛନ୍ତି।

### ଯୁବ ଛାତ୍ର ଶିବିର

**କୁଜଙ୍ଗ,୧୯।୫(ସ୍ୱ.ପ୍ର.)**

କୁଜଙ୍ଗସ୍ଥିତ ଲୋକନାଥ ଭବନରେ ଅଖିଳ ଭାରତ ଯୁବ ସଙ୍ଗଠନ ପକ୍ଷରୁ ପୂର୍ବତନ ଏମ୍‌ପି ଲୋକନାଥ ଚୌଧୁରୀଙ୍କ ଜୟନ୍ତୀ ଅବସରରେ ଯୁବ ଛାତ୍ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ସଙ୍ଗଠନର ଜିଲା ସମ୍ପାଦକ ଅଜୟ କୁମାର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ସିପିଆଇର ବରିଷ୍ଠ ନେତ୍ରୀ ଜିନ୍ମୟୀ ସାହାଣୀ ଅଧ୍ୟକ୍ଷତା କରିଥିଲେ। ଶିବିରରେ ସଙ୍ଗଠନର ପ୍ରାକ୍ତନ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ଓ ଜୋନାଲ୍ ସମ୍ପାଦକ ଶରତ ବେହେରା ଯୋଗଦେଇ ସ୍ୱର୍ଗତ ଚୌଧୁରୀଙ୍କ ସାମ୍ୟବାଦୀ ଦର୍ଶନ ଓ ସଂଗ୍ରାମୀ ଜୀବନ ଉପରେ ଆଲୋକପାତ କରିଥିଲେ। ସଞ୍ଜୀବ ସାମନ୍ତରାୟ, ଶ୍ରୀନିବାସ ଜୁଝାରସିଂହ, ସୁବାସ ମହାପାତ୍ର, ହୃଷିକେଶ ନାଥ, ରବୀନ୍ଦ୍ର ସାମଲ, ବିଷ୍ଣୁ ମୁଦୁଲି, ରବୀ ମାଝୀ, ହରେକୃଷ୍ଣ ମାଝୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ବୁଦ୍ଧି ବିବେକ ଜାଗ୍ରତ କରେ ସତ୍‌ସଙ୍ଗ

**ବିରିଡ଼ି,୧୯।୫(ଡି.ଏନ୍.ଏ.)**

ସତ୍‌ସଙ୍ଗ ମଣିଷର ବୁଦ୍ଧି ଓ ବିବେକକୁ ଜାଗ୍ରତ କରିବା ସହ ଈଶ୍ୱରାଭିମୁଖୀ କରାଇଥାଏ ବୋଲି ଶନିବାର ବିରିଡ଼ି ବ୍ଲକ ଅନ୍ତର୍ଗତ ବାଲିଆ ଗୋପୀନାଥପୁରସ୍ଥିତ ମା'ଦୁର୍ଗାଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ପ୍ରବଚନରେ ବକ୍ତାମାନେ କହିଛନ୍ତି। ଏହି ଆଧାତ୍ମିକ କାର୍ଯ୍ୟକ୍ରମକୁ ବିରିଡ଼ି ଥାନା ଆଇଆଇସି ପାରୋ ଗୁଡୁ ଉଦ୍‌ଘାଟନ କରିଥିଲେ। କଟକ ଅଡ଼ଶପୁରର ଗୁରୁ ପଦାଶ୍ରିତ ବିଶ୍ୱଜିତ ନାୟକ ଯୋଗଦେଇ ସତ୍‌ସଙ୍ଗର ମହିମା ଓ ଶିବ ବିବାହ ସମ୍ପର୍କରେ ପ୍ରବଚନ ଦେଇଥିଲେ। ବ୍ୟାସ ଭାବେ ପ୍ରଭାତ ରଞ୍ଜନ କର ଓ ମନୋରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ଓଡ଼ିଶା ଜଗନ୍ନାଥ ସଂସ୍କୃତିର କଥା ପ୍ରଚାରକ ବାବା ଦିବାକର ଦାସ ମହାରାଜ ପରିଚାଳନା କରିଥିଲେ।

# ବିଦ୍ୟାଳୟ ଶ୍ରେଣୀଗୃହ ମରାମତି ଦାବି

**କୁଜଙ୍ଗ,୧୯।୫(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ ପାଟପୁର ପଞ୍ଚାୟତ ବଉଳାଙ୍ଗସ୍ଥିତ ସୁରବାଳା ହାଇସ୍କୁଲର ବିଦ୍ୟାଳୟର ଶ୍ରେଣୀଗୃହ ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟାଳୟର ଆଜବେଷ୍ଟସ ଓ କାନ୍ଥ ନଷ୍ଟ ହୋଇଯାଇଛି। ସୂଚନା ଅନୁଯାୟୀ, ୩ ଶ୍ରେଣୀ ବିଶିଷ୍ଟ ଏହି ହାଇସ୍କୁଲର ଆଜବେଷ୍ଟସ୍ ଗୃହ ୧୯୯୯ ମହାବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିଲା। ପରେ କେବଳ ଆଜବେଷ୍ଟସ ପକାଯାଇ ଘର ମରାମତି କରାଯାଇଥିଲା। ଏ ଭିତରେ ବିଦ୍ୟାଳୟର କାନ୍ଥରେ ଫାଟ ସୃଷ୍ଟି ହୋଇଥିବାବେଳେ ଆଜବେଷ୍ଟସ କଣା ହୋଇଯାଇଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଂଶୀଧର ନାୟକ, ପରିଚାଳନା କମିଟି ସଭାପତି ପ୍ରହଲ୍ଲାଦ ସ୍ୱାଇଁ ପ୍ରମୁଖ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ପତ୍ର ଲେଖି ଜଣାଇଥିଲେ। ଏବେ ବିଦ୍ୟାଳୟ ଛୁଟି ଅଛି। ତେଣୁ ଏହି ସମୟରେ ବିଦ୍ୟାଳୟର କ୍ଷୟକ୍ଷତି ଆକଳନ କରି ଉପଯୁକ୍ତ ମରାମତି କରାଗଲେ ଆସନ୍ତା ଜୁନ୍‌ରେ ବିଦ୍ୟାଳୟ ଖୋଲିଲାବେଳକୁ ପାଠ ପଢାରେ କୌଣସି ସମସ୍ୟା ହୁଅନ୍ତା ନାହିଁ। ଯଦି ଏହା କରା ନ ଯାଏ, ତେବେ ବିଦ୍ୟାଳୟର ୧୮୨ ଛାତ୍ରୀଛାତ୍ର ବିପଦ ସଙ୍କୁଳ ଶ୍ରେଣୀଗୃହରେ ବସି ପଢିବାକୁ ବାଧ୍ୟ ହେବେ। ବିଦ୍ୟାଳୟ କାର୍ଯ୍ୟାଳୟ ପାଇଁ ବିଧାୟକଙ୍କ ଉନ୍ନୟନ ପାଣ୍ଠିରୁ ଏକ ଗୃହ ନିର୍ମାଣ ହୋଇଥିଲେ ମଧ୍ୟ ତାହା ପିଲାଙ୍କ ପାଠ ପଢା ପାଇଁ ଯଥେଷ୍ଟ ହେବ ନାହିଁ। ଅନ୍ୟପକ୍ଷରେ ବିଦ୍ୟାଳୟ ପରିସରରେ ଇଫ୍‌କୋ ସହାୟତାରେ ବହୁ ବୃକ୍ଷରୋପଣ କରାଯାଇଥିଲା। କିନ୍ତୁ ବିଦ୍ୟାଳୟ ପାଚେରି ନ ଥିବାରୁ ବାତ୍ୟା ସୁଯୋଗ ନେଇ ବହୁ ଲୋକ ଗଛ କାଟି ନେଇଛନ୍ତି। ତେଣୁ ଏହି ପୁରାତନ ବିଦ୍ୟାଳୟର ଶ୍ରେଣୀଗୃହ ମରାମତି ସହ ପାଚେରି ନିର୍ମାଣ କରିବାକୁ ପରିଚାଳନା କମିଟି ସଭାପତି ପ୍ରହଲ୍ଲାଦ ସ୍ୱାଇଁ, ବିଚିତ୍ରାନନ୍ଦ ପୁହାଣା, ରଞ୍ଜନ କୁମାର ବେଉରା, ପୂର୍ବତନ ସରପଞ୍ଚ ରସାନନ୍ଦ ଜେନା, ପ୍ରଫୁଲ୍ଲ କୁମାର ମହାନ୍ତି, ସଚ୍ଚିଦାନନ୍ଦ ତ୍ରିପାଠୀ, ଦୟାନିଧି ମହାନ୍ତି ପ୍ରମୁଖ ଦାବି କରିଛନ୍ତି।

## ■ ଦ୍ୱନ୍ଦୁଅ ମଲ୍ଲିକସାହି ରାସ୍ତା ଶୋଚନୀୟ

# ହୀନସ୍ତା ହେଉଛନ୍ତି ୬୦ ପରିବାର

**ରଘୁନାଥପୁର, ୧୯।୫ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତ ୱାର୍ଡ ନଂ. ୧୧ ଦ୍ୱନ୍ଦୁଅ ମଲ୍ଲିକସାହି ରାସ୍ତା ଶୋଚନୀୟ ହୋଇପଡିଛି। ବିଲ ମଝି ରାସ୍ତାରେ ଯାତାୟାତ ପାଇଁ ଗାଁର ୬୦ ପରିବାର ତଥା ପ୍ରାୟ ୩ ଶହ ଲୋକ ଏଥିପାଇଁ ହୀନସ୍ତା ହେଉଛନ୍ତି। ଦୀର୍ଘଦିନ ଧରି ଗ୍ରାମ୍ୟ ରାସ୍ତାକୁ ପକ୍କା କରିବାକୁ ଗ୍ରାମବାସୀ ଦାବି କରୁଥିଲେ ମଧ୍ୟ ସୁଫଳ ମିଳୁନି। ଏପରିକି ଜରୁରିକାଳୀନ ଚିକିତ୍ସା ପାଇଁ ଗ୍ରାମ ଭିତରକୁ ଆମ୍ବୁଲାନ୍ସଟିଏ ଯିବା ସମ୍ଭବ ହେଉନି। ଗତ ୧୪ ତାରିଖରେ ପୁଷ୍ପଲତା ମଲ୍ଲିକ ନାମକ ଜଣେ କ୍ୟାନସର ରୋଗୀଙ୍କୁ ଷ୍ଟ୍ରେଚରରେ ପ୍ରାୟ ୩ ଶହ ମିଟର ବୋହିକି ମୁଖ୍ୟ ରାସ୍ତାରେ ଥିବା ୧୦୮ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିବାକୁ ପଡିଥିଲା। ବର୍ଷା ଆସିଲେ ଦୁର୍ଦ୍ଦଶା ଆହୁରି ଅଧିକ ହୁଏ ବୋଲି ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟନାରାୟଣ ନାୟକ କହିଛନ୍ତି। ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଗ୍ରାମବାସୀ ପ୍ରତ୍ୟହ ପାଣି ଭିତରେ ଯାତାୟାତ କରନ୍ତି। ଗତ ଫେବୃୟାରୀରେ ତତ୍କାଳୀନ ଜିଲାପାଳଙ୍କୁ ଭେଟି ଗ୍ରାମବାସୀ ପକ୍କା ରାସ୍ତା କରିବାକୁ ଗୁହାରି ଜଣାଇଥିଲେ। ଆଗକୁ ବର୍ଷା ଆସୁଥିବାରୁ ପୂର୍ବରୁ ରାସ୍ତା କାମ ସାରିବାକୁ ମଧ୍ୟ ଦାବି ଜଣାଇଥିଲେ। ଜିଲା ତଥା ବ୍ଲକ ପ୍ରଶାସନ ପକ୍ଷରୁ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଗ୍ରାମବାସୀ ୱାର୍ଡ ସଭ୍ୟା କନିକା ମଲ୍ଲିକଙ୍କ ନେତୃତ୍ୱରେ ଉକ୍ତ ରାସ୍ତାରେ ବସି ପ୍ରତିବାଦ ଜଣାଇଛନ୍ତି। ଏକ ମାସ ମଧ୍ୟରେ ରାସ୍ତା ପାଇଁ ପଦକ୍ଷେପ ଗ୍ରହଣ କରା ନ ଗଲେ ବାଧ୍ୟହୋଇ ରାଜରାସ୍ତା ଅବରୋଧ କରିବେ ବୋଲି ନିରଞ୍ଜନ ମହାରଣା, ସୁକାନ୍ତ ମଲ୍ଲିକ, ଭଗତା ମଲ୍ଲିକ, ଗୋଲେଖ ମଲ୍ଲିକ, ରେଖି ମଲ୍ଲିକ, ମଞ୍ଜୁଲତା ମଲ୍ଲିକ, ସଞ୍ଜୁଲତା ମଲ୍ଲିକଙ୍କ ସମେତ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



ଗ୍ରାମବାସୀ ରାସ୍ତାରେ ବସି ପ୍ରତିବାଦ ଜଣାଉଛନ୍ତି।

# କାର ଧକ୍କାରେ ଜଣେ ମୃତ, ରାସ୍ତାରୋକୋ

**ତିର୍ତ୍ତୋଲ,୧୯।୫(ଡି.ଏନ.ଏ.)**

ତିର୍ତ୍ତୋଲ ଥାନା ମଣିଜଙ୍ଗା-ଏରସମା ରାସ୍ତାର ଇଦ୍ରିସିଂ ଛକ ନିକଟରେ ରବିବାର ଅପରାହ୍ନରେ ଏକ କାର ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ସେଠାରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ। ସୂଚନା ଅନୁଯାୟୀ, ଇଦ୍ରିସିଂ ପଞ୍ଚାୟତ ପାଇକସାହି ଗ୍ରାମର ପ୍ରସନ୍ନ ଦଳେଇ (୬୦) ଏକ ସାଇକେଲରେ ଏରସମା ପଟୁ ଘରକୁ ଫେରୁଥିବାବେଳେ ମଣିଜଙ୍ଗା ପଟୁ ଯାଉଥିବା ଏକ ନାନୋ କାର ଧକ୍କା ଦେଇଥିଲା। ଏଥିରେ ପ୍ରସନ୍ନ ଗୁରୁତର ହୋଇଥିଲେ। ତାଙ୍କୁ ଏରସମା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ସ୍ଥାନୀୟ ଗ୍ରାମବାସୀ ମଣିଜଙ୍ଗା-ଏରସମା ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ତିର୍ତ୍ତୋଲ ଓ ଏରସମା ପୋଲିସ ପହଞ୍ଚି ବୁଝାସୁଝା କରିଥିଲେ। ତେବେ ତହସିଲଦାର ଓ ଏସଡିପିଓ ଆସି ଆଲୋଚନା କରିବାକୁ ଆନ୍ଦୋଳନକାରୀ ଅଡି ବସିଥିଲେ। ରେଡ୍‌କ୍ରସ ପାଣ୍ଠିରୁ ସହାୟତା ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।



ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ରାସ୍ତାରୋକୋ କରିଥିବା ଗ୍ରାମବାସୀ।

## ■ ଗରିବ ପରିବାରକୁ ଦାଉ ସାଧିଲା ଫନୀ

# ଅସହ୍ୟ ଖରାରେ ପାଲ ତଳେ ବିତୁଛି ଦିନ

**ନାଉଗାଁ,୧୯।୫(ସ୍ୱ.ପ୍ର.)**

ଗରିବ ପରିବାରକୁ ପକ୍କାଘର ଯୋଗାଇଦେବା ପାଇଁ ସରକାର ଇନ୍ଦିରା ଆବାସଠାରୁ ଆରମ୍ଭ କରି ବିଜୁ ପକ୍କାଘର, ମୋ କୁଡିଆ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପର୍ଯ୍ୟନ୍ତ ଅନେକ ଯୋଜନା କରିଛନ୍ତି। କିନ୍ତୁ ଏସବୁ ଯୋଜନା ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରୁନାହିଁ। କେବଳ ଜଣେ କିମ୍ବା ୨ ଜଣ ନୁହନ୍ତି, ନାଉଗାଁ ବ୍ଲକର ୧୬ ପଞ୍ଚାୟତରେ ଅନେକ ଯୋଗ୍ୟ ହିତାଧିକାରୀ ଏବେ ମଧ୍ୟ କଚ୍ଚା ଘରେ ରହୁଛନ୍ତି। ଫଳରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେମାନଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ଜଣେ ହିତାଧିକାରୀ ହେଲେ ନାଉଗାଁ ବ୍ଲକ ଜାମୁଗାଁ ପଞ୍ଚାୟତ ଶୁଣ୍ଢଳ ଗ୍ରାମର ମକରଧ୍ୱଜ ପ୍ରଧାନ। ପରିବାର କହିଲେ ସ୍ତ୍ରୀ ସତୀ ପ୍ରଧାନ, ଗୋଟିଏ ପୁଅ ଓ ଦୁଇ ଝିଅ। ମକର ଚେନ୍ନାଇରେ ରହି କାମ କରୁଛନ୍ତି। ଜମିବାଡ଼ି କିଛି ନାହିଁ କହିଲେ ଚଳେ। ପରିବାର ପ୍ରତିପୋଷଣ ପାଇଁ ପିଲାଛୁଆଙ୍କୁ ଘରେ ଛାଡ଼ି ମକର ବାହାରେ ରହୁଥିବାବେଳେ ଏଠାରେ ସ୍ତ୍ରୀ ସତୀ ଘର କଥା ବୁଝନ୍ତି। ଝାଟିମାଟିର ଖଣ୍ଡିଏ ଘରେ ଏହି ପରିବାର ରହୁଥିବାବେଳେ ଫନୀ ବାତ୍ୟାରେ ତାହା କ୍ଷତିଗ୍ରସ୍ତ ହୋଇଛି। ଏବେ ମୁଣ୍ଡ ଗୁଞ୍ଜିବାକୁ ଜାଗା ନ ଥିବାରୁ ଉକ୍ତ ଘରେ ପାଲ ଟାଣି ରହୁଛନ୍ତି। ପ୍ରଚଣ୍ଡ ଖରା ହେଉଥିବାରୁ ଦିନରେ ଜରି ପାଲ ତାତିଯାଉଛି। ସେହିପରି ହଠାତ ବର୍ଷା ହେଲେ ସମସ୍ତେ ଓଦା ହେଉଛନ୍ତି। ତଥାପି ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି। ଘର ଖଣ୍ଡେ ପାଇଁ ପଞ୍ଚାୟତ ଅଫିସଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସବୁଠି ଆବେଦନ କରିଥିଲେ ମଧ୍ୟ ତାଙ୍କ କଥା କେହି ଶୁଣି ନ ଥିବା କହିଛନ୍ତି ସତୀ। ବାତ୍ୟାରେ ଘର ଭାଙ୍ଗିଯାଇଥିଲେ ମଧ୍ୟ ପ୍ରଶାସନର ଦୃଷ୍ଟି ପଡୁନାହିଁ। ତଦନ୍ତକାରୀ ଅଧିକାରୀ ଖାମଖିଆଲ ଭାବେ ଯାଞ୍ଚ କରୁଥିବା ସତୀ ଅଭିଯୋଗ କରିଛନ୍ତି। ଅର୍ଥାଭାବରୁ କୋଠାଘର ଖଣ୍ଡେ କରି ପାରୁ ନ ଥିବାବେଳେ ସରକାରଙ୍କଠାରୁ କିଛି ଅର୍ଥ ପାଇଲେ ହୁଏତ ଘର ଖଣ୍ଡେ କରିପାରନ୍ତେ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ଜେ.କଳ୍ପନା କହିଛନ୍ତି ଯେ ତଦନ୍ତରେ କୌଣସି ଅନିୟମିତତା ହେଉନାହିଁ। ବାତ୍ୟାରେ ଯେଉଁମାନଙ୍କ କ୍ଷୟକ୍ଷତି ହୋଇଛି ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ।



ନିଜ ଘର ଆଗରେ ମକରଙ୍କ ସ୍ତ୍ରୀ ସତୀ ପ୍ରଧାନ।

■ବହୁ ଆବେଦନ ପରେ ବି ମିଳିଲାନି ପକ୍କାଘର


■ଠିକ୍ ଭାବେ ହେଉନି ଘରଭଙ୍ଗା ତଦନ୍ତ

# ସ୍ମାର୍ଟ ୱିଣ୍ଡୋ




ଘର ଭିତରକୁ ପବନ ଯାତାୟାତ ପାଇଁ ଘରେ ଝରକା ଲଗାଯାଇଥାଏ। ହେଲେ ଖରାଦିନେ ଉତପ୍ତ ବାୟୁ ଏହା ଭିତର ଦେଇ ଘରକୁ ଆସିଥାଏ। ନିକଟରେ ୟୁନିଭର୍ସିଟି ଅଫ ୱାଶିଂଟନର ବୈଜ୍ଞାନିକମାନେ ଏପରି ଏକ ଝରକା ପ୍ରସ୍ତୁତ କରିଛନ୍ତି ଯାହାକୁ ଆପଣ ଖରାଦିନେ ଖୋଲା ରଖିପାରିବେ। କେବଳ ସେତିକି ନୁହେଁ, ସାଧାରଣ ଝରକା ଦେଇ ଗରମ ପବନ ଆସୁଥିବା ହେଲେ ଏହି ଝରକା ତାହାକୁ ପ୍ରତିହତ କରିବାର କ୍ଷମତା ରଖିଛି। ଉନ୍ନତ ଜ୍ଞାନକୌଶଳବିଶିଷ୍ଟ ଏହି ସ୍ମାର୍ଟ ୱିଣ୍ଡୋ ଦେଇ ଆଲୋକ ଘର ଭିତରକୁ ଆସିପାରିବ। ହେଲେ ସୂର୍ଯ୍ୟଙ୍କର ତତଲା ପବନ ପ୍ରବେଶ କରିପାରିବ ନାହିଁ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଏହାକୁ ଆହୁରି ଉନ୍ନତ ଜ୍ଞାନକୌଶଳବିଶିଷ୍ଟ କରିବାକୁ ଉଦ୍ୟମ କରଯାଉଛି ବୋଲି ସେଥିରେ ଉଲ୍ଲେଖ ରହିଛି।

# ରିଲାକ୍ସ ଥେରାପି



ସୁସ୍ଥ ତଥା ନୀରୋଗ ଜୀବନ ଯାପନ ପଛରେ ବ୍ୟାୟାମର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଯଦି ଜଣେ ନିଜ ଦୈନନ୍ଦିତ ଜୀବନ ତାଲିକାରେ ଏହାକୁ ସାମିଲ କରେ ତେବେ ତା'ଦ୍ୱାରା କେତେ ଉପକାର ମିଳେ ତାହା ଅନୁଭବୀ ହିଁ ଜାଣେ। କେତେକ ବ୍ୟାୟାମ କରିବା ସମୟରେ ଗୀତ ଶୁଣିବାକୁ ଭଲ ପାଆନ୍ତି। କାନରେ ଇୟର ଫୋନ୍ ଦେଇ ୱାକିଂ, ଜଗିଂ କରୁଥିବାର ଅନେକଙ୍କୁ ଦେଖିବାକୁ ମିଳୁଛି। ହେଲେ ବ୍ୟାୟାମ ସମୟରେ ଗୀତ ଶୁଣିବା ଏକ ଭଲ ଅଭ୍ୟାସ ଏବଂ ତାହାର ସୁପ୍ରଭାବ ଶରୀର ଉପରେ ପଡିଥାଏ ବୋଲି ଲଣ୍ଡନ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ଏକ ସଦ୍ୟତମ ଗବେଷଣାରୁ ଜାଣିପାରିଛନ୍ତି। ବ୍ୟାୟାମ ସମୟରେ ଗୀତ ଶୁଣିବାକୁ ସେମାନେ 'ରିଲାକ୍ସ ଥେରାପି' ନାମରେ ନାମିତ କରିଛନ୍ତି। ଏହାଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ମାନସିକତା ସକାରାତ୍ମକ ରହିବା ସହ ମସ୍ତିଷ୍କର କାର୍ଯ୍ୟଧାରା ଆହୁରି ସକ୍ରିୟ ରହିଥାଏ। ଯଦି ଅଧିକ ସମୟ ବ୍ୟାୟାମ କରୁଛନ୍ତି ତେବେ ଥକା ଲାଗିବା ସ୍ୱାଭାବିକ। ଏହି ସମୟରେ ମନରେ ପ୍ରଫୁଲ୍ଲତା ଭରିଦିଏ ଗୀତ ଶୁଣିବା। ବ୍ୟାୟାମ ସମୟରେ ଗୀତ ଶୁଣୁଥିବା କେତେକ ବ୍ୟକ୍ତିଙ୍କ ଉପରେ ଗବେଷଣା କରି ସେମାନେ ଏପରି ମତବ୍ୟକ୍ତ କରିଛନ୍ତି।

# କାଚ ଓ ବାତ୍ୟା ପରବର୍ତ୍ତୀ ବିଭୀଷିକା



ଡ. ରାମଚନ୍ଦ୍ର ରାଉତ

''ଭଂଗା କାଚକୁ ସଂଗ୍ରହ କରିବା, ସଫା କରିବା ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ନେଇ କେଉଁଠାରେ ପକାଇବା କାଠିକର ପାଠ। ଏହି ଆବର୍ଜନାଟି ସହଜରେ ବର୍ଷ ବର୍ଷ ଧରି ମାଟିରେ ମିଶେନାହିଁ କିମ୍ବା ବିଘଟିତ ହୁଏନାହିଁ। ଫଳରେ ପରେ ଗୁରୁତର ପରିବେଶଜନିତ ପ୍ରଦୂଷଣର ମୁଖ୍ୟାଂଶ ହୋଇଥାଏ। ଗାଡ଼ିଟିଏ ରାସ୍ତାରେ ଧକ୍କା ହେବା ଦ୍ୱାରା ଗାଡ଼ିର କାଚ ଗୁଣ୍ଡ ହୋଇ ରାସ୍ତାସାରା ମୋତି ଗୁଣ୍ଡ ପରି ଚିକ୍ ଚିକ୍ ଦେଖାଯାଏ। ଅନ୍ୟ ଛୋଟମୋଟ ଗାଡ଼ି ଚକରେ ପଶି କଣା କରାଏ। ସାଇକେଲ ଲିକ୍ ହୁଏ, ପାଦରେ ପଶିଥାଏ। ଏପରି କି ଚପଲ ଓ ଜୋତା ଫୁଟାଇବା ଫଳରେ ଅନ୍ୟ ଆଘାତ ଅପେକ୍ଷା କାଚଜନିତ କ୍ଷତ ଅଧିକ ସଂକ୍ରମଣ ଘଟାଇଥାଏ।''

କାଚର ଆବିଷ୍କାର ଚାଇନା ଦେଶରେ ହୋଇଥିଲା। କାଚର ଗୋଟିଏପଟେ ପ୍ରଲେପ ଲଗାଇ ମଣିଷ ନିଜର ପ୍ରତିଛବି ଏଥିରେ ଦେଖିପାରିଲା 'କାଚ' ଆଲୋକ ପାଇଁ ପ୍ରତିବନ୍ଧକ ନ ଥିବାରୁ ଏହା ମଧ୍ୟଦେଇ ଆଲୋକ ଯାଇପାରେ। କାଚକୁ ବିଭିନ୍ନ ପ୍ରକାରର ରାସାୟନିକ ଓ ପ୍ରଲେପ ମାଧ୍ୟମରେ ଗୋଟିଏପଟେ ଆଲୋକ ପ୍ରତିରୋଧ ଓ ଅନ୍ୟ ଗୋଟିଏ ପଟେ ଆଲୋକାଭିମୁଖୀ କରାଯାଇପାରୁଛି ଓ ବିଭିନ୍ନ ରଙ୍ଗର ସୁଦୃଶ୍ୟ କାଚମାନ ଗଢ଼ା ଯାଇପାରୁଛି।

ଏବେ ଘର ତିଆରି ଓ ପରବର୍ତ୍ତୀ ଘରମୁଦା ପାଇଁ କାଚ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହା ଘରକୁ ସୁଦୃଶ୍ୟମାନ କରିବା ସହିତ ଆଲୋକ ସଞ୍ଚାଳନ ପାଇଁ ବ୍ୟବହାର କରାଯାଇଥାଏ। ଅନେକ ଥାକ, ଆଲମାରୀ ଓ ର୍ୟାକ୍‌ମାନଙ୍କରେ ବିଭିନ୍ନ କାଚ ଲଗାଯାଇଥାଏ।

ମାତ୍ର ଏବେ ଘଟିଯାଇଥିବା ''ଅତ୍ୟନ୍ତ ମହାବାତ୍ୟା ଫନୀ''ର ତାଣ୍ଡବଲୀଳା ଓ ପ୍ରଳୟ ପରେ ଜଣାପଡ଼ିଛି ଯେ 'କାଚ' କେତେ କ୍ଷତିକାରକ ଓ ଅସ୍ୱାସ୍ଥ୍ୟକର। ପ୍ରଚଣ୍ଡ ପବନ ମାଡ଼ରେ ତାହାସବୁ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଯାଇଛି। ଘର ଦ୍ୱାର, ବାହାର, ଗାଡ଼ି, ଝରକା, କବାଟ, ପାର୍ଟିସନ୍ ଓ ପ୍ରବେଶକକ୍ଷ ସବୁ କାଚ ଭାଙ୍ଗି ଗୁଣ୍ଡହୋଇ ପାହାଡ଼ ପରି ଜମା ହୋଇଛି। ଏହା ବହୁତଳ ପ୍ରାସାଦ ପାଇଁ ଅନେକ କ୍ଷତିସାଧନ କରିଛି। ଯଦିଓ କାଚ ପାଇଁ କୌଣସି ବ୍ୟକ୍ତି ମରିନାହାନ୍ତି ତଥାପି ମରିଯିବା ମଧ୍ୟ ଅସମ୍ଭବ ନୁହେଁ। ତା'ର ତୀକ୍ଷ୍ଣ ଧାର ଅତି ସହଜରେ ଖଣ୍ଡା ଓ ଛୁରି ପରି କ୍ଷତ କରିପାରେ, ଫୁଟାଇ ଦେଇପାରେ। ସେହିସବୁ ଭଂଗା କାଚକୁ ସଂଗ୍ରହ କରିବା, ସଫା କରିବା ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ନେଇ କେଉଁଠାରେ ପକାଇବା କାଠିକର ପାଠ। ଏହି ଆବର୍ଜନାଟି ସହଜରେ ବର୍ଷ ବର୍ଷ ଧରି ମାଟିରେ ମିଶେନାହିଁ କିମ୍ବା ବିଘଟିତ ହୁଏନାହିଁ। ଫଳରେ ପରେ ଗୁରୁତର ପରିବେଶଜନିତ ପ୍ରଦୂଷଣର ମୁଖ୍ୟାଂଶ ହୋଇଥାଏ। ଗାଡ଼ିଟିଏ ରାସ୍ତାରେ ଧକ୍କା ହେବା ଦ୍ୱାରା ଗାଡ଼ିର କାଚ ଗୁଣ୍ଡ ହୋଇ ରାସ୍ତାସାରା ମୋତି ଗୁଣ୍ଡ ପରି ଚିକ୍ ଚିକ୍ ଦେଖାଯାଏ। ଅନ୍ୟ ଛୋଟମୋଟ ଗାଡ଼ି ଚକରେ ପଶି କଣା କରାଏ। ସାଇକେଲ ଲିକ୍ ହୁଏ, ପାଦରେ ପଶିଥାଏ। ଏପରି କି ଚପଲ ଓ ଜୋତା ଫୁଟାଇବା ଫଳରେ ଅନ୍ୟ ଆଘାତ ଅପେକ୍ଷା କାଚଜନିତ କ୍ଷତ ଅଧିକ ସଂକ୍ରମଣ ଘଟାଇଥାଏ। ଏଥିଲାଗି ଆମକୁ ଅଧିକ ସତର୍କତା ଗ୍ରହଣ କରିବାକୁ ପଡ଼ିବ। ଘରେ, କବାଟରେ, ଝରକାରେ, ର୍ୟାକ୍, ଶୋ'କେସ୍‌ରେ ଯଥାସମ୍ଭବ କମ୍ କାଚ ଲଗାଇବା। ନଚେତ ଫାଇବର ଲଗାଇବା। ପ୍ରବେଶ ପଥରେ ମଧ୍ୟ ସେହିପରି କାଚ ଲଗାଇବା ଉଚିତ। ବହୁତଳ ପ୍ରାସାଦର ଝରକାକୁ ଷ୍ଟିଲ୍ ଜାଲି ଲଗାଇଯାଇପାରେ, ଫାଇବର ଉଡ ମଧ୍ୟ ଲଗାଯାଇପାରେ।

ପବନର ସାଧାରଣ ଗତିପଥ ଓ ବାତ୍ୟାର ଗତିପଥ ଜାଣିପାରିଲେ ସେଥିପାଇଁ କାଚ ଘର ଓ କବାଟର ଠିକ୍ ନିର୍ଦ୍ଧାରଣ କରିବା ଯଥାର୍ଥ ଅଟେ। କାଚର ପୃଷ୍ଠକୁ ସଫା କରିବାବେଳେ ସତର୍କତା ଅବଲମ୍ବନ କରିବା ମଧ୍ୟ ଦରକାର। ଅଧା ଭଙ୍ଗା କାଚର ଚିଜ ଘରେ ନ ରଖି ପକେଇଦେବା ଉଚିତ ଓ ଟେବୁଲର ଧାର ନ ରଖି ୱାଲ୍ କଡକୁ ରଖାଯିବା ଠିକ୍। ତୈଳାକ୍ତ ହାତରେ, ଲାଜୁଆପଦାର୍ଥ ଲାଗିଥିଲେ ଓ ସର୍ଫ କିମ୍ବା ଡିଟରଜେଣ୍ଟ ବା ଡିସ୍‌ଇନ୍‌ଫେକ୍ଟାଣ୍ଟରେ ଧୋଇବାବେଳେ ମଧ୍ୟ ଏହାସବୁ ଖସୁଡ଼ିଯାଇ ଭାଙ୍ଗିଯାଇଥାଏ। ସେଥିଲାଗି ସତର୍କତା ଜରୁରୀ।

କ୍ଷତ ହେଲେ ପ୍ରଥମେ ପରିଷ୍କାର କରି ରକ୍ତକ୍ଷରଣ ବନ୍ଦ କରିବା ଦରକାର। କ୍ଷତ ଅଳ୍ପ ହୋଇଥିଲେ ପ୍ରେସର ବ୍ୟାଣ୍ଡେଜ୍‌ରେ ବନ୍ଦ ହୁଏ। ବଡ଼ ଓ ଦୀର୍ଘ ହୋଇଥିଲେ ଷ୍ଟିଚ୍ ପଡ଼େ, ଟି.ଟି. ଦିଆଯାଏ, କ୍ଷତମଲମ ଓ ଆଣ୍ଟିବାୟୋଟିକ୍ ମଧ୍ୟ ସାତଦିନ ଯାଏ ନେବାକୁ ପଡ଼େ। ଏହାସହିତ ସର୍ତକତାର ସହିତ ମଧ୍ୟ ଚଳିବାକୁ ପଡ଼େ।

ପ୍ରବାଦ ଅଛି ''କାଚଘରେ ରହୁଥିବା ଲୋକେ ପର ଘରକୁ ଟେକା ପକେଇବା ଅନୁଚିତ''। ମାତ୍ର କାଚ ଘର ଯେ ବାତ୍ୟା ସମୟରେ ଏକ ପ୍ରାଣଘାତକ ବିପଦ ତାକୁ ସମସ୍ତଙ୍କୁ ମନେରଖି କାର୍ଯ୍ୟ କରିବାକୁ ପଡ଼ିବ।

*-ଗୋପାଳପୁର, ହରିହର ଭେଟ, ବାଙ୍କୀ, କଟକ*






ଚଳିତ ମାସ ୨୨ ତାରିଖ ହେଉଛି 'ଆନ୍ତର୍ଜାତିକ ଜୈବ ବିବିଧତା ଦିବସ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା..

# ଜୀବନ ଜୀବିକା ଓ ଜୈବ ବିବିଧତା



ଡା. ନିତ୍ୟାନନ୍ଦ ସ୍ୱାଇଁ







''ମଣିଷ ଏବେ ଉଭା ହୋଇପଡ଼ିଛି ପ୍ରକୃତିର ପ୍ରଧାନ ପ୍ରତିଦ୍ୱନ୍ଦ୍ୱୀ ରୂପେ। ସଂପ୍ରତି ମଣିଷ ସଂଘର୍ଷରତ ଉଭିଦଜଗତ ସହ, ସଂଘର୍ଷରତ ପ୍ରାଣିଜଗତ ସହ ଏବଂ ଏପରି କି ସଂଘର୍ଷରତ ଜଳ, ବାୟୁ, ମୃତ୍ତିକା, ପ୍ରସ୍ତର ଆଦି ନିର୍ଜୀବ ଜଗତ ସହ ମଧ୍ୟ। ଏହାର ଫଳସ୍ୱରୂପ ଏବେ ଲୋପ ପାଇଚାଲିଛି ଜଙ୍ଗଲ। ଶୁଖିଗଲାଣି ସୁନାବ୍ୟା ନଦୀ। ବିଲୁପ୍ତ ହୋଇ ଚାଲିଛନ୍ତି ଜୀବଜନ୍ତୁ, ମୃତ୍ତିକା ହରେଇ ବସିଛି ତା'ର ଉତ୍ପାଦିକା ଶକ୍ତି ଏବଂ ଜଳବାୟୁ ହୋଇପଡ଼ିଲାଣି ବାଉଳା। ତେଣୁ ପୃଥିବୀର ଜୈବବୈଚିତ୍ର୍ୟ ଏବେ ଶୋଚନୀୟ ଭାବରେ ବିପନ୍ନ।''

ଜୈବ ବିବିଧତା ବୋଇଲେ କ'ଣ? ପରିବେଶର ସନ୍ତୁଳନକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ଜାତିର ପ୍ରାଣୀ ଉଭିଦର ସହାବସ୍ଥାନକୁ ଜୈବ ବିବିଧତା ବୋଲି କୁହାଯାଏ। ଆମେ ଜାଣୁ ଯେ ସବୁ ପ୍ରକାରର ଉଭିଦ ସମାନ ନୁହନ୍ତି କି ସବୁ ପ୍ରକାରର ପ୍ରାଣୀ ମଧ୍ୟ ସମାନ ନୁହନ୍ତି। ସମାନ ବି ନୁହନ୍ତି ସବୁ ପ୍ରକାରର ଅଣୁଜୀବ। ଏପରି କି ଏକା ମା' ପେଟରୁ ଜନ୍ମ ନେଇଥିବା ସବୁ ଭାଇ ଭଉଣୀଙ୍କ ମଧ୍ୟରେ ସମାନତା ପରିଲକ୍ଷିତ ହୋଇ ନ ଥାଏ।

ପ୍ରାଣୀ ଓ ଉଭିଦଗୁଡିକ ଦେଖିବାକୁ ମିଳେ ମେରୁଭୂମିରେ ହ୍ରଦ ଓ ଝରଣା ଇତ୍ୟାଦିରେ ଆବାସ ସ୍ଥଳୀ ଭେଦରେ ସେମାନଙ୍କଠାରେ ପରିଦୃଷ୍ଟି ହୁଏ ଭିନ୍ନତା।

ହେଲେ ନିଜକୁ ପଚାରନ୍ତୁ ତ ପୃଥିବୀର ଏତେ ପ୍ରକାରର ଜୈବ ବୈଚିତ୍ର୍ୟ ବା ବିବିଧତା ସୃଷ୍ଟି କରିଛି କିଏ ? ବିବିଧତାର ଜନନୀ ହେଉଛି ମୁଖ୍ୟତଃ ପ୍ରକୃତି। କିନ୍ତୁ ସେହି ନାନା ଜାତିର ଉଭିଦ ଓ ପ୍ରାଣୀକୁ ପ୍ରକୃତି କାହିଁକି ସୃଷ୍ଟି କରିଛି ? ବରଗଛ ଭଳି ଆମ୍ବ ଗଛ ଓ ନଡିଆ ଗଛ ଭଳି ଗୋରୁ ମେଣ୍ଢା, ଛେଳି, ବାଘ, ଭାଲୁ ସିଂହ ହାତୀ ଭଳି ସୃଷ୍ଟି କରିଛି। କାହିଁକି ? କଙ୍ଗାରୁକୁ ବାହିକ ଜନ୍ମ ଦେଇଛି ଅଷ୍ଟ୍ରେଲିଆରେ ଏବଂ ତିମିକୁ ସମୁଦ୍ରରେ। ସବୁଜାତିର ଉଭିଦ ଓ ସବୁ ଜାତିର ପ୍ରାଣୀଙ୍କୁ ସୃଷ୍ଟି କରିସାରି କାହିଁକି ସବା ଶେଷରେ ସୃଷ୍ଟି କରିଛି ମଣିଷକୁ ?

ପୁଣି କେତେ ଜାତିର ଉଭିଦ ଓ ପ୍ରାଣୀକୁ ଜନ୍ମ ଦେଇଛି ସେ ? ବାସ୍ତବରେ ଦେଖିବାକୁ ଗଲେ, ବିଜ୍ଞାନକୁ ନେଇ ବେଶ୍ ବଡେଇ କରୁଥିବା ବିଜ୍ଞ ମଣିଷ ପାଖରେ ଏସବୁ ପ୍ରଶ୍ନର ଠିକ୍ ଉତ୍ତର ନାହିଁ। ଏହାର ଉତ୍ତର କେବଳ ପ୍ରକୃତି ହିଁ ଦେଇ ପାରିବ। ତେବେ ପୃଥିବୀର ସମସ୍ତ ପ୍ରାଣୀ ଓ ସମସ୍ତ ଉଭିଦର ମଙ୍ଗଳ ସାଧନ କରିବା ହିଁ ପ୍ରକୃତ ସୃଷ୍ଟି ଜୈବ ବିବିଧତାର ଏକମାତ୍ର ଉଦ୍ଦେଶ୍ୟ। ସୁତରାଂ ଜୈବ ବିବିଧତାକୁ ନିଖୁଣ ନ ରଖିପାରିଲେ ଜୀବଜଗତର ସ୍ଥିତି ଯେ ଶୋଚନୀୟ ଭାବରେ ବିପନ୍ନ ହୋଇପଡିବ ଏଥିରେ କୌଣସି ସନ୍ଦେହ ନାହିଁ।

କିନ୍ତୁ ଜୈବ ବିବିଧତାର ସ୍ଥିତି ସିନା ପ୍ରକୃତି, ହେଲେ ବଡ ପରିତାପର ବିଷୟ ଯେ ଜୈବ ବିବିଧତାକୁ ହ୍ରଦ ହାରରେ ହ୍ରାସ କରି ଚାଲିଛି ମଣିଷ। କେବଳ ମାଂସ ଲୋଭରେ ପୃଥିବୀରୁ ସବୁ ଦିନ ପାଇଁ ନିଶ୍ଚିହ୍ନ ହୋଇଗଲା ଡୋଡୋ।

ବିଲୁପ୍ତ ହୋଇଥିବା ପାସେଞ୍ଜର ପାରା; କେବଳ ଚମଡ଼ା ଲୋଭରେ ମଣିଷ ବଂଶ ବୁଡେଇ ଦେଲା ମାମଥ୍, କ୍ୱାଗା ଓ ସମୁଦ୍ର ଗାଈର; ରଙ୍ଗବେରଙ୍ଗ ପରରେ ମୋହିଯାଇ ନାଶ କରିଦେଲା ଦୁଇଆ ପକ୍ଷୀର କୁଳ ଏବଂ ଶିକାର ସଉକ ଚରିତାର୍ଥ କରିବା ପାଇଁ ଲୋପ କରିଦେଲା ଭାରତୀୟ ଚିତାର ବଂଶ। ଏମାନେ ପ୍ରକୃତିକୁ ଆଉ ଫେରି ପାରିବେନି।

ମାତ୍ର ମଣିଷ ତ ଧରିତ୍ରୀ ମାତାର ଏକମାତ୍ର ସନ୍ତାନ ନୁହେଁ। ପୃଥିବୀରେ ବସବାସ କରୁଛନ୍ତି ସମ୍ଭବତଃ ଅଶୀଲକ୍ଷ ଜାତିର ପ୍ରାଣୀ ଏବଂ ଉଭିଦ। ଏମାନଙ୍କ ମଧ୍ୟରେ କେବଳ କୀଟପତଙ୍ଗ ହେଉଛନ୍ତି ୫୫ ଲକ୍ଷ ଜାତିର। ଧରିତ୍ରୀର ଏହି ସମସ୍ତ ସନ୍ତାନମାନଙ୍କ ମଧ୍ୟେ ମଣିଷ ହେଉଛି ଅନ୍ୟତମ ମିତ୍ର।

ହେଲେ ମଣିଷ ଏବେ ଉଭା ହୋଇପଡ଼ିଛି ପ୍ରକୃତିର ପ୍ରଧାନ ପ୍ରତିଦ୍ୱନ୍ଦ୍ୱୀ ରୂପେ। ସଂପ୍ରତି ମଣିଷ ସଂଘର୍ଷରତ ଉଭିଦ ଜଗତ ସହ, ସଂଘର୍ଷରତ ପ୍ରାଣିଜଗତ ସହ ଏବଂ ଏପରିକି ସଂଘର୍ଷରତ ଜଳ, ବାୟୁ, ମୃତ୍ତିକା, ପ୍ରସ୍ତର ଆଦି ନିର୍ଜୀବ ଜଗତ ସହ ମଧ୍ୟ। ଏହାର ଫଳ ସ୍ୱରୂପ ଏବେ ଲୋପ ପାଇଚାଲିଛି ଜଙ୍ଗଲ। ଶୁଖିଗଲାଣି ସୁନାବ୍ୟା ନଦୀ। ବିଲୁପ୍ତ ହୋଇ ଚାଲିଛନ୍ତି ଜୀବଜନ୍ତୁ, ମୃତ୍ତିକା ହରେଇ ବସିଛି ତା'ର ଉତ୍ପାଦିକା ଶକ୍ତି ଏବଂ ଜଳବାୟୁ ହୋଇପଡ଼ିଲାଣି ବାଉଳା। ତେଣୁ ପୃଥିବୀର ଜୈବବୈଚିତ୍ର୍ୟ ଏବେ ଶୋଚନୀୟ ଭାବରେ ବିପନ୍ନ। କିନ୍ତୁ ପ୍ରଶ୍ନ ଉଠେ, ପ୍ରତି ବର୍ଷ ପୃଥିବୀ ପୃଷ୍ଠରୁ ଅନ୍ତତଃ ଏକ ହଜାର ସଂଖ୍ୟକ ପ୍ରାଣୀ ଓ ଉଭିଦ ଲୋପ ପାଇଯାଉଥିବାର ପ୍ରଧାନ କାରଣମାନ କ'ଣ? ଅଟକଳ କରି କୁହାଯାଉଛି ଯେ ଆଗାମୀ ଅଳ୍ପ କେତୋଟି ଦଶକ ଭିତରେ ପାଖାପାଖି ୧୦ ଲକ୍ଷ ଜାତିର ପ୍ରାଣୀ ଓ ଉଭିଦ ଲୋପ ପାଇଯିବେ।

କଳକାରଖାନା ପ୍ରତିଷ୍ଠା, ସହର ଓ ଜନବସତି ସ୍ଥାପନ ଓ କୃଷିକ୍ଷେତ୍ର ପ୍ରସ୍ତୁତି ଫଳରେ ଉଭିଦ ଓ ପ୍ରାଣିଗୋଷ୍ଠୀଙ୍କ ପାଇଁ ପର୍ଯ୍ୟାପ୍ତ ବାସୋପଯୋଗୀ ସ୍ଥାନ ମିଳୁନାହିଁ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅପବ୍ୟବହାର ଯୋଗୁ ବୃଦ୍ଧି ପାଇ ଚାଲିଛି ପରିବେଶ ପ୍ରଦୂଷଣ। ଅବିଚାରିତ ଭାବରେ ଜୀବଜନ୍ତୁ ଶିକାର କରିବା ଓ ଗଛ କାଟିବା ଯୋଗୁ ସୁଗମ ହୋଇଯାଉଛି ସେମାନଙ୍କ ବିଲୁପ୍ତ ପ୍ରକ୍ରିୟା। ବିଦେଶୀ ବୃକ୍ଷଲତା ଓ ବିଦେଶୀ ଜୀବଜାତିର ଅନୁପ୍ରବେଶ ଫଳରେ ସ୍ଥାନୀୟ ବୃକ୍ଷଲତା ଓ ଜୀବଜନ୍ତୁଙ୍କ ଉପରେ ପଡୁଛି ପ୍ରତିକୂଳ ପ୍ରଭାବ। ସବୁଜ କୋଠରି ଗ୍ୟାସର ନିର୍ଗମନ ବୃଦ୍ଧି ପାଇ ବଢ଼ିବଢ଼ି ଚାଲିଛି ଜାଗତିକ ଉଷ୍ମତା। ଏ ସବୁର ପରିଣାମ ପ୍ରାଣୀ ଓ ଉଭିଦ ଜଗତର ସ୍ଥିତି ପାଇଁ ଆଦୌ ଶୁଭଙ୍କର ହୋଇପାରୁନାହିଁ।

ଏହା ସ୍ୱୀକାର୍ଯ୍ୟ ଯେ ଖାଦ୍ୟ ଓ ବାସସ୍ଥାନ ପାଇଁ ସମଗ୍ର ଜୀବଜଗତ ପ୍ରାକୃତିକ ସମ୍ପଦ ଉପରେ ନିର୍ଭରଶୀଳ। ଆମେ ମଣିଷମାନେ ମଧ୍ୟ ପ୍ରକୃତିରୁ ସଂଗ୍ରହ କରିଥାଉ ଆମର ଖାଦ୍ୟ, ଗୃହପାଳିତ ପଶୁଖାଦ୍ୟ, ବସ୍ତ୍ର, ଗୃହୋପକରଣ, ଇନ୍ଧନ ଓ ଔଷଧ ଇତ୍ୟାଦି। ବିଶେଷକରି କୃଷିଜୀବୀ, ମତ୍ସ୍ୟଜୀବୀ, ପଶୁପାଳକ ଏବଂ ଶିକାର ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ଭରସା କରୁଥିବା ବନବାସୀ ସଂପ୍ରଦାୟଙ୍କ ଜୀବନ ଧାରଣ ମୁଖ୍ୟତଃ ପ୍ରାକୃତିକ ସମ୍ପଦ ଉପରେ ନିର୍ଭର କରିଥାଏ।

ସୁତରାଂ ଜୈବବିବିଧତାକୁ ଅକ୍ଷତ ରଖିବା ପାଇଁ ବାସସ୍ଥଳୀ ସଂରକ୍ଷଣ, ପ୍ରଦୂଷଣ ନିୟନ୍ତ୍ରଣ, ଚୋରା ଶିକାରୀ ଓ କାଠ ଚୋରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ବିଦେଶୀ ଉଭିଦ ଓ ଜୀବଜନ୍ତୁ ଆମଦାନୀରେ ଅଙ୍କୁଶ ଓ ବାୟୁମଣ୍ଡଳରେ ତାପମାତ୍ରା ହ୍ରାସ ଭଳି ଗଠନମୂଳକ ପଦକ୍ଷେପମାନ ଗ୍ରହଣ କରିବା ସର୍ବୋଦୌ ଆବଶ୍ୟକ।

ଅବଶ୍ୟ ଅଭୟାରଣ୍ୟ, ଜାତୀୟ ଉଦ୍ୟାନ, ଜୈବ ମଣ୍ଡଳ, ସଂରକ୍ଷଣ, ବ୍ୟାଘ୍ର, ହସ୍ତୀ, ଗଣ୍ଡା, କୁମ୍ଭୀର, ଶାଗୁଣା ଓ ଡଲଫିନ୍ ଆଦିର ସୁରକ୍ଷା ପାଇଁ ସରକାରୀ ସ୍ତରରେ ପ୍ରକଳ୍ପମାନ କାର୍ଯ୍ୟକାରୀ ହେଉଛି। ଜୈବ ବିବିଧତାର ସଂରକ୍ଷଣରେ ଏଭଳି ପଦକ୍ଷେପମାନ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ। ଯାହା ହେଉ, ଜାହାଜରୁ କୌଣସି ଗୋଟିଏ ପେଚ ଗଳିପଡ଼ିଲେ ଜାହାଜଟି ତତ୍‌କ୍ଷଣାତ ଡୁବି ଯାଏନି। କିନ୍ତୁ ଗୋଟିକ ପରେ ଗୋଟିଏ କରି ପେଚମାନ ଗଳିପଡ଼ିଲେ ଜାହାଜଟି ଜଳ ସମାଧି ନେବାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପଡେ। ସେହିପରି ପୃଥିବୀ ରୂପକ ପୋତଟିକୁ ପ୍ରାଣୀ ଓ ଉଭିଦ କୁଳ ହିଁ ଅନୁକୂଳ ଅବସ୍ଥାରେ ରଖିଛନ୍ତି। ମାତ୍ର ପ୍ରତିବର୍ଷ ଲୋପ ପାଇ ଚାଲିଛନ୍ତି ହଜାରେ ସରିଙ୍କି ଜୀବଜନ୍ତୁ ଓ ଉଭିଦ। ଯଦି ଏହି ପ୍ରକ୍ରିୟା ଅବ୍ୟାହତି ରହେ ତେବେ ଦିନେ ନା ଦିନେ ଆମ ପ୍ରିୟ ପୃଥିବୀର ମୃତ୍ୟୁ ଅବଶ୍ୟମ୍ଭାବୀ। ଏବଂ ପୃଥିବୀର ପରଲୋକ ହେବା ପୂର୍ବରୁ ଶ୍ମଶାନବାସୀ ହୋଇସାରିଥିବା ଅପରିଣାମଦର୍ଶୀ ଆମେ ମଣିଷମାନେ।

ସେଥିପାଇଁ ବେଦର ଶାନ୍ତି ସୂକ୍ତରେ ଆକାଶ ଅନ୍ତରୀକ୍ଷ, ପୃଥିବୀ, ଜଳ, ବୃକ୍ଷଲତା, ଔଷଧୀୟ ଗୁଳ୍ମ ଇତ୍ୟାଦିରେ ଶାନ୍ତି ଅକ୍ଷତ ରଖିବା ନିମନ୍ତେ ଯେଉଁ ଆହ୍ୱାନ ଦିଆଯାଇଛି, ତାହା ଆଧୁନିକ ମଣିଷର ଗଭୀର ପ୍ରଣିଧାନଯୋଗ୍ୟ।

ଶାନ୍ତି ପାଇଁ ନୋବେଲ ପୁରସ୍କାର ପାଇଥିବା ଆଲବର୍ଟ ସ୍ୱେଇଜରଙ୍କ ଭାଷାରେ, ବିଶ୍ୱର ସମସ୍ତ ଜୀବଙ୍କ ପାଇଁ ଅନୁକମ୍ପାଶୀଳ ହେବା ହିଁ ମାନବଜାତିର ଯଥାର୍ଥ ମାନବିକତା।

ମଣିଷଠାରେ ମାନବିକତା ଅକ୍ଷୁଣ୍ଣ ରହିଲେ ହିଁ ଜୈବ ବିବିଧତା ଯେ ଅକ୍ଷତ ତଥା ଅପରିବର୍ତ୍ତନୀୟ ରହିପାରିବ, ଏହା ନିଃସନ୍ଦେହ।

ଜୈବ ବିବିଧତାକୁ ଅକ୍ଷତ ରଖିବାର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଓ ଜୈବ ବିବିଧତାର ସଂରକ୍ଷଣ ପାଇଁ ଅଗ୍ରାଧିକାର ଭିତ୍ତିରେ ସମୁଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଲକ୍ଷ୍ୟ ନେଇ ହିଁ ପ୍ରତିବର୍ଷ ମେ ୨୨ ତାରିଖରେ ପାଳିତ ହୋଇଆସୁଛି ଆନ୍ତର୍ଜାତିକ ଜୈବ ବିବିଧତା ଦିବସ।

ଜାଣି ରଖିବା ଉଚିତ ଯେ, ଜନସାଧାରଣଙ୍କ ଜୀବନ ଓ ଜୀବିକାର ନିରାପତ୍ତା ପାଇଁ ଜୈବ ବିବିଧତା ହିଁ ହେଉଛି ମେରୁଦଣ୍ଡ ସଦୃଶ।

*-ଅଭୀପ୍‌ସା, ସେକ୍ଟର-୬, ପ୍ଲଟ୍ ନଂ-୧୧୩୧, ଅଭିନବ, ବିଡାନାସୀ, କଟକ-୧୪*

# ସ୍ୱାସ୍ଥ୍ୟ ସୂଚନା



❖ କଫଜନିତ ସମସ୍ୟା ନେଇ ଚିନ୍ତିତ କି ? ଯଦି ହଁ, ତେବେ ଏହାର କେତେକ ଘରୋଇ ଉପଚାର ରହିଛି। ଅଧା ଚାମଚ ପିଆଜ ରସରେ ଏକ ଚାମଚ ମହୁ ମିଶାଇ ପିଇଲେ ଏହି ସମସ୍ୟ ଦୂର ହୋଇଥାଏ। ଅନ୍ୟପକ୍ଷରେ ଦୁଇ ଚାମଚ ଲେମ୍ବୁ ରସରେ ଏକ ଚାମଚ ମହୁ ମିଶାଇ ତାହାକୁ ଉଷୁମ କରି ପିଇପାରନ୍ତି।

❖ ଯଦି ଆପଣଙ୍କ ବୟସ ୪୦ ଟପିଲାଣି ତେବେ ଖାଦ୍ୟପେୟ ପ୍ରତି ଯତ୍ନବାନ ହୁଅନ୍ତୁ। ବୟସ ବଢ଼ିବା ସହ ଶରୀରରେ କ୍ୟାଲସିୟମର ଅଭାବ ପରିଲକ୍ଷିତ ହୋଇଥାଏ। ଫଳରେ ଅସ୍ଥି ଏବଂ ଦାନ୍ତଜନିତ ସମସ୍ୟା ଦେଖାଯାଇଥାଏ। ତେଣୁ ବୟସାଧିକ ସମୟରେ କ୍ୟାଲସିୟମଯୁକ୍ତ ଖାଦ୍ୟ ପ୍ରତି ଗୁରୁତ୍ୱ ଦିଅନ୍ତୁ।

❖ ଯଦି କୌଣସି ହେଭି ବ୍ୟାୟାମ କରିବାକୁ ଚାହୁଁଛନ୍ତି ତେବେ ତା' ପୂର୍ବରୁ ଅଭିଜ୍ଞ ବ୍ୟାୟାମ ଏକ୍ସପର୍ଟଙ୍କ ସହ ପରାମର୍ଶ କରନ୍ତୁ।

❖ ଯେତେ ବ୍ୟସ୍ତ ରହିଲେ ମଧ୍ୟ ପ୍ରତିଦିନ ବ୍ରେକଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ।

❖ ତଟକା ଫଳମୂଳ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ଏହା ମନକୁ ସତେଜ ରଖିଥାଏ।

❖ ନିଜକୁ ଟେନସନଠାରୁ ଯେତେ ସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।

# ସାଇନସ ସମସ୍ୟାର ଘରୋଇ ଉପଚାର

ସାଇନସ୍ ଏକ ଶ୍ୱାସଜନିତ ସମସ୍ୟା। ସାଧାରଣତଃ ବ୍ୟାକ୍ଟେରିଆ, ଫଙ୍ଗଲ ଇନଫେକଶନ, ନାକରେ ହାଡ ବଢ଼ି ତେଡ଼ା ହୋଇଯିବା, ପ୍ରଦୂଷଣ ଯୋଗୁଁ ଏହା ହୋଇଥାଏ। ବିଶେଷଭାବରେ ଥଣ୍ଡା ପବନ, ଧୂଳି, ଧୂଆଁ ସଂସ୍ପର୍ଶରେ ଆସିଲେ ଏହି ସମସ୍ୟା ଆହୁରି ବଢ଼ିଯାଇଥାଏ। ଏହାର କେତେକ ଲକ୍ଷଣ ରହିଛି। ସାଇନସ୍‌ର ପ୍ରମୁଖ ଲକ୍ଷଣ ହେଲା-ମୁଣ୍ଡ ପ୍ରବଳ ଦରଜ ହେବା, ଜ୍ୱର ଆସିବା, ନାକରେ କଫ ଆସିବା ଏବଂ ଦାନ୍ତ ଦରଜ ହେବା। ଏହାର କେତୋଟି ଘରୋଇ ଉପଚାର ରହିଛି। ପୋଦିନା, ଲେମ୍ବୁ ରସ, ଲବଙ୍ଗ ତେଲକୁ ଉଷୁମ କରନ୍ତୁ। ଏହି ମିଶ୍ରଣକୁ ନାକ ଏବଂ କପାଳରେ ମାଲିସ କରନ୍ତୁ। ଅଦା, ତୁଳସୀ, ଲବଙ୍ଗ, ଅଳେଇଚ ମିଶ୍ରିତ ଚା' ପିଅନ୍ତୁ। ଟମାଟୋ, ରସୁଣ ପେଷ୍ଟ କରି ସେଥିରେ ଅଳ୍ପ ଲୁଣ ଏବଂ ଗୋଲମରିଚ ଗୁଣ୍ଡ ମିଶାନ୍ତୁ। ପାଣି ମିଶାଇ ଉଷୁମ କରି ସୁପ ଆକାରରେ ପିଅନ୍ତୁ। ଉପସମ ମିଳିବ।



ଆର୍‌ବିଆଇ ଦ୍ୱାରା ଜାରି ଭିଜନ ଡକ୍ୟୁମେଣ୍ଟରେ ଗ୍ରାହକଙ୍କ ହିତକୁ ଦୃଷ୍ଟିରେ ରଖାଯାଇଛି। ପେମେଣ୍ଟ ସିଷ୍ଟମ ପ୍ରୋଭାଇଡର ଭାବେ ତାଙ୍କ କମ୍ପାନୀ ପେଓ୍ୱାର୍ଲ୍ଡ ଏ ଦିଗରେ କାମ କରିବ।
– ପ୍ରବୀଣ ଧାବାଇ, ସିଓଓ, ପେଓ୍ୱାର୍ଲ୍ଡ



ଆଦିତ୍ୟବିର୍ଲା ହେଲ୍‌ଥ ଇନସ୍ୟୁରାନ୍ସ ନିଜର ଅଭିବୃଦ୍ଧି ହାସଲ ଲାଗି ରିଟେଲ ସେଗ୍‌ମେଣ୍ଟ ଉପରେ ଅଧିକ ଫୋକସ୍ କରିବ।
– ମୟଙ୍କ ବାଥଓ୍ୱାଲ, ଚିଫ୍ ଏକଜିକ୍ୟୁଟିଭ, ଆଦିତ୍ୟ ବିର୍ଲା ହେଲ୍‌ଥ ଇନସ୍ୟୁରାନ୍ସ

## ସଂକ୍ଷେପରେ

### ବିଓବିରେ ମିଶ୍ରଣର ପ୍ରଭାବ
### ୯୦୦ ଶାଖା ବନ୍ଦ ହେବା ସମ୍ଭାବନା

ନୂଆଦିଲ୍ଲୀ,୧୯-୫: ବ୍ୟାଙ୍କ ଅଫ୍ ବରୋଦା(ବିଓବି) ସହ ଅନ୍ୟ ଦୁଇଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମିଶ୍ରଣ ପରେ ଏବେ ୮୦୦ରୁ ୯୦୦ ଶାଖା ବନ୍ଦ ହୋଇଯିବା ଅଥବା ସ୍ଥାନାନ୍ତରିତ ହେବାକୁ ଯାଉଛି। ଜଣେ ବରିଷ୍ଠ ବ୍ୟାଙ୍କ ଅଧିକାରୀ କହିଛନ୍ତି ଯେ, ବିଓବି ସହ ଦେନା ବ୍ୟାଙ୍କ ଓ ବିଜୟା ବ୍ୟାଙ୍କର ମିଶ୍ରଣ ପରେ ଗୋଟିଏ ସ୍ଥାନରେ ୩ଟି ବ୍ୟାଙ୍କ ଶାଖା ରହିବା ଯୁକ୍ତିସଙ୍ଗତ ନୁହେଁ। ବହୁ ସ୍ଥାନ ରହିଛି ଯେଉଁଠି ୩ଟି ଯାକ ବ୍ୟାଙ୍କର ଶାଖା କାର୍ଯ୍ୟ କରୁଛି। ଏଥିଯୋଗୁ ଦକ୍ଷତା ତଥା କୁଶଳତା ଉପରେ ଏହାର ଗଭୀର ପ୍ରଭାବ ପଡିବ। ବ୍ୟାପକ ସମୀକ୍ଷା ପରେ ଉକ୍ତ ପରିମାଣ ବ୍ୟାଙ୍କ ବ୍ରାଞ୍ଚକୁ ଚିହ୍ନଟ କରାଯାଇଛି। ସେଗୁଡ଼ିକୁ ଅନ୍ୟ ଶାଖା ସହ ମିଶାଇ ଦିଆଯିବ ଅଥବା ବନ୍ଦ କରିଦିଆଯିବ। ଏହାଛଡ଼ା କେତେକ ସ୍ଥାନରେ ଜୋନାଲ କାର୍ଯ୍ୟାଳୟକୁ ମଧ ବନ୍ଦ କରିଦେବାର ଆବଶ୍ୟକତା ଦେଖାଦେଇଛି। ଉକ୍ତ ମିଶ୍ରଣ ପରେ ଏସ୍‌ବିଆଇ ପରେ ବିଓବି ଦେଶର ଦ୍ୱିତୀୟ ସର୍ବବୃହତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ହୋଇଛି। ଏହାର ବ୍ୟାଙ୍କ ଶାଖା ସଂଖ୍ୟା ୯୫୦୦ରୁ ଅଧିକ ରହିଥିବା ବେଳେ ୧୩,୪୦୦ରୁ ଅଧିକ ଏଟିଏମ୍ ରହିଛି। ଅନ୍ୟପକ୍ଷରେ କର୍ମଚାରୀଙ୍କ ସଂଖ୍ୟା ୮୫ହଜାର ହୋଇଥିବାବେଳେ ୧୨ କୋଟି ଗ୍ରାହକଙ୍କୁ ସେବା ଯୋଗାଉଛି।

### ୧୦ ହଜାର କୋଟିର ସମ୍ପତ୍ତି ବିକିବ ରିଲାଏନ୍ସ କ୍ୟାପିଟାଲ

ନୂଆଦିଲ୍ଲୀ,୧୯-୫: ନଗଦ ସଙ୍କଟର ସମ୍ମୁଖୀନ ହୋଇଥିବା ଉଦ୍ୟୋଗପତି ଅନିଲ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ କ୍ୟାପିଟାଲ ଚଳିତ ଆର୍ଥିକ ବର୍ଷରେ ୧୦ ହଜାର କୋଟି ଟଙ୍କାର ସମ୍ପତ୍ତି ବିକ୍ରି କରି ଏହାର ଋଣ ପରିମାଣକୁ ୫୦ ପ୍ରତିଶତ ହ୍ରାସ କରିବ। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଏହା ଋଣର କିସ୍ତି ନିୟମିତ ପ୍ରଦାନ କରିଆସୁଛି। ସମ୍ପତ୍ତି ବିକ୍ରି କରି ଅର୍ଥ ଯୋଗାଡ କରିବା ଦିଗରେ ଏହା ଠିକ୍ ବାଟରେ ଆଗେଇ ଚାଲିଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ରିଲାଏନ୍ସ ନିପ୍ପନ ଲାଇଫ ଆସେଟ୍ ମ୍ୟାନେଜମେଣ୍ଟ ଲିମିଟେଡରେ ନିଜର ୪୨.୮୮ ପ୍ରତିଶତ ଅଂଶଧନକୁ ସମ୍ପୂର୍ଣ୍ଣ ବିକ୍ରି କରିଦେବ। ଯାହାର ବଜାର ମୂଲ୍ୟ ଏବେର ମୂଲ୍ୟଠାରୁ ୫ ହଜାର କୋଟି ଟଙ୍କା ଅଧିକ ରହିଛି। ରିଲାଏନ୍ସ ଜେନେରାଲ ଇନସ୍ୟୁରାନ୍ସରେ ଥିବା କମ୍ପାନୀର ୪୯ ପ୍ରତିଶତ ଅଂଶଧନକୁ ମଧ ରିଲାଏନ୍ସ କ୍ୟାପିଟାଲ ବିକ୍ରି କରିବାକୁ ଘୋଷଣା କରିଛି। ମୂଳ କାରବାରରେ ଥିବା ସମ୍ପତ୍ତିକୁ ବିକ୍ରି କରି କମ୍ପାନୀ ପ୍ରାୟ ୧୦ ହଜାର କୋଟି ଟଙ୍କା ସଂଗ୍ରହ କରିବ ବୋଲି ଆଶାବ୍ୟକ୍ତ କରିଛି।

### ସପ୍ତାହକ ଭିତରେ ଜେଟ୍‌ର ସ୍ଥିତି ସ୍ପଷ୍ଟ ହେବ: ଏସ୍‌ବିଆଇ ମୁଖ୍ୟ



ନୂଆଦିଲ୍ଲୀ,୧୯-୫: ଆର୍ଥିକ ସଙ୍କଟ କାରଣରୁ ଅସ୍ଥାୟୀଭାବେ ବନ୍ଦ ହୋଇଯାଇଥିବା ଜେଟ୍ ଏୟାରଓ୍ୱେଜ୍‌ର ଭବିଷ୍ୟତକୁ ନେଇ ଏବେ ବି ଅନିଶ୍ଚିତତା ଲାଗି ରହିଛି। ଜେଟ୍ ପୁଣିଥରେ କାର୍ଯ୍ୟକ୍ଷମ ହେବା ନେଇ ଏବେ ସୁଦ୍ଧା ସ୍ଥିତି ସ୍ପଷ୍ଟ ନୁହେଁ। ତେବେ ଆସନ୍ତା ଏକ ସପ୍ତାହ ଭିତରେ ଜେଟ୍‌ର ସ୍ଥିତି ସ୍ପଷ୍ଟ ହୋଇଯିବ ବୋଲି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଅଧକ୍ଷ ରଜନୀଶ କୁମାର କହିଛନ୍ତି। ସେ କହିଛନ୍ତି ଯେ, ଜେଟ୍‌କୁ ପୁନର୍ବାର କାର୍ଯ୍ୟକ୍ଷମ କରିବା ଲାଗି ସମସ୍ତ ପ୍ରକାର ବିକଳ୍ପର ମୂଲ୍ୟାଙ୍କନ କରାଯାଉଛି। ଏହାଛଡ଼ା ଆଇନଗତ ପରାମର୍ଶ ମଧ ନିଆଯାଉଛି। ଜେଟ୍ ନିକଟରେ ଅର୍ଥ ପହଞ୍ଚିବ କି ନା ସେସମ୍ପର୍କରେ ଜାଣିବାକୁ ଉଦ୍ୟମ ହେଉଛି। ସୂଚନାଥାଉ କି, ଜେଟ୍ ଏୟାରଓ୍ୱେଜଠାରୁ ବକେୟା ଋଣ ବାବଦରେ ୮୪୦୦ କୋଟି ଟଙ୍କା ଅସୁଲ ଲାଗି ଏସ୍‌ବିଆଇ ନେତୃତ୍ୱରେ ବ୍ୟାଙ୍କ କନସୋର୍ଟିୟମ କମ୍ପାନୀର ନିୟନ୍ତ୍ରଣ ନିଜ ହାତକୁ ନେଇଛି। ସେମାନେ ଜେଟ୍‌ର ବୃହତ ଅଂଶଧନ ବିକ୍ରି କରିବାକୁ ଉଦ୍ୟମ କରୁଛନ୍ତି। ଏଥିପାଇଁ ଏସ୍‌ବିଆଇ କ୍ୟାପିଟାଲକୁ ଦାୟିତ୍ୱ ମଧ ଦିଆଯାଇଛି। ତେବେ ନିର୍ଦ୍ଦିଷ୍ଟ ଦିବସ ପର୍ଯ୍ୟନ୍ତ ଏଟିହାଦ ଏୟାରଓ୍ୱେଜ ସମେତ ୩ଟି କମ୍ପାନୀ ଜେଟ୍‌ର ବିଡିଂ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଅନ୍ୟ କେତେକ ଅନୌପଚାରିକ ଭାବେ ଅଂଶଧନ କିଣିବା ଲାଗି ପ୍ରସ୍ତାବ ଦେଇଛନ୍ତି।

# ନିର୍ବାଚନ ଫଳାଫଳ ଉପରେ ନିବେଶକଙ୍କ ନଜର

ମୁମ୍ବାଇ,୧୯-୫

ଚଳିତ ମାସ ୨୩ରେ ସାଧାରଣ ନିର୍ବାଚନ ଫଳାଫଳ ଆସିବାକୁ ଥିବା ବେଳେ ଦେଶର ପୁଞ୍ଜି ବଜାର ନଜର ଏବେ ଏହା ଉପରେ ରହିଛି। ସେହିଭଳି ବଜାର ଉପରେ ଏକଜିଟ୍ ପୋଲ ପ୍ରଭାବ ମଧ ପରିଲକ୍ଷିତ ହେବ। ଅପରପକ୍ଷରେ କମ୍ପାନୀଗୁଡିକର ବିତ୍ତୀୟ ନିଷ୍ପତ୍ତି ବଜାର ଉପରେ କିପ୍ରଭାବ ପକାଇବ ତାହା ଦେଖିବାକୁ ବାକି ରହିଛି। ନିର୍ବାଚନ ସଂକ୍ରାନ୍ତ ବିଭିନ୍ନ ଘଟଣାର ପ୍ରଭାବ ବଜାର ଉପରେ ଦେଖାଯିବ। ଫଳରେ ଶେୟାର ବଜାରର ସୂଚକାଙ୍କରେ ହ୍ରାସ-ବୃଦ୍ଧି ପରିଲକ୍ଷିତ ହୋଇ ପାରେ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ନିର୍ବାଚନ ଫଳାଫଳ ଶେୟାର ବଜାରର ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବ ବୋଲି ଏପିକ୍ ରିସର୍ଚ୍ଚର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମୁସ୍ତାଫା ନଦୀମ କହିଛନ୍ତି। ଏହି ରେଜଲ୍ଟ ଅର୍ଥ ବ୍ୟବସ୍ଥା ତଥା ନିବେଶକଙ୍କ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।




### ବର୍ଷର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସପ୍ତାହ

ଚଳିତ ସପ୍ତାହରେ ଶେୟାର ବଜାରରେ ବ୍ୟାପକ ହାରରେ ସୂଚକାଙ୍କ ହ୍ରାସ-ବୃଦ୍ଧି ଘଟିବ ବୋଲି ଆକଳନ କରାଯାଇଛି। ମାତ୍ର ଏକଜିଟ୍ ପୋଲ୍‌ର ଫଳାଫଳକୁ ନେଇ ବଜାରର ଅବସ୍ଥା କିଭଳି ରହିବ ତାହା ଅନୁମାନ କରିବା ଅସମ୍ଭବ ହେଉଛି। ସେମକୋ ସିକ୍ୟୁରିଟିର ପ୍ରତିଷ୍ଠାତା ଜିମତ ମୋଦି କହିଛନ୍ତି ଯେ, ଚଳିତ ସପ୍ତାହ ବର୍ଷର ଶେୟାରବଜାର ଲାଗି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଲୋକଙ୍କ ଉତ୍କଣ୍ଠା ବୃଦ୍ଧି ହେଉଥିବା ସେ କହିଛନ୍ତି।

### ବଡ କମ୍ପାନୀଗୁଡିକର କାରବାର

ଶେୟାର ବଜାରରେ ସୂଚିଭୁକ୍ତ ଦେଶର ବଡ ବଡ କମ୍ପାନୀଗୁଡିକର କାରବାର ଉପରେ ମଧ ନଜର ରହିଛି। ଟାଟା ମୋଟର୍ସ, କାନାରା ବ୍ୟାଙ୍କ, ସିପ୍ଲା ଭଳି କମ୍ପାନୀଗୁଡିକର ଫରଫରମାନ୍ସ ନିକଟରେ ସାମ୍ନାକୁ ଆସିଛି। ସେହିଭଳି କମ୍ପାନୀଗୁଡିକର ତ୍ରୈମାସିକ ଫଳାଫଳ ବଜାରର ମୋଡକୁ ନିର୍ଦ୍ଧାରଣ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଅପରପକ୍ଷରେ ଅଶୋଧିତ ତୈଳ ଦର, ଆମେରିକା-ଚାଇନା ବାଣିଜ୍ୟ ଲଢେଇ, ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ହ୍ରାସ-ବୃଦ୍ଧି ଏବଂ ବିଦେଶୀ ମୁଦ୍ରା ଭଣ୍ଡାର ବଜାର ଉପରେ ପ୍ରଭାବ ପକାଇବ।

### ଗତ ସପ୍ତାହରେ ବଢିଥିଲା ବଜାର

ଗତ ସପ୍ତାହରେ ଶେୟାର ବଜାର ସୂଚକାଙ୍କ ୪୬୭.୭୮ (୧.୨୪%) ବଢିଥିଲା। ଶୁକ୍ରବାର ସେନସେକ୍ସରେ ୫୩୭.୨୯ ପଏଣ୍ଟ ବା ୧.୪୪% ବୃଦ୍ଧି ଘଟି ୩୭.୯୩୦.୭୭ ସ୍ତରରେ ପହଞ୍ଚି ଯାଇଥିଲା। ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ବା ନିଫ୍ଟି ୧୫୦.୦୫ ପଏଣ୍ଟ ବୃଦ୍ଧି ଘଟି ୧୧,୪୦୭.୧୫ ସ୍ତରରେ ପହଞ୍ଚି ଥିଲା।

### ବଜାରରୁ ୬୩୯୯ କୋଟି କାଢ଼ି ନେଲେ ଏଫ୍‌ପିଆଇ

ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ) ମେ'ରେ ଅଦ୍ୟାବଧି ଭାରତୀୟ ପୁଞ୍ଜି ବଜାରରୁ ୬୩୯୯ କୋଟି ଟଙ୍କା କାଢ଼ି ନେଇଛନ୍ତି। ସାଧାରଣ ନିର୍ବାଚନ ଫଳାଫଳରେ ଅନିଶ୍ଚିତତା ଏବଂ ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ ବିବାଦକୁ ନେଇ ଏଫ୍‌ପିଆଇ ନିରାଶ ଥିବା ଜଣାପଡିଛି। ଏହି କାରଣରୁ ଗତ ୩ ମାସ ହେବ ସେମାନେ ଭାରତୀୟ ପୁଞ୍ଜି ବଜାରରେ ନିବେଶ କରିବାରେ ଲାଗିପଡିଥିଲେ। ସେମାନେ ଏପ୍ରିଲରେ ଉଭୟ ଶେୟାର ଓ ବଣ୍ଡ ବଜାରରେ ମୋଟ ୧୬,୦୯୩ କୋଟି ଟଙ୍କା ନିବେଶ କରିଥିଲେ। ସେହିପରି ସେମାନେ ମାର୍ଚ୍ଚରେ ୪୫,୯୮୧ କୋଟି ଟଙ୍କା, ଫେବୃୟାରୀରେ ୧୧,୧୮୨ କୋଟି ଟଙ୍କା ନିବେଶ କରିଥିଲେ। କିନ୍ତୁ ମେ'ରେ ସେମାନଙ୍କ ମତ ପରିବର୍ତ୍ତନ ହୋଇ ଚିତ୍ର ବଦଳିଯାଇଥିଲା। ଡିପୋଜିଟୋରୀ ତଥ୍ୟ ଅନୁଯାୟୀ ମେ ୧୭ ସୁଦ୍ଧା ଏଫ୍‌ପିଆଇ ୪୭୮୬.୩୮ କୋଟି ଟଙ୍କା ଶେୟାରରୁ ଏବଂ ୧୬୧୨.୬୨ କୋଟି ଟଙ୍କା ବଣ୍ଡ ବଜାରରୁ କାଢ଼ି ନେଇଛନ୍ତି।

# ଆଜିଠାରୁ ବଢ଼ିପାରେ ତେଲ ଦର

ନୂଆଦିଲ୍ଲୀ,୧୯-୫



ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଯଥେଷ୍ଟ ବୃଦ୍ଧି ପାଇଥିଲେ ମଧ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବଢ଼ି ନ ଥିଲା। ତେବେ ରବିବାର ନିର୍ବାଚନ ଶେଷ ହୋଇଛି। ଏଣୁ ସୋମବାର ଠାରୁ ପେଟ୍ରୋଲ ଓ ଡିଜେଲ ଦର ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ତୈଳ ବିଶେଷଜ୍ଞଙ୍କ କହିବାନୁଯାୟୀ ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ୩ରୁ ୫ ଟଙ୍କା ବଢ଼ିବାକୁ ଯାଉଛି। ତେବେ ଏହା ଏକାଥରକେ ନ ହୋଇ ପର୍ଯ୍ୟାୟକ୍ରମେ ବଢ଼ିବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ତୈଳ କମ୍ପାନୀମାନେ ମାର୍ଚ୍ଚ ଓ ଏପ୍ରିଲ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୫ ଓ ୩ ଟଙ୍କା କମ୍‌ରେ ବିକ୍ରି କରିବାକୁ ବାଧ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ଅଘୋଷିତ ନିର୍ଦ୍ଦେଶ ଯୋଗୁ ସେମାନଙ୍କୁ ପ୍ରତି ଲିଟରରେ ଏହି କ୍ଷତି ସହିବାକୁ ପଡୁଛି। ଏହି ସମୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଯଥାକ୍ରମେ ବ୍ୟାରେଲ ପିଛା ୬୬ ଏବଂ ୭୧ ଡଲାର ଥିଲା। ବର୍ତ୍ତମାନର ଅଶୋଧିତ ତେଲ ଦର ବ୍ୟାରେଲ ପିଛା ହାରାହାରି ୭୨ ଡଲାର ପାଖାପାଖିରେ ରହିଛି। ଏହାକୁ ହିସାବକୁ ନେଲେ ପେଟ୍ରୋଲ ଦର ଲିଟର ପିଛା ୭୮ ଟଙ୍କା ଏବଂ ଡିଜେଲ ଦର ଲିଟର ପିଛା ୭୦ ଟଙ୍କାରୁ ଅଧିକ ରହିବା କଥା। ତେବେ ରବିବାର ଦିଲ୍ଲୀ, କୋଲକାତା, ମୁମ୍ବାଇ ଓ ଚେନ୍ନାଇରେ ପେଟ୍ରୋଲ ଦର ଯଥାକ୍ରମେ ୭୧.୦୩ ଟଙ୍କା, ୭୩.୧୧ ଟଙ୍କା, ୭୬.୬୪ ଟଙ୍କା ଏବଂ ୭୩.୭୨ ଟଙ୍କାରେ ସ୍ଥିର ରହିଛି। ସେହିପରି ୪ ମହାନଗରରେ ଡିଜେଲ ଦର ଲିଟର ପିଛା ଯଥାକ୍ରମେ ୬୫.୯୬ ଟଙ୍କା, ୬୭.୭୧ ଟଙ୍କା, ୬୯.୧୧ ଟଙ୍କା ଏବଂ ୬୯.୭୨ ଟଙ୍କା ରହିଛି। ସିଙ୍ଗାପୁରସ୍ଥିତ କନସଲଟାନ୍ସି ଫାର୍ମ ଏଫ୍‌ଜିଇର ଏସିଆ ଅଏଲର ଡାଇରେକ୍ଟର ଶ୍ରୀ ପରାଭାଇଙ୍କରସୁ କହିଥିଲେ ଯେ, ଅନ୍ତର୍ଜାତୀୟ ବଜାରକୁ ଦୃଷ୍ଟିରେ ରଖି ଭାରତରେ ଅଦ୍ୟାବଧି ପେଟ୍ରୋଲ ଦର ଲିଟର ପିଛା ୪ ଟଙ୍କା ବଢ଼ିବା ଉଚିତ ଥିଲା। ସୂଚନାଥାଉ କି, ଗତବର୍ଷ ମେ'ରେ କର୍ନାଟକ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ତୈଳ କମ୍ପାନୀଗୁଡ଼ିକ ୧୯ ଦିନ ପାଇଁ ତୈଳ ଦର ସ୍ଥିର ରଖିଥିଲେ। ସେତେବେଳେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୫ ଡଲାର ବଢ଼ିସାରିଥିଲା। ତେବେ ବିଧାନସଭା ନିର୍ବାଚନ ଶେଷ ହେବା ମାତ୍ରେ ମେ ୧୪ରୁ ତୈଳ କମ୍ପାନୀଗୁଡ଼ିକ କ୍ରମାଗତ ୧୬ ଦିନ ଧରି ପେଟ୍ରୋଲ ଦରରେ ୩.୮ ଟଙ୍କା ଏବଂ ଡିଜେଲ ଦରରେ ୩.୩୮ ଟଙ୍କା ବୃଦ୍ଧି କରିଥିଲେ।

ଫେସ୍‌ବୁକ୍, ଗୁଗଲରେ ବିଜ୍ଞାପନ

# ରାଜନୈତିକ ଦଳ ଖର୍ଚ୍ଚ କରିଛନ୍ତି ୫୩ କୋଟି

ନୂଆଦିଲ୍ଲୀ,୧୯-୫




ଦେଶର ରାଜନୈତିକ ଦଳଗୁଡ଼ିକ ଚଳିତ ବର୍ଷ ଫେବୃୟାରୀରୁ ଅଦ୍ୟାବଧି ଫେସ୍‌ବୁକ୍ ଓ ଗୁଗଲ ଆଦି ସୋସିଆଲ ମିଡିଆରେ ନିଜର ପ୍ରଚାର ପାଇଁ ୫୩ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି। ଏମାନଙ୍କ ମଧ୍ୟରେ ଶାସକ ଦଳ ଭାଜପା ସର୍ବାଗ୍ରେ ରହିଛି। ଫେସ୍‌ବୁକ୍ ବିଜ୍ଞାପନ ରିପୋର୍ଟରୁ ଜଣାପଡିଛି ଯେ, ଫେବୃୟାରୀରୁ ମେ ୧୫ ସୁଦ୍ଧା ଏହାର ମଞ୍ଚରେ ୧.୨୧ ଲକ୍ଷ ରାଜନୈତିକ ବିଜ୍ଞାପନ ଦିଆଯାଇଥିଲା। ଏହିସବୁ ବିଜ୍ଞାପନରେ ରାଜନୈତିକ ଦଳଗୁଡ଼ିକ ୨୬.୫ କୋଟି ଟଙ୍କା ବ୍ୟୟ କରିଛନ୍ତି। ଏଭଳି ଭାବେ ଗୁଗଲ, ୟୁଟ୍ୟୁବ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକରେ ୧୯ ଫେବୃୟାରୀରୁ ଅଦ୍ୟାବଧି ୧୪,୮୩୭ ବିଜ୍ଞାପନ ବାବଦରେ ରାଜନୈତିକ ଦଳଗୁଡ଼ିକ ୨୭.୩୬ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଶାସକ ଦଳ ଭାଜପା ଫେସ୍‌ବୁକ୍‌ରେ ୨୫୦୦ରୁ ଅଧିକ ବିଜ୍ଞାପନ ବାବଦରେ ୪.୨୩ କୋଟି ଟଙ୍କା ବ୍ୟୟ କରିଛି। ସେହିପରି ଗୁଗଲ ମଞ୍ଚରେ ଏହି ଦଳ ୧୭ କୋଟି ଟଙ୍କା ବ୍ୟୟ କରିଥିବା ବେଳେ କଂଗ୍ରେସ ଫେସ୍‌ବୁକ୍‌ରେ ୩,୬୮୬ ବିଜ୍ଞାପନ ବାବଦରେ ୧.୪୬ କୋଟି ଟଙ୍କା, ଗୁଗଲରେ ୪୨୫ ବିଜ୍ଞାପନ ବାବଦରେ ୨.୭୧ କୋଟି ଟଙ୍କା ବ୍ୟୟ କରିଛି। ସେହିପରି ତୃଣମୂଳ କଂଗ୍ରେସ ଫେସ୍‌ବୁକ୍‌ରେ ୨୯.୨୮ ଲକ୍ଷ ଟଙ୍କା, ଆମ୍ ଆଦ୍‌ମୀ ପାର୍ଟି(ଆପ୍) ୧୩.୬୨ ଲକ୍ଷ ଟଙ୍କା ଖର୍ଚ୍ଚ କରିଛି।

# ପ୍ରିମିୟମ ସ୍କୁଟର ବର୍ଗରେ ହିରୋର ୨ ନୂଆ ମଡେଲ

ଭୁବନେଶ୍ୱର,୧୯-୫




ହିରୋ ମୋଟୋକର୍ପ ଲିମିଟେଡ ପକ୍ଷରୁ ଏହାର ସ୍କୁଟର ସେଗ୍‌ମେଣ୍ଟକୁ ଦୃଢ କରିବା ପଦକ୍ଷେପ ମୁତାବକ ୨ ନୂଆ ମଡେଲ ବଜାର ପ୍ରବେଶ କରାଯାଇଛି। ନୂଆ ମଡେଲଗୁଡିକ ମଧ୍ୟରେ ମାଏଷ୍ଟ୍ରୋ ଏଜ ୧୨୫ ଏବଂ ପ୍ଲେଜର ପ୍ଲସ୍ ୧୧୦ ରହିଛି। ମାଏଷ୍ଟ୍ରୋ ଏଜ୍ ୧୨୫ରେ ଫୁଏଲ ଇଞ୍ଜେକଶନ ଟେକ୍ନୋଲୋଜି ରହିଛି। ଏହାର ଏଫ୍‌ଆଇ ଭାରିଆଣ୍ଟ ବଜାର ଦର ୬୨,୭୦୦ ଟଙ୍କା। ସେହିଭଳି ପ୍ଲେଜର ପ୍ଲସ୍ ୧୧୦ର ମୂଲ୍ୟ ୪୭,୩୦୦ ଟଙ୍କା ରହିଛି। ସ୍କୁଟର ସେଗ୍‌ମେଣ୍ଟ ଅଭିବୃଦ୍ଧି ଲାଗି ବିଭିନ୍ନ ପଦକ୍ଷେପ ଉପରେ ଧ୍ୟାନ କେନ୍ଦ୍ରିତ କରିଛୁ ବୋଲି କମ୍ପାନୀର ଚିଫ ଟେକ୍ନୋଲୋଜି ଅଫିସର ମାର୍କସ ବ୍ରୁନସ୍ୱେରଜର କହିଛନ୍ତି। ଟେକ୍ନୋଲୋଜି ଏବଂ ଷ୍ଟାଇଲକୁ ନୂଆ ମଡେଲଗୁଡିକରେ ସ୍ଥାନିତ କରାଯାଇଥିବା କମ୍ପାନୀର ଗ୍ଲୋବାଲ ପ୍ରଡକ୍ଟ ପ୍ଲାନିଂ ମୁଖ୍ୟ ମାଲୋ ଲେ ମାସନ କହିଛନ୍ତି। ସ୍କୁଟର ବର୍ଗରେ ପୋର୍ଟଫୋଲିଓ ଦୃଢୀକରଣ ଦିଗରେ ନୂଆ ମଡେଲଗୁଡିକ ସହାୟକ ହେବ ବୋଲି ସେଲ୍‌ସ ମୁଖ୍ୟ ସଞ୍ଜୟ ଭାନ କହିଛନ୍ତି।

### ସିବିଆର୍ '୬୫୦ଆର୍'ର ଡେଲିଭରି ଦେଲା ହୋଣ୍ଡା



ଭୁବନେଶ୍ୱର,୧୯-୫

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ମଧ୍ୟମ ହାଲକା ବାଇକ ବର୍ଗରେ 'ସିବିଆର୍ ୬୫୦ଆର୍'ର ଡେଲିଭରି ଆରମ୍ଭ କରିଛି। ଗୁରୁଗ୍ରାମରେ ଥିବା ହୋଣ୍ଡା ବିଗ୍ ୱିଙ୍ଗ ଷ୍ଟୋରରୁ ଏହା ଶୁଭାରମ୍ଭ କରାଯାଇଛି। ହୋଣ୍ଡାର ରେସିଂ ଗୁଣ ଥିବା ଏହି ନୂଆ ମଡେଲଟି ସ୍ପୋର୍ଟି ଓ ଶକ୍ତିଶାଳୀ ପ୍ରଦର୍ଶନର ମିଶ୍ରଣ ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି। ଫାୟାରବ୍ଲେଡ ସୁପର ସ୍ପୋର୍ଟସ ଷ୍ଟାଇଲରେ ପ୍ରସ୍ତୁତ ହୋଇଥିବା ଏହି ମଡେଲକୁ ପ୍ରଥମେ ୨୦୧୮ ମିଲାନ ମୋଟର ଶୋ'ରେ ଉନ୍ମୋଚନ କରାଯାଇଥିଲା। ଭାରତରେ ଏହାର ଏକ୍ସଶୋ'ରୁମ ବଜାର ଦର ୭.୭୦ ଲକ୍ଷ ଟଙ୍କା ରହିଛି। ମଡେଲଟିରେ ୬୪୯ ସିସିର ଲିକ୍ୱିଡ କୁଲ୍‌ଡ ଚାରି ସିଲିଣ୍ଡର ଡିଓଏଚ୍‌ସି ୧୬ ଭାଲ୍‌ବ ଇଞ୍ଜିନ ରହିଛି। ଯାନ ଉପରେ ନିୟନ୍ତ୍ରଣ ରଖିବା ଲାଗି ଆସିଷ୍ଟ ସୁପର କ୍ଲଚ, ହୋଣ୍ଡା ସିଲେକ୍ଟବଲ ଟର୍କ କଣ୍ଟ୍ରୋଲ, ଉନ୍ନତ ସସ୍‌ପେନଶନ, ଡୁଆଲ ଚ୍ୟାନେଲ ଏବିଏସ୍, ଫୁଲ ଏଲଇଡି, ଡିଜିଟାଲ ଏଲସିଡି ଡିସ୍ପେଲେ, ହାଣ୍ଡେଲ ବାର କ୍ଲିପ, ଗିୟର ପୋଜିଶନ ଏବଂ ସିଫ୍ଟ ଅପ୍ ଇଣ୍ଡିକେଟର ରହିଛି। ଏହା ଗ୍ରାଣ୍ଡ ପିକ୍ସ ରେଡ ଏବଂ ଗନପାଉଡର ବ୍ଲାକ ମେଟାଲିକ ରଙ୍ଗରେ ଉପଲବ୍ଧ। ଓଡିଶାରେ ଏହା ପିଜିଏଲ୍ ରାଜମୀ ମୋଟର୍ସଠାରେ ଉପଲବ୍ଧ।

# ଫନୀ ପ୍ରଭାବିତଙ୍କୁ ଭାରତ ମସଲା ପକ୍ଷରୁ ସହାୟତା




କଟକ ଅଫିସ,୧୯।୫

ଭାରତ ମସଲା ପକ୍ଷରୁ ଫନୀ ପ୍ରଭାବିତଙ୍କୁ ସହାୟତା ପ୍ରଦାନ କରାଯାଇଛି। ଜୟ ଭାରତ ସ୍ପାଇସେସ୍ ପ୍ରାଇଭେଟ୍ ଲିମିଟେଡ୍ 'ଫନୀ'ରେ ସର୍ବାଧିକ ପ୍ରଭାବିତ ପୁରୀ ଜିଲା ପାଇଁ ଅଣ୍ଟା ଭିଡିଛି। ପୁରୀ ଜିଲାରେ କ୍ଷତିଗ୍ରସ୍ତ ପରିବାରଗୁଡିକୁ ବିଭିନ୍ନ ଆସବାବପତ୍ର, ଶୁଖିଲା ଖାଦ୍ୟ ସାମଗ୍ରୀ ଓ ଘରକରଣା ସାମଗ୍ରୀ ପୁରୀ ଜିଲାପାଳଙ୍କ ଅନୁମତି ନେଇ ବିଭିନ୍ନ ପଞ୍ଚାୟତରେ ଯୋଗାଇଛି। ଏଥିସହ ୧୭ଲକ୍ଷ ଟଙ୍କାର ସାହାଯ୍ୟ ଯୋଗାଇ ଦେଇଛି। ସାମଗ୍ରୀଗୁଡିକୁ ପ୍ରଭାବିତ ଲୋକମାନଙ୍କୁ ପ୍ରଦାନ କରି ରାଜ୍ୟ ପାଇଁ ସାମାଜିକ ଓ ନୈତିକ ଦାୟିତ୍ୱ ତୁଲାଇଥିବା ଭାରତ ମସଲା ସୂଚନା ଦେଇଛି। ଏତଦବ୍ୟତୀତ ଫନୀ ବିପନ୍ନଙ୍କୁ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ୩ଲକ୍ଷ ଟଙ୍କାର ନଗଦ ଅର୍ଥ ରାଶି ଭାରତ ମସଲାର ଅଧକ୍ଷ ସୁରେନ୍ଦ୍ରନାଥ ପଣ୍ଡା ପ୍ରଦାନ କରିଛନ୍ତି।

**୧୭ଲକ୍ଷ ଟଙ୍କାର ସାମଗ୍ରୀ ଓ ୩ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ପ୍ରଦାନ**

### ଏସ୍‌ବିଆଇ ଜେନେରାଲର ନୂଆ ଚିଫ୍ ବିଜନେସ ଅଫିସର

ଭୁବନେଶ୍ୱର,୧୯-୫

ଏସ୍‌ବିଆଇ ଜେନେରାଲର ନୂଆ ଚିଫ୍ ବିଜନେସ ଅଫିସର ଭାବେ ଅମର ଜୋଶୀ ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ସେ କମ୍ପାନୀର ବିକ୍ରି ବିଭାଗ ପ୍ରମୁଖ ଦାୟିତ୍ୱରେ କାର୍ଯ୍ୟ କରିବା ସହ ପରିଚାଳନା ବୋର୍ଡରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଏହାବାଦ ଚ୍ୟାନେଲ ବିତରଣ, ଷ୍ଟ୍ରାଟେଜିକ ଆଲିଆନ୍ସ, ବ୍ରାଣ୍ଡ ଆଣ୍ଡ ମାର୍କେଟିଂ, ଡାଇରେକ୍ଟ ଆଣ୍ଡ ଡିଜିଟାଲ ଭଳି କ୍ଷେତ୍ରରେ କାର୍ଯ୍ୟ କରିବେ ବୋଲି କମ୍ପାନୀ ସୂଚନା ଦେଇଛି। ସେ ବୀମା ଶିଳ୍ପରେ ୧୬ ବର୍ଷ କାର୍ଯ୍ୟ ଏବଂ ମୋଟ ୨୫ ବର୍ଷର ଅଭିଜ୍ଞତା ହାସଲ କରିଛନ୍ତି।

# ସିମ୍ଫୋନିର କୁଲ ମୋବାଇଲ୍ ବସ୍ ଷ୍ଟପ୍

ଭୁବନେଶ୍ୱର,୧୯-୫

ପ୍ରମୁଖ ଏୟାର କୁଲର କମ୍ପାନୀ ସିମ୍ଫୋନି ପକ୍ଷରୁ ହାଇଦ୍ରାବାଦରେ କୁଲ ମୋବାଇଲ ବସ୍ ଷ୍ଟପ ପଦକ୍ଷେପ ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରୀଷ୍ମର ପ୍ରବଳ ଉତ୍ତାପକୁ ଦୃଷ୍ଟିରେ ରଖି କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିଛି। ୧୪ରୁ ଆରମ୍ଭ ହୋଇଥିବା ଏହି କ୍ୟାମ୍ପେନ ୫ ଦିନ ଚାଲିବ। ସାଧାରଣ ପରିବହନ ବ୍ୟବସ୍ଥାରେ ଯାତ୍ରା କରୁଥିବା ଲୋକମାନଙ୍କୁ କମ୍ପାନୀ ଏହା ଦ୍ୱାରା ଆରାମ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ସେହିଭଳି ଏୟାର କୁଲିଂ ସଲ୍ୟୁଶନ ଉପରେ ଏହା ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ କାର୍ଯ୍ୟକ୍ରମ ଜାରି ରଖିଛି। ଲୋକମାନେ ପ୍ରମୁଖ ବସ୍ ଷ୍ଟପଗୁଡିକରେ ସିମ୍ଫୋନି ମୋବାଇଲ ବସରେ ବସି ସେମାନଙ୍କ ବସ୍‌କୁ ଅପେକ୍ଷା କରିବା ସହ ଶୀତଳତା ଅନୁଭବ କରିପାରିବେ। ମୋବାଇଲ ବସରେ ଅତ୍ୟାଧୁନିକ ଏୟାର କୁଲର ସ୍ଥାପନ କରାଯାଇଛି। ପ୍ରମୁଖ ୬ ରୁଟ୍‌ରେ ବସ୍‌ଗୁଡିକୁ ନିୟୋଜିତ କରାଯାଇଛି। ଲୋକମାନଙ୍କୁ ଆରାମ ଦେବା ସହ କମ୍ପାନୀର ଉତ୍ପାଦ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସିମ୍ଫୋନିର ସେଲ୍‌ସ ଏବଂ ମାର୍କେଟିଂ ସଭାପତି ରାଜେଶ ମିଶ୍ରା କହିଛନ୍ତି।


# ଡେବିଟ୍ କାର୍ଡ ଦେୟ ବଢ଼ିଛି ୨୭%

ନୂଆଦିଲ୍ଲୀ,୧୯-୫

**ଆଲୋଚ୍ୟ ଅବଧିରେ ଏଟିଏମ୍‌ରୁ ଉଠାଣ ବୃଦ୍ଧି ହାର ଏହାଠାରୁ କମ୍ ମାତ୍ର ୧୫ ପ୍ରତିଶତ ହୋଇଛି**



ଦେଶରେ କିଣାକିଣି କରିବା ଲାଗି ଲୋକେ ଡେବିଟ୍ କାର୍ଡ ବ୍ୟବହାରରେ ବେଶ୍ ଉତ୍ସାହ ପ୍ରଦର୍ଶନ କରୁଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଦ୍ୱାରା ଜାରି ତଥ୍ୟ ଅନୁଯାୟୀ, ମାର୍ଚ୍ଚରେ ପଏଣ୍ଟ ଅଫ୍ ସେଲ୍ ମେଶିନ(ପିଓଏସ୍) ଜରିଆରେ ଡେବିଟ୍ କାର୍ଡ ଦ୍ୱାରା ଦେୟ ପ୍ରଦାନ ବର୍ଷକୁ ବର୍ଷ ହାରରେ ୨୭ ପ୍ରତିଶତ ବୃଦ୍ଧି ହୋଇଛି। ଅନ୍ୟପକ୍ଷରେ ଆଲୋଚ୍ୟ ଅବଧିରେ ଏଟିଏମ୍‌ରୁ ଉଠାଣ ବୃଦ୍ଧି ହାର ଏହାଠାରୁ କମ୍ ମାତ୍ର ୧୫ ପ୍ରତିଶତ ହୋଇଛି। ମାର୍ଚ୍ଚରେ ଡେବିଟ୍ କାର୍ଡ ଜରିଆରେ ୪୦.୭ କୋଟି ଟ୍ରାଞ୍ଜାକସନ ହୋଇଛି, ଯାହା କି ୮୯.୧ କୋଟି ଟଙ୍କାର ଏଟିଏମ୍ ଉଠାଣରୁ ପ୍ରାୟ ଅଧା। ତେବେ ୨୦୧୬ରୁ ୨୦୧୯ମାର୍ଚ୍ଚ ମଧ୍ୟରେ ମର୍ଚ୍ଚାଣ୍ଟ ଡେବିଟ କାର୍ଡ ଦ୍ୱାରା ଦେୟ ପ୍ରଦାନରେ ୨୫୦ ପ୍ରତିଶତରୁ ଅଧିକ ବୃଦ୍ଧି ଦେଖାଯାଇଛି। ଏହା ବିପରୀତରେ, ଗତ ୨/୩ ବର୍ଷରେ ମୋଟ ଏଟିଏମ୍ ଉଠାଣ ସଂଖ୍ୟା ପ୍ରତି ମାସରେ ୮୦ କୋଟି ଆଖପାଖରେ ରହିଛି। କେନ୍ଦ୍ର ସରକାର ୨୦୧୬ ନଭେମ୍ବର ୮ରେ ବିମୁଦ୍ରୀକରଣ ଘୋଷଣା କରିବା ପରେ ଡେବିଟ କାର୍ଡ ଟ୍ରାଞ୍ଜାକସନକୁ ସବୁଠୁ ବଡ଼ ପ୍ରୋତ୍ସାହନ ମିଳିଥିଲା। ଚଳିତ ବର୍ଷ ମାର୍ଚ୍ଚରେ ବର୍ଷକୁ ବର୍ଷ ଆଧାରରେ କ୍ରେଡିଟ କାର୍ଡ ଜରିଆରେ ପିଓଏସ୍ ମେଶିନରୁ ଟ୍ରାଞ୍ଜାକସନ ବୃଦ୍ଧି ହାର ୨୨ ପ୍ରତିଶତ ରହିଥିଲା। ଚଳିତ ବର୍ଷ ମାର୍ଚ୍ଚରେ ପିଓଏସ୍ ଟ୍ରାଞ୍ଜାକସନ୍‌୧୬.୨ କୋଟି ରହିଛି, ଯାହା କି ଗତବର୍ଷ ମାର୍ଚ୍ଚରେ ୧୨.୭ ପ୍ରତିଶତ ରହିଥିଲା। ନିଜର ନାମ ଗୋପନ ରଖିବା ସର୍ତ୍ତରେ ଜଣେ ପେମେଣ୍ଟ କମ୍ପାନୀ ଅଧିକାରୀ କହିଛନ୍ତି ଯେ, ପିଓଏସ୍ ଟର୍ମିନାଲ କମ୍ ହେବା ସତ୍ତ୍ୱେ କାର୍ଡ ଜରିଆରେ ଟ୍ରାଞ୍ଜାକସନରେ ଭାରି ବୃଦ୍ଧି ଦର୍ଶାଉଛି ଯେ, ଦୋକାନୀମାନେ ଏକ୍ଷେତ୍ରରେ ମୁଖ୍ୟ ଭୂମିକା ନିର୍ବାହ କରିପାରିଛନ୍ତି। ତାଛଡ଼ା ଯେଉଁଠି ପିଓଏସ୍ ମେଶିନ ଲଗାଯାଇଛି, ସେଠାରେ ଭାରି ମାତ୍ରାରେ ଟ୍ରାଞ୍ଜାକସନ ହେଉଥିବାରୁ ଦେଖାଯାଇଛି।



❝ ଆଗାମୀ ଆଇସିସି ବିଶ୍ୱକପ୍‌ରେ ଭାଗ ନେଉଥିବା ୧୦ଟି ଦଳ ମଧ୍ୟରୁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଦଳର ବୋଲିଂ ବାହିନୀ ସର୍ବଶ୍ରେଷ୍ଠ ।
–ଲାଲ୍‌ଚାନ୍ଦ ରାଜପୁତ, ପୂର୍ବତନ ଭାରତୀୟ ଓପନର



❝ ଏକ ବର୍ଷ ବାସନ୍ଦ ଦଣ୍ଡ ପରେ ଦଳକୁ ଫେରିଥିବା ଷ୍ଟିଭ୍ ସ୍ମିଥ୍ ଓ ଡେଭିଡ୍ ୱାର୍ନର ଆଇସିସି ବିଶ୍ୱକପ୍‌ରେ ପ୍ରଭାବୀ ପ୍ରଦର୍ଶନ ପାଇଁ ପ୍ରସ୍ତୁତ ଅଛନ୍ତି ।– ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କ୍ରିକେଟ କୋଚ୍

## ସଂକ୍ଷେପରେ

### ନଟିଂହାମଶାୟର ପକ୍ଷରୁ ଖେଳିବେ ଅଶ୍ୱିନ

**ନୂଆଦିଲ୍ଲୀ, ୧୯।୫(ପିଟି):** ସିନିୟର ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଇଂଲଣ୍ଡ କାଉଣ୍ଟି ଦଳ ନଟିଂହାମଶାୟର ପାଇଁ ଖେଳିବେ। ଚଳିତ ସିଜନରେ ସେ ନଟିଂହାମ ପାଇଁ ୬ ମ୍ୟାଚ୍ ଖେଳିବେ। ଅଶ୍ୱିନଙ୍କ ଚୁକ୍ତି ଏବେ ଶେଷ ପର୍ଯ୍ୟାୟରେ ଅଛି। ତାଙ୍କ ଏନ୍‌ଓସିରେ କେବଳ ବିସିସିଆଇ ସିଇଓଙ୍କ ସ୍ୱାକ୍ଷର ଦରକାର ବୋଲି ବିସିସିଆଇର ଜଣେ ସିନିୟର କର୍ମକର୍ତ୍ତା କହିଛନ୍ତି। ନିୟମ ଅନୁଯାୟୀ, ପ୍ରସ୍ତାବ ମିଳିବା ପରେ ହିଁ କେନ୍ଦ୍ରୀୟ ଚୁକ୍ତିରେ ସାମିଲ ଥିବା କୌଣସି ଖେଳାଳି କାଉଣ୍ଟି କ୍ରିକେଟରେ ଖେଳିପାରିବେ। ଅଶ୍ୱିନଙ୍କ ପୂର୍ବରୁ ଭାରତୀୟ ଟେଷ୍ଟ ଦଳର ଉପ ଅଧିନାୟକ ଅଜିଙ୍କ୍ୟ ରାହାନେ ହାମ୍ପଶାୟର ସହ ଚୁକ୍ତି କରିଛନ୍ତି। କ୍ୟାରିୟରରେ ୨ୟ ଥର ପାଇଁ ଅଶ୍ୱିନ କାଉଣ୍ଟି ଖେଳିବାକୁ ଯାଉଛନ୍ତି। ୩୨ ବର୍ଷୀୟ ବୋଲର ସଦ୍ୟସମାପ୍ତ ଆଇପିଏଲରେ ୧୪ ମ୍ୟାଚ୍‌ରୁ ୨୦ ଉଇକେଟ ନେବା ସହ ୨୧୪ ରନ୍ କରିଥିଲେ। ବିସିସିଆଇ ବହୁ କାଉଣ୍ଟି କ୍ଲବ ସହ ଯୋଗାଯୋଗରେ ଅଛି। ସେମାନେ ଭାରତୀୟ ଷ୍ଟାର ଖେଳାଳିଙ୍କୁ ଦଳରେ ନେବାକୁ ଚାହାନ୍ତି। ରାହାନେ, ଅଶ୍ୱିନ ଓ ପୂଜାରା ବିଭିନ୍ନ କାଉଣ୍ଟି କ୍ଲବ ସହ ୩ ବର୍ଷିଆ ଚୁକ୍ତି କରିଛନ୍ତି। ଯଦି ସବୁକିଛି ଠିକ୍ ରୁହେ, ତେବେ ଉମେଶ ଯାଦବ ଓ ଈଶାନ୍ତ ଶର୍ମାଙ୍କୁ ମଧ୍ୟ କିଛି ମ୍ୟାଚ୍ ଖେଳିବାକୁ ମିଳିପାରେ।

### ମେରୀକମ୍‌ଙ୍କ ଉପରେ ନଜର

**ଗୁଆହାଟି, ୧୯।୫(ପିଟି):** ସ୍ଥାନୀୟ କର୍ମାବୀର ନବୀନ ଚନ୍ଦ୍ର ବର୍ଦ୍ଦୋଲାଇ ଇନ୍‌ଡୋର ଷ୍ଟାଡିୟମଠାରେ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି ଇଣ୍ଡିଆ ଓପନ ବକ୍ସିଂ ଟୁର୍ନାମେଣ୍ଟ। ଏଥିରେ ୬ ଥର ବିଶ୍ୱ ଚାମ୍ପିୟନ ମହିଳା ବକ୍ସର ମେରୀକମ୍‌ଙ୍କ ସମେତ ୭୨ ଜଣ ଭାରତୀୟ ବକ୍ସର ଅଂଶଗ୍ରହଣ କରିବେ। ହେଲେ ସଭିଙ୍କ ନଜର ମେରୀକମ୍‌ଙ୍କ ଉପରେ ରହିବ। ଏସିଆନ୍ ଗେମ୍ସ ଚାମ୍ପିୟନ ଅମିତ ପାଙ୍ଘାଲ ଓ ବିଶ୍ୱ ଚାମ୍ପିୟନଶିପ ବ୍ରୋଞ୍ଜ ପଦକଧାରୀ ଶିଭା ଥପ୍ପା ମଧ୍ୟ ଭାଗ ନେବେ। ଇଣ୍ଡିଆ ଓପନ ପରେ ସେପ୍ଟେମ୍ବର ୭ରୁ ୨୧ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟ ହେବାକୁ ଯାଉଛି। ଯାହାକି ଏକ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟ। ଏଣୁ ଇଣ୍ଡିଆ ଓପନର ଗୁରୁତ୍ୱ ବୃଦ୍ଧି ପାଇଛି। ଏସିଆନ୍ ଗେମ୍ସ ଚାମ୍ପିୟପଶିପ୍‌ରେ ଅଂଶଗ୍ରହଣ କରି ନ ଥିବା ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକଧାରୀ ମେରୀକମ୍ ଭାରତରେ ୫୧ କିଗ୍ରା ବର୍ଗରେ ପ୍ରଥମ ଥର ଖେଳିବେ। ମେରୀକମ୍‌ଙ୍କ ଠାରୁ ନିଶ୍ଚିତ ପଦକ ଆଶା କରାଯାଉଥିବାବେଳେ ଶିଭା (୬୦ କି.ଗ୍ରା.), ଅମିତ (୫୨ କି.ଗ୍ରା.), ଅଙ୍କୁଶିତା ବରୋ (୬୪ କି.ଗ୍ରା.) ଓ ଗୌରବ ବିଧୁରି (୫୬ କି.ଗ୍ରା.) ମଧ୍ୟ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି।

### ମାଞ୍ଚେଷ୍ଟର ସିଟି ଛାଡ଼ିବେ କମ୍ପାନୀ

**ଲଣ୍ଡନ, ୧୯।୫(ଏଏଫପି):** ଅଧିନାୟକ ଭିନସେଣ୍ଟ କମ୍ପାନୀ ପ୍ରିମିୟର ଲିଗ୍ କ୍ଲବ ମାଞ୍ଚେଷ୍ଟର ସିଟି ଛାଡ଼ିବାକୁ ଯାଉଛନ୍ତି। ୱାଟଫର୍ଡ ବିପକ୍ଷ ଏଫ୍ଏ କପ୍ ଫାଇନାଲରେ ୬-୦ ବ୍ୟବଧାନର ବୃହତ୍ ବିଜୟ ପରେ କମ୍ପାନୀ ଏହି ଘୋଷଣା କରିଛନ୍ତି। ବେଲଜିୟମ ଡିଫେଣ୍ଡର ୨୦୦୮ରେ କ୍ଲବ ସହ ଜଡ଼ିତ ହୋଇଥିଲେ। ଦୀର୍ଘ ୧୧ ବର୍ଷ ଧରି ତାଙ୍କ ପ୍ରତିନିଧିତ୍ୱରେ ମାଞ୍ଚେଷ୍ଟର ସିଟି ୪ ପ୍ରିମିୟର ଲିଗ୍ ଟାଇଟଲ ହାତେଇବା ସହ ୨ ଏଫ୍ଏ କପ୍, ୪ ଲିଗ୍ କପ ଓ ୨ କମ୍ୟୁନିଟି ଶିଲ୍ଡ ଜିତିଛି। ୩୩ ବର୍ଷୀୟ ଏହି ଖେଳାଳି କ୍ଲବ ପାଇଁ ୩୬୦ ମ୍ୟାଚ୍ ଖେଳିଛନ୍ତି। ମୋର ଯିବାର ସମୟ ଆସିଯାଇଛି। ଭଲ ଓ ଖରାପ ସମୟରେ ମୋତେ ଯେଉଁଭଳି ମାଞ୍ଚେଷ୍ଟରରେ ସମର୍ଥନ ମିଳିଛି, ତାକୁ ସବର୍ଦା ମନେ ରଖିବି। ମୋର ଦଳୀୟ ସଦସ୍ୟଙ୍କ ବିନା ମୁଁ ଯେଉଁଠାରେ ଅଛି, ସେଠାରେ ପହଞ୍ଚି ପାରି ନ ଥାନ୍ତି ବୋଲି କମ୍ପାନୀ କହିଛନ୍ତି।

# ସମଲିଙ୍ଗୀ ସମ୍ପର୍କକୁ ନେଇ ଚର୍ଚ୍ଚାରେ ଦୂତୀ

**ଭୁବନେଶ୍ୱର, ୧୯।୫(କ୍ରୀଡ଼ା ପ୍ରତିନିଧି)**

ନିଜର ପ୍ରଭାବୀ ପ୍ରଦର୍ଶନ ପାଇଁ ସର୍ବଦା ଚର୍ଚ୍ଚାରେ ରହିଆସିଥିବା ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ଏବେ ନିଜ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ପ୍ରକାଶ କରି ହଇଚଇ ସୃଷ୍ଟି କରିଛନ୍ତି। ସମଲିଙ୍ଗୀ ସମ୍ପର୍କରେ ଥିବା କଥା ଦୂତୀ ସ୍ୱୀକାର କରିଛନ୍ତି। ଘରୋଇ ସହର ଯାଜପୁରର ଜଣେ ଝିଅଙ୍କ ସହ ଗତ ୩ ବର୍ଷ (୨୦୧୭)ହେବ ତାଙ୍କର ସମ୍ପର୍କ ରହିଛି ବୋଲି ୨୩ ବର୍ଷୀୟା ଭାରତର ଏହି ଦ୍ରୁତତମ ଧାବିକା ପ୍ରକାଶ କରିଛନ୍ତି। ସେ ପ୍ରଥମ ଭାରତୀୟ କ୍ରୀଡ଼ାବିତ୍ ଭାବେ ସମଲିଙ୍ଗୀ ସମ୍ପର୍କରେ ରହିଥିବା କଥା ସ୍ୱୀକାର କରିଛନ୍ତି। ଏହି ସମ୍ପର୍କକୁ ଦୀର୍ଘ ସମୟଧରି ଆଗକୁ ଚାଲୁ ରଖିବାକୁ ଆମେ ପ୍ରଥମେ ଚିନ୍ତା କରି ନ ଥିଲୁ। ତେବେ ୨୦୧୮ ସେପ୍ଟେମ୍ବରରେ ସମଲିଙ୍ଗୀ ସମ୍ପର୍କରେ ସୁପ୍ରିମ୍‌କୋର୍ଟଙ୍କ ଐତିହାସିକ ରାୟ ଆମକୁ ଉତ୍ସାହିତ କରିଛି ଏବଂ ଆମେ ସାଥୀ ହୋଇ ଜୀବନ ବିତାଇବାକୁ ନିଷ୍ପତ୍ତି ନେଇଛୁ ବୋଲି ଦୂତୀ ପ୍ରକାଶ କରିଛନ୍ତି।

ସୁପ୍ରିମକୋର୍ଟଙ୍କ ରୁଲିଙ୍ଗ୍ ସେକ୍‌ଶନ ୩୭୭ ଅନୁଯାୟୀ, ସମଲିଙ୍ଗୀ ସମ୍ପର୍କରେ କୌଣସି କ୍ଷତି ନାହିଁ ବୋଲି କୁହାଯାଇଛି। ତେଣୁ ଆମେ ଦୁଇଜଣ ବିବାହ କରି ଏକ ଛୋଟ ପରିବାର ସହ ଜୀବନ ଅତିବାହିତ କରିବୁ ବୋଲି ଦୂତୀ କହିଛନ୍ତି। ସାଥୀ ଜଣକ ହେଉଛନ୍ତି ମୋ ନିଜ ଗାଁର। ସେ ମଧ୍ୟ ଜଣେ ବଡ଼ କ୍ରୀଡ଼ା ପ୍ରଶଂସକ। ମୋ ସଂଘର୍ଷ ଓ ସଫଳତାର କାହାଣୀରେ ସେ ପ୍ରଭାବିତ ହୋଇ ପ୍ରେରଣା ପାଇଛନ୍ତି ଓ ଏହାପରେ ଆମେ ଦୁହେଁ ନିକଟତର ହୋଇଥିଲୁ ବୋଲି ଦୂତୀ କହିଛନ୍ତି। ତେବେ ନିଜ ପାର୍ଟନର ବା ସାଥୀଙ୍କ ନାମ କହିବାକୁ ଦୂତୀ ମନା କରିଦେଇଛନ୍ତି। ସେ ନିଜେ ଚାହିଁଲେ ତାଙ୍କ ନାମ ସମସ୍ତଙ୍କୁ କହିପାରିବେ। ଏହା ତାଙ୍କର ବ୍ୟକ୍ତିଗତ ଅଧିକାର ଓ ଏ ନେଇ ତାଙ୍କ ଇଚ୍ଛାକୁ ସମ୍ମାନ ଦିଆଯିବା ଆବଶ୍ୟକ ବୋଲି ଦୂତୀ କହିଛନ୍ତି।

ଯେଉଁଭଳି ଚାହୁଁଛୁ, ଆମେ ସେହିଭଳି ବଞ୍ଚିବାକୁ ପ୍ରୟାସ କରିବୁ। ଆମେ କୌଣସି ଅପରାଧ କରିନାହୁଁ। ନିଜ ଇଚ୍ଛା ଅନୁସାରେ ଆମେ ସ୍ୱାଧୀନ ଭାବେ ବଞ୍ଚିବାକୁ ଚାହୁଁ। ଦେଶ ପାଇଁ ଖେଳୁଥିବାରୁ ମୁଁ ସମସ୍ତଙ୍କ ନଜରରେ ରହିଛି। ଖେଳ ଛାଡ଼ିବା ପରେ ମୋ ପାଖରେ ବହୁତ ସମୟ ରହିବ ଓ ସାରା ଜୀବନ ମୋତେ ବଞ୍ଚିବାକୁ ପଡିବ। ଗତ ଦୁଇବର୍ଷ ହେବ ମୋ ସାଥୀ ମୋତେ ସମର୍ଥନ କରିଆସୁଛନ୍ତି। ବଡ଼ ବଡ଼ ଇଭେଣ୍ଟରେ ଭାଗନେବା ଅବସରରେ ସେ ମୋ ସହିତ ଆସି ନ ଥାନ୍ତି। ତେବେ ଖେଳୁଥିବା ବେଳେ ଦୂରରେ ଥାଇ ସେ ମୋ ପାଇଁ ପ୍ରାର୍ଥନା କରିଥାନ୍ତି। ଆମେ ଏପର୍ଯ୍ୟନ୍ତ ଅଧିକ ସମୟ ସାଥୀହୋଇ ବିତାଇନାହୁଁ। ତେବେ ସେ ମୋତେ ସବୁବେଳେ ସମର୍ଥନ ଜଣାଇ ଆସିଛନ୍ତି।



ନିଜ ପରିବାରରେ ଏହି ସମ୍ପର୍କକୁ କିପରି ସମର୍ଥନ ରହିଛି ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ଦୂତୀ କହିଲେ ଯେ, ମୋର ଜୀବନସାଥୀ ବାଛିବା ନେଇ ମୋ ପରିବାର ମୋତେ ସ୍ୱାଧୀନତା ଦେଇଛି। ମାତ୍ର ଏବେ ସମଲିଙ୍ଗୀ ସମ୍ପର୍କ ଖବର ପ୍ରଚାରିତ ହେବାପରେ ସେ ଏହାକୁ ନାପସନ୍ଦ କରୁଥିବା ମୁଁ ଶୁଣିବାକୁ ପାଉଛି। ମୁଁ ହାଇଦ୍ରାବାଦରେ ଥିବାରୁ ବ୍ୟକ୍ତିଗତ ଭାବେ ଫୋନ୍ ଯୋଗେ ସେମାନଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଛି, ମାତ୍ର ସମ୍ଭବ ହୋଇନାହିଁ। ମୋ ସମ୍ପତ୍ତି ହଡ଼ପ କରିବା ପାଇଁ ଏପରି ଚକ୍ରାନ୍ତ କରାଯାଉଛି ବୋଲି ସେମାନେ ଅନୁଭବ କରୁଛନ୍ତି। ମାତ୍ର ମୁଁ ଛୋଟପିଲା ନୁହେଁ। ମୁଁ ସବୁ ଭାବିଚିନ୍ତି ଏ ସମ୍ପର୍କରେ ନିଷ୍ପତ୍ତି ନେଇଛି। ଏଥିପାଇଁ ମୋତେ କେହି ପ୍ରଭାବିତ କରିନାହାନ୍ତି। ସେମାନେ ଏହାକୁ ବୁଝିବା ଉଚିତ। ତେବେ ଭବିଷ୍ୟତରେ ଆମ ସମ୍ପର୍କକୁ ପରିବାର ଗ୍ରହଣ କରିବା ନେଇ ମୋର ଆଶା ରହିଛି ବୋଲି ଦୂତୀ ପ୍ରକାଶ କରିଛନ୍ତି।

ଯାଜପୁରର ଚକ ଗୋପାଳପୁର ଗ୍ରାମର ଏକ ବୁଣାକାର ପରିବାରରେ ଜନ୍ମଗ୍ରହଣ କରିଥିବା ଦୂତୀ ଜଣେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଆଥ୍‌ଲେଟ ହିସାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଟ୍ରାକ୍ ଆଣ୍ଡ ଫିଲ୍ଡରେ ସେ ରାଜ୍ୟ ତଥା ଦେଶକୁ ଅନ୍ତର୍ଜାତୀୟସ୍ତରରେ ଗୌରବାନ୍ୱିତ କରିଛନ୍ତି। ୨୦୧୮ ଏସିଆନ ଗେମ୍ସରେ ଦୂତୀ ଦୁଇଟି ରୌପ୍ୟ ପଦକ ହାସଲ କରିଥିଲେ। ସେ ୧୦୦ ଓ ୨୦୦ ମିଟର ଦୌଡ଼ରେ ଏହି ସଫଳତା ପାଇଥିଲେ। ଦୀର୍ଘ ୩୨ ବର୍ଷ ପରେ ସେ ପ୍ରଥମ ଭାରତୀୟ ଭାବେ ଏସିଆଡ୍‌ରେ ୧୦୦ମି. ଦୌଡ଼ରେ ରୌପ୍ୟ ପଦକ ଜିତିଥିଲେ। ଏବେ ଦୂତୀ ହାଇଦ୍ରାବାଦରେ ରହି ପ୍ରଶିକ୍ଷଣ ଜାରି ରଖିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ଓ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ସେ ଯୋଗ୍ୟତା ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି। ପ୍ରକାଶଯୋଗ୍ୟ, ଦେହରେ ଅତ୍ୟଧିକ ପୁରୁଷ ହର୍‌ମୋନ ହାଇପର ଆଣ୍ଡ୍ରୋଜେନିଜମ୍ କାରଣରୁ ସେ ପ୍ରଥମେ ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥ୍‌ଲେଟିକ୍ସ ଫେଡେରେଶନ (ଆଇଏଏଏଫ୍) ଦ୍ୱାରା ବାସନ୍ଦ ହୋଇଥିଲେ। ସେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଅଫ୍ ସ୍ପୋର୍ଟ୍ସ (କାସ୍)ରେ ଆବେଦନ କରି ବିଜୟୀ ହେବା ସହ କ୍ରୀଡ଼ାକୁ ପୁଣି ପ୍ରତ୍ୟାବର୍ତ୍ତନ କରି ସଫଳତା ହାସଲ କରିଚାଲିଛନ୍ତି।

## ପ୍ରତିକ୍ରିୟା

**ରସୁଲପୁର, ୧୯।୫(ଡିଏନଏ)**

ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତ ଚକ ଗୋପାଳପୁର ଗାଁର ଅନ୍ତର୍ଜାତୀୟ ଧାବିକା ଦୂତୀ ଚାନ୍ଦଙ୍କ ସମଲିଙ୍ଗୀ ବିବାହ ପ୍ରସଙ୍ଗକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ଦୂତୀଙ୍କ ବଡ ଭଉଣୀ ତଥା ଅନ୍ୟତମ ଅନ୍ତର୍ଜାତୀୟ ଧାବିକା ସରସ୍ୱତୀ ଚାନ୍ଦ କହିଛନ୍ତି ଯେ, ‘‘ଦୂତୀଙ୍କ ବିବାହ ପ୍ରସଙ୍ଗ ସମ୍ପୂର୍ଣ୍ଣ ବ୍ୟକ୍ତିଗତ । ଜଣଙ୍କର ବ୍ୟକ୍ତିଗତ ମାମଲାକୁ ନେଇ ବାହାରେ ଚର୍ଚ୍ଚା ହେବା ଘଟଣାକୁ ସେ ପସନ୍ଦ କରନ୍ତି ନାହିଁ। ସାନଭଉଣୀ ଦୂତୀଙ୍କ ବିରୁଦ୍ଧରେ ଷଡଯନ୍ତ୍ର ହୋଇଛି । ତା’ର ଅର୍ଥକୁ ହଡପ କରିବା ସହ କ୍ୟାରିୟରକୁ ନଷ୍ଟ କରିବାକୁ ଚକ୍ରାନ୍ତ ହୋଇଛି’’ । ଏ ସମ୍ପର୍କରେ ଗାଁର ମୁରବି ଶ୍ରୀ ବିଷ୍ଣୁ ତନ୍ତୁବାୟ ସମିତିର ସଭାପତି ରମେଶ ଦାସ କୁହନ୍ତି ଯେ, ‘‘ଦୂତୀ ତାଙ୍କ ସାଥୀ ଝିଅଙ୍କ ସହ ରହିଥିବା ସମ୍ପର୍କକୁ ନେଇ ମତ ସ୍ପଷ୍ଟ କରିସାରିଛନ୍ତି । ତେବେ ତାଙ୍କର ବ୍ୟକ୍ତିଗତ ମାମଲାକୁ ନେଇ ଏତେ ଚର୍ଚ୍ଚା ହେବା ଠିକ୍ ନୁହେଁ। ସମ୍ପୂର୍ଣ୍ଣ ଘଟଣାକୁ ଲକ୍ଷ୍ୟ କଲେ ଦୂତୀଙ୍କ ସମ୍ପତ୍ତି ହଡପ ପାଇଁ ଏହା ଏକ ସୁଚିନ୍ତିତ ଯୋଜନା’’ ।

ଦୂତୀଙ୍କ ମା ଅଖଜୀ ଚାନ୍ଦ ମତ କିନ୍ତୁ ଭିନ୍ନ ରଖିଛନ୍ତି । ସେ ଦୂତୀଙ୍କ ଉପରେ ଅଧିକ ମତ ରଖିବାକୁ ମନା କରିଦେଇଚନ୍ତି । ମାତ୍ର ସମଲିଙ୍ଗୀ ବିବାହକୁ ତାଙ୍କ ପରିବାର କେବେ ହେଲେ ଗ୍ରହଣ କରିବ ନାହିଁ । ଏହି ଘଟଣାକ୍ରମକୁ ସେ ଷଡଯନ୍ତ୍ର ବୋଲି ଆଖ୍ୟାଦେବା ସହ ନିଜ ସମ୍ପର୍କୀୟ ଏଥିରେ ସାମିଲ ଅଛନ୍ତି । ଦୂତୀ ଯାହାକୁ ମଣିଷ କଲା, ଯେଉଁ ଅନୁଷ୍ଠାନ ଦୂତୀକୁ ନେଇ ନାଁ କମାଇଲା । ସେହିମାନେ ସବୁ ଆଜି ତା ପାଇଁ ଓ ଆମ ପରିବାର ଲାଗି ଅସୁବିଧା ସୃଷ୍ଟି କରୁଛନ୍ତି ବୋଲି ପ୍ରକାଶ କରିଛନ୍ତି ।

# ଯୁବରାଜଙ୍କ ଅବସର ଚିନ୍ତା

**ନୂଆଦିଲ୍ଲୀ, ୧୯।୫(ପି.ଟି.)**

ସୀମିତ ଓଭର କ୍ରିକେଟରେ ଭାରତର ଅନ୍ୟତମ ଶ୍ରେଷ୍ଠ କ୍ରିକେଟର ଯୁବରାଜ ସିଂ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ଗ୍ରହଣ କରିବା ଲାଗି ଗୁରୁତର ସହ ଚିନ୍ତା କରୁଛନ୍ତି। ଏଥିସହ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଅନୁମୋଦିତ ବିଦେଶୀ ଟି୨୦ ଲିଗ୍‌ରେ ଜଣେ ଫ୍ରିଲାନ୍ସ (ଆତ୍ମନିଯୁକ୍ତ) କ୍ରିକେଟର ଭାବେ ଖେଳିବାକୁ ଚାହୁଁଛନ୍ତି। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିକଟରୁ ଏଥିଲାଗି ଅନୁମତି ମିଳିବା ପରେ ପଞ୍ଜାବର ଏହି ବିସ୍ଫୋରକ ବାମହାତୀ ବ୍ୟାଟ୍ସମ୍ୟାନ ତାଙ୍କ ଅନ୍ତିମ ନିଷ୍ପତ୍ତି ନେବେ ବୋଲି ଜଣାପଡ଼ିଛି। ଏଥିସହ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାର ଆଉ ସମ୍ଭାବନା ନାହିଁ ବୋଲି ଯୁବରାଜ ସ୍ୱୀକାର କରିସାରିଛନ୍ତି। ‘ଯୁବରାଜ ଅନ୍ତର୍ଜାତୀୟ ଓ ପ୍ରଥମଶ୍ରେଣୀ କ୍ରିକେଟ୍‌ରୁ ଅବସର ନେବାକୁ ଚିନ୍ତା କରୁଛନ୍ତି। ଜିଟି୨୦ (କାନାଡା) ଏବଂ ଆୟର୍ଲାଣ୍ଡ ଓ ନେଦରଲାଣ୍ଡ୍‌ସରେ ହେବାକୁ ଥିବା ୟୁରୋ ଟି୨୦ ସ୍ଲାମ୍‌ରେ ଖେଳିବା ଲାଗି ଆସିଥିବା ଅଫର ବିଷୟରେ ସେ ବିସିସିଆଇ ସହିତ ସ୍ପଷ୍ଟ ଭାବେ ଆଲୋଚନା କରିବାକୁ ଚାହୁଁଛନ୍ତି’ ବୋଲି ବିସିସିଆଇର ଜନୈକ ଅଧିକାରୀ କହିଛନ୍ତି। ନିକଟରେ କାର୍‌ବୀୟନ ପ୍ରିମିୟର ଲିଗ୍ (ସିପିଏଲ୍)ରେ ଖେଳିବା ପାଇଁ ଇର୍ଫାନ ପଠାନ ତାଙ୍କ ନାମକୁ ଡ୍ରାଫ୍ଟକୁ ସୁପାରିସ କରିଥିଲେ। କିନ୍ତୁ ଇର୍ଫାନ ପ୍ରଥମଶ୍ରେଣୀ କ୍ରିକେଟରେ ସକ୍ରିୟ ରହିଥିବା ସତ୍ତ୍ୱେ ବିସିସିଆଇ ନିକଟରୁ ଅନୁମତି ନେଇ ନ ଥିଲେ। ‘ଡ୍ରାଫ୍ଟରୁ ନାମକୁ ଉଠାଇ ନେବା ଲାଗି ଇର୍ଫାନଙ୍କୁ କୁହାଯାଇଥିଲା। ଯୁବରାଜଙ୍କ କ୍ଷେତ୍ରରେ ଆମେ ନିୟମକୁ ଚେକ୍ କରିବୁ। ଯଦି ସେ ପ୍ରଥମଶ୍ରେଣୀ କ୍ରିକେଟରୁ ଅବସର ନେଇଯାଆନ୍ତି, ତଥାପି ସେ ବର୍ତ୍ତମାନ ବି ବିସିସିଆଇ ସ୍ୱୀକୃତିପ୍ରାପ୍ତ ଟି୨୦ ଲିଗ୍‌ରେ ଜଣେ ସକ୍ରିୟ ସଦସ୍ୟ। ଏ ନେଇ ଆମକୁ ନିୟମକୁ ଯାଞ୍ଚ କରିବାକୁ ପଡ଼ିବ’ ବୋଲି ବିସିସିଆଇର ଏହି ବରିଷ୍ଠ ଅଧିକାରୀ ପିଟିଆଇକୁ ଏକ ସାକ୍ଷାତ୍‌କାର ଅବସରରେ କହିଛନ୍ତି। ଗତ ଆଇପିଏଲ୍‌ରେ ଯୁବରାଜ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ ମଧ୍ୟ ତାଙ୍କୁ ଖେଳିବାର ବେଶି ସୁଯୋଗ ମିଳି ନ ଥିଲା। ଏହା ହିଁ ଯୁବରାଜଙ୍କୁ ଭବିଷ୍ୟତ ବିଷୟରେ ଅଧିକ ଚିନ୍ତା କରିବାକୁ ବାଧ୍ୟ କରିଥିବା କୁହାଯାଉଛି। ଯଦି କାନାଡ଼ା ଓ ୟୁରୋ ଟି୨୦ ସ୍ଲାମ୍‌ରେ ଯୁବରାଜ ଖେଳନ୍ତି, ତେବେ ଏହି ଲିଗ୍‌ର ମାଇଲେଜ୍ ଆଶାତୀତ ଭାବେ ବଢ଼ିଯିବାର ସମ୍ଭାବନା ରହିଛି। ଡବ୍‌ଲିନରେ ଅନୁଷ୍ଠିତ ଟି୧୦ ଲିଗ୍‌ରେ ଯଦି ଜାହିର ଖାଁ ଓ ବୀରେନ୍ଦ୍ର ସେହ୍ୱାଗଙ୍କୁ ଖେଳିବାକୁ ଅନୁମତି ଦିଆଯାଇଛି, ତେବେ ଯୁବରାଜଙ୍କୁ କାହିଁକି ମିଳିବ ନାହିଁ ବୋଲି କିଛି ଲୋକ ପ୍ରଶ୍ନ କରିଛନ୍ତି। ଯଦି ଅବସରପ୍ରାପ୍ତ ଖେଳାଳିଙ୍କୁ ବିଗ୍ ବାସ୍ ଲିଗ୍, କାର୍‌ବୀୟନ ପ୍ରିମିୟର ଲିଗ୍, ବାଂଲାଦେଶ ପ୍ରିମିୟର ଲିଗ୍ ଆଦିରୁ ଖେଳିବାକୁ ଅଫର ଆସେ ତେବେ ଖେଳିବାରେ କୌଣସି ଅସୁବିଧା ନାହିଁ ବୋଲି ଏହି ଅଧିକାରୀ ଜଣଙ୍କ କହିଛନ୍ତି। ଯୁବରାଜ ଭାରତ ପକ୍ଷରୁ ୪୦ ଟେଷ୍ଟ, ୩୦୪ ଦିନିକିଆ ଓ ୫୮ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଟେଷ୍ଟରେ ସେ ୧୯୦୦ ରନ୍ କରିଥିବାବେଳେ ଦିନିକିଆରେ ୮୭୦୧ ରନ୍ କରିଛନ୍ତି, ଯେଉଁଥିରେ ୧୪ ଶତକ ଓ ୫୨ ଅର୍ଦ୍ଧଶତକ ସାମିଲ। ସେହିଭଳି ୮ଟି ଅର୍ଦ୍ଧଶତକ ସହ ଟି୨୦ରେ ୧୧୭୭ ରନ୍ କରିଛନ୍ତି। ଦିନିକିଆ ଓ ଟି୨୦ରେ ତାଙ୍କ ନାମରେ ଯଥାକ୍ରମେ ୧୧୧ ଓ ୨୮ ଉଇକେଟ୍ ସାମିଲ ରହିଛି।



# ରିଜର୍ଭ ଲିଷ୍ଟରେ ବ୍ରାଭୋ, ପୋଲାର୍ଡ





**ସେଣ୍ଟ ଜୋନ୍ସ (ଆଣ୍ଟିଗୁଆ), ୧୯।୫(ପି.ଟି.)**

ଆଇସିସି ବିଶ୍ୱକପ୍ ଲାଗି କ୍ରିକେଟ୍ ୱେଷ୍ଟଇଣ୍ଡିଜ (ସିଡବ୍ଲ୍ୟୁଆଇ) ପକ୍ଷରୁ ରବିବାର ୧୦ ରିଜର୍ଭ ଖେଳାଳିଙ୍କ ନାମ ପ୍ରକାଶ ପାଇଛି। ଏହି ତାଲିକାରେ ଅବସର ନେଇସାରିଥିବା ଅଲ୍‌ରାଉଣ୍ଡର ଡ୍ୱେନ୍ ବ୍ରାଭୋଙ୍କ ସହ କିରନ ପୋଲାର୍ଡ ସ୍ଥାନ ପାଇଛନ୍ତି। ବ୍ରାଭୋ ଗତବର୍ଷ ଅକ୍ଟୋବରରେ ଅବସର ନେଇସାରିଥିବାବେଳେ ପୋଲାର୍ଡ ଶେଷଥର ପାଇଁ ୨୦୧୬ ଅକ୍ଟୋବରରେ ଦିନିକିଆ କ୍ରିକେଟରେ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଆଇପିଏଲ୍ ଦଳ ଚେନ୍ନାଇ ସୁପର୍ କିଙ୍ଗ୍ସର ଷ୍ଟାର୍ ଅଲ୍‌ରାଉଣ୍ଡର ବ୍ରାଭୋ ମଧ୍ୟ ୨୦୧୪ ଅକ୍ଟୋବରରେ ନିଜର ଅନ୍ତିମ ଦିନିକିଆ ମ୍ୟାଚ୍ ଖେଳିଥିଲେ। ସେହିଭଳି ୨୦୧୬ ସେପ୍ଟେମ୍ବରରେ ପାକିସ୍ତାନ ବିପକ୍ଷ ଅନୁଷ୍ଠିତ ଟି୨୦ ଜାତୀୟ ଦଳ ପକ୍ଷରୁ ତାଙ୍କର ଅନ୍ତିମ ମ୍ୟାଚ୍ ଥିଲା। ବୋର୍ଡ ସହିତ ପାଉଣା ବିବାଦକୁ ନେଇ ମତାନ୍ତର ହେବାରୁ ୨୦୧୪ରେ ବ୍ରାଭୋଙ୍କ ନେତୃତ୍ୱରେ ୱେଷ୍ଟଇଣ୍ଡିଜ ଦଳ ଭାରତ ଗସ୍ତ ଅଧାରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲା। ସେବେଠାରୁ ଜାତୀୟ କ୍ରିକେଟ୍ ବୋର୍ଡ ଓ ବ୍ରାଭୋଙ୍କ ମଧ୍ୟରେ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥିଲା।

ଅପରପକ୍ଷରେ ପୋଲାର୍ଡ ୨୦୧୬ରେ ପାକିସ୍ତାନ ବିପକ୍ଷରେ ନିଜର ଅନ୍ତିମ ଦିନିକିଆ ମ୍ୟାଚ୍ ଖେଳିଥିଲେ। ସେହିଭଳି ଗତବର୍ଷ ନଭେମ୍ବରରେ ଭାରତ ବିପକ୍ଷ ଟି୨୦ ତାଙ୍କର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଥିଲା। ବିଶ୍ୱକପ୍ ଲାଗି ଘୋଷିତ ରିଜର୍ଭ ଖେଳାଳି ଲିଷ୍ଟରେ ଅନ୍ୟମାନଙ୍କ ମଧ୍ୟରେ ସୁନୀଲ ଆମ୍ବ୍ରିସ, ଜନ୍ କ୍ୟାମ୍ପବେଲ, ଜୋନାଥନ କାର୍ଟର, ରୋଷ୍ଟନ ଚେଜ୍, ଶେନ୍ ଡାର୍‌ୱିଚ, କେମୋ ପଲ୍, ଖାରୀ ପିୟର ଓ ରୟମନ ରେଇଫର୍ ସ୍ଥାନ ପାଇଛନ୍ତି। ‘ବିଶ୍ୱକପ୍ ମଝିରେ ଯଦି ଖେଳାଳି ବଦଳ ଆବଶ୍ୟକ ହୁଏ, ତେବେ ଏମାନଙ୍କ ମଧ୍ୟରୁ ଚୟନ କରାଯିବ’ ବୋଲି ସିଡବ୍ଲ୍ୟୁଆଇ ଚୟନ କମିଟିର ଅନ୍ତରୀଣ ଅଧ୍ୟକ୍ଷ ରବର୍ଟ ହେନ୍ସ କହିଛନ୍ତି। ଇଂଲଣ୍ଡର ସାଉଥ୍‌ହାମ୍ପଟନ୍‌ଠାରେ ରବିବାରଠାରୁ ୱେଷ୍ଟଇଣ୍ଡିଜ ଏହାର ପ୍ରସ୍ତୁତି କ୍ୟାମ୍ପ ଆରମ୍ଭ କରିଛି। ଆସନ୍ତା ୨୨ରେ ଅଷ୍ଟ୍ରେଲିଆ ବିପକ୍ଷରେ ୱେଷ୍ଟଇଣ୍ଡିଜ ଏକ ୱାର୍ମଅପ୍ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ସେହିଭଳି ମେ ୩୧ରେ ପାକିସ୍ତାନ ବିପକ୍ଷରୁ ୱେଷ୍ଟଇଣ୍ଡିଜ ଏହାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ।




# ସୁମିତ ବୋଷ ସ୍ମାରକୀ କ୍ରିକେଟ: ୟୁନିୟନ ସ୍ପୋର୍ଟିଂ ଚାମ୍ପିୟନ

**କଟକ ଅଫିସ, ୧୯।୫**

ବିଶ୍ୱଭାରତୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏସ୍‌ସିବି ମେଡ଼ିକାଲ ଗ୍ରାଉଣ୍ଡରେ ରବିବାର ୨ୟ ସୁମିତ ବୋଷ ସ୍ମାରକୀ ୧୬ବର୍ଷରୁ କମ୍ ବାଳକ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଅନୁଷ୍ଠିତ ହୋଇଯାଇଛି । ଜୁଭେନାଇଲ କ୍ଲବକୁ ୬୮ରନରେ ପରାସ୍ତ କରି ୟୁନିୟନ ସ୍ପୋର୍ଟିଂ କ୍ଲବ ଟାଇଟଲ ହାସଲ କରିଛି । ବିମଳ ଦାସ ୬ ଉଇକେଟ ଦଖଲ କରି ୟୁନିୟନ ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ୟୁନିୟନ ସ୍ପୋର୍ଟିଂ ୯ ଉଇକେଟ ବିନିମୟରେ ୧୮୧ରନ ସଂଗ୍ରହ କରିଥିଲା । ଚିତ୍ତରଞ୍ଜନ ବେହେରା ୪୪ରନ, ନୀତୀଶ ମୁଦୁଲି ୩୭ରନ ଓ ଦୀପକ ରଞ୍ଜନ ବେହେରା ୨୫ରନର ଅପରାଜିତ ଇନିଂସ ଖେଳିଥିଲେ । ଜୁଭେନାଇଲ ପକ୍ଷରୁ ସାଇଦୀପ ମହାପାତ୍ର ଓ ସୌରଭ ସ୍ୱାଇଁ ୩ଟି ଲେଖାଏ ଉଇକେଟ ହାସଲ କରିଛନ୍ତି । ୧୮୨ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ଜୁଭେନାଇଲ ଦଳ ୧୧୩ରନରେ ଅଲଆଉଟ ହୋଇଥିଲା । ସାଇଦୀପ ଦଳ ପକ୍ଷରୁ ସର୍ବାଧିକ ୩୭ରନ କରିଥିଲେ। ୟୁନିୟନ ଦଳର ବିମଳ ୮ଓଭର ବୋଲିଂ କରି ୩୦ରନ ବିନିମୟରେ ସର୍ବାଧିକ ୬ଟି ଉଇକେଟ ହାସଲ କରିଛନ୍ତି। ଯଜ୍ଞଜିତ ସାହୁ ଓ ନୀତୀଶ ମୁଦୁଲିଙ୍କୁ ୨ଟି ଲେଖାଏ ଉଇକେଟ ମିଳିଛି । ବିମଳ ମ୍ୟାନ ଅଫ ଦି ଫାଇନାଲ ଭାବେ ପୁରସ୍କୃତ ହୋଇଥିଲେ। ଯଜ୍ଞଜିତ ସାହୁ ମ୍ୟାନ ଅଫ ଦି ସିରିଜ, ସାଇଦୀପ ମହାପାତ୍ର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ବିମଳ ଦାସ ଶ୍ରେଷ୍ଠ ବୋଲର, ସମ୍ପିତ କୁମାର ସାହୁ ଶ୍ରେଷ୍ଠ ଉଇକେଟ କିପର, କେ. କିରଣ କୁମାର ଶ୍ରେଷ୍ଠ ଫିଲ୍ଡର ଭାବେ ପୁରସ୍କୃତ ହୋଇଛନ୍ତି । ଉଦ୍‌ଯାପନୀ ଉତ୍ସବରେ ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ମୁଖ୍ୟ ଅତିଥି, ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ସଞ୍ଜୟ ରାଉଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱଭାରତୀ କ୍ଲବ ସମ୍ପାଦକ ସୌମିତ୍ରା ଚୌଧୁରୀ, ସଭାପତି ବିଶ୍ୱଜିତ ମହାନ୍ତି, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ମହାନ୍ତି, ଏସ୍‌ସିବି ମେଡ଼ିକାଲ କଲେଜର କ୍ରୀଡ଼ା ଅଧିକାରୀ ତାରିଣୀ ପ୍ରସାଦ ଦାସ ଅତିଥି ଭାବେ ଉପସ୍ଥିତ ଥିଲେ । ଅମ୍ପାୟର ସୌମେନ୍ଦ୍ର ପାତ୍ର, ସତ୍ୟଜିତ ଦାସ ଫାଇନାଲ ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରର ଥିଲେ ବିଶ୍ୱରଞ୍ଜନ ଦାସ ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।



" ସୋମବାର ଗୁଆହାଟୀରେ ଆରମ୍ଭ ହେବାକୁଥିବା ଇଣ୍ଡିଆ ଓପନ ବକ୍ସିଂ ଟୁର୍ନାମେଣ୍ଟରେ ମୋର ଆଭିମୁଖ୍ୟ ଅଧିକ ଆକ୍ରମଣାତ୍ମକ ରହିବା

– ଶିବା ଥାପ୍ପା, ଭାରତୀୟ ବକ୍ସର



" ଅଷ୍ଟ୍ରେଲିଆ ଭଳି ଟପ୍ ଟିମ୍ ବିପକ୍ଷରେ ଖେଳିବା ବେଳେ ଭାରତୀୟ ହକି ଦଳକୁ ଗୋଲ ବ୍ୟବଧାନ ହ୍ରାସ ଉପରେ ଧ୍ୟାନ ଦେବାକୁ ପଡ଼ିବ।

–ଗ୍ରାହମ ରିଡ୍, ଭାରତର ନୂଆ ହକି କୋଚ୍





ଜାତୀୟ କ୍ୟାମ୍ପ ପାଇଁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ଭାରତୀୟ ହକି ଦଳର ଖେଳାଳିମାନେ।

# କଳିଙ୍ଗରେ ଭାରତୀୟ ହକି କ୍ୟାମ୍ପ ଆଜିଠାରୁ

## ୫ ଓଡ଼ିଆଙ୍କ ସହ ୩୨ ଖେଳାଳି ସାମିଲ

**ଭୁବନେଶ୍ୱର, ୧୯।୫(କ୍ରୀଡ଼ା ପ୍ରତିନିଧି)**

ଅଷ୍ଟ୍ରେଲିଆ ଟୁର୍ ଶେଷ କରି ୧୮ ଜଣିଆ ଭାରତୀୟ ହକି ଦଳ ରବିବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ସେମାନଙ୍କ ସହ କୋର୍ ଗ୍ରୁପ୍‌ର ୧୪ ଖେଳାଳି ଯୋଗ ଦେଇଛନ୍ତି। ଏହି ୩୨ ଜଣଙ୍କୁ ନେଇ କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ଦଳର କ୍ୟାମ୍ପ ସୋମବାରଠାରୁ ଆରମ୍ଭ ହେବ। ଏମାନଙ୍କ ମଧ୍ୟରେ ୫ ଓଡ଼ିଆ ଖେଳାଳି ସାମିଲ ଅଛନ୍ତି। ସେମାନେ ହେଲେ ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ, ନିଲମ ସଞ୍ଜୀପ୍ ଖେସ୍, ଆଶିଷ କୁମାର ଟପ୍ପୋ ଓ ଶିଳାନନ୍ଦ ଲାକ୍ରା। ଜୁନ ୬ରୁ ଏଠାରେ ଆରମ୍ଭ ହେବାକୁ ଯାଉଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ପାଇଁ ଦଳ ଏଠାରେ ପ୍ରସ୍ତୁତ ହେବ। ଅଷ୍ଟ୍ରେଲିଆ ଗସ୍ତରୁ ଫେରିଥିବା ୧୮ ଜଣଯାକ ସଦସ୍ୟଙ୍କୁ ହକି ଇଣ୍ଡିଆ କ୍ୟାମ୍ପରେ ଅପରିବର୍ତ୍ତିତ ରଖିଛି। ଏହି ଗସ୍ତରେ ଭାରତୀୟ ଦଳ ୱେଷ୍ଟର୍ନ ଅଷ୍ଟ୍ରେଲିଆ ଥଣ୍ଡରଷ୍ଟିକ୍ସ ଓ ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ୨ଟି ମ୍ୟାଚ ଜିତିଥିବାବେଳେ ଗୋଟିଏ ଡ୍ର ରଖିଥିଲା। ପରେ ବିଶ୍ୱର ୨ ନମ୍ବର ଦଳ ଅଷ୍ଟ୍ରେଲିଆ ନିକଟରୁ ଦଳ ୨ଟି ମ୍ୟାଚ ହାରି ଯାଇଥିଲା। କ୍ୟାମ୍ପ ପାଇଁ ଗୋଲକିପର ପି.ଆର.ଶ୍ରୀଜେଶ, ସୁରଜ କରକେରା ଓ କ୍ରିଷ୍ଣନ ବାହାଦୁର ପାଠକଙ୍କୁ ସାମିଲ କରାଯାଇଛି। ସେହିପରି ଡିଫେଣ୍ଡର ହରମନପ୍ରୀତ ସିଂ, ବୀରେନ୍ଦ୍ର ଲାକ୍ରା, ସୁରେନ୍ଦର କୁମାର, ଅମିତ ରୋହିଦାସ, ବରୁଣ କୁମାର, ରୂପିନ୍ଦର ପାଲ ସିଂ, ଗୁରିନ୍ଦର ସିଂ, କୋଥାଜିତ ସିଂ ଖାଡ଼ାଙ୍ଗବାମ୍, ନୀଲମ ସଞ୍ଜୀବ ଖେସ୍, ଜରମନପ୍ରୀତ ସିଂଙ୍କୁ ଡାକରା ଦିଆ ଯାଇଛି। ସେହିପରି ମିଡ୍‌ଫିଲ୍ଡର ମନପ୍ରୀତ ସିଂ, ସୁମିତ, ନୀଳକାନ୍ତ ଶର୍ମା, ସଚକରନ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ଆଶିଷ କୁମାର ଟପ୍ପୋ, ସୟଦ ନିୟାଜ ରହିମ, ରାଜକୁମାର ପାଲ ଏବଂ ଫରୱାର୍ଡ ମନଦୀପ ସିଂ, ଆକାଶଦୀପ ସିଂ, ଶିଳାନନ୍ଦ ଲାକ୍ରା, ଗୁରସାହିବଜିତ ସିଂ, ସମସେର ସିଂ, ଏସ.ଭି. ସୁନୀଲ ଓ ଗୁରଜାନ୍ତ ସିଂଙ୍କୁ ମୁଖ୍ୟ କୋଚ୍ ଗ୍ରାହାମ୍ ରିଡ୍ ଏହି କ୍ୟାମ୍ପରେ ସାମିଲ କରିଛନ୍ତି।

ନିକଟରେ ଶେଷ ହୋଇଥିବା ଅଷ୍ଟ୍ରେଲିଆ ଟୁର୍ ସମ୍ପର୍କରେ ରିଡ୍ କହିଲେ ଯେ, "ଏହି ଗସ୍ତରୁ ଭାରତୀୟ ଦଳ ସମ୍ପର୍କରେ ଜାଣିବା ପାଇଁ ମୋତେ ବିଶେଷ ସୁଯୋଗ ମିଳିଲା। ବିଶ୍ୱର ୨ ନମ୍ବର ଦଳ ତୁଳନାରେ ଭାରତୀୟ ଦଳ କେଉଁ ସ୍ଥାନରେ ରହିଛି ତାହା ଜାଣି ପାରିଲି। ୨୦୧୮ରେ ହକି ବିଶ୍ୱକପ ପରଠାରୁ ଅଷ୍ଟ୍ରେଲିଆ ଖେଳାଳିମାନେ ଏଫଆଇଏଚ୍ ପ୍ରୋ –ଲିଗ୍‌ରେ ନିୟମିତଭାବେ ବିଶ୍ୱଶ୍ରେଣୀୟ ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ଖେଳି ଆସୁଛନ୍ତି। ତାଙ୍କ ବିପକ୍ଷରେ ୨ଟି ମ୍ୟାଚରେ ଏହା ପ୍ରତିଫଳିତ ହେଲା। ଆମେ ଅଲିମ୍ପିକ୍ସ ଯୋଗ୍ୟତା ଉପରେ ନଜର ରଖିଥିବାରୁ ଏହି ଗସ୍ତ ବେଶ୍ ଉପାଦେୟ ହୋଇଛି। ଏହାବ୍ୟତୀତ ଭୁବନେଶ୍ୱରରେ ହେବାକୁ ଯାଉଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ପାଇଁ ମଧ୍ୟ ଭଲ ପ୍ରସ୍ତୁତି ହୋଇ ପାରିଛି। ବିଶ୍ୱ ଶ୍ରେଣୀୟ ଦଳ ବିପକ୍ଷରେ ଚାପ ପରିସ୍ଥିତିରେ ଖେଳାଳିଙ୍କ ପ୍ରଦର୍ଶନକୁ ମୁଁ ନିକଟରୁ ଦେଖିବା ସୁଯୋଗ ପାଇଛି। ଆମେ କେବଳ କୌଣସି ଗୋଟିଏ କ୍ୱାର୍ଟରରେ ନୁହେଁ ପୂରା ଗେମ୍‌ରେ ସ୍ଥିର ପ୍ରଦର୍ଶନ ବଜାୟ ରଖିବା ଆବଶ୍ୟକ ରହିଛି"। ଆକ୍ରମଣାତ୍ମକ ବିଭାଗରେ ଉନ୍ନତି ଉପରେ ଅଧିକ ଧ୍ୟାନ ଦିଆଯିବ ବୋଲି ୫୫ ବର୍ଷୀୟ ରିଡ୍ ପ୍ରକାଶ କରିଛନ୍ତି। "ଅଷ୍ଟ୍ରେଲିଆ ପରି ଦଳ ବିପକ୍ଷରେ ଭଲ ଫଳାଫଳ ପାଇବାକୁ ହେଲେ ଆମକୁ ଚାପ ପରିସ୍ଥିତିରେ ମଧ୍ୟ ଗୋଲ ସ୍କୋର କରିବାକୁ ପଡ଼ିବ। ଏହି ସମୟରେ ଆମ ଡିଫେଣ୍ଡରଙ୍କୁ ମଧ୍ୟ ସତର୍କତାର ସହିତ ପ୍ରତିପକ୍ଷ ଦଳ ଉପରେ ନଜର ରଖିବାକୁ ହେବ। ଭୁବନେଶ୍ୱରରେ ହେବାକୁଥିବା କ୍ୟାମ୍ପରେ ମୁଁ ବ୍ୟକ୍ତିଗତଭାବେ ଏହା ଉପରେ ବିଶେଷ ଧ୍ୟାନ ଦେବି। ବିଶ୍ୱ ହକିରେ ଏବେ ପାୱାର ଓ ସ୍ପିଡ୍‌ର ଗୁରୁତ୍ୱ ବଢ଼ି ଯାଇଛି। ତେଣୁ ଆମକୁ ଏହି ବିଭାଗରେ ଉନ୍ନତି ଆଣିବାକୁ ପଡ଼ିବ। ଏହା ଏକ ଦୀର୍ଘ ମିଆଦି ଯୋଜନା ହୋଇଥିଲେ ହେଁ ଏବେ ଏହା ଉପରେ ଫୋକସ ରହିବ" ବୋଲି ଅଷ୍ଟ୍ରେଲିଆର ରିଡ୍ ପ୍ରକାଶ କରିଛନ୍ତି। ଆଗାମୀ କ୍ୟାମ୍ପରେ ଭୁବନେଶ୍ୱର ପରିବେଶ ସହିତ ଖାପ ଖୁଆଇବା ସମ୍ପର୍କରେ ରିଡ୍ କହିଲେ ଯେ, "ପ୍ରଥମ ସପ୍ତାହରେ ହାଲ୍‌କା ଟ୍ରେନିଂ ଦିଆଯିବ। କାରଣ ଅଷ୍ଟ୍ରେଲିଆ ଟୁର୍‌ରେ ଯାଇଥିବା ଖେଳାଳିମାନେ କ୍ଲାନ୍ତ ଥିବାବେଳେ କୋର୍ ଗ୍ରୁପର ଅନ୍ୟ ଖେଳାଳିମାନେ ଗତ ୨ ସପ୍ତାହଧରି ବେଙ୍ଗାଲୁରୁଠାରେ କଠିନ ଟ୍ରେନିଂ ନେଇଛନ୍ତି। ତେଣୁ ସେମାନଙ୍କୁ ରିଫ୍ରେଶ ହେବାପାଇଁ କିଛିଦିନ ସମୟ ଲାଗିବ। ଭୁବନେଶ୍ୱରରେ ଏବେ ଭୀଷଣ ଗରମ ହେଉଛି। ତେଣୁ ଏହାକୁ ଏଡ଼ାଇବା ପାଇଁ ଆମେ ସକାଳବେଳା ଏବଂ ରାତିରେ ଅଭ୍ୟାସ କରିବାକୁ ପସନ୍ଦ କରିବୁ। ପ୍ରକାଶ ଯୋଗ୍ୟ, କ୍ୟାମ୍ପରେ ଯୋଗ ଦେଇଥିବା ୩୨ ଖେଳାଳିଙ୍କ ବ୍ୟତୀତ ଚିଙ୍ଗଲେନସାନା ସିଂ କାଙ୍ଗୁଜାମ, ଲଳିତ କୁମାର ଉପାଧ୍ୟାୟ, ରମଣଦୀପ ସିଂ ଓ ଓଡ଼ିଶାର ଦୀପସାନ ତିର୍କୀ ଏବେ ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟରରେ ରିହାବିଲିଟେଶନରେ ରହିଛନ୍ତି।

### କ୍ୟାମ୍ପରେ ଯୋଗ ଦେଇଥିବା ଖେଳାଳି

**ଗୋଲକିପର:** ପି.ଆର. ଶ୍ରୀଜେଶ, ସୁରଜ କରକେରା, କ୍ରିଷ୍ଣନ ବାହାଦୁର ପାଠକ।

**ଡିଫେଣ୍ଡର:** ହରମନପ୍ରୀତ ସିଂ, ବୀରେନ୍ଦ୍ର ଲାକ୍ରା, ସୁରେନ୍ଦର କୁମାର, ଅମିତ ରୋହିଦାସ, ବରୁଣ କୁମାର, ରୂପିନ୍ଦର ପାଲ୍ ସିଂ, ଗୁରିନ୍ଦର ସିଂ, କୋଥାଜିତ ସିଂ ଖାଡାଙ୍ଗବାମ୍, ନୀଲମ ସଞ୍ଜୀପ ଖେସ୍, ଜରମନପ୍ରୀତ ସିଂ।

**ମିଡ୍‌ଫିଲ୍ଡର:** ମନପ୍ରୀତ ସିଂ, ସୁମିତ, ନୀଳକାନ୍ତ ଶର୍ମା, ଜସକରନ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ଆଶିଷ କୁମାର ଟପ୍ପୋ, ସୟଦ ନିୟାଜ ରହିମ, ରାଜକୁମାର ପାଲ୍।

**ଫରୱାର୍ଡ:** ମନଦୀପ ସିଂ, ଆକାଶଦୀପ ସିଂ, ଶିଳାନନ୍ଦ ଲାକ୍ରା, ଗୁରସାହିବଜିତ ସିଂ, ସମସେର ସିଂ, ଅର୍ମାନ କୁରେଶି, ସୁମିତ କୁମାର, ସିମରନଜିତ ସିଂ, ଏସ.ଭି. ସୁନୀଲ, ଗୁରଜାନ୍ତ ସିଂ।

## ସଂକ୍ଷେପରେ

### ବିଶ୍ୱ ଚାମ୍ପିୟନ ଗଟ୍‌ଲିନଙ୍କୁ ସ୍ୱର୍ଣ୍ଣ

ଓସାକା, ୧୯।୫(ଏଏଫ୍‌ପି): ଏଠାରେ ଚାଲିଥିବା ଗୋଲ୍ଡେନ ଗ୍ରାଁ ପ୍ରି ପ୍ରତିଯୋଗିତାର ପୁରୁଷ ୧୦୦ ମିଟର ଦୌଡ଼ରେ ଜଷ୍ଟିନ ଗଟ୍‌ଲିନ ଜାପାନର ୟୋଶିହିଦେ କିରୟୁଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୩୭ ବର୍ଷୀୟ ଗଟ୍‌ଲିନ ୧୦ ସେକେଣ୍ଡ ମଧ୍ୟରେ ରେସ୍ ଶେଷ କରି ଏହି ସଫଳତା ପାଇଛନ୍ତି। ଓସାକାଠାରେ ଅନୁଷ୍ଠିତ ଆଇଏଏଏଫ୍ ୱାର୍ଲ୍ଡ ଚ୍ୟାଲେଞ୍ଜରେ ସେ ଜାପାନିଜ୍ ରନର କିରୟୁଙ୍କୁ ସେକେଣ୍ଡର ଏକ ଶତାଂଶ ସମୟରେ ପରାସ୍ତ କରିଛନ୍ତି। ଇଣ୍ଡୋନେସିଆର ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ଲାଲୁ ମହମ୍ମଦ ଜୋହରି (୧୦.୦୩ ସେକେଣ୍ଡ) ଜାତୀୟ ରେକର୍ଡ ଭଙ୍ଗ କରିବା ସହ ବ୍ରୋଞ୍ଜ ପଦକ ଜିତିଛନ୍ତି। ଆମେରିକାର ମାଇକେଲ ନରମାନ ୨୦୦ ମି. ଦୌଡ଼କୁ ୧୯.୮୪ ସେକେଣ୍ଡରେ ଶେଷକରି ପ୍ରତିଯୋଗିତାର ଶ୍ରେଷ୍ଠ ଟାଇମିଂ ହାସଲ କରିଛନ୍ତି। ନରମାନ ୨୦ ବର୍ଷର ପୁରୁଣା ରେକର୍ଡକୁ ୦.୦୩ ସେ. ପଛରେ ପକାଇଛନ୍ତି।

### ହେଭିୱେଟ ଟାଇଟଲ ବଜାୟ ରଖିଲେ ୱାଇଲ୍ଡର

ନ୍ୟୁୟର୍କ, ୧୯।୫(ଏଏଫ୍‌ପି): ଆମେରିକୀୟ ପେସାଦାର ବକ୍ସର ଡେଓଣ୍ଟେ ୱାଇଲ୍ଡର ୱାର୍ଲ୍ଡ ବକ୍ସିଂ କାଉନସିଲ (ଡବ୍ଲ୍ୟୁବିସି) ହେଭିୱେଟ୍ ଟାଇଟଲ ବଜାୟ ରଖିଛନ୍ତି। ଏଠାରେ ଅନୁଷ୍ଠିତ ମୁକାବିଲାରେ ୩୩ ବର୍ଷୀୟ ୱାଇଲ୍ଡର ଦମ୍‌ଦାର ପ୍ରଦର୍ଶନ କରି ପ୍ରଥମରାଉଣ୍ଡରେ ହିଁ ନିଜ ଦେଶର ଅନ୍ୟତମ ପେସାଦାର ବକ୍ସର ଡୋମିନିକ ବ୍ରିଜେଲ୍‌ଙ୍କୁ ହରାଇ ଡବ୍ଲ୍ୟୁବିସି ହେଭିୱେଟ୍ ବକ୍ସିଂରେ ନିଜର ପ୍ରଭାବ ବଜାୟ ରଖିବାରେ ସଫଳ ହୋଇଛନ୍ତି। ହେଭିୱେଟ ଇତିହାସରେ ୱାଇଲ୍ଡର ନିଜ ଡାହାଣହାତର ସକ୍ଷମତା ନେଇ ବେଶ୍ ପରିଚିତ। ଓପନିଂ ରାଉଣ୍ଡରେ ମାତ୍ର ୪୩ ସେକେଣ୍ଡରେ ମାତ୍ର ଗୋଟିଏ ପଞ୍ଚ୍‌ରେ ହିଁ ୱାଇଲ୍ଡର ପ୍ରତିପକ୍ଷ ଡୋମିନିକଙ୍କୁ ଧାରାଶାୟୀ କରିଥିଲେ। ଏପର୍ଯ୍ୟନ୍ତ ସେ ୪୨ ବାଉଟ୍‌ରେ ଅଂଶଗ୍ରହଣ କରି ୪୧ଟିରେ ବିଜୟୀ ହୋଇଥିବା ବେଳେ ଗୋଟିଏ ବାଉଟ୍‌କୁ ଅମୀମାଂସିତ ରଖିଥିଲେ।

# ଟିରପ୍‌ଙ୍କୁ ମହିଳା, ବେଲିହୁଙ୍କୁ ପୁରୁଷ ଟାଇଟଲ

**ବାଙ୍ଗାଲୋର, ୧୯।୫ (ପି.ଟି.)**

କେନିଆର ଆଗ୍ନେସ ଟିରପ୍ ଏବଂ ଇଥିଓପିଆର ଆଣ୍ଡାମ୍‌ଲାକ ବେଲିହୁ ଏଠାରେ ରବିବାର ଅନୁଷ୍ଠିତ ଟିସିଏସ୍ ୱାର୍ଲ୍ଡ ୧୦କେ ବେଙ୍ଗାଲୁରୁ ୨୦୧୯ରେ ଯଥାକ୍ରମେ ମହିଳା ଓ ପୁରୁଷ ଟାଇଟଲ ଜିତିଛନ୍ତି। ବେଲିହୁ ୨୭ ମିନିଟ ୫୬ ସେକେଣ୍ଡ ଟାଇମିଂରେ ଆଇଏଏଏଫ୍ ଗୋଲ୍ଡ ଲେଭଲ ରୋଡ୍ ରେସ୍ ଶେଷ କରିଥିଲେ। ସେ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂଠାରୁ ୮ ସେକେଣ୍ଡ ଏବଂ କୋର୍ସ ରେକର୍ଡଠାରୁ ୧୨ ସେକେଣ୍ଡ ପଛରେ ରହିଥିଲେ। ୨୦ବର୍ଷୀୟ ଇଥିଓପିଆନ ଆଥ୍‌ଲେଟ୍ କହିଛନ୍ତି, ୨୬ ଡିଗ୍ରୀ ସେଲସିଅସ ତାପମାତ୍ରା ଓ ଆର୍ଦ୍ରତା ପରିବେଶରେ ଦୌଡ଼ିବା କଷ୍ଟକର ଥିଲା। ଉଗାଣ୍ଡାର ମାଣ୍ଡେ ବୁସେଣ୍ଡିଜ୍ ୨୮:୦୩ ଟାଇମିଂରେ ଦ୍ୱିତୀୟ ହୋଇଥିଲେ। ଅନ୍ୟପକ୍ଷରେ ବର୍ଷ ଆରମ୍ଭରେ ଟୋକିଓ ମାରାଥନ ବିଜେତା ତଥା ଗତ ଡିସେମ୍ବରରେ ଟାଟା ଷ୍ଟିଲ୍ କୋଲକାତା ୨୫କେ ବିଜେତା ଇଥିଓପିଆର ବୀରହାନୁ ଲିଗିଜ୍ (୨୮:୨୩) ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହିଳା ବିଭାଗରେ ଆଗ୍ନେସ ଟିରପ୍ ଏଠାରେ ତାଙ୍କ କୋର୍ସ ରେକର୍ଡଠାରୁ ୨ ମିନିଟ୍ ପଛରେ ରେସ୍ ଶେଷ କରିଥିଲେ। କିନ୍ତୁ ୨୦୧୭ ଆଇଏଏଏଫ୍ ବିଶ୍ୱ ଚାମ୍ପିୟନଶିପ୍ ୧୦,୦୦୦ ମିଟର ବ୍ରୋଞ୍ଜ ପଦକ ବିଜୟିନୀ ତାଙ୍କ ଟାଇଟଲ ବଜାୟ ରଖିବାରେ ସଫଳ ହୋଇଛନ୍ତି। ବେଙ୍ଗାଲୁରୁ ରେସ୍‌ର ୧୨ ବର୍ଷର ଇତିହାସରେ ପଛକୁପଛ ଟାଇଟଲ ଜିତିବାରେ ସେ ପ୍ରଥମ ମହିଳା ବିବେଚିତ ହୋଇଛନ୍ତି। ପୁରୁଷ ତୁଳନାରେ ମହିଳା ରେସ୍‌ରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। କେନିଆର ଆଥଲେଟଙ୍କ ପଛରେ ଇଥିଓପିଆର ୪ ମହିଳା ରହିଥିଲେ। ସେନବେରେ ଟେଫେରି ଏବଂ ଲେଟ୍‌ସେନବେଟ୍ ଗିଡେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଉଭୟଙ୍କ ଫିନିଶିଂ ଟାଇମିଂ ୩୩:୫୫ ରହିଥିଲା। ୨୦୧୮ ୱାର୍ଲ୍ଡ ହାଫ୍ ମାରାଥନ ଚାମ୍ପିୟନ ନେଟସାନେଟ୍ ଗୁଡେଟା (୩୩:୫୬)ଙ୍କୁ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

# ପ୍ଲିସ୍‌କୋଭା ଚାମ୍ପିୟନ

**ରୋମ୍, ୧୯।୫ (ଏଏଫ୍‌ପି)**

ଚତୁର୍ଥ ସିଡ୍ ତଥା ଚେକ୍‌ରିପବ୍ଲିକର କାରୋଲିନା ପ୍ଲିସ୍‌କୋଭା ଡବ୍ଲ୍ୟୁଟିଏ ଇଟାଲିଆନ ଓପନ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ରବିବାର ଫାଇନାଲରେ ସେ ବ୍ରିଟେନର ଜୋହାନା କୋଣ୍ଟାଙ୍କୁ ୬–୩, ୬–୪ ସେଟ୍‌ରେ ହରାଇ ଦେଇଛନ୍ତି। ୨୦୧୭ ଫ୍ରେଞ୍ଚ ଓପନ ସେମିଫାଇନାଲିଷ୍ଟଙ୍କର ଏହା ହେଉଛି କ୍ୟାରିୟର ୧୩ତମ ଟାଇଟଲ। ଆସନ୍ତା ୨୬ ତାରିଖରେ ଆରମ୍ଭ ହେବାକୁ ଥିବା ରୋଲାଣ୍ଡ ଗ୍ୟାରୋସ ପୂର୍ବରୁ ଏହାଥିଲା ତାଙ୍କର ଅନ୍ତିମ ତଥା ପ୍ରମୁଖ ୱାର୍ମଅପ୍ ଟୁର୍ନାମେଣ୍ଟ। ପୂର୍ବତନ ରୋମ୍ ଚାମ୍ପିୟନ କୋଞ୍ଚିତା ମାର୍ଟିନେଜଙ୍କଠାରୁ କୋଚିଂ ନେଉଥିବା ୨୭ ବର୍ଷୀୟା ଟେନିସ୍ ଖେଳାଳି କହିଛନ୍ତି, ମୋ ପାଇଁ ଏହି ସପ୍ତାହଟି ଖୁବ୍ ଭଲ ଥିଲା। କାରଣ ଏହି ସମୟ ମଧ୍ୟରେ ମୋତେ କେତୋଟି କଠିନ ମ୍ୟାଚ ଖେଳିବାକୁ ହୋଇଥିଲା। ମୁଁ ଲଢେଇ କରି ସେଥିରେ ବିଜୟ ଲାଭ କରିପାରିଥିଲି।



ଓଡ଼ିଶା–ମଧ୍ୟପ୍ରଦେଶ ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ ।

# ରୋମାଞ୍ଚକ ବିଜୟ ସହ ସେମିରେ ଓଡ଼ିଶା

**କଟକ ଅଫିସ,୧୯।୫**

ହକି ଇଣ୍ଡିଆ ଆନୁକୂଲ୍ୟରେ ଛତିଶଗଡ଼ର ରାୟପୁରଠାରେ ଚାଲିଥିବା ୯ମ ସବ୍‌ଜୁନିୟର ବାଳକ ଜାତୀୟ ଚାମ୍ପିୟନଶିପ–୨୦୧୯(ଡିଭିଜନ–ଏ)ରେ ହକି ଓଡ଼ିଶା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ମୁକାବିଲାରେ ହକି ଓଡ଼ିଶା ୩–୨ ଗୋଲରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ପଲୁସ ଲାକ୍ରା ଫିଲ୍ଡ ଗୋଲ ମାଧ୍ୟମରେ ୨ମିନିଟରେ ଓଡ଼ିଶା ନିମନ୍ତେ ପ୍ରଥମ ଗୋଲ ସ୍କୋର କରିଥିଲେ । ୧୯ତମ ମିନିଟରେ ମଧ୍ୟପ୍ରଦେଶ ଏହି ଗୋଲ ସୁଝିଥିଲା। ଶ୍ରେୟାସ ଧୂପେ ଫିଲ୍ଡ ଗୋଲ ମାଧ୍ୟମରେ ଉକ୍ତ ସ୍କୋର କରିଥିଲେ। ପରେ ୩୮ତମ ମିନିଟରେ ପଲୁସଙ୍କ ଷ୍ଟିକରୁ ଓଡ଼ିଶା ଦ୍ୱିତୀୟ ଗୋଲ ହାସଲ କରିଥିଲା । ଏହାର ୧୧ମିନିଟ ପରେ ତଥା ୪ର୍ଥ କ୍ୱାର୍ଟରରେ ମଧ୍ୟପ୍ରଦେଶ ଷ୍ଟ୍ରାଇକର ଶ୍ରେୟାସ ପୁର୍ନବାର ଏକ ଗୋଲ ଦେଇ ମ୍ୟାଚ୍‌କୁ ୨–୨ ସ୍ଥିତିରେ ପହଞ୍ଚାଇଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଶେଷ ହେବାର କିଛି ସେକେଣ୍ଡ ପୂର୍ବରୁ ଓଡ଼ିଶାକୁ ଏକ ପେନାଲ୍ଟି କର୍ନରର ସୁଯୋଗ ମିଳିଥିଲା । ରାଜମୋନ ତିଲେ ଏହାକୁ ଗୋଲରେ ପରିବର୍ତ୍ତନ କରି ହକି ଓଡ଼ିଶାକୁ ରୋମାଞ୍ଚକର ବିଜୟ ପ୍ରଦାନ କରିଛନ୍ତି ।

ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ ନବକିଶୋର ନାୟକ
ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ୧୧।୦୫।୧୯୪୫
ତିରୋଧାନ: ୦୯।୦୫।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁ କି ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣ ଦର୍ଶାଇଥିବା ମାର୍ଗ ଏବଂ ଶିଖାଇଥିବା ସଂସ୍କାର ଆଗକୁ ଜୀବନ ମାର୍ଗରେ ସହାୟକ ହେଉ।
ଆପଣଙ୍କର ଶୋକସନ୍ତପ୍ତ
ସ୍ତ୍ରୀ– କାଦମ୍ବିନୀ, ପୁତ୍ର– ନିର୍ମଳ, ବୋହୂ– ଶର୍ମିଳା, ନାତି–ଆୟନ, ନାତୁଣୀ– ଆଦ୍ୟା, ବନ୍ଧୁ ଓ ପରିବାରବର୍ଗ।
ଧ–୬୬୩୭୦

ତୃତୀୟ ତମ ଜନ୍ମଦିନ ଶୁଭେଚ୍ଛା



ସୂର୍ଯ୍ୟକାନ୍ତ ରାଉତ (ରିଶି)
ହରେକୃଷ୍ଣ ନଗର, ନୀଳାଦ୍ରି ବିହାର, ଭୁବନେଶ୍ୱର
ଆଜି ତୋର ତୃତୀୟ ତମ ଜନ୍ମଦିନ ଅବସରରେ ମା' ତାରିଣୀଙ୍କ ପଦାରବିନ୍ଦରେ ବିନମ୍ର ନିବେଦନ ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ
ବାପା, ବୋଉ, ଜେଜେ ମା, ବଡ଼ ବାପା, ବଡ଼ବୋଉ, କୁଲୁ, ସୋନୁ, ହନିଷ୍କା, ସୋନାଲି, ଦିପକ, ନନ୍ଦିନୀ, କଣ୍ହେଇ, ଟିକିନା।
ଧ–୧୨୫୬୧

Birthday Wish



JANVI (JUHI)
Wishing you a birthday filled with sweet moments and wonderful memories to cherish always.
Happy birth day
Wishes from: Papa, Mama, Chachu, Chachi, Mausa, Mausi, Jeet, Chintu, Pinu, Rishi, Maa, Aae.
D-12563

Birthday Wish



DEEPI
Happy Birthday to a special person who is bringing so much joy to my heart. I am thankful for every moment, we spend together. I wish our happiness never ends.
Happy Birthday Deepi
Best Wishes from:
Bubu, Family & relatives
D-12568

୧୩ତମ ଜନ୍ମଦିନ ଶୁଭେଚ୍ଛା



ରିଦିମା (ସୋନିଆ)
ପ୍ଲଟ୍ ନଂ. ୩୨୫୧, ଚକେଇସିଆଣି
ଆଜି ତୋର ୧୩ତମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଉଜ୍ଜ୍ୱଳମୟ ଭବିଷ୍ୟତ, ଦୀର୍ଘ ଜୀବନ କାମନା କରୁଛୁ।
ଶୁଭେଚ୍ଛା ସହ:
ପାପା, ମାମା, ଜେଜେ, ମା, ଅଜା, ଆଈମାନେ, ମାମୁଁ, ମାଈଁ, କାକୁ, କାକି, ପିଉସା, ପିଉସୀମାନେ, ଲୁବ୍ନ, ଓମ୍, ମାହି ଓ ପରିବାରବର୍ଗ।
ଧ–୧୨୪୪୯

# ଭିନ୍ନମୋଡ଼ ନେଉଛି ମହିଳାଙ୍କୁ ଦୁର୍ବ୍ୟବହାର ଘଟଣା

**କଳିଙ୍ଗନଗର,୧୯।୫(ଡି.ଏନ୍.ଏ.):** ଯାଜପୁର ଜିଲା ଟମକା ଥାନା ଅନ୍ତର୍ଗତ ଉଚ୍ଚବାଲି ନୂଆସାହିରେ ଥିବା ଏକ ମେଡିଶିନ ଷ୍ଟୋର ମାଲିକ ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ମେଡିଶିନ୍ ଷ୍ଟୋର ମାଲିକଙ୍କ ସ୍ତ୍ରୀ ଏସ୍‌ପିଙ୍କ ନିକଟରେ ସମ୍ପୃକ୍ତ ମହିଳାଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ସେହିପରି ମେଡିଶିନ୍ ଦୋକାନରେ କାମ କରୁଥିବା ଜଣେ ମହିଳା ମଧ୍ୟ ସମ୍ପୃକ୍ତ ମହିଳାଙ୍କ ନାମରେ ଆକ୍ରମଣ ଅଭିଯୋଗ କରିଛନ୍ତି। ଏସବୁ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଚଳାଇଛି।

କଳିଙ୍ଗନଗର ଥାନା ଅଞ୍ଚଳର ତାରାକାନ୍ତ ଜେନାଙ୍କ ସ୍ତ୍ରୀ କଳ୍ପନାଙ୍କ ଆଣ୍ଠୁରେ ଯନ୍ତ୍ରଣା ହେବାରୁ ସେ ଉକ୍ତ ମେଡିସିନ ଷ୍ଟୋରରୁ ଔଷଧ ଖାଉଥିଲେ। ଦୀର୍ଘଦିନ ପରେ ମଧ୍ୟ ଯନ୍ତ୍ରଣା କମି ନ ଥିଲା। ଏନେଇ ସେ ମାଲିକଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ଦୋକାନ ମାଲିକ ପ୍ରକାଶ ନାୟକ ତାଙ୍କୁ ଗାଳିଗୁଲଜ କରିଥିଲେ ବୋଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (୪୦/୧୯) ରୁଜୁ କରି ତଦନ୍ତ ଚଳାଇଛି। ସେହିପରି କଳ୍ପନା ଓ ତାଙ୍କ ସ୍ୱାମୀ ଉକ୍ତ ମେଡିସିନ ଦୋକାନରେ ଗାଳିଗୁଲଜ କରିବା ସହ ମେଡିସିନ ଫୋପଡାଫୋପଡି କରିଥିଲେ। ଏଥିସହ ୫୦ହଜାର ଟଙ୍କା ନ ଦେଲେ ବଳାତ୍କାର ଅଭିଯୋଗ କରିବେ ବୋଲି ଧମକ ଦେଇଥିବା ପ୍ରକାଶଙ୍କ ସ୍ତ୍ରୀ ଝିଲିରାଣି ନାୟକ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଦୋକାନରେ କାମ କରୁଥିବା ଜଣେ ମହିଳା କଳ୍ପନା ଓ ତାଙ୍କ ସ୍ୱାମୀଙ୍କ ମାଡ଼ରେ ଗୁରୁତର ହୋଇଥିବା ଜେଏମ୍‌ସି କୋର୍ଟରେ ଅଭିଯୋଗ କରିଛନ୍ତି। କୋର୍ଟରେ ଏକ ମାମଲା (୧୩୬/୧୯) ରୁଜୁ ହୋଇଛି। ଏ ସମସ୍ତ ଘଟଣାର ତଦନ୍ତ ଚାଲିଛି।

## ସାନି ମତଦାନ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ

# ୯ ବୁଥରେ ୭୦.୩୫ ପ୍ରତିଶତ ମତଦାନ

**ଯାଜପୁର ଅଫିସ,୧୯।୫**

ଯାଜପୁର ସଂସଦୀୟ କ୍ଷେତ୍ରର ୪ ବିଧାନସଭା ଆସନର ୯ଟି ବୁଥରେ ରବିବାର ହୋଇଥବା ସାନି ନିର୍ବାଚନରେ ୭୦.୩୫ ପ୍ରତିଶତ ମତଦାନ ହୋଇଛି। ବୁଥ ଜବରଦଖଲ, ରିଗିଂ, ଅନିୟମିତତା ଆଦିକୁ ଲକ୍ଷ୍ୟ ରଖି ପୋଲିସ ପ୍ରଶାସନର ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଯୋଗୁ ସାନି ମତଦାନ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ଗତ ୨୯ ତାରିଖରେ ଭୋଟଗ୍ରହଣରେ ଜିଲାରେ ମତଦାନ ହାର ୭୩.୭୬ ପ୍ରତିଶତ ରହିଥିଲା। ସାନି ମତଦାନରେ ବିଞ୍ଝାରପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୧୩୫ ନମ୍ବର ବୁଥ୍ କଲ୍ୟାଣପୁର ପ୍ରାଥମିକ ବିଦ୍ୟାଳୟରେ ୧୨୯୬ ଭୋଟର ମଧ୍ୟରୁ ୮୮୬ ଓ ୧୯୧ ଥାଲକୁଡି ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟ ବୁଥରେ ୯୫୧ରୁ ୭୦୮ ଜଣ ଭୋଟର ମତଦାନ କରିଛନ୍ତି। ସେହିପରି ବରୀ ନିର୍ବାଚନ ମଣ୍ଡଳୀର ୮୨ ନମ୍ବର ବୁଥ୍ ସଙ୍ଗଦେଇପୁର ପ୍ରାଥମିକ ବିଦ୍ୟାଳୟରେ ୬୦୪ ଭୋଟର ମଧ୍ୟରୁ ୪୨୮, ୧୫୮ ନମ୍ବର ସରକାରୀ ନୋଡାଲ ଉଚ୍ଚବିଦ୍ୟାଳୟ ରାମଚନ୍ଦ୍ରପୁର ବୁଥରେ ୧୧୬୨ରୁ ୭୪୫, ୧୬୨ ନମ୍ବର ବ୍ରଜବନ୍ଧୁ ନୋଡାଲ ଉପ୍ରା ସ୍କୁଲ ବୁଥରେ ୧୩୨୯ରୁ ୯୭୯, ୧୬୩ ନମ୍ବର ବ୍ରଜବନ୍ଧୁ ନୋଡାଲ ସ୍କୁଲ ବୁଥରେ ୧୩୩୭ରୁ ୮୪୯, ୧୯୪ ନମ୍ବର ବୁଥ୍ ବାଲିବିଲ ନୋଡାଲ ଉପ୍ରା ସ୍କୁଲର ବୁଥରେ ୧୧୬୮ରୁ ୭୯୬, ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳୀର ୧୪୮ ନମ୍ବର ବୁଥ୍ ମିର୍ଜାପୁର ପ୍ରାଥମିକ ବିଦ୍ୟାଳୟରେ ୧୨୫୬ ରୁ ୮୯୮ ଏବଂ ସୁକିନ୍ଦା ବିଧାନସଭା ନିର୍ବାଚନ ମଣ୍ଡଳୀର ୧୯୬ ନମ୍ବର ଓଲଳ ପ୍ରାଥମିକ ବିଦ୍ୟାଳୟର ବୁଥରେ ୮୨୮ରୁ ୬୯୮ ଜଣ ଭୋଟର ମତଦାନ ସାବ୍ୟସ୍ତ କରିଛନ୍ତି। ଗତ ୨୯ ତାରିଖ ମତଦାନ ଅପେକ୍ଷା ସାନି ନିର୍ବାଚନରେ ମତଦାନ ହ୍ରାସ ପାଇଥିବା ସ୍ପଷ୍ଟ ହୋଇଛି। ନିର୍ବାଚନୀ ପୂର୍ବ ହିଂସା, ବୁଥ ରିଗିଂ, ଜବରଦଖଲ ଆଦି ଅନିୟମିତତାକୁ ନାପସନ୍ଦ କରି ଅଧିକାଂଶ ଭୋଟର ମତଦାନ କରିବାକୁ ଯାଇ ନ ଥିବା ଆଶଙ୍କା କରାଯାଉଛି। ତେବେ ଆସନ୍ତା ୨୩ ତାରିଖରେ ଫଳାଫଳ ବାହାରିବା ପରେ ହାତୀ କାହା ମୁଣ୍ଡରେ ସୁନା କଳସ ଢାଳୁଛି ତାହା ସ୍ପଷ୍ଟ ହୋଇଯିବ।


ମତଦାନ ପାଇଁ ଲୋକମାନେ ଧାଡ଼ିରେ ଛିଡ଼ାହୋଇଛନ୍ତି।




















3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ସର୍ପାଘାତରେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

**କୃଷ୍ଣପ୍ରସାଦ,୧୯।୫(ଡି.ଏନ.ଏ.)**-ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଡ଼ଝାଡ଼ ପଞ୍ଚାୟତ ଝାରକଟା ଗ୍ରାମର ଜଣେ ଶିକ୍ଷୟିତ୍ରୀଙ୍କ ବିଷାକ୍ତ ସର୍ପାଘାତରେ ମୃତ୍ୟୁ ଘଟିଛି। ତାଙ୍କ ନାମ ମିନତିରାଣୀ ଜେନା (୪୮) ଓ ସେ ଏହି ଗ୍ରାମସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଶନିବାର ମଧରାତିରେ ସେ ଘରେ ଶୋଇଥିବା ସମୟରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଗୁରୁତର ହେବାରୁ ମିନତିଙ୍କୁ ୧୦୮ ଦ୍ୱାରା ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରବିବାର ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ଏହି ଗ୍ରାମରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ବ୍ଲକ ଶିକ୍ଷକ ସଂଘ ତରଫରୁ ତାଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି।

### ବାତ୍ୟାରେ ମୃତକଙ୍କ ପରିବାର ପାଇଁ ଅନୁକମ୍ପାମୂଳକ ସହାୟତା
## ୨୫ ପରିବାର ଲାଗି ୧ କୋଟି ଟଙ୍କା

**ପୁରୀ ଅଫିସ,୧୯।୫:** ପୁରୀ ଜିଲାରେ ବାତ୍ୟାରେ ମୃତ୍ୟୁ ଘଟିଥିବା ଲୋକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ। ଜଣେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଦିଆଯିବ। ଜିଲାର ୨୫ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ପ୍ରଦାନ କରିବା ଲାଗି ରବିବାର ସମ୍ପୃକ୍ତ ଅଞ୍ଚଳର ତହସିଲଦାରଙ୍କୁ ଏହି ଅର୍ଥ ପ୍ରଦାନ କରାଯାଇଛି। ସେମାନେ ସମ୍ପୃକ୍ତ ପରିବାର ସଦସ୍ୟଙ୍କୁ ଏହି ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ରିପୋର୍ଟ ଅନୁଯାୟୀ, ବାତ୍ୟାରେ ନିମାପଡ଼ା, ସତ୍ୟବାଦୀ, ବ୍ରହ୍ମଗିରି ବ୍ଲକରେ ୪ ଜଣ ଲେଖାଏ ଲୋକଙ୍କ ମୃତ୍ୟୁ ହୋଇଛି। ସେହିପରି ପୁରୀ, ପିପିଲି ଓ ଡେଲାଙ୍ଗରେ ୩ ଜଣ ଲେଖାଏ, ଗୋପ ୨, କଣାସ ଏବଂ କୃଷ୍ଣପ୍ରସାଦରେ ଜଣେ ଲେଖାଏ ବ୍ୟକ୍ତିଙ୍କ ବାତ୍ୟାରେ ମୃତ୍ୟୁ ହୋଇଛି। ପ୍ରତ୍ୟେକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ସମ୍ପୃକ୍ତ ଅଞ୍ଚଳର ତହସିଲଦାରଙ୍କ ପାଖକୁ ଟଙ୍କା ପଠାଇ ଦିଆଯାଇଛି।

### ୩ ବୁଥ୍‌ରେ ସାନି ନିର୍ବାଚନ ଶେଷ
## ବାଘମୁଣ୍ଡାରେ ସର୍ବାଧିକ ବୀରକେଶରୀପୁରରେ ସର୍ବନିମ୍ନ

**ପୁରୀ ଅଫିସ,୧୯।୫:** ପୁରୀ ଜିଲାର ୩ଟି ବୁଥ୍‌ରେ ରବିବାର ଶାନ୍ତିପୂର୍ଣ୍ଣ ଭାବେ ସାନି ନିର୍ବାଚନ ଶେଷ ହୋଇଛି। ଏହି ବୁଥ୍‌ଗୁଡ଼ିକ ହେଉଛି ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ୨୨୨ ନଂ. କମାଶାସନ ପ୍ରୋଜେକ୍ଟ ୟୁପି ସ୍କୁଲ, କମାଶାସନ, ୬୨ ନଂ. ଗାଦିବ୍ରହ୍ମ ପ୍ରାଇମେରୀ ସ୍କୁଲ, ବାଘମୁଣ୍ଡା ଏବଂ ସତ୍ୟବାଦୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୭୮ନଂ. ବଳଭଦ୍ରପୁର ନୋଡାଲ ୟୁପି ସ୍କୁଲ, ବୀରକେଶରୀପୁର। ସକାଳ ୭ଟାରୁ ଏହି ବୁଥ୍‌ଗୁଡ଼ିକରେ ମତଦାନ ଆରମ୍ଭ ହୋଇଥିଲା। ଭୋଟରଙ୍କ ମଧରେ ମତଦାନ ଲାଗି ଉତ୍ସାହ ଦେଖିବାକୁ ମିଳିଥିଲା। ସକାଳୁ ସକାଳୁ ବୁଥ୍ ଆଗରେ ଧାଡି ଲଗାଇଥିଲେ। ଜଣକ ପରେ ଜଣେ ଯାଇ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ। ତେବେ ଏହି ୩ଟି ବୁଥ୍ ମଧରୁ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ବାଘମୁଣ୍ଡା ୬୨ ନଂ. ବୁଥ୍‌ରେ ସର୍ବାଧିକ ୮୫.୮୭ ପ୍ରତିଶତ ମତଦାନ ହୋଇଥିବା ବେଳେ ସତ୍ୟବାଦୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବୀରକେଶରୀପୁର ୭୮ ନଂ. ବୁଥ୍‌ରେ ସର୍ବନିମ୍ନ ୭୨.୮୬ ପ୍ରତିଶତ ମତଦାନ ହୋଇଛି। କମାଶାସନରେ ୭୭.୮୧ ପ୍ରତିଶତ ଭୋଟର ମତଦାନ କରିଛନ୍ତି। କମାଶାସନ ଏବଂ ବୀରକେଶରୀପୁର ବୁଥ୍‌ରେ ଇଭିଏମ୍ ଭଙ୍ଗାରୁଜା ହୋଇଥିବା ବେଳେ ବାଘମୁଣ୍ଡା ବୁଥ୍‌ର କଣ୍ଟ୍ରୋଲ ୟୁନିଟ୍ ମିଳି ନ ଥିବାରୁ ସାନି ମତଦାନ ହୋଇଛି। ୬୨ ନଂ. ବୁଥ୍‌ରେ ୮୦୦ ଭୋଟର ଥିବାବେଳେ ୬୮୭ ଜଣ ମତଦାନ କରିଛନ୍ତି। ସେହିପରି ୨୨୨ ବୁଥ୍‌ରେ ୮୧୬ ଜଣଙ୍କ ମଧରୁ ୬୩୫ ଏବଂ ଏବଂ ୭୮ ନଂ. ବୁଥ୍‌ରେ ୧,୩୬୭ ଜଣଙ୍କ ମଧରୁ ୯୯୬ ଜଣ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ତେବେ ଏହି ତିନି ନିର୍ବାଚନ ମଣ୍ଡଳୀର ସମୁଦାୟ ମତଦାନ ହାର ୭୬ ପ୍ରତିଶତ ରହିଛି ବୋଲି ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ତନି ବୁଥ୍‌ରୁ ପୋଲିଂ ପାର୍ଟି ଇଭିଏମ୍ ଏବଂ ଭିଭିପିଏଟି ସହ ପୁରୀ କେନ୍ଦ୍ରୀୟ ବିଦ୍ୟାଳୟରେ ପହଞ୍ଚିଛନ୍ତି।

### ଫେରିବ ବାଲୁଖଣ୍ଡର ସବୁଜିମା
# ୫ ହଜାର ହେକ୍ଟର ଅଞ୍ଚଳରେ ହେବ ଚାରା ରୋପଣ

- ଆନ୍ଧ୍ର ଏବଂ ପଶ୍ଚିମବଙ୍ଗରୁ ଆସିବ ଝାଉଁ ଚାରା
- ହରିଣଙ୍କ ଗତିବିଧି ଜାଣିବାକୁ ଲଗାଯାଇଛି ୬୦ ଟ୍ରାପ୍ କ୍ୟାମେରା

ପୁରୀ ଅଫିସ, ୧୯।୫

ପୁରୀ-କୋଣାର୍କ ରାସ୍ତା ପାର୍ଶ୍ୱରେ ୮୭ ବର୍ଗକିମି ଅଞ୍ଚଳରେ ପରିବ୍ୟାପ୍ତ ବାଲୁଖଣ୍ଡ ଅଭୟାରଣ୍ୟ। ପ୍ରଳୟଙ୍କରୀ ବାତ୍ୟା ଫନୀ ମୋଡି ମକଚି ଦେଇଛି ଏହି ଅଭୟାରଣ୍ୟକୁ। ସମ୍ପୂର୍ଣ୍ଣ ଭାବେ ଉଜୁଡ଼ିଯାଇଛି ଜଙ୍ଗଲ। ଗଛ ଭାଙ୍ଗିଯାଇଥିବା ବେଳେ ବିପନ୍ନ ହୋଇପଡ଼ିଛନ୍ତି ବନ୍ୟଜନ୍ତୁ। ଥୁଣ୍ଟା ଗଛ ଏବଂ ଶୁଖିଲା ଡାଳପତ୍ରରେ ଭରିଯାଇଛି ଅଭୟାରଣ୍ୟ। ତେବେ ପୁଣି ବାଲୁଖଣ୍ଡର ସବୁଜିମା ଫେରାଇ ଆଣିବାକୁ ଅଣ୍ଟା ଭିଡ଼ିଛି ପୁରୀ ବନ ବିଭାଗ। ବାଲୁଖଣ୍ଡ ଅଭୟାରଣ୍ୟର ବର୍ତ୍ତମାନର ସ୍ଥିତି ଏବଂ ଆଗାମୀ ଯୋଜନା ସମ୍ପର୍କରେ ଧରିତ୍ରୀକୁ ସ୍ୱତନ୍ତ୍ର ପ୍ରତିକ୍ରିୟା ଦେଇ ପୁରୀ ବନଖଣ୍ଡ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା କହିଛନ୍ତି, ବାତ୍ୟା ପରେ ବାଲୁଖଣ୍ଡରେ ହରିଣଙ୍କ ସ୍ଥିତିକୁ ପରଖିବା ଲାଗି ଦୁଇପ୍ରକାର ପଦ୍ଧତି ଅବଲମ୍ବନ କରାଯାଇଛି। ଡ୍ରୋନ୍ ଏବଂ ଟ୍ରାପ୍ କ୍ୟାମେରା ବ୍ୟବହାର କରାଯାଇ ହରିଣଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ଗତ ୧୬ ଏବଂ ୧୭ ତାରିଖ ଦୁଇଦିନ ଧରି ଡ୍ରୋନ୍ ସର୍ଭେ କରାଯାଇଥିଲା। ଏଥିରେ ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ ହରିଣଙ୍କ ଉପସ୍ଥିତି ଜଣାପଡ଼ିଛି। ସେହିପରି ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ ପ୍ରାୟ ୬୦ଟି ଟ୍ରାପ୍ କ୍ୟାମେରା ଲଗାଯାଇଛି। ବିଶେଷକରି ରାତିରେ ହରିଣ ଦଳ ଦଳ ହୋଇ ଚରିବାକୁ ଆସୁଥିବା କ୍ୟାମେରାରେ କଏଦ୍ ହୋଇଛି। ଏଥିରୁ ଯାହା ଜଣାପଡୁଛି ଅଭୟାରଣ୍ୟର ନିର୍ଦ୍ଦିଷ୍ଟ ସ୍ଥାନରେ ନୁହେଁ, ବିଭିନ୍ନ ସ୍ଥାନରେ ହରିଣ ପଲ ଖେଳାଇ ହୋଇ ରହିଛନ୍ତି। ଦିନରେ ପ୍ରବଳ ଖରା ହେଉଥିବାରୁ ହରିଣ ପଲ ଛାଇ ଦେଖି ବିଶେଷକରି ଭଙ୍ଗା ଡାଳ ତଳେ ରହିଯାଉଛନ୍ତି। ରାତି ହେଲେ ସେମାନେ ଦଳ ଦଳ ହୋଇ ବାହାରି ଚରୁଛନ୍ତି, ଯାହା ଟ୍ରାପ୍ କ୍ୟାମେରାରୁ ଜଣାପଡୁଛି। ଗୋଟିଏ ଦଳରେ ପ୍ରାୟ ୨୦ରୁ ୨୫ ହରିଣ ରହୁଥିବା ଉଦ୍‌ଗାତା ସୂଚନା ଦେଇଛନ୍ତି।

ବାତ୍ୟାରେ ପ୍ରାୟ ୫ ହଜାର ହେକ୍ଟର ଅଞ୍ଚଳରେ ଗଛ ନଷ୍ଟ ହୋଇଛି। ତେଣୁ ଏହି ୫ ହଜାର ହେକ୍ଟର ଅଞ୍ଚଳରେ ଚାରା ରୋପଣ କରାଯିବା ଲାଗି ଯୋଜନା କରିଛୁ। ଏ ନେଇ ସରକାରଙ୍କୁ ବିଧିବଦ୍ଧ ଭାବେ ଜଣାଇବୁ। ସେହିପରି ସହରାଞ୍ଚଳରେ ୧୫ ହଜାର ଏବଂ ରାସ୍ତାକଡ଼ ପ୍ରାୟ ୨୫୦ କିମିରେ ଗଛ ଲଗାଇବାକୁ ଯୋଜନା କରିଛୁ। ଗୋଟିଏ ବର୍ଷ ଭିତରେ ଏହା ଅସମ୍ଭବ। ଏଥିଲାଗି ପ୍ରାୟ ୫ ବର୍ଷ ଲାଗିଯିବ। ସରକାର ଏଥିପାଇଁ ଅନୁଦାନର ବ୍ୟବସ୍ଥା କଲେ ଯଥାଶୀଘ୍ର ଏ ଦିଗରେ ଅଗ୍ରସର ହେବୁ। ୫ ବର୍ଷ ମଧରେ ପୁଣି ବାଲୁଖଣ୍ଡରେ ସବୁଜିମା ଫେରିପାରିବ। ତେବେ ଅଭୟାରଣ୍ୟ ଭିତରେ ବିଭିନ୍ନ ପ୍ରଜାତିର ଗଛ ଲଗାଯିବ। ବାତ୍ୟା, ବନ୍ୟାକୁ ପ୍ରତିରୋଧ କରିବା ଲାଗି ସମୁଦ୍ର କୂଳରେ ଝାଉଁଗଛ ଲଗାଯିବ। ଅଭୟାରଣ୍ୟ ମଧ୍ୟଭାଗରେ ବିଭିନ୍ନ ପ୍ରକାର କୋଳିଜାତୀୟ ଗଛ ଯେପରି କି ବରକୋଳି, କ୍ଷୀରକୋଳି, ନରକୋଳି, କଣ୍ଟେଇକୋଳି, ଶଗଡ଼ବାଟୁଆ କୋଳି ଗଛ ଲଗାଯିବ ଏବଂ ଘାଷ ଚାଷ ମଧ୍ୟ କରାଯିବ। ଅଭୟାରଣ୍ୟରେ ରହୁଥିବା ହରିଣ, ବିଲୁଆ ଆଦି ବନ୍ୟଜନ୍ତୁ ଏହି କୋଳି ଏବଂ ଏହାର ପତ୍ର ଖାଇପାରିବେ। ଏହାକୁ ଦୃଷ୍ଟିରେ ରଖାଯାଇ ଚାରା ରୋପଣ ହେବ। ସେହିପରି ରାସ୍ତାକଡ଼ରେ କାଜୁ (ଲଙ୍କାଆମ୍ବ)ଗଛ ଲଗାଯିବ। ଅଭୟାରଣ୍ୟକୁ ସୁରକ୍ଷା ଦେଉଥିବା ଗ୍ରାମ୍ୟ କମିଟି ଏହି କାଜୁ ନେଇ ସ୍ୱାବଲମ୍ବୀ ହୋଇଥାନ୍ତି। ତେଣୁ ସେମାନଙ୍କ ଜୀବନଜୀବିକା ପାଇଁ ବ୍ୟାପକ ମାତ୍ରାରେ କାଜୁଗଛ ଲଗାଯିବ। ଅନ୍ୟପକ୍ଷରେ ଦେବାଳୟ ପରିସରରେ ବିଭିନ୍ନ ପ୍ରକାର ଫୁଲଗଛ, ସ୍କୁଲ୍ କ୍ୟାମ୍ପସ୍‌ରେ ଆମ୍ବ, ପିଜୁଳି ଆଦି ଝଙ୍କାଳିଆ ଗଛ ଲଗାଯିବା ଲାଗି ଯୋଜନା ହୋଇଛି। ଏତଦ୍‌ବ୍ୟତୀତ ରାସ୍ତାକଡ଼ରେ ବରଗଛ, ତାଳଗଛ ଲଗାଯିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ତେବେ ଝାଉଁଗଛ ବ୍ୟାପକ ମାତ୍ରାରେ ଦରକାର ପଡ଼ିବ। କିନ୍ତୁ ଆମ ପାଖରେ କିମ୍ବା ଆମ ରାଜ୍ୟରେ ଏତେ ଝାଉଁ ଚାରା ମିଳିବ ନାହିଁ। ତେଣୁ ଆମକୁ ପଡ଼ୋଶୀ ଆନ୍ଧ୍ରପ୍ରଦେଶ କିମ୍ବା ପଶ୍ଚିମବଙ୍ଗରୁ ଏହାକୁ କିଣି ଆଣିବାକୁ ପଡ଼ିବ। ଏ ନେଇ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ଅନ୍ୟାନ୍ୟ ଗଛ ବିଭିନ୍ନ ବନଖଣ୍ଡରୁ ଅଣାଯିବା ଲାଗି ଚିଠି କରାଯିବ ବୋଲି ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

ବାତ୍ୟାରେ ଅଭୟାରଣ୍ୟ ମଧ୍ୟରେ ଉପୁଡ଼ି ପଡ଼ିଥିବା ଏବଂ ଭାଙ୍ଗିଯାଇଥିବା ଗଛଗୁଡ଼ିକୁ ସଫା କରାଯିବ। ଏ ନେଇ କାମ ଆରମ୍ଭ ହୋଇଗଲାଣି। କିନ୍ତୁ ଯେଉଁଗୁଡ଼ିକ ଅଧା ଭାଙ୍ଗିଛି ଅର୍ଥାତ୍ ଯାହାର ଚେର ମାଟିଭିତରେ ରହିଛି, ତାହାକୁ ଛାଡ଼ି ଦିଆଯିବ। ହୁଏତ ସେଗୁଡ଼ିକ ପୁଣି କଅଁଳିପାରେ। ତେଣୁ ବର୍ଷା ସମୟ ପର୍ଯ୍ୟନ୍ତ ଏହି ଗଛଗୁଡ଼ିକୁ ଛାଡ଼ି ଦିଆଯିବ। ତେବେ ଅଭୟାରଣ୍ୟରୁ ବ୍ୟାପକ ମାତ୍ରାରେ ବାହାରିବାକୁ ଥିବା ଶୁଖିଲା କାଠ କ'ଣ ହେବ, ସେନେଇ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ହୋଇ ନ ଥିବା ବନଖଣ୍ଡ ଅଧିକାରୀ ଉଦ୍‌ଗାତା କହିଛନ୍ତି।

# ଜୀବେ ନିଷ୍ଠୁରତା ନିରୋଧ ଆଇନକୁ ଆଖିଠାର

ନୂଆଗାଁ,୧୯।୫ (ଡି.ଏନ.ଏ.)


ଗାଡିରେ ଅତି ନିଷ୍ଠୁର ଭାବେ ଗୋରୁଙ୍କୁ ନିଆଯାଉଛି।

ଜୀବେ ନିଷ୍ଠୁରତା ଆଇନ -୧୯୬୦ (ପଶୁ ପରିବହନ ) ଅନୁଯାୟୀ ମୋଟର ଯାନରେ ପଶୁ ପରିବହନ ଉପରେ କଟକଣା ରହିଛି। ହେଲେ ନୟାଗଡ଼ ଜିଲା ନୂଆଗାଁ ଥାନା ଅଞ୍ଚଳରେ ଏହାର ଖୋଲା ଉଲ୍ଲଂଘନ କରାଯାଉଛି। ଯାନବାହନରେ ପଶୁ ପରିବହନ ସମୟରେ କିଭଳି ଗୋରୁମାନଙ୍କୁ ନିଆଯିବ ସେ ନେଇ ଓଡିଶା ରାଜ୍ୟ ଜୀବେ ନିଷ୍ଠୁରତା ନିରୋଧ ସମିତି ପକ୍ଷରୁ ନୂଆଗାଁ ଥାନା କାନ୍ଥରେ ୭ଟି ନିୟମ ଥିବା ଏକ ପୋଷ୍ଟର ଲଗାଯାଇଛି। ସେଥିରେ ଲେଖାଥିବା ନିୟମ ଅନୁସାରେ ଗୋଟିଏ ୨୦୦ କିଲୋଗ୍ରାମ ଓଜନର ଗୋରୁ ପାଇଁ ୧ବର୍ଗମିଟର ସ୍ଥାନ ଆବଶ୍ୟକ। କିନ୍ତୁ ବେପାରୀମାନେ ଛୋଟ ବୋଲେରୋ (ଡାଲା ଗାଡ଼ି)ରେ ୧୨ଟି ଗୋରୁ ନେଉଥିବା ଦେଖିବାକୁ ମିଳୁଛି। ସେହିପରି ଗୋରୁ ନେବା ସମୟରେ ସେମାନଙ୍କୁ ଖାଦ୍ୟ ଦେବା, ପ୍ରାଣୀଧନ ଚିକିତ୍ସକଙ୍କ ଦ୍ୱାରା ପରୀକ୍ଷା କରାଇବା, ଦିନକୁ ସର୍ବାଧିକ ୩୦ କିଲୋମିଟର ନେବା ଆଦି ନିୟମ ରହିଥିଲେ ମଧ୍ୟ ଗୋରୁ ବେପାରୀ ଏହାକୁ ଉଲ୍ଲଂଘନ କରୁଛନ୍ତି। ଏପରି ଅଭିଯୋଗ ପାଇବା ପରେ ନୂଆଗାଁ ଥାନା ଆଇଆଇସି ମନୋରମା ମଲିକ ରବିବାର ଦଶପଲ୍ଲା ହାଟରୁ ଗୋରୁ ନେଇ ଆସୁଥିବା ଗାଡି ଅଟକାଇ ଯାଞ୍ଚ କରିଥିଲେ। ବେପାରୀମାନେ ଅତି ନୃଶଂସ ଭାବେ ପ୍ରତି ଗାଡିରେ ୧୦ରୁ ୧୨ଟି ଗୋରୁ ଲୋଡ କରି ନେଉଥିଲେ। ସେହି ଗାଡିରେ ଥିବା ଡ୍ରାଇଭର ଓ କିଛି ଲୋକଙ୍କୁ ପଚାରିବାରୁ ସେମାନେ ଗୋରୁଙ୍କୁ ବେଗୁନିଆ ନେଇ ଯାଉଥିବା କହିଥିଲେ। ଏହାସହ ପ୍ରତି ପାଳିରେ ସେମାନେ ୧୫ଟି ଗାଡିରେ ଏପରି ଗୋରୁ ନେଇ ଯାଉଥିବା ସ୍ୱୀକାର କରିଥିଲେ। କିଛି ସମୟ ଯାଞ୍ଚ ପରେ ସେ ଗାଡିଗୁଡିକ ଛାଡି ଦେଇଥିଲେ। ଏ ସମ୍ପର୍କରେ ଆଇଆଇସି କହନ୍ତି, ମୋତେ ଥାନାର କୌଣସି କର୍ମଚାରୀ ସହଯୋଗ କରୁନାହାନ୍ତି। ମୁଁ ଏକା କ'ଣ କରିବି। ପୁନର୍ବାର ଏପରି ଗୋରୁ ନ ନେବା ପାଇଁ ତାଗିଦ୍ କରି ବେପାରୀଙ୍କୁ ଛାଡିବାକୁ ବାଧ୍ୟ ହୋଇଥିବା ସେ କହିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶାଳଗ୍ରାମ;**
**ବସିବା ଶୋଇବା ଏକ ସମାନ ।**

ଶାଳଗ୍ରାମ ଖଣ୍ଡେ ଶିଳା ବା ପଥର। ସେଥିରେ ଜୀବନ ନାହିଁ। ଶାଳଗ୍ରାମକୁ ଯେମିତି ବା ଯେପରି ରଖିଲେ ଚଳିବ। ସେ ଶୋଇଛି କି ବସିଛି ସେଥିରେ କିଛି ତଫାତ୍ ନ ଥାଏ। ପରୋକ୍ଷରେ ନିର୍ବିକାର ଲୋକର ମାନସିକ ଅବସ୍ଥା। କିଛି ବ୍ୟକ୍ତି ଅଛନ୍ତି ସେମାନଙ୍କୁ ସହଜରେ ଚିହ୍ନି ହୁଏ ନାହିଁ। ତାଙ୍କ କଥାବାର୍ତ୍ତାରୁ ଭଲମନ୍ଦ ବାରି ହୁଏ ନାହିଁ। ବାହ୍ୟ ଭାବଭଙ୍ଗୀରୁ ଅନ୍ତରର ଭାବପ୍ରକାଶ ନ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସଞ୍ଜରୁ ନ ଥାଏ ସକାଳକୁ,**
**ଟାକି ବସିଥାଏ ପଖାଳକୁ ।**

ଗରିବ ଘର ଅଭାବ ଚିର ସହଚର। ଯେତେ ରୋଜଗାର କଲେ ବି ଅଣ୍ଟି ନ ଥାଏ। ପାଖରେ ପଇସାପତ୍ର ନ ଥିବାରୁ ଭଲରେ ଗଣ୍ଡେ ଖାଇବା ତଥା ଭଲରେ ଖଣ୍ଡେ ପିନ୍ଧିବା ତାଙ୍କ ପାଇଁ ସ୍ୱପ୍ନ ପାଲଟି ଯାଇଥାଏ। ଦାଣ୍ଡରୁ ଆସିଲେ ହାଣ୍ଡିରେ ପଶିବା ଭଳି କିଏ ମୁନ୍ଦାଏ ତୋରାଣି ଦେଲେ ସେଥିରେ ପେଟ ପୂରାଇବା କଥା। ଦୀନହୀନ ଦରିଦ୍ର ବ୍ୟକ୍ତି ପରର ହାତଟେକା ଉପରେ ନିର୍ଭର କରି ଜୀବିକା ନିର୍ବାହ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ରାମଲୀଳା ଯାତ୍ରା: ସୀତାରାମଙ୍କ ବିବାହ ସୃଷ୍ଟି କଲା ଭକ୍ତିମୟ ପରିବେଶ


ଅଯୋଧ୍ୟା ଫେରୁଛନ୍ତି ସୀତାରାମ ଓ ଭ୍ରାତୃବୃନ୍ଦ।

**ବୋଲଗଡ଼,୧୯।୫(ଡି.ଏନ.ଏ.)**-ବୋଲଗଡ଼ ବ୍ଲକ ବାଙ୍କୋଇ ଗ୍ରାମରେ ଆୟୋଜିତ ହେଉଛି ରାମଲୀଳା ଯାତ୍ରା ଉତ୍ସବ। ଏହା ୯ଦିନ ଧରି ଏଠାରେ ଚାଲିଛି। ପ୍ରତିବର୍ଷ ଗ୍ରାମବାସୀମାନଙ୍କ ପକ୍ଷରୁ ରାମଲୀଳା ଯାତ୍ରା ଏହି ଗ୍ରାମରେ ଅନୁଷ୍ଠିତ ହେଉଛି । ଏହି ଯାତ୍ରା ପ୍ରାୟ ଏକମାସ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି କୁହାଯାଇଛି । କବି ଅନଙ୍ଗ ନରେନ୍ଦ୍ରଙ୍କ ରଚିତ ରାମଲୀଳା ପୋଥିକୁ ଏଠାରେ ଗାନ କରାଯିବା ସହିତ ବର୍ଣ୍ଣିତ ବିଷୟବସ୍ତୁଗୁଡ଼ିକୁ ନାଟକ ରୂପେ ପରିବେଷଣ କରାଯାଉଛି। ରାମଲୀଳା ସ୍ଥଳୀକୁ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକ ଦ୍ୱାରା ସୁସଜ୍ଜିତ କରାଯାଇଛି। ଗ୍ରାମର କୁନି କୁନି ପିଲାମାନଙ୍କଠାରୁ ଆରମ୍ଭ କରି ବୟସ୍କ କଳାକାରମାନେ ଏହି ଯାତ୍ରାରେ ଅଭିନୟ କରୁଛନ୍ତି । ସୀତାରାମଙ୍କ ବିବାହ ଉତ୍ସବ ଦୃଶ୍ୟ ପରିବେଷଣ ସମୟରେ ଏଠାରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ରାମଲୀଳା ଦେଖିବା ପାଇଁ ପ୍ରତିସନ୍ଧ୍ୟାରେ ବହୁ ଦର୍ଶକଙ୍କର ସମାଗମ ହେଉଛି। ଉଲ୍ଲେଖଯୋଗ୍ୟ, ସୀତାବିବାହ କାର୍ଯ୍ୟକ୍ରମକୁ ମହା ଆଡମ୍ବରରେ ପାଳନ କରାଯାଇଛି। ସୀତାରାମଙ୍କ ବିବାହ ପରେ ଏକ ବିରାଟ ପଟୁଆରରେ ପ୍ରଭୁ ଶ୍ରୀରାମ, ମା ସୀତା ଏବଂ ଲକ୍ଷ୍ମଣଙ୍କ ସମେତ ଭରତ, ଶତ୍ରୁଘ୍ନ ଏକ ରଥରେ ଆଯୋଧ୍ୟା ପ୍ରତ୍ୟାବର୍ତ୍ତନର ଦୃଶ୍ୟ ବେଶ୍ ଭକ୍ତିପୂର୍ଣ୍ଣ ମନେ ହେଉଥିଲା।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ୍! ଲୋନ୍! ଲୋନ୍
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

Dhanlaxmi Financial Services
ଏବେ କରିବ ସବୁ ଗାଁ/ସହରରେ ବଡ଼ ଋଣ 50,000-95 ଲକ୍ଷ ପର୍ଯ୍ୟନ୍ତ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାରର ଋଣ ଘରେ ବସି 2% ସୁଧ 40% ରିହାତି। ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Number
8221048110
T-51, Gautam Nagar, Galli-8, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

EDUCATION

ADMISSION GUIDANCE
Last Chance for MD, MS & MDS aspirants, confirm your seat in top Colleges/ Universities all over India at lowest packages with your preferred branch. Book/ Confirm your seats in top Colleges/ Universities at lowest packages. Courses offered are MBBS, BDS, B.Sc. Nursing, B.Sc. Agriculture, B.Pharm, B.Tech. B.Arch, MBA, BBA, LLB etc.
SAIRAM EDUCATION HUB
Plot No: 175, Lane-10, Soubhagya Nagar, Baramunda, Bhubaneswar- 751003
Contact: 9937452320, 9938309070

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ
Regd. ଗୋଲ୍ଡ ମେଡାଲିଷ୍ଟ
ଆମେରିକାନ୍ କଂପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
ଅନ୍ୟ କଂପାନୀ ଠୁ ଧୋକା ଖାଇଥିବା ବ୍ୟକ୍ତି ନିଶ୍ଚିତ ଫୋନ୍ କରନ୍ତୁ
Plot No - 10/251, Devaraja Mohalla, Bangalore, 570001
8818962375
7869219354

See Color Display Classified on every Tuesday & Friday

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର



ଆଜିର କର୍ତ୍ତବ୍ୟ ଯଦି ସମ୍ପାଦନ କର, କାଲିର କର୍ତ୍ତବ୍ୟ ତୁମ ଆଗରେ ସ୍ପଷ୍ଟ ହୋଇ ଉଠିବ।
- କାର୍ଲାଇଲ



## ସଂକ୍ଷେପରେ

### ଭତ୍ତା ପାଇଁ ବୃଦ୍ଧା ଯାଉଛନ୍ତି ୮କିମି



**ଦଶପଲ୍ଲା,୧୯।୫(ଡି.ଏନ୍.ଏ.)-** ବୟସ ୮୨ରୁ ଅଧିକ ହେବା ଅଣ୍ଟା ସଳଖି ଠିଆ ହୋଇ ଚାଲିବାକୁ ଶକ୍ତି ନାହିଁ। ଏପରି ଅବସ୍ଥାରେ ବି ଭତ୍ତା ପାଇଁ ୮କିମି ଦୂର ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ଦଶପଲ୍ଲା ବ୍ଲକ କୁଲୁରୁକୁମ୍ପା ପଞ୍ଚାୟତ ଶାଳଭଙ୍ଗା ଗ୍ରାମର ବୃଦ୍ଧା ସଉରୀ ମାଝି କ୍ଷୋଭର ସହ ଏହା କହିଛନ୍ତି। ତାଙ୍କ କହିବା ଅନୁଯାୟୀ କେବଳ ମୁଁ ନୁହେଁ, ମୋ ଭଳି ଅନେକ ବୃଦ୍ଧାବୃଦ୍ଧ ବହୁ ଦୂରଦୂରାନ୍ତରରୁ ଜଙ୍ଗଲ ପାହାଡ ଡେଇଁ ଭତ୍ତା ପାଇଁ ଆସୁଛନ୍ତି। ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମଙ୍କ ନିକଟରେ ପହଞ୍ଚି ଭତ୍ତା ପ୍ରଦାନ କରାଯିବାର ନିୟମ ଥିବାବେଳେ ଏଠାରେ ତାହାର ବ୍ୟତିକ୍ରମ ଦେଖାଦେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

### ଡ.ବୈଦ୍ୟନାଥ ମିଶ୍ରଙ୍କ ବିୟୋଗରେ ସ୍ମୃତିସଭା

**ବୋଲଗଡ଼,୧୯।୫(ଡି.ଏନ.ଏ.)-** ଓଡିଶା କୃଷି ବୈଷୟିକ ମହାବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଫେସର ବୈଦ୍ୟନାଥ ମିଶ୍ରଙ୍କ ବିୟୋଗରେ ଏକ ସ୍ମୃତିଚାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ବୋଲଗଡ଼ସ୍ଥିତ ନନ୍ଦିଘୋଷ ଭବନଠାରେ ଆୟୋଜିତ ଏହି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ସେ ଓଡ଼ିଶାର ଅନ୍ୟତମ କଳା ଓ ସଂସ୍କୃତି ଅନୁଷ୍ଠାନ ବୋଲଗଡ଼ 'ନନ୍ଦିଘୋଷ'ର ପ୍ରତିଷ୍ଠାତା ଥିଲେ। ସ୍ମୃତିଚାରଣ ସଭାରେ ବିଶିଷ୍ଟ ନାଟ୍ୟକାର ପ୍ରାଧାପକ ଡ. ରାମଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ପଟ୍ଟନାୟକ, ଐତିହାସିକ ରବୀନ୍ଦ୍ର କୁମାର ପରିଡ଼ା, ପ୍ରାଧାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି, ଶିକ୍ଷାବିତ୍ ଗୁଣନିଧି ହୋତା, ପ୍ରଫୁଲ୍ଲ ମହାପାତ୍ର, ବାଲ୍ମୀକି ବଳିୟାରସିଂହ, ଦିବାକର ପରମଗୁରୁ, ସେବତୀ ପରିଡା, ଲଲାଟେନ୍ଦୁ କେଶରୀସିଂହ, ଚନ୍ଦ୍ରବିଜୟୀ ମିଶ୍ର, ଶ୍ରୀନିବାସ ଛୋଟରାୟ ପ୍ରମୁଖ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ସଭା ପରିଚାଳନା କରିଥିଲେ ଧୀରେଶ ମହାପାତ୍ର, ସଞ୍ଜୟ ସୁବୁଦ୍ଧି ଓ ସନାତନ ପାଢୀଶାଣୀ। ଶିକ୍ଷାବିତ ହରିବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ମାଫିଆଙ୍କ କବ୍ଜାରେ ବଳରାମ ପାହାଡ଼

**ନୟାଗଡ଼ ଅଫିସ,୧୯।୫**

ନୟାଗଡ଼ ସହର ଉପକଣ୍ଠରେ ଥିବା ବଳରାମ ପାହାଡ଼ ଏବେ ମାଫିଆଙ୍କ କବ୍ଜାରେ। ସେମାନେ ମନଇଛା ପାହାଡ଼ର ବିଭିନ୍ନ ସ୍ଥାନରେ ପଥର ଫଟାଇ ବିକ୍ରି କରୁଛନ୍ତି। ଏପରି କି ଜଙ୍ଗଲରୁ ଗଛକାଟି ବିକ୍ରି କରିବାକୁ ମଧ ପଛାଉନାହାନ୍ତି। ଏହା ଦ୍ୱାରା ସବୁଜିମା ନଷ୍ଟ ହୋଇ ପାହାଡ଼ ତା'ର ଆକର୍ଷଣ ହରାଉଛି। ଏ ସମ୍ପର୍କରେ ବନ ବିଭାଗ ପାଖରେ କୌଣସି ଖବର ନ ଥିବା କୁହାଯାଉଛି। ପଚାରିଲେ ପଥର ଫଟାଯାଉଥିବା ସ୍ଥାନ ଘରୋଇ ବୋଲି ବିଭାଗ ସଫେଇ ଦେଉଛି। ଅନ୍ୟପକ୍ଷରେ ସଂରକ୍ଷିତ ଜଙ୍ଗଲରେ ଗଢିଉଠିଥିବା ଆଶ୍ରମକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି।

ନୟାଗଡ଼ ପୁରୁଣା ସହର, ନୟାଗଡ଼ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ପଥୁରୀପଡ଼ା, ଡାମେଣୀ ବୃନ୍ଦାବନପୁର, ନୂଆଗାଁ ବ୍ଲକ ଖଣ୍ଡୁଗାଁ ପଞ୍ଚାୟତର ପଦ୍ମପୁର, କ୍ଷେତ୍ରୀୟବରପୁର ଗ୍ରାମ କଡ଼ଦେଇ ଲମ୍ବିଯାଇଛି ବଳରାମ ପାହାଡ଼। ସହର ଓ ଗାଁ ମଝିରେ ଏହି ପାହାଡ଼ ଥିବାରୁ ଏହା ସବୁବେଳେ ଆକର୍ଷଣ ସାଜିଥାଏ। ସବୁଜିମାଭରା ଏହି ପାହାଡ଼କୁ ମାଫିଆମାନେ ବିଭାଗ ସହିତ ସଲାସୁତରା କରି ନଷ୍ଟ କରିବାରେ ଲାଗିଛନ୍ତି। ଡାମେଣୀ ବୃନ୍ଦାବନପୁର ଗ୍ରାମର କଡ଼ରେ ଥିବା ପାହାଡ଼ ମଝିରେ ପଥର ଖୋଳାଯାଉଛି। ପ୍ରତିଦିନ ଟ୍ରାକ୍ଟର ସାହାଯ୍ୟରେ ପଥର ଅଣାଯାଇ ବିକ୍ରି କରାଯାଉଛି। କ୍ଷେତ୍ରୀୟବରପୁର ଗ୍ରାମ ନିକଟ ପାହାଡରେ ମଧ ସମାନ ଅବସ୍ଥା। ପ୍ରଥମେ ପାହାଡ଼ରେ ବଡ ବଡ ପଥର ଫଟାଯାଇ ତଳକୁ ଅଣାଯାଉଛି। ପରେ ତାହାକୁ ବଜୁରୀ କରାଯାଇ ବିକ୍ରି କରାଯାଉଛି। ଖାଲି ସେତିକି ନୁହେଁ, ପଥୁରୀପଡ଼ା ଗ୍ରାମ ନିକଟ ପାହାଡ଼ ମଝିରେ ଏକ ଆଶ୍ରମ ପ୍ରତିଷ୍ଠା କରାଯାଇଛି। ଏହି ଆଶ୍ରମରେ କି କାର୍ଯ୍ୟ ହେଉଛି ତାହା ତଦନ୍ତସାପେକ୍ଷ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସଂରକ୍ଷିତ ପାହାଡ଼ରେ କିପରି ଆଶ୍ରମ ଗଢିଉଠିଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଏସବୁ କାର୍ଯ୍ୟ ଚାଲିଥିଲେ ମଧ ପ୍ରଶାସନ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଏ ନେଇ ନୟାଗଡ଼ ରେଞ୍ଜର ସୁଶାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଥିଲେ, ଆଶ୍ରମଟି ଘରୋଇ ଜାଗାରେ ତିଆରି ହୋଇଛି। ପଥର ଫଟାଯାଇ ବିକ୍ରି କରାଯାଉଥିବା ସମ୍ପର୍କରେ ସେ ଉକ୍ତ ସ୍ଥାନ ରେଭିନ୍ୟୁ ଲ୍ୟାଣ୍ଡ ବୋଲି କହିଥିଲେ। ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଗୋଟିଏ ଦୁଇଟି ରେଭିନ୍ୟୁ ଲ୍ୟାଣ୍ଡରେ ପଥର ଖୋଳାଯିବାକୁ ଅନୁମତି ଦିଆଯାଇଛି। ହେଲେ ମାଫିଆମାନେ ପାହାଡ଼ର ୫ରୁ ଅଧିକ ସ୍ଥାନରେ ପଥର ଖୋଳୁଥିବା ଦେଖାଯାଉଛି। ବିଭାଗ ଏହାର ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ହୋଇପଡିଛି। ଅନ୍ୟଥା ସବୁଜିମାଭରା ସଂରକ୍ଷିତ ପାହାଡ଼ ଟାଙ୍ଗରା ଭୂଇଁ ପାଲଟିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି।



ସଂରକ୍ଷିତ ଜଙ୍ଗଲରୁ ପଥର କଟାଯାଉଛି।



ସଂରକ୍ଷିତ ଜଙ୍ଗଲରେ ଗଢିଉଠିଥିବା ଆଶ୍ରମ।

- ମନଇଛା ପଥର ଫଟାଯାଇ ବିକ୍ରି କରାଯାଉଛି
- ସବୁଜିମା ନଷ୍ଟ ହୋଇ ଆକର୍ଷଣ ହରାଉଛି
- ବନ ବିଭାଗ କହୁଛି ଘରୋଇ ଜମିରେ ହେଉଛି କାର୍ଯ୍ୟ
- ସଂରକ୍ଷିତ ଜଙ୍ଗଲରେ ଆଶ୍ରମ ପ୍ରତିଷ୍ଠା ନେଇ ପ୍ରଶ୍ନ

### ଖୋର୍ଦ୍ଧା ଲ' କଲେଜ ପରିଦର୍ଶନ କଲେ ବିଶ୍ୱବିଦ୍ୟାଳୟ ଟିମ୍

**ଖୋର୍ଦ୍ଧା ଅଫିସ,୧୯।୫-**ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ୪ଜଣ ପ୍ରଫେସର ଖୋର୍ଦ୍ଧା ଆଇନ୍ କଲେଜ ଶନିବାର ପରିଦର୍ଶନ କରିଛନ୍ତି। ଏଠାରେ ତିନିବର୍ଷ ଧରି ଏଲ୍ଏଲ୍ବି କୋର୍ସ ଚାଲୁ ରହିଛି। ଅପରପକ୍ଷେ ଆସନ୍ତା ଶିକ୍ଷା ବର୍ଷରୁ ଏଲ୍ଏଲ୍ଏମ ଏବଂ ୨ ପରେ ୫ବର୍ଷିଆ ଲ' କୋର୍ସ ଖୋଲିବାକୁ ଯାଉଛି। ପରିଦର୍ଶକ ଦଳରେ ବିଶ୍ୱବିଦ୍ୟାଳୟର ଲ' ବିଭାଗ ପ୍ରଫେସର ଡ. ମଧୁସୂଦନ ଦାଶ, ପ୍ରଫେସର ଡ. ପ୍ରଭାତି କୁମାରୀ ମହାପାତ୍ର, ପ୍ରଫେସର ଡ. ସବୁଜ କୁମାର ସାହୁ ଏବଂ ମଧୁସୂଦନ ଲ' କଲେଜ ଅଧ୍ୟକ୍ଷ ଡ. ସୁକାନ୍ତ କୁମାର ନନ୍ଦ ପ୍ରମୁଖ ଥିଲେ।

### ରିଲିଫରେ ପଲିଥିନ୍ ମିଳୁନି

**ଖୋର୍ଦ୍ଧା ଅଫିସ,୧୯।୫-**ଖୋର୍ଦ୍ଧା ବ୍ଲକ ନିଜିଗଡତାପଙ୍ଗ ପଞ୍ଚାୟତର ବାତ୍ୟା ବିପନ୍ନଙ୍କୁ ୫୦ କିଲୋ ଚାଉଳ ଓ ୨ ହଜାର ଟଙ୍କା ମିଳିଛି। ହେଲେ ବିପନ୍ନଙ୍କୁ ପଲିଥିନ୍ ଅଥବା ବଦଳରେ ୫୦୦ ଟଙ୍କା ଦିଆଯାଇନାହିଁ। ଜିଲ୍ଲାର ବିଭିନ୍ନ ବ୍ଲକର ବିପନ୍ନମାନେ ପଲିଥିନ୍ ପାଉଥିବାବେଳେ ନିଜିଗଡତାପଙ୍ଗ ପଞ୍ଚାୟତର ବାତ୍ୟା ବିପନ୍ନଙ୍କୁ ଅଣଦେଖା କରାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତିବାଦରେ ବିପନ୍ନ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି।

■ ରାମାୟଣ ବର୍ଣ୍ଣିତ କଥାବସ୍ତୁକୁ ନେଇ ନାଟକ

# ଶିବଧନୁ ଭଗ୍ନ, ସୀତା-ରାମ ବିବାହ ଦୃଶ୍ୟରେ ଦର୍ଶକ ବିଭୋର

**ଖଣ୍ଡପଡ଼ା,୧୯।୫(ସ୍ୱ.ପ୍ର.)**

କଣ୍ଟିଲୋ ରଘୁନାଥ ଜୀଉ ନାଟ୍ୟ ସମିତି, କଂସାରୀ ସାହି ପାଟଣା ଆନୁକୂଲ୍ୟରେ ଶନିବାର ୨ୟ ରାତିରେ ପୁରାଣ ବର୍ଣ୍ଣିତ ରାମାୟଣ କଥାବସ୍ତୁକୁ ନେଇ ନାଟକ ପରିବେଷିତ ହୋଇଥିଲା। ଏହି ଅବସରରେ ଶିବଧନୁ ଭଗ୍ନ, ସୀତା ବିବାହ ଓ ମିଥିଲ୍ୟା ପ୍ରବେଶ ଦୃଶ୍ୟରେ ଦର୍ଶକ ବିଭୋର ହୋଇଥିଲେ । ଜନକଙ୍କ ସର୍ତ୍ତ ଅନୁସାରେ ଯିଏ ଶିବଧନୁ ଭାଙ୍ଗିବ ସୀତା ତାଙ୍କ ଗଳାରେ ବରଣମାଳା ଦେବେ। ଏଥିପାଇଁ ବିଭିନ୍ନ ଦେଶରୁ ଆସିଥିବା ରାଜାମାନେ ଆୟୋଜିତ ସ୍ୱୟମ୍ବର ସଭାରେ ଉପସ୍ଥିତ ଥିଲେ । ଲଙ୍କା ନରେଶ ରାବଣଙ୍କଠାରୁ ଆରମ୍ଭ କରି କେହି ମଧ ଶିବଧନୁ ଭାଙ୍ଗିବା ଦୂରେ ଥାଉ ଉଠାଇ ମଧ ପାରିଲେନି । ଏଥିରେ ଲଜ୍ୟାବୋଧ କରି ରାବଣ ନିଜ ଆସନ ପରିତ୍ୟାଗ କରି ଅନ୍ୟ କେହି ଯେପରି ଧନୁ ଭାଙ୍ଗି ପାରିବେ ନାହିଁ ସେଥିପାଇଁ ରାହୁଙ୍କୁ ଧନୁ ଉପରେ ବସି ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ଫଳରେ କେହି ରାଜା ଧନୁକୁ ଉଠାଇ ନ ପାରି ବାଧ ହୋଇ ସ୍ୱୟମ୍ବର ସଭା ପରିତ୍ୟାଗ କରିଥିଲେ । ସମସ୍ତ ରାଜା ସ୍ଥାନ ଛାଡି ଚାଲିଯାଉଥିବା ଦେଖି ରାହୁ ମଧ ଉଠି ଚାଲି ଯାଇଥିଲେ । ଏହି ସୁଯୋଗରେ ବିଶ୍ୱାମିତ୍ର ମୁନିଙ୍କ ନିର୍ଦ୍ଦେଶ କ୍ରମେ ରାମଚନ୍ଦ୍ର ଶିବଧନୁକୁ ଭୂମିରୁ ଉଠାଇ ଭାଙ୍ଗି ଦେଇଥିଲେ। ବିଶେଷ ଭାବେ ଏହି ଦୃଶ୍ୟ ରାମଭକ୍ତ ତଥା ଦର୍ଶକଙ୍କୁ ବିଭୋର କରିଥିଲା। ଜନକଙ୍କ ସମ୍ମତି କ୍ରମେ ରାମଚନ୍ଦ୍ର ସୀତାଙ୍କୁ ବିବାହ କରିଥିଲେ। ସୀତାରାମ ଜନକପୁର ମିଥିଲ୍ୟା ଗମନ କରିଥିଲେ। ନାଟକ ଦେଖିବାକୁ ଶନିବାର ବିଳମ୍ବିତ ରାତିରୁ ରବିବାର ସକାଳ ୪ଟା ପର୍ଯ୍ୟନ୍ତ ଦର୍ଶକ ଉପସ୍ଥିତ ଥିଲେ । ରାମ, ଲକ୍ଷ୍ମଣ ଓ ସୀତା ଭୂମିକାରେ ଯଥାକ୍ରମେ ଶିଶୁ କଳାକାର ସୁରଜ, ଶିବୁ ଓ ରାଜା ଅଭିନୟ କରିଥିଲେ । ସେହିପରି ଜନକ, ବିଶ୍ୱାମିତ୍ର, ସହସ୍ରାର୍ଜ୍ଜୁନ, ବାଣାସୁର ଭୂମିକାରେ ଲକ୍ଷ୍ମୀଧର ଚିନ୍ନରା, ଭୂଷଣ ସାହୁ, ଭିକାରୀ ଚରଣ ସାହୁ ଓ ବିରଞ୍ଚି ନାରାୟଣ ସାହୁ ପ୍ରମୁଖ ଅଭିନୟ କରିଥିଲେ। ନାଟ୍ୟ ପରିଚାଳନାରେ ସୁରେନ୍ଦ୍ର ନାଥ ସାହୁ, ରମାକାନ୍ତ ସାହୁ, ରାଜେଶ କୁମାର ସାହୁ, ବସନ୍ତ ସାହୁ, ନିରଞ୍ଜନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



ଶ୍ରୀରାମ ଶିବଧନୁ ଭଗ୍ନ କରୁଛନ୍ତି।

### ଲୋଭୋଲ୍ଟେଜ୍ ସମସ୍ୟା, ହୋଇପାରୁନି ଏକ୍ସରେ

**ଦଶପଲ୍ଲା,୧୯।୫(ଡି.ଏନ୍.ଏ.)-** ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋଭୋଲଟେଜ୍ ସମସ୍ୟା ଯୋଗୁ ଏକ୍ସରେ ହୋଇପାରୁନି। ଗତ କିଛିଦିନ ହେବ ଏଭଳି ସମସ୍ୟା ଉପୁଜିଥିବା ବେଳେ ରୋଗୀ ନିରାଶ ହୋଇ ଫେରୁଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନିକ ଦଶପଲ୍ଲା ଓ ଗଣିଆ ବ୍ଲକ ସମେତ ବହୁ ଦୂରଦୂରାନ୍ତରରୁ ଶତାଧିକ ରୋଗୀ ଆସିଥାନ୍ତି। ମାତ୍ର ଏଭଳି ସମସ୍ୟାକୁ ନେଇ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ କହିବା ଅନୁଯାୟୀ ଏବେ ଏଭଳି ବିଦ୍ୟୁତ୍ ସମସ୍ୟା ଦେଖାଯାଉଛି। ଖୁବଶୀଘ୍ର ଏକ ଷ୍ଟାବିଲାଇଜର୍ କିଣାଯିବା ପାଇଁ ବ୍ୟବସ୍ଥା କରାଯାଉଛି।

### କୋଲୁହାପାଟଣାରେ ଭାଗବତ ସଭା ଶେଷ

**ବେଗୁନିଆ,୧୯।୫(ଡି.ଏନ.ଏ.)-** ବେଗୁନିଆ ବ୍ଲକ କୋଲୁହାପାଟଣା ଗ୍ରାମରେ ଶନିବାରଠାରୁ ଚାଲୁଥିବା ଭାଗବତ ସଭା ରବିବାର ଅପରାହ୍ନରେ ଶେଷ ହୋଇଯାଇଛି। ଗ୍ରାମରେ ଥିବା ଭାଗବତ ଦେବଙ୍କ ପୀଠ ପରିସର ଦୁଇଦିନ ହେଲା ଉତ୍ସବ ମୁଖର ହୋଇପଡିଥିଲା। ତେବେ ଗ୍ରାମର ଏହି ୧୫୩ତମ ପୁରୁଣା ପରମ୍ପରାକୁ ଭାଇଚାରାର ଭାବଧାରାରେ ଶ୍ରଦ୍ଧାଳୁମାନେ ବିନା ବାଧାବିଘ୍ନରେ ପାଳନ କରି ଆସୁଛନ୍ତି। ରବିବାର ପୂର୍ବାହ୍ନ ୭ଟାରୁ ପୀଠ ପରିସରକୁ କଟକ, ପୁରୀ, ନୟାଗଡ ଓ ଖୋର୍ଦ୍ଧା ଜିଲାରେ ଥିବା ପ୍ରମୁଖ ପଣ୍ଡିତମାନେ ଓ ଶତାଧିକ ଭାଗବତ ପ୍ରେମୀ ଆସିଥିଲେ। ସକାଳୁ ଗ୍ରାମବାସୀଙ୍କ ଆୟୋଜନରେ ଏଠାକୁ ନିମନ୍ତ୍ରିତ ହୋଇ ଦୁଇ ଆରାଧ ଦେବତା ସ୍ୱପ୍ନେଶ୍ୱର ଦେବ ଓ ରାଧାକାନ୍ତ ଦେବ ଆଗମନ କରିଥିଲେ। ଥାନପତି ଠାକୁର ଭାବେ ଭାଗବତ ଦେବଙ୍କ ତାଳପତ୍ରରେ ନିର୍ମିତ ପୋଥି ପୂଜା ପାଉଥିବା ଦେଖିବାକୁ ମିଳିଥିଲା। ଉଦ୍ୟନାଥ ମହାପାତ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଠାରେ ଉପସ୍ଥିତ ଥିବା ପ୍ରମୁଖ ପଣ୍ଡିତମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ପଣ୍ଡା, ଅଖିଳେଶ ପ୍ରସାଦ ପଣ୍ଡା, ତପନ କୁମାର ପଣ୍ଡା, ପବିତ୍ର କୁମାର ପୃଷ୍ଟି, କୈଳାସନାଥ ପଣ୍ଡା ଭାଗବତ ମହାପୁରାଣ ୧ମ ସ୍କନ୍ଧର ୧୯ତମ ଅଧ୍ୟାୟ ପରୀକ୍ଷିତ ମହାରାଜଙ୍କର ଅନଶନ ବ୍ରତ ଏବଂ ଶୁକଦେବଙ୍କ ଆଗମନ ବିଷୟବସ୍ତୁକୁ ବ୍ୟାଖ୍ୟା କରିଥିଲେ। ତାଙ୍କୁ ପଠନରେ ସହାୟତା କରିଥିଲେ ଅନିନ୍ଦିତା ପ୍ରିୟଦର୍ଶିନୀ, ସୀତାକାନ୍ତ ପାଣିଗ୍ରାହୀ, ଶ୍ରୀକାନ୍ତ କୁମାର ଦାଶ ଓ ବସନ୍ତ କୁମାର ପଣ୍ଡା।

# ମହୁମାଛି ବଂଶବୃଦ୍ଧି ପାଇଁ ପରିବେଶ ସୁରକ୍ଷା ଆବଶ୍ୟକ



ବିଶ୍ୱ ମହୁମାଛି ଦିବସ ଅବ୍ୟବହିତ ପୂର୍ବରୁ ସଚେତନତା ଶିବିର।

**ଖଣ୍ଡପଡ଼ା,୧୯।୫(ସ୍ୱ.ପ୍ର.)**

**ବିଶ୍ୱ ମହୁମାଛି ଦିବସ**

ପ୍ରତି ବର୍ଷ ମେ ୨୦ ତାରିଖକୁ ବିଶ୍ୱ ମହୁମାଛି ଦିବସ ଭାବେ ପାଳନ କରାଯାଏ। ଏହି ଅବସରରେ ରବିବାର ପୂର୍ବାହ୍ନରେ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋଠାରେ ପରିବେଶପ୍ରେମୀ ତଥା ଗଛସାର୍ ଭାବେ ପରିଚିତ ଅନ୍ତର୍ଯାମୀ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିବେଶ ଓ ପ୍ରାଣୀଜଗତ ସୁରକ୍ଷା ବିଶେଷ କରି ମହୁମାଛି ବଂଶବୃଦ୍ଧି ତଥା ସୁରକ୍ଷା ଦିଗରେ ଆଲୋଚନା କରାଯାଇଥିଲା। ଗଛଲତା, ପଶୁପକ୍ଷୀ, ସରୀସୃପ ଓ ଉପକାରୀ କୀଟପତଙ୍ଗମାନେ ନ ବଞ୍ଚିଲେ ମାନବ ସମାଜ ତିଷ୍ଠି ରହିବା ଅସମ୍ଭବ। ମହୁମାଛି, ଉପକାରୀ କୀଟପତଙ୍ଗମାନଙ୍କ ବଂଶବୃଦ୍ଧି ପାଇ ପରିବେଶ ସୁରକ୍ଷା ନିତାନ୍ତ ଆବଶ୍ୟକ। ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଜୀବଜନ୍ତୁଙ୍କର ସୁରକ୍ଷା ଓ ବିକାଶ ପ୍ରତି ଦୃଷ୍ଟି ଦେବା ଉଚିତ। ମନୁଷ୍ୟ, ଜୀବଜନ୍ତୁ, ବୃକ୍ଷଲତା, ଜଳଚର, ପଶୁପକ୍ଷୀ, କୀଟପତଙ୍ଗ, ସରୀସୃପ, ନଦୀନାଳ, ହ୍ରଦ, ସମୁଦ୍ର ଓ ପର୍ବତ ଆଦିର ସମତୁଲତା ହିଁ ବାସ୍ତବ ପରିବେଶ ସୁରକ୍ଷା ଅଟେ । ଗୋଟିଏ ଅଂଶର ଅବକ୍ଷୟ ଅନ୍ୟ ଉପରେ ଗଭୀର ପ୍ରଭାବ ପକାଇଥାଏ। ଆମେ କେତେକ ଜୀବଜନ୍ତୁଙ୍କ ପ୍ରତି ଅଣଦେଖା କରିଥାଉ, ଯେଉଁମାନେ କି ମନୁଷ୍ୟ ଓ ବୃକ୍ଷଜଗତର ସୁରକ୍ଷା ଓ ବିକାଶ ଦିଗରେ ବିଶେଷ ଭୂମିକା ଗ୍ରହଣ କରିଥାନ୍ତି । ଏ ଫୁଲରୁ ସେ ଫୁଲକୁ ଉଡି ବୁଲୁଥିବା ପ୍ରଜାପତି, ଭ୍ରମର ଓ ମହୁମାଛି ଫୁଲରୁ ଫଳ ହେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଫୁଲରୁ ମଧୁ ସଂଗ୍ରହ କରୁଥିବା ମହୁମାଛି ପ୍ରତି ଆମେ ଅନେକ ସମୟରେ ନିଷ୍ଠୁରତା ପ୍ରଦର୍ଶନ କରିଥାଉଁ। କିନ୍ତୁ ଆମ ସ୍ୱାସ୍ଥ୍ୟପାଇଁ ଆବଶ୍ୟକ ମହୁ କେବଳ ମହୁମାଛି ଯୋଗୁ ସମ୍ଭବ ହୋଇଥାଏ । ଆମେ ମହୁଫେଣାରୁ ମହୁ ସଂଗ୍ରହ କରିବା ନିମନ୍ତେ ମହୁମାଛିଙ୍କୁ ମାରି ଦେଉ କିମ୍ବା ଏମାନଙ୍କୁ ଘଉଡାଇବା ପାଇଁ ଧୂଆଁ ଓ ନିଆଁର ବ୍ୟବହାର କରିଥାଉ । ନିଜର ଓ ମହୁମାଛିଙ୍କ ସୁରକ୍ଷା ବ୍ୟବସ୍ଥା କରି ମହୁ ସଂଗ୍ରହ କରିବା ଉଚିତ ବୋଲି ପରିବେଶପ୍ରେମୀ ସାହୁ ସମସ୍ତଙ୍କୁ ନିବେଦନ କରିଥିଲେ । ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କୁ ସେ ପରିବେଶ ସୁରକ୍ଷା, ଜୀବଜନ୍ତୁଙ୍କ ବଂଶବୃଦ୍ଧିଭିତ୍ତିକ ଫଟୋଚିତ୍ର ଓ ପୋଷ୍ଟର ପ୍ରଦର୍ଶିତ କରି ସଚେତନତା କରାଇଥିଲେ।

■ ଚାଷୀଙ୍କ ଦାବି ପୂରଣ ହେଲାନି

# ନବନିର୍ମାଣ କୃଷକ ସଂଗଠନର ଆନ୍ଦୋଳନ ଚେତାବନୀ

**ନୟାଗଡ଼ ଅଫିସ,୧୯।୫**

ଜିଲା ପ୍ରଶାସନ ପକ୍ଷରୁ ଆହୂତ ବୈଠକରେ ଅଧିକାରୀମାନେ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା ଅଦ୍ୟାବଧି ପୂରଣ ହୋଇପାରି ନାହିଁ। ଏହାର ପ୍ରତିବାଦରେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଙ୍ଗଠନ ପକ୍ଷରୁ ଜିଲା ସହ ସଂଯୋଜକ ରଣଜିତ ଦଳବେହେରା ସୂଚନା ଦେଇଛନ୍ତି।

ବିଭିନ୍ନ ଦାବି ନେଇ ଚାଷୀମାନେ ରାସ୍ତାରୋକୋଠାରୁ ଆରମ୍ଭ କରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ପରେ ଜିଲା ପ୍ରଶାସନ ଏପ୍ରିଲ ୨୭ ତାରିଖରେ ଏକ ବୈଠକ ଡକାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ନୟାଗଡ଼ ତହସିଲଦାର ମନୋରଞ୍ଜନ ସାହୁ, ଜିଲା ଯୋଗାଣ ଅଧିକାରୀ ବିକ୍ରମ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୟରେ ଚାଷୀମାନେ ମଣ୍ଡିରେ କୁଇଣ୍ଟାଲ ପିଛା ୪ରୁ ୫ କିଲୋ ଧାନ ନ କଟିବା, ଅଖା ପଇସା ଫେରାଇବା, ବେପାରୀ ମଣ୍ଡିରେ ଯେପରି ଧାନ ବିକ୍ରି ନ କରିପାରିବେ ସେଥିପ୍ରତି ଦୃଷ୍ଟି ଦେବା, ସରକାରୀ ଦଳର ଏକ ସ୍ୱତନ୍ତ୍ର ଟିମ୍ ନିୟମିତ ମଣ୍ଡି ଗସ୍ତ କରିବା, ନବନିର୍ମାଣ କୃଷକ ସଙ୍ଗଠନର ଦୁଇ ଜଣ ସଦସ୍ୟ ପ୍ରତ୍ୟେକ ମଣ୍ଡିରେ ତଦାରଖ କରିବା ପାଇଁ ଚାଷୀମାନଙ୍କ ପକ୍ଷରୁ ଦାବି କରାଯାଇଥିଲା। ପ୍ରଶାସନ ପକ୍ଷରୁ ଏହାକୁ ପାଳନ କରାଯିବ ବୋଲି ମଧ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ପ୍ରଶାସନ କେବଳ ଅଖା କଥା ଓ ଧାନ କାଟିବା ବିଷୟ ଉଠାଇଥିବା ବେଳେ ଅନ୍ୟ ଦାବିକୁ ଭୁଲିଯାଇଥିବା ସହ ସଂଯୋଜକ ଦଳବେହେରା ପ୍ରକାଶ କରିଛନ୍ତି। ପ୍ରଶାସନ ପକ୍ଷରୁ ହୋଇଥିବା ଚିଠିରେ ଦର୍ଶାଯାଇଛି ଯେ, ଚାଷୀମାନେ ଏଫଏକ୍ୟୁ ମାନର ଧାନ ଦେଉ ନ ଥିବାରୁ ମିଲରମାନେ ରାଜି ହେଉନାହାନ୍ତି। ଫଳରେ କାଟ୍ତି ହେଉଛି। ତେଣୁ ଏଫଏକ୍ୟୁ ମାନର ଧାନ ଦେବା ପାଇଁ କୁହାଯାଇଛି। ଚାଷୀମାନଙ୍କ ମୁଖ୍ୟ ଦାବିକୁ ଭୁଲି ପ୍ରଶାସନ ଧର୍ମକୁ ଆଖିଠାର ଭଳି ପଦକ୍ଷେପ ନେଇଥିବା ସଙ୍ଗଠନର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ତେଣୁ ଏହାର ପୁନର୍ବିଚାର ପାଇଁ ସେମାନେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜିଲା ସଂଯୋଜକ ମହେଶ୍ୱର ଜେନା, ସହ ସଂଯୋଜିକା ମମତା ନାଥ, ପ୍ରସନ୍ନ ପ୍ରଧାନ, ଅଜୟ କୁମାର ମହାନ୍ତିଙ୍କ ସମେତ ଚାଷୀମାନେ ସୂଚନା ଦେଇଛନ୍ତି। ଏ ନେଇ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ କହିଥିଲେ, ଦୁଇଟି ପ୍ରମୁଖ ଦାବି ପୂରଣ କରାଯାଇଛି। ଆଗାମୀ ଦିନରେ ଚାଷୀମାନଙ୍କ ଅନ୍ୟ ଦାବି ପୂରଣ କରାଯିବ।



ପ୍ରଶାସନ ସହିତ ଚାଷୀମାନଙ୍କ ଆଲୋଚନା। (ଫାଇଲ୍ ଫଟୋ)

# ମହାନଦୀ କୂଳ ବାସିନ୍ଦା ପାଣି ପାଇଁ ହନ୍ତସନ୍ତ

**ଖଣ୍ଡପଡା,୧୯।୫(ସ୍ୱ.ପ୍ର)**

ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ବଢୁଛି। ଏ ସମୟରେ ବିଦ୍ୟୁତ୍ କାଟ ଓ ଲୋ ଭୋଲ୍ଟେଜ୍ ଲୋକଙ୍କ ପାଇଁ ମୁଖ୍ୟ ସମସ୍ୟା ପାଲଟିଛି। ଲୋ ଭୋଲଟେଜ୍ ଯୋଗୁ ଘରେ ଫ୍ୟାନ୍ ଆଦି ବିଦ୍ୟୁତ୍ ଚାଳିତ ଯନ୍ତ୍ରଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବାବେଳେ ମୋଟର ପମ୍ପଗୁଡ଼ିକ ପୋଡ଼ି ଯାଉଛି। ଗତ ୩ ଦିନ ହେଲା କଣ୍ଟିଲୋ ପମ୍ପ ହାଉସ୍‌ରେ ଥିବା ଦୁଇଟି ମୋଟର ପମ୍ପ ଲୋ ଭୋଲଟେଜ ଯୋଗୁ ପୋଡ଼ିଯାଇଛି। ଫଳରେ ସ୍ଥାନୀୟ ଅଞ୍ଚଳକୁ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି । ତେଣୁ ଟ୍ୟାଙ୍କର୍ ଯୋଗେ ପାନୀୟଜଳ ଯୋଗାଇବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ, ୬୦ ବର୍ଷରୁ ଊର୍ଦ୍ଧ୍ୱ କାଳ ୧୫ ହଜାରରୁ ଅଧିକ ଜନସଂଖ୍ୟା ବିଶିଷ୍ଟ କଣ୍ଟିଲୋ ଗ୍ରାମ ପଞ୍ଚାୟତବାସୀଙ୍କ ପାଇଁ ପାନୀୟ ଜଳର ଆବଶ୍ୟକତାକୁ ପୂରଣ କରିବା ପାଇଁ ଏକ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ କରାଯାଇଛି। ମହାନଦୀ ପାଣିକୁ ୨ଟି ୪୦ ଅଶ୍ୱଶକ୍ତି ବିଶିଷ୍ଟ ମୋଟର ପମ୍ପ ସାହାଯ୍ୟରେ ପାହାଡ଼ସ୍ଥିତ ଟାଙ୍କିରେ ସଂଗ୍ରହ କରି ପରେ ବିଶୋଧିତ ଜଳକୁ ଲୋକମାନଙ୍କୁ ପାଇପ୍ ମାଧ୍ୟମରେ ଯୋଗାଇ ଦିଆଯାଇଥାଏ। ତେବେ ପ୍ରତି ମାସରେ ଯେ କୌଣସି କାରଣରୁ ୫ ରୁ ୭ ଦିନ ଜଳଯୋଗାଣ ବନ୍ଦ ରହୁଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସୂଚନାଯୋଗ୍ୟ, ପୁରୁଣା ମୋଟରକୁ ବାରମ୍ବାର ମରାମତି କରି ପ୍ରତ୍ୟହ ଲଗାତର ଭାବେ ୧୫ରୁ ୧୮ ଘଣ୍ଟା ଚାଲୁ କରାଯାଉଛି। ତେବେ ଲୋ ଭୋଲଟେଜ୍ ଯୋଗୁ ଅଧିକାଂଶ ସମୟ ମୋଟରଟି ଖରାପ ହୋଇଯାଉଛି। ଏ ପରିପ୍ରେକ୍ଷୀରେ ନୂଆ ମୋଟର ବସାଇବା ନେଇ ବିଭିନ୍ନ ମହଲରେ ଦାବି ହେଲେ ସୁଦ୍ଧା ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। କଣ୍ଟିଲୋ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ନନ୍ଦଙ୍କୁ ଏ ସମସ୍ୟା ନେଇ ପଚାରିବାରୁ ଲୋ ଭୋଲ୍ଟେଜ ଯୋଗୁ ମୋଟରଟି ପୋଡ଼ିଯାଇଛି ବୋଲି ସେ କହିଥିଲେ। ତୁରନ୍ତ ମରାମତି ପରେ ଦିନେ ୨ ଦିନ ମଧ୍ୟରେ ପାନୀୟ ଜଳଯୋଗାଣ ସ୍ୱାଭାବିକ କରାଯିବ ବୋଲି ସେ କହିଥିଲେ। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ରାଜୀବ କୁମାର ପାଣିଗ୍ରାହୀଙ୍କ ସହ ଏ ନେଇ ଯୋଗାଯୋଗ କରିବାରୁ ସେ ଫନୀ ଦାୟିତ୍ୱରେ ରହିଥିବା ଜଣାପଡ଼ିଥିଲା। ତେବେ ତୁରନ୍ତ ୪୦ ଅଶ୍ୱଶକ୍ତି ବିଶିଷ୍ଟ ମୋଟର କ୍ରୟ ନିମନ୍ତେ ବ୍ୟବସ୍ଥା କରିବା ସହ ସୋମବାର ସେ ସମ୍ପୃକ୍ତ ପ୍ରକଳ୍ପ ପରିଦର୍ଶନରେ ଆସିବେ ବୋଲି କହିଥିଲେ। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଜୟନ୍ତ ସେଠ ସୋମବାର ସକାଳଠାରୁ ଗ୍ରାମବାସୀଙ୍କୁ ପାଣି ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ।




ପାହାଡ଼ ଉପରେ ଥିବା ପାନୀୟ ଜଳ ପ୍ରକଳ୍ପ।

- ବିଦ୍ୟୁତ୍ ଲୋ ଭୋଲଟେଜ୍ ସମସ୍ୟା
- ପୋଡିଯାଉଛି ମୋଟର, ଜଳ ଯୋଗାଣ ବନ୍ଦ
- ଟ୍ୟାଙ୍କର୍ ଦ୍ୱାରା ପାନୀୟ ଜଳ ପ୍ରଦାନ ଦାବି
- ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନ ହେବାରୁ ଅସନ୍ତୋଷ